

ଏକାଠି ଆସିବେ କରିନା-ସାରା
▸ପୃଷ୍ଠା ୧୧ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-169 •MONDAY •15 DECEMBER 2025 •PAGE-12 •₹ 6.00 | PANIKOILI | •ବର୍ଷ-୪୩ •ସଂଖ୍ୟା-୧୬୯ •ସୋମବାର •୧୫ ଡିସେମ୍ବର ୨୦୨୫ •ପୃଷ୍ଠା-୧୨ •ଟ.୬.୦୦




# ଅଷ୍ଟ୍ରେଲିଆରେ ଆତଙ୍କୀ ଆକ୍ରମଣ; ୧୨ ମୃତ

**ଉତ୍ସବ ପାଳନ ବେଳେ ଇହୁଦୀଙ୍କୁ ଗୁଳିମାଡ଼**

**ପାଲଟା ଆକ୍ରମଣରେ ଜଣେ ଆତଙ୍କୀ ନିହତ**

**ପୁଲିସ କବଜାରେ ଆଉ ଜଣେ ସନ୍ଦିଗ୍ଧ**

■ ସିଡ୍‌ନୀ, ୧୪।୧୨ (ଏଜେନ୍ସି): ଅଷ୍ଟ୍ରେଲିଆର ସିଡନୀସ୍ଥିତ ବଣ୍ଡି ବେଳାଭୂମିରେ ଆଜି ସନ୍ଧ୍ୟା ବେଳେ ବଡ଼ ଧରଣର ଆତଙ୍କବାଦୀ ଆକ୍ରମଣ ହୋଇଛି । ଏଥିରେ ୧୨ ଜଣ ବ୍ୟକ୍ତି ପ୍ରାଣ ହରାଇଥିବା ବେଳେ ୧୦ରୁ ଅଧିକ ଆହତ ହୋଇଛନ୍ତି । ମୃତକମାନଙ୍କ ମଧ୍ୟରେ ଜଣେ ଆତଙ୍କବାଦୀ ରହିଛି । ତାଠାରୁ ଜଣେ ବ୍ୟକ୍ତି ସାହସ ଦେଖାଇ ବନ୍ଧୁକ ଛଡ଼ାଇବା ସହିତ ଗୁଳି କରିଥିଲେ । ଫଳରେ ବଡ଼ ଧରଣର ନରସଂହାରରୁ ବର୍ତ୍ତି ଯାଇଛି ସିଡନୀ । ଆତଙ୍କବାଦୀକୁ ଚିହ୍ନଟ କରାଯାଇଛି ଏବଂ ତା ଘରେ ଚଢ଼ଉ ଚାଲିଥିବା ଜଣାପଡ଼ିଛି । ଅ ।।ଷ୍ଟ୍ରେଲିଆରେ ଏହା ହେଉଛି ସବୁଠାରୁ ବଡ଼ ଆତଙ୍କବାଦୀ ଆକ୍ରମଣ ବୋଲି କୁହାଯାଉଛି । ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ ଅନେକ ବିଶ୍ୱ ନେତା ଏହି ଜଘନ୍ୟ ଆତଙ୍କବାଦୀ ଆକ୍ରମଣର ନିନ୍ଦା କରିଛନ୍ତି । ଗତ ୩୦ ବର୍ଷ ମଧ୍ୟରେ ଏହାକୁ ଅଷ୍ଟ୍ରେଲିଆର ସବୁଠାରୁ ସର୍ବବୃହତ ଗୁଳିକାଣ୍ଡ ବୋଲି କୁହାଯାଉଛି । ଏହାପୂର୍ବରୁ ▸ପୃଷ୍ଠା-୭



**ଅର୍ଥନୀତିକୁ ବିପଦ**

# କମୁଛି ଆୟ; ବଢୁଛି ପରିବାର ଖର୍ଚ୍ଚ

■ ନୂଆଦିଲ୍ଲୀ, ୧୪।୧୨ (ଏଜେନ୍ସି): ଅର୍ଥନୀତି ଖୁବ୍ ଜୋରରେ ଆଗକୁ ବଢୁଛି । କ୍ରମାଗତ ଭାବେ ଦୁଇଟି ତ୍ରୈମାସିକରେ ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ସରକାରୀ ଆକଳନକୁ ଅତିକ୍ରମ କରିଯାଇଛି । କର୍ପୋରେଟ୍ ଆୟ ଦୃଢ଼ ରହିଥିବାବେଳେ ଆର୍ଥିକବର୍ଷ ୨୦୨୬ର ଦ୍ୱିତୀୟ ତ୍ରୈମାସିକରେ ଅଭିବୃଦ୍ଧି ୮.୨% ରହିବ ବୋଲି କୁହାଯାଉଛି । ହେଲେ ବାସ୍ତବ ଚିତ୍ର ଭିନ୍ନ । ଦେଶର ଅର୍ଥନୀତି ମାନ୍ଦା । ଲୋକଙ୍କ ପାଖରେ ଟଙ୍କା ନାହିଁ । ପକେଟ୍ ଖାଲି । ଗୋଟିଏ ପଟେ ଦରମା ବଢୁ ନାହିଁ, ଅନ୍ୟପଟେ ଦୀର୍ଘ ଦିନ ହେବ ବଜାର ଦର ସହ ଯୁଝି ଯୁଝି ଖାଉଟି ହତାଶ । ଯାହାର ଫଳସ୍ୱରୂପ ଭାରତୀୟ ପରିବାରଗୁଡିକରେ ଖର୍ଚ୍ଚ କରିବାର କ୍ଷମତା କମିବାରେ ଲାଗିଛି । ଏପରି ସ୍ଥିତିରେ ଲୋକେ ଖର୍ଚ୍ଚ କାଟ୍ କରିବାରେ ଲାଗିଛନ୍ତି । ଏମିତିକି ଖର୍ଚ୍ଚ କାଟ୍‌ର ଏହାର ଏକ ସିଧାସଳଖ ପ୍ରଭାବ ପୁରୁଷଙ୍କ ଅନ୍ତଃବସ୍ତ୍ର ବଜାର କ୍ଷେତ୍ରରେ ଦେଖିବାକୁ ମିଳିଛି । ଭାରତରେ ବର୍ତ୍ତମାନର ପ୍ରବଳ ଶୀତ ସମୟରେ ବି ପୁରୁଷଙ୍କ ଅନ୍ତଃବସ୍ତ୍ର ବିକ୍ରି ହ୍ରାସ ଘଟିଛି । ସମ୍ପୂର୍ଣ୍ଣ ୨୦୨୫ରେ ମଧ୍ୟ ମାସ୍ ଓ ମିଡ୍ ସେଗମେଣ୍ଟରେ ପୁରୁଷଙ୍କ ଅନ୍ତଃବସ୍ତ୍ର ବିକ୍ରିରେ ବିକ୍ରିରେ ବଡ଼ ହ୍ରାସ ଘଟିଥିବା ଏକ ରିପୋର୍ଟରେ କୁହାଯାଇଛି ।

ଭାରତୀୟ ମୁଦ୍ରା ଟଙ୍କା ଆମେରିକୀୟ ଡଲାର ତୁଳନାରେ ଦୁର୍ବଳ ହେବାରେ ଲାଗିଛି । ବଜାର ବିଶେଷଜ୍ଞଙ୍କ କହିବାନୁଯାୟୀ, ଯଦି ଅର୍ଥନୀତି ଦ୍ରୁତ ଗତିରେ ବୃଦ୍ଧି ପାଉଛି ତେବେ ଟଙ୍କା ମୂଲ୍ୟ କାହିଁକି ହ୍ରାସ ପାଉଛି ତାହା ଏବେ ପ୍ରଶ୍ନ । ବାସ୍ତବରେ ବଜାର ଚାହିଦା ଏବେ ବି ଦୁର୍ବଳ । ଯାହା ଫଳରେ ଲୋକଙ୍କ କ୍ରୟ କ୍ଷମତା ହ୍ରାସ ପେଉଛି । ଲକ୍ସ ଏବଂ ପେଜ୍ ଇଣ୍ଡଷ୍ଟ୍ରି ଭଳି ଦେଶର ବଡ଼ ଅନ୍ତଃବସ୍ତ୍ର କମ୍ପାନୀଙ୍କ କହିବାନୁଯାୟୀ, ଦୁର୍ବଳ ଚାହିଦା ଯୋଗୁଁ ବିକ୍ରି ମନ୍ଥର ରହିଛି । ମୁଦ୍ରାସ୍ଫୀତି ଏବଂ ଲୋକଙ୍କ ସ୍ୱଳ୍ପ ଦରମା ବୃଦ୍ଧିଯୋଗୁ ବଜାର ଚାହିଦା ପ୍ରଭାବିତ କରୁଛି । କମ୍ପାନୀଗୁଡ଼ିକର ସେୟାର ମଧ୍ୟ ହ୍ରାସ ପାଇଛି । ବିଶେଷକରି ନିମ୍ନ ଆୟକାରୀ ଗୋଷ୍ଠୀର ଲୋକମାନେ ବର୍ତ୍ତମାନ ସମୟରେ ପ୍ରବଳ ଆର୍ଥିକ ପ୍ରତିବନ୍ଧକର ସମ୍ମୁଖୀନ ହେଉଛନ୍ତି । ଏହା ମାସ୍ ଏବଂ ମିଡ୍ ପ୍ରିମିୟମ୍ ସେଗମେଣ୍ଟରେ ପୁରୁଷଙ୍କ ଅନ୍ତଃବସ୍ତ୍ର ବିକ୍ରିକୁ ପ୍ରଭାବିତ କରିଛି । ଏଥିଯୋଗୁ ଚଳିତ ଆର୍ଥିକବର୍ଷର ଦ୍ୱିତୀୟ ତ୍ରୈମାସିକରେ କମ୍ପାନୀଗୁଡିକ ପ୍ରଚୁର ରାଜସ୍ୱ ହାନୀର ଶିକାର ହୋଇଛନ୍ତି । ଲକ୍ସ ଇଣ୍ଡଷ୍ଟ୍ରିଜ୍ ଏବଂ ଜକିର ବିତରକ ପେଜ୍ ଇଣ୍ଡଷ୍ଟ୍ରିଜ୍ ଉଭୟ ଏହି ବର୍ଗରେ ଦୁର୍ବଳ ପ୍ରଦର୍ଶନ ଯୋଗୁଁ ବିକ୍ରି ହ୍ରାସ ପାଇଥିବା ରିପୋର୍ଟ କରିଛନ୍ତି । ଏଥିଯୋଗୁ ଦେଶର ପ୍ରମୁଖ ଅନ୍ତଃବସ୍ତ୍ର କମ୍ପାନୀଗୁଡ଼ିକର ସେୟାର ମୂଲ୍ୟରେ ହ୍ରାସ ଘଟିଛି । ଏଠାରେ ସୂଚନାଯୋଗ୍ୟ ଯେ, ପୁରୁଷମାନଙ୍କ ଅନ୍ତଃବସ୍ତ୍ର ବିକ୍ରିକୁ ସାଧାରଣତଃ ଦେଶର ଆର୍ଥିକ ସ୍ୱାସ୍ଥ୍ୟର ସୂଚକ ଭାବରେ ବିବେଚନା କରାଯାଏ । କାରଣ ଅନ୍ତଃବସ୍ତ୍ର ପରି ଅତ୍ୟାବଶ୍ୟକୀୟ ଜିନିଷଗୁଡ଼ିକର ପରିବର୍ତ୍ତନରେ ବିଳମ୍ବ ଲୋକଙ୍କ ଆର୍ଥିକ ସତର୍କତାକୁ ପ୍ରତିଫଳିତ କରେ ।

**ମାସ୍ ଓ ମିଡ୍ ସେଗମେଣ୍ଟରେ ବିକ୍ରିରେ ବଡ଼ ହ୍ରାସ**

ମହାମାରୀ ପରବର୍ତ୍ତୀ ବର୍ଷଗୁଡ଼ିକରେ ଶିଳ୍ପରେ ଅଭିବୃଦ୍ଧି ଦୁଇ ଅଙ୍କ ରହିଥିଲା । ପୂର୍ବରୁ ମୁଦ୍ରାସ୍ଫୀତି ଖୁବ୍ ଅଧିକ ରହିଥିବାବେଳେ ବିକ୍ରି ଭଲ ରହିଥିଲା । ହେଲେ ବର୍ତ୍ତମାନ ମୁଦ୍ରାସ୍ଫୀତି କମ୍ ରହିଥିଲେ ବି ଲୋକଙ୍କ ଆୟ ନ ଥିବାରୁ ବିକ୍ରି ମାନ୍ଦା । ପେଜ୍ ଇଣ୍ଡଷ୍ଟ୍ରିଜ୍ ସିଇଓ କାର୍ତ୍ତିକ ଯତୀନ୍ଦ୍ର କହିଛନ୍ତି ଯେ ଖର୍ଚ୍ଚ ହ୍ରାସ କରିବାକୁ ଲୋକଙ୍କ ଉପରେ ଚାପ ରହିଛି, ଯାହା ବିଶେଷ ଭାବରେ ଏଣ୍ଟ୍ରି ଲେବଲ ଗ୍ରାହକଙ୍କଠାରେ ସ୍ପଷ୍ଟ ଭାବେ ବାରି ହୋଇପଡୁଛି । ଏହାର ଅର୍ଥ ହୋଇପାରେ ଯେ ନିମ୍ନ ବର୍ଗରୁ ନୂତନ ଗ୍ରାହକ ହାସଲ କରିବାର ଗତି ଆମ ଆଶା ଅପେକ୍ଷା ମନ୍ଥ ହୋଇଯାଇଛି । ଏହା ସ୍ପଷ୍ଟ ଭାବରେ ଆଉ ଏକ ସଙ୍କେତ ଦେଉଛି ଯେ, ଲୋକମାନେ ସେମାନଙ୍କ ପକେଟ୍‌ରୁ ଖର୍ଚ୍ଚ କରିବାରେ ଅଧିକ କଠୋର ହେଉଛନ୍ତି । ସେ କହିଛନ୍ତି ଯେ, ଆମେ ପ୍ରାୟ ୩.୫ ବର୍ଷ ଧରି ଆମର ଉତ୍ପାଦ ମୂଲ୍ୟରେ ପରିବର୍ତ୍ତନ କରିନାହୁଁ । ଏହାର ଅର୍ଥ ହେଉଛି ଏତେ ମୁଦ୍ରାସ୍ଫୀତି ସତ୍ତ୍ୱେ, ଆମର ଉତ୍ପାଦଗୁଡ଼ିକ କିଛି ବର୍ଷ ପୂର୍ବେ ଯେପରି ସୁଲଭ ଥିଲା ଆଜି ମଧ୍ୟ ସେହିପରି ଅଛି ।

# ନିତିନ ନବୀନ ବିଜେପିର ନୂଆ କାର୍ଯ୍ୟକାରୀ ସଭାପତି



■ ନୂଆଦିଲ୍ଲୀ, ୧୪।୧୨ (ଏଜେନ୍ସି): ବିହାର କ୍ୟାବିନେଟ ମନ୍ତ୍ରୀ ନିତିନ ନବୀନ ହେବେ ଭାରତୀୟ ଜନତା ପାର୍ଟିର ନୂଆ କାର୍ଯ୍ୟକାରୀ ସଭାପତି । ବିଜେପିର ସଂସଦୀୟ ବୋର୍ଡ ଆଜି ତାଙ୍କୁ ଏହି ପଦରେ ନିଯୁକ୍ତ କରିଛି । ଦଳର ରାଷ୍ଟ୍ରୀୟ ସାଧାରଣ ସଂପାଦକ ଅରୁଣ ସିଂହ ଆଜି ସନ୍ଧ୍ୟା ବେଳେ ଏହି ଘୋଷଣା କରିଛନ୍ତି । ବିଜେପିର ଏହି ନିଷ୍ପତ୍ତି ଜାତୀୟ ରାଜନୀତିରେ ହଟଚମଟ ସୃଷ୍ଟି କରିଛି । ଆସନ୍ତାବର୍ଷ ପଶ୍ଚିମ ବଙ୍ଗ, ଆସାମ, କେରଳ, ତାମିଲନାଡୁ ଏବଂ ପୁଡୁଚେରୀରେ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ବେଳେ ନୀତୀନଙ୍କ ନେତୃତ୍ୱରେ ବିଜେପି ନିର୍ବାଚନ ଲଢ଼ିବ । ଦଳର ପରଂପରା ଅନୁଯାୟୀ ଜଣେ ନେତାଙ୍କୁ ପୂର୍ଣ୍ଣାଙ୍ଗ ରୂପେ ସଭାପତି କରାଯିବା ପୂର୍ବଳେପ୍ରଥମେ ତାଙ୍କୁ କାର୍ଯ୍ୟକାରୀ ସଭାପତି ରୂପେ ନିଯୁକ୍ତ କରାଯାଏ ।

ଜେପି ନଡ୍ଡାଙ୍କ ଠାରୁ ନୂଆ ଦାୟିତ୍ୱ ଗ୍ରହଣ କରିବେ ୪୫ ବର୍ଷୀୟ ନୀତୀନ । ୨୦୧୯ରେ ତତ୍କାଳୀନ ସଭାପତି ଅମିତ ଶାହ କେନ୍ଦ୍ର ମନ୍ତ୍ରୀ ହେବାପରେ ଜେପି ନଡ୍ଡାଙ୍କୁ ବିଜେପିର କାର୍ଯ୍ୟକାରୀ ସଭାପତି ରୂପେ ନିଯୁକ୍ତ କରାଯାଇଥିଲା । ତେବେ ୨୦୨୦ ଜାନୁଆରୀରେ ନଡ୍ଡାଙ୍କୁ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଭାବେ ଆନୁଷ୍ଠାନିକ ଭାବେ ନିଯୁକ୍ତ କରାଯାଇଥିଲା । ୨୦୨୪ରେ ତାଙ୍କର କାର୍ଯ୍ୟକାଳ ଶେଷ ହୋଇଥିଲେ ମଧ୍ୟ ସାଧାରଣ ନିର୍ବାଚନ ଦୃଷ୍ଟିରୁ ତାଙ୍କ କାର୍ଯ୍ୟକାଳକୁ ବୃଦ୍ଧି କରାଯାଇଥିଲା ।

ଦଳର ସଭାପତି ପଦରେ ଅବସ୍ଥାପିତ ହେବାରେ ନିତିନ ହେଉଛନ୍ତି ସର୍ବକନିଷ୍ଠ ନେତା । ବିହାରରେ ନୀତୀଶ ▸ପୃଷ୍ଠା-୭

# ବିହାର ରାସ୍ତାରେ ଓଡ଼ିଶା !

**ଛାତ୍ରଙ୍କଠୁ ମାଫିଆ ସମସ୍ତଙ୍କ ହାତରେ ବନ୍ଧୁକ**

■ ଭୁବନେଶ୍ୱର, ୧୪।୧୨ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲା କୁଦାନଗିରି ଥାନା ଅନ୍ତର୍ଗତ ଏକ ସରକାରୀ ବିଦ୍ୟାଳୟରୁ ବନ୍ଧୁକ ଜବତ ହୋଇଛି । ଯାହା ସମଗ୍ର ରାଜ୍ୟ ପାଇଁ ଚିନ୍ତାଜନକ ସ୍ଥିତିରେ ପକାଇ ଦେଇଛି । ପୂର୍ବରୁ ବଡ଼ ଅପରାଧୀ କିମ୍ବା ମାଓବାଦୀ ବେଆଇନ୍ ବନ୍ଧୁକ ବ୍ୟବହାର କରୁଥିଲେ । ସବୁ କିଛି ଲୁଚାଚୋରାରେ ହେଉଥିଲା । କେନ୍ଦ୍ରାପଡା ଘଟଣାରୁ ସ୍ପଷ୍ଟ ହେଉଛି ଲୋକେ ଏବେ ଘରେ ଘରେ ବନ୍ଧୁକ ରଖିଲେଣି । ସାମାନ୍ୟ ବଚସା ପାଇଁ ବି ବନ୍ଧୁକ ବାହାର କରିଦେଉଛନ୍ତି । ନିୟମିତ ଭାବେ ବନ୍ଧୁକରୁ ବାହାରୁଥିବା ଗୁଳି ଲୋକଙ୍କୁ ଆତଙ୍କିତ କରୁଛି । ରାଜ୍ୟ ବାହାରର ବନ୍ଧୁକ ମାଫିଆ ସକ୍ରିୟ ହେଇ ରାଜ୍ୟକୁ ବନ୍ଧୁକ ବନ୍ୟା କରିବାରେ ଲାଗିଛନ୍ତି । ସେପଟେ ପୁଲିସ କେବଳ ଛୋଟମୋଟ ବନ୍ଧୁକ ବେପାରୀଙ୍କୁ ଧରି ନିଜ ପିଠି ନିଜେ ଥାପୁଡାଇବାରେ ଲାଗିଛି ।



**କେନ୍ଦ୍ରାପଡା ସ୍କୁଲରେ ଛାତ୍ରଙ୍କଠାରୁ ବନ୍ଧୁକ ମିଳିବା ଚିନ୍ତାଜନକ**

ରାଜ୍ୟରେ ବେଆଇନ୍ ବନ୍ଧୁକ ଏବେ ସହଜ ଉପଲବ୍ଧ । ବଜାରରେ ୮ରୁ ୧୦ହଜାର ଟଙ୍କା ମଧ୍ୟରେ ବନ୍ଧୁକ ସହଜରେ ଉପଲବ୍ଧ ହୋଇଯାଉଛି । ଯିଏ ପାରୁଛି ସିଏ କିଣି ଆଣୁଛି । ବେଆଇନ୍ ବନ୍ଧୁକ କିଣାବିକାରେ କୌଣସି ପ୍ରକାର ରୋକ୍‌ଟୋକ୍ ନାହିଁ । ଯାହାଫଳରେ ବନ୍ଧୁକ ଅପରାଧ ମଇଦାନରୁ ଆସି ସ୍କୁଲ୍ ଭିତରେ ପହଁଞ୍ଚିଲାଣି । ପିଲା କିମ୍ବା ଶିକ୍ଷକଙ୍କୁ ଧମକାଇବାକୁ ବି ପିଲାମାନେ ବନ୍ଧୁକ ଧରି ସ୍କୁଲକୁ ଚାଲି ଆସୁଛନ୍ତି । ଚଳିତ ବିଧାନସଭାରେ ରାଜ୍ୟରେ ବେଆଇନ୍ ବନ୍ଧୁକ କାରବାରକୁ ନେଇ ଉଦ୍‌ବେଗ ପ୍ରକାଶ ▸ପୃଷ୍ଠା-୭

# ୧୦ ଡିଗ୍ରୀ ତଳେ ୮ ସହର

**ଦାରିଙ୍ଗିବାଡ଼ି ସବୁଠୁ ଥଣ୍ଡା**

■ ଭୁବନେଶ୍ୱର, ୧୪।୧୨ (ସମିସ): ଶନିବାର ଫୁଲବାଣୀ ଓ ଦାରିଙ୍ଗିବାଡ଼ିରେ ସର୍ବନିମ୍ନ ରାତି ତାପମାତ୍ରା ରେକର୍ଡ କରାଯାଇଛି । ଉଭୟ ସ୍ଥାନରେ ରାତି ତାପମାତ୍ରା ୬ ଡିଗ୍ରୀ ସେଲସିୟସ୍ ଥିବାନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି ।

**ସପ୍ତାହେ ଯାଏଁ ଅପରିବର୍ତ୍ତିତ ରହିବ ରାତି ତାପମାତ୍ରା**

କେନ୍ଦ୍ର ପକ୍ଷରୁ ଜାରି ବୁଲେଟିନ ଅନୁଯାୟୀ କୋରାପୁଟରେ ଶନିବାର ରାତି ତାପମାତ୍ରା ୭ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ଅନୁଗୋଳରେ ୯.୬ ଡିଗ୍ରୀ, ଝାରସୁଗୁଡାରେ ୮.୯ ଡିଗ୍ରୀ, ଭବାନୀପାଟଣାରେ ୯ ଡିଗ୍ରୀ, ବୌଦ୍ଧରେ ୯.୮ ଡିଗ୍ରୀ ଓ ରାଉରକେଲାରେ ୮.୨ ଡିଗ୍ରୀ ତାମପାତ୍ରା ରହିଥିଲା । ମୋଟ ୮ଟି ସହରର ତାପମାତ୍ରା ୧୦ ଡିଗ୍ରୀ ତଳେ ରେକର୍ଡ କରାଯାଇଛି । ଆସନ୍ତା ସପ୍ତାହେ ପର୍ଯ୍ୟନ୍ତ ରାତି ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବ ନାହିଁ ବୋଲି ପାଣିପାଗ କେନ୍ଦ୍ର ସୂଚନା ପ୍ରଦାନ କରିଛି ।

# ଅମଳ ବେଳରେ ଅକାଳ ମୃତ୍ୟୁ

**ଧାନ ବିଲରେ ଜଳିଗଲେ ଚାଷୀ**

■ ପିପିଲି, ୧୪।୧୨ (ସମିସ): ନିଆଁ ନେଇଗଲା ଜୀବନ । ଧାନ ବିଲ ମଝିରେ ନିଆଁରେ ଜଳିଗଲେ ପିପିଲି ସୁନାମୁହିଁ ଗାଁର ଚାଷୀ ଗଜେନ୍ଦ୍ର ସ୍ୱାଇଁ । ନିଜ ବିଲରେ ଲଗାଇଥିବା ପାଳ ନିଆଁ ପାଖ ବିଲରେ ପଡ଼ିଥିବା ଧାନ କଚଡ଼ାରେ ଲାଗିଯାଇଥିବା ଦେଖି ନିରୁପାୟ ହୋଇ ନିଜେ ଲିଭାଇବାକୁ ଚେଷ୍ଟା କରି ନିଆଁ ଭିତରକୁ ପଶିଯାଇଥିଲେ । ଫଳରେ ନିଆଁରେ ସମ୍ପୂର୍ଣ୍ଣ ପୋଡ଼ି ହୋଇଯାଇ ଜୀବନ ଯାଇଛି । ଗଜେନ୍ଦ୍ର ମୃତ୍ୟୁ ଖବର ପ୍ରଚାର ହେବାକ୍ଷଣି ପୂରା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ପ୍ରକାଶ ଯେ, ପିପିଲି ଥାନା ଅଧୀନସ୍ଥ ସୁନାମୁହିଁ ଗାଁର ଗଜେନ୍ଦ୍ର ଜମିରେ ଧାନ କାଟି ପକାଇଥିଲେ । ବିଲରୁ ପାଗ ଛାଡ଼ିଗଲେ ଆଉ ମୁଗ ବୁଣି ▸ପୃଷ୍ଠା-୭



## ଜୀବନ ନେଲା ଧାନକଟା ମେସିନ

■ ବାଲେଶ୍ୱର, ୧୪।୧୨ (ସମିସ): ବାଲେଶ୍ୱର ସଦର ବ୍ଲକ ଅଞ୍ଚଳରେ ରବିବାର ଏକ ଅଭାବନୀୟ ଘଟଣା ଘଟିଛି । ବିଲରେ ଧାନ କଟା ମେସିନରେ ପଶି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି । ମୃତକ ହେଉଛନ୍ତି ସଦର ବ୍ଲକ ଅର୍ନ୍ତଗତ ବର୍ଦ୍ଧନପୁର ପଞ୍ଚାୟତ ସାହାଜା ନଗରର ରାଧୁଆ ଦଳେଇଙ୍କ ପୁଅ ରାଜୁ ଦଳେଇ । ସାହାଜା ନଗରରେ ଆଜି ଏକ ବିଲରେ ମେସିନରେ ଧାନ କଟା ହେଉଥିଲା । ସେହି ସମୟରେ ରାଜୁ ତଳେ ବସି କାମ କରୁଥିବାବେଳେ ଅସାବଧାନତା ବଶତଃ ଧାନକଟା ମେସିନରେ ପଶି ଯାଇଥିଲେ । ତୁରନ୍ତ ତାଙ୍କୁ ଅନ୍ୟ ଶ୍ରମିକମାନେ ଉଦ୍ଧାର କରିଥିଲେ ହେଁ ରାଜୁଙ୍କ ମୃତ୍ୟୁ ଘଟିଥିଲା । ଖବର ପାଇ ସଦର ପୁଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି ।

# ଓଡ଼ିଶାରେ ସୁରକ୍ଷିତ ଛତିଶଗଡ଼ୀ ମାଓବାଦୀ !

**ସୁନାବେଡ଼ା ଅଭୟାରଣ୍ୟ ପାଲଟିଛି ମାଓବାଦୀଙ୍କ କରିଡ଼ର**

■ ନୂଆପଡା, ୧୪।୧୨ (ସମିସ): ଓଡିଶା ଏବଂ ଛତିଶଗଡ ସୀମାନ୍ତରେ ଥିବା ନୂଆପଡା ଜିଲ୍ଲାର ସୁବିସ୍ତିର୍ଣ୍ଣ ସୁନାବେଡା ଅଭୟାରଣ୍ୟ ଆଜିକୁ ଦୀର୍ଘ ୧୫/୧୭ବର୍ଷ ହେବ ମାଓବାଦୀଙ୍କ ଭୁସ୍ୱର୍ଗ ହୋଇ ରହିଛି । ଜିଲ୍ଲାରେ ଗୋଟି ଗୋଟି କରି ୩୦ରୁ ଉର୍ଦ୍ଧ୍ୱ ସଂଖ୍ୟକ ପୁଲିସ, ବନବିଭାଗ କର୍ମଚାରୀ ସହ ସାଧାରଣଜନତାଙ୍କୁ ହତ୍ୟା କରି ରେକର୍ଡ ସୃଷ୍ଟି କରିଥିବା ବେଳେ ଛତିଶଗଡ଼ରେ କାଣ୍ଡକରି ନୂଆପଡା ଜିଲ୍ଲାର ସୁନାବେଡ଼ା ଅଭୟାରଣ୍ୟରେ ଅନାୟାସରେ ରହୁଛନ୍ତି । ଏଠାରେ ରହିବାକୁ ନିରାପଦ ମଣୁଥିବା ବେଳେ ଛତିଶଗଡରେ ପୁଲିସ ହାତରେ ଧରାପଡୁଛନ୍ତି ନହେଲେ ଆତ୍ମସମର୍ପଣ କରିବାର ନାଟକ ରଚୁଥିବା ଚର୍ଚ୍ଚାରେ ରହୁଛି ।

ସୂଚନାଯୋଗ୍ୟ ଯେ ୨୦୦୭-୦୮ ମସିହାରେ ନୂଆପଡା ଜିଲ୍ଲାରେ ପ୍ରଥମ କରି ନୂଆପଡା ଜିଲ୍ଲାରେ ମାଓବାଦୀମାନେ ପ୍ରବେଶ କରି ବିଭିନ୍ନ ଜାଗାରେ ସେମାନଙ୍କର କାଣ୍ଡ କାରନାମା ଆରମ୍ଭ କରିଦେଇଥିଲେ । ପ୍ରଥମେ ସୁନାବେଡା ଜଙ୍ଗଲରେ ଜଣେ ଆଣ୍ଟି ପୋଚିଂ ୱାଚରଙ୍କୁ ପୁଲିସ ଇନଫର୍ମର ବୋଲି ହତ୍ୟା କରିବାପରେ ପ୍ରତିବର୍ଷ ଜଣ ଜଣ କରି ହତ୍ୟା କରିଚାଲିଥିଲେ । ଏଥିରେ ଜଣେ ଛତିଶଗଡ଼ର ଆଇପିଏସ ଅଧିକାରୀଙ୍କ ସମେତ ୯ଜଣ ଛତିଶଗଡି ପୁଲିସବାଲାଙ୍କ ନିର୍ମମ ଭାବେ ହତ୍ୟା କରି ଜିଲ୍ଲାରେ ମାଓବାଦୀମାନେ ସ୍ଥିତିକୁ ମଜବୁତ କରିଥିଲେ । ଶେଷ ଥର ପାଇଁ ପାଟଦର୍ହା ଜଙ୍ଗଲରେ ତିନିଜଣ ଯବାନଙ୍କୁ ହତ୍ୟା କରିଥିବାବେଳେ ବର୍ତ୍ତମାନ ସେଭଳି କୌଣସି କାରନାମା କରୁନଥିବା ଦେଖାଯାଇଛି । ଅନ୍ୟପଟେ ନୂଆପଡା ଜିଲ୍ଲା ପୁଲିସ ମଧ୍ୟ ସୁନାବେଡା ଜଙ୍ଗଲ ମଧ୍ୟରେ କେତେଗୋଟି ବଛା ବଛା ଜାଗାରେ ସିଆରପିଏଫ କ୍ୟାମ୍ପ ସ୍ଥାପନା କରି ଦାୟିତ୍ୱ ଖସାଇ ଦେଇଛନ୍ତି । ପୁଲିସ ମଝିରେ ମଝିରେ ଗୋଟିଏ ଦିଟା ମାଓଦାଦୀ କ୍ୟାମ୍ପ ଠାବ କରୁଥିବା ଗଣ ମାଧ୍ୟମ ଆଗରେ ସୂଚନା ଦେଇଛନ୍ତି । ଅନ୍ୟପଟେ ଛତିଶଗଡ ପୁଲିସ ଗୋଟିଏ ପରେ ଗୋଟିଏ ସଫଳତା ଗୋଟାଉଛି । ଦୁଇ ଦିନ ତଳେ ସୀମାନ୍ତ ଜଙ୍ଗଲରେ ଛତିଶଗଡ ପୁଲିସ ନିକଟରେ ଦୁଇଜଣ ଛତିଶଗଡ କ୍ୟାଡର ମାଓବାଦୀ ସନ୍ତୋଷ ଓରଫ ପବନ ଏବଂ ମହିଳା ମାଓବାଦୀ ନନ୍ଦୀ ଆତ୍ମସମର୍ପଣ ▸ପୃଷ୍ଠା-୭

# ବନ ବିଭାଗରେ 'ଥର୍' କମ୍ପନ

**ଗାଡ଼ି ଗୋଟାକ ୧୪ ଲକ୍ଷ, ମୋଡିଫିକେସନ ପାଇଁ ୧୦ ଲକ୍ଷ**

■ ଭୁବନେଶ୍ୱର, ୧୪।୧୨(ସମିସ): ରାଜ୍ୟର ବିଭିନ୍ନ ଜଙ୍ଗଲରେ ବିଭାଗୀୟ କାର୍ଯ୍ୟରେ ବ୍ୟବହାର ନିମନ୍ତେ ଦୁଇ ଡ଼ୋର୍ (କବାଟ) ବିଶିଷ୍ଟ ୫୧ଟି ମହିନ୍ଦ୍ରା ଥର ଗାଡ଼ି କିଣିଛି ବନ ବିଭାଗ । ବିଧାନସଭାରେ ଖୋଦ୍ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ଖୁଣ୍ଟିଆ ଏ ସମ୍ପର୍କରେ ସୂଚନା ଦେଇଛନ୍ତି । କେବଳ ସେତିକି ନୁହେଁ, ୫୧ଟି ଗାଡ଼ି କିଣିବା ନିମନ୍ତେ ବିଭାଗ ୭.୧ କୋଟି ଟଙ୍କା ଖର୍ଚ୍ଚ କରିଥିବା ଏବଂ ଏହାର ମୋଡ଼ିଫିକେସନ ପାଇଁ ଆଉ ୫.୨୪କୋଟି ଟଙ୍କା ବ୍ୟୟ କରିଥିବା ନେଇ ଏକ ଲିଖିତ ପ୍ରଶ୍ନରେ ଉତ୍ତର ରଖିଛନ୍ତି । ମାତ୍ର ଶ୍ରୀ ଖୁଣ୍ଟିଆଙ୍କ ଉତ୍ତର ଏବେ ବନ ବିଭାଗକୁ ଥରାଇଛି ।

**ନିଆଁ ଲିଭାଇବାକୁ ସୌନ୍ଦର୍ଯ୍ୟକରଣର ଆବଶ୍ୟକତାକୁ ନେଇ ପ୍ରଶ୍ନ**

**ମୋଡ଼ିଫିକେସନ ପାଇଁ ପରିବହନ ବିଭାଗ ଅନୁମତି ମଧ୍ୟ ସନ୍ଦେହରେ**

ବିଭାଗୀୟ ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ ବିଧାନସଭାରେ ରଖିଥିବା ଉତ୍ତର ଅନୁସାରେ, ରାସ୍ତା ଘାଟ ନ ଥିବା ଉପାନ୍ତ ଓ ଦୁର୍ଗମ ଅଞ୍ଚଳରେ ବନ କର୍ମଚାରୀ ଓ ସ୍କ୍ୱାଡଙ୍କ ନିୟୋଜନ ପୂର୍ବକ ବନ୍ୟଜନ୍ତୁ ସୁରକ୍ଷା, ଅନିୟମିତ କାର୍ଯ୍ୟ ଉପରେ ନିୟନ୍ତ୍ରଣ, ବାଘ ଏବଂ ଅନ୍ୟାନ୍ୟ ବନ୍ୟଜନ୍ତୁଙ୍କ ଚଳପ୍ରଚଳ ନିରୀକ୍ଷଣ ଓ ଉଦ୍ଧାର କାର୍ଯ୍ୟ ପାଇଁ ଏହି ଗାଡ଼ି କିଣାଯାଇଛି । ମାତ୍ର ମନ୍ତ୍ରୀଙ୍କ ଏହି ଉତ୍ତରକୁ ନେଇ ବିଭିନ୍ନ ମହଲରେ ସନ୍ଦେହ ସୃଷ୍ଟି ହୋଇଛି । ଜଙ୍ଗଲ ବିଶେଷଜ୍ଞ ଓ ପରିବହନ ବିଶେଷଜ୍ଞମାନେ ବିଭାଗର ଗାଡ଼ିକିଣାକୁ ନେଇ ବିଭାଗକୁ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି । ବନ୍ୟପ୍ରାଣୀ ଓ ଜଙ୍ଗଲ ସମ୍ପର୍କରେ ଜ୍ଞାନ ରଖିଥିବା ବିଶେଷଜ୍ଞମାନେ କହିଛନ୍ତି ଯେ ଥର୍ ଗାଡ଼ିରେ ଡ୍ରାଇଭରଙ୍କ ବ୍ୟତୀତ ମାତ୍ର ୩ ଜଣ ଲୋକେ ବସିବେ । ସେହିପରି ଗାଡ଼ିରେ ମାତ୍ର ୨ଟି ଡୋର ଥିବାରୁ ଜରୁରୀକାଳୀନ ସମୟରେ ଏଥିରୁ ଓହ୍ଲାଇବାରେ ମଧ୍ୟ କଷ୍ଟ । ଜଙ୍ଗଲ ଭିତରେ ବନ୍ୟ ଜନ୍ତୁ ସୁରକ୍ଷାରେ ଏହି ଗାଡ଼ି ଯେ ବିଶେଷ ଉପଯୁକ୍ତ ନୁହେଁ; ତାହା ସମସ୍ତେ ଜାଣନ୍ତି । ▸ପୃଷ୍ଠା-୭



# ଅସ୍ତ୍ରବିରତି ମାନୁନି ଇସ୍ରାଏଲ; ଗାଜାରେ ପୁଣି ଆକ୍ରମଣ



## ହମାସ୍‌ର ୨ ନଂ ମୁଖ୍ୟ ରାଏଦଙ୍କୁ ହତ୍ୟା

ଗାଜା,୧୪ ।୧୨(ଏଜେନ୍ସି): ପାଲେଷ୍ଟାଇନରେ ଶାନ୍ତି ପ୍ରତିଷ୍ଠା ଲାଗି ଅସ୍ତ୍ରବିରତି ଘୋଷଣା କରାଯାଇଥିଲେ ମଧ୍ୟ ଇସ୍ରାଏଲ ବାରମ୍ବାର ଏହାର ଉଲ୍ଲଂଘନ କରୁଥିବା ଦେଖାଯାଉଛି । ଅସ୍ତ୍ରବିରତି ସତ୍ତ୍ୱେ ଇସ୍ରାଏଲ ପାଲେଷ୍ଟାନଇନର ଗାଜା ସହର ଉପରେ ବାରମ୍ବାର ଆକ୍ରମଣ କରିବାରେ ଲାଗିଛି । ଇସ୍ରାଏଲ ଆଜି ପୁଣି ଗାଜା ଉପରେ ପ୍ରବଳ ବୋମାମାଡ଼ କରିଛି । ଏଥିରେ ୨୫ ଜଣ ଲୋକ ଆହତ ହୋଇଛନ୍ତି । ତେବେ ଏହି ଆକ୍ରମଣ ।।ରେ ହମାସର ଦୁଇ ନମ୍ବର ନେତା ବା ସେକେଣ୍ଡ ଇନ୍ କମାଣ୍ଡ ରାଏଦ ସଇଦଙ୍କ ମୃତ୍ୟୁ ଘଟିଛି । ରାଏଦ ସଇଦଙ୍କ ମୃତ୍ୟୁ ନେଇ ହମାସ ତରଫରୁ ଆନୁଷ୍ଠାନିକ ଭାବେ ସୂଚନା ଦିଆଯାଇଛି । ରାଏଦ ହମାସ ଅଲ- କାସିମ ବ୍ରିଗେଡର ପ୍ରମୁଖ କମାଣ୍ଡର ଥିଲେ । ଅନ୍ୟପକ୍ଷରେ ଇସ୍ରାଏଲ ଦାବି କରିଛି ଯେ ରାଏଦ ହମାସର ଅସ୍ତ୍ରଶସ୍ତ୍ର ତିଆରି କରୁଥିବା ନେଟ୍‌ୱର୍କର ପ୍ରମୁଖ ଥି।।ଲେ । ସେ ମଧ୍ୟ ୨୦୨୩ ଅକ୍ଟୋବରରେ ଇସ୍ରାଏଲ ଉପରେ ହୋଇଥିବା ଆକ୍ରମଣ ଷଡ଼ଯନ୍ତ୍ରରେ ସାମିଲ ଥିଲେ ବୋଲି କୁହାଯାଇଛି । ଅସ୍ତ୍ରବିରତି ଲାଗୁ ହେବା ପରେ ମଧ୍ୟ ରାଏଦ ହମାସର କ୍ଷମତାକୁ ବୃଦ୍ଧି କରିବା ଓ ଅସ୍ତ୍ରଶସ୍ତ୍ର ତିଆରି କରିବା କାର୍ଯ୍ୟ କରୁଥି।। ବୋଲି ଇସ୍ରାଏଲ ଅଭିଯୋଗ କରିଛି । ଏହା ଶାନ୍ତି ଚୁକ୍ତିର ଉଲ୍ଲଂଘନ ଥିଲା । ନିଜର ସୈନିକଙ୍କ ଉପରେ ଆକ୍ରମଣ ପରେ ହିଁ ଇସ୍ରାଏଲ ନିଜର ସୁରକ୍ଷା ପାଇଁ ଏହି ଆକ୍ରମଣ କରିଛି ବୋଲି କହିଛି ।

ଅନ୍ୟପକ୍ଷରେ ଗାଜା ପ୍ରଶାସକ ଇସ୍ରାଏଲର ଏହି ଆକ୍ରମଣର ନିନ୍ଦା କରିଛନ୍ତି । ଅସ୍ତ୍ରବିରତି ପ୍ରତି ସମ୍ମାନ ଜଣାଇବା ଲାଗି ବିଶ୍ୱ ସମୁଦାୟ ଇସ୍ରାଏଲ ଉପରେ ଚାପ ପକାନ୍ତୁ । ବିଶେଷ କରି ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ ମୁଖ୍ୟ ଗ୍ୟାରେଣ୍ଟର ଥିବାରୁ ସେ ହସ୍ତକ୍ଷେପ କରନ୍ତୁ ବୋଲି ସେ ଦାବି କରିଛନ୍ତି । ହମାସର ସୂଚନା ଅନୁସାରେରାଏଦ୍‌ଗାଜାସିଟିବାଟାଲିୟନରପୂର୍ବତନମୁଖ୍ୟଥିଲେ ।

## ଆମେରିକା ବିଶ୍ୱବିଦ୍ୟାଳୟରେ ଗୁଳିକାଣ୍ଡ; ୨ ମୃତ

ରୋଡ୍ ଆଇଲାଣ୍ଡ, ୧୪ ।୧୨ : ଆମେରିକାର ଶିକ୍ଷାନୁଷ୍ଠାନରେ ପୁଣିଥରେ ଗୁଳିକାଣ୍ଡ ଘଟଣା ଦେଖିବାକୁ ମିଳିଛି । ରୋଡ ଆଇଲାଣ୍ଡସ୍ଥିତ ବ୍ରାଉନ ବିଶ୍ୱବିଦ୍ୟାଳୟରେ ଗୁଳିକାଣ୍ଡ କାରଣରୁ ୨ ଜଣ ମୃତ୍ୟୁବରଣ କରିଥିବା ବେଳେ ୯ ଜଣ ଆହତ ହୋଇଛନ୍ତି । ଆହତ ହୋଇଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ କେତେଜଣ ଗୁରୁତର ଅଛନ୍ତି । ମୃତକଙ୍କ ସଂଖ୍ୟା ବୃଦ୍ଧିପାଇବ ବୋଲି ଆଶଙ୍କା କରାଯାଉଛି । ଏନେଇ ପ୍ରୋଭିଡେନ୍ସ ମେୟର ବ୍ରେଟ୍ ସ୍ମାଇଲି ସତର୍କ କରାଇଛନ୍ତି । ଗୁଳିକାଣ୍ଡ ଘଟାଇ ସନ୍ଦିଗ୍ଧ ବ୍ୟକ୍ତି ଘଟଣାସ୍ଥଳରୁ ପଳାୟନ କରିଥିଲେ ବୋଲି କୁହାଯାଇଛି । ସେ ସମ୍ପୂର୍ଣ୍ଣ ଭାବେ କଳା ପୋଷାକ ପରିଧାନ କରିଥିଲେ । ଏହି ଘଟଣାରେ ଜଣକୁ ଗିରଫ କରାଯାଇଥିଲେ ମଧ୍ୟ ପୁଲିସ ତାଙ୍କୁ ପରେ ଛାଡିଦେଇଛି । ଘଟଣା ସମ୍ପର୍କରେ ଅବଗତ ହୋଇଛନ୍ତି ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି । ଆମେରିକାରେ ଗୁଳିକାଣ୍ଡ ଘଟଣା ଆଦୌ ନୂଆ ନୁହେଁ ।

## ଗୋଆ କ୍ଲବ୍ ଅଗ୍ନିକାଣ୍ଡ: ଦୁଇ ଭାଇଙ୍କୁ ଆଜି ଅଣାଯାଇପାରେ

ନୂଆଦିଲ୍ଲୀ,୧୪ ।୧୨(ଏଜେନ୍ସି): ଗୋଆ ନାଇଟ୍ କ୍ଲବ 'ବିର୍ଚ ବାଇ ରୋମିଓ ଲେନ୍' ଅଗ୍ନିକାଣ୍ଡ ମାମଲାର ମୁଖ୍ୟ ଅଭିଯୁକ୍ତ ତଥା ମାଲିକ ଦୁଇଭାଇ ସୌରଭ ଲୁଥରା ଓ ଗୌରବ ଲୁଥରାଙ୍କୁ ସୋମବାର ସୁଦ୍ଧା ଭାରତକୁ ପ୍ରତ୍ୟାର୍ପଣ କରାଯାଇପାରେ । ଥାଇଲାଣ୍ଡ ପୁଲିସ ଫୁକେଟରେ ଦୁଇଭାଇଙ୍କୁ ଅଟକ ରଖିଥିଲା । ସେମାନଙ୍କୁ ଭାରତ ପଠାଇବା ନେଇ ପ୍ରକ୍ରିୟା ଜାରି ରହିଛି । ଦୁଇ ଭାଇ ହୋଟେଲରୁ ଖାଇବାପାଇଁ ବାହାରକୁ ଯାଇଥିବା ବେଳେ ଥାଇ ପୁଲିସ ହାତରେ ଧରା ପଡିଥିଲେ । ମିଳିଥିବା ସୂଚନା ଅନୁଯାୟୀ ଦୁଇ ଭାଇଙ୍କୁ ଭାରତରେ ଖୋଜା ଯାଉଛି ଓ ସେମାନେ ଥାଇଲାଣ୍ଡର ଫୁକେଟରେ ଅଛନ୍ତି ବୋଲି ଥାଇଲାଣ୍ଡ ଅଧିକାରୀମାନେ ଜାଣିବାକୁ ପାଇଥିଲେ । ଭାରତୀୟ ଏଜେନ୍ସିଗୁଡିକଠାରୁ ଇନ୍‌ପୁଟ୍ ମିଳିବା ପରେ ଥାଇ ଅଧିକାରୀମାନେ ପ୍ରଥମେ ହୋଟେଲ ଉପରେ ନଜର ରଖିଥିଲେ । ଯେତେବେଳେ ସେମାନେ ହୋଟେଲ ବାହାରକୁ ବାହାରିଥିଲେ ଅଧିକାରୀମାନେ ସେମାନଙ୍କ ଯାତ୍ରା ଓ ଅନ୍ୟ ତଥ୍ୟ ଯାଞ୍ଚ କରିବା ସହ ସେମାନଙ୍କୁ ଅଟକ ରଖିଥିଲେ । ଡିସେମ୍ବର ୬ରେ ନାଇଟ୍ କ୍ଲବରେ ଅଗ୍ନିକାଣ୍ଡ ଘଟିଥିଲା । ଏଥିରେ ୨୫ ଜଣ ଲୋକ ମୃତ୍ୟୁବରଣ କରିଥିଲେ । ଘଟଣା ପରେ ଦୁଇ ଭାଇ ଭାରତ ଛାଡି ଥାଇଲାଣ୍ଡ ଚାଲିଯାଇଥିଲେ । ଦୁଇଜଣଙ୍କୁ ବ୍ୟାଙ୍କକରୁ ପ୍ରଥମେ ଦିଲ୍ଲୀ ଓ ପରେ ଗୋଆ ନିଆଯିବ । ଦୁଇଭାଇ କେତୋଟି ନକଲି କମ୍ପାନୀର ମାଲିକ ବୋଲି ଜଣାପଡିଛି ।

## ପୁଲିସ, ବନବିଭାଗ କର୍ମଚାରୀଙ୍କୁ ଆକ୍ରମଣ; ୪୭ ଆହତ

ବନସକାଣ୍ଠା,୧୪ ।୧୨(ଏଜେନ୍ସି): ଗୁଜରାଟର ବନସକାଣ୍ଠାର ଅମ୍ବାଜୀ ତୀର୍ଥ ନଗରୀରୁ ୧୪ କିମି ଦୂରରେ ଥିବା ଦାନ୍ତା ତାଲୁକାର ପାଡଲୀୟା ଗାଁରେ ଶନିବାର ଦ୍ୱିପହରରେ ୫୦୦ ଲୋକ ସଙ୍ଘବଦ୍ଧ ଭାବେ ପୁଲିସ ଓ ବନବିଭାଗର କର୍ମଚାରୀଙ୍କ ଉପରେ ଆକ୍ରମଣ କରିଥିଲେ । ଗାଁ ଲୋକମାନେ ଟେକା ଓ ପଥର ଫିଙ୍ଗିଥିଲେ । କେବଳ ସେତିକି ନୁହେଁ ପୁଲିସକୁ ଟାର୍ଗେଟ କରି ଲୋକେ ଗୁଳି ଓ ତୀର ମଧ୍ୟ ମାଡ କରିଥିଲେ । ଉତ୍ୟକ୍ତ ଜନତା ପୁଲିସ ଓ ବନବିଭାଗର ଗାଡ଼ିକୁ ମଧ୍ୟ ଜାଳି ଦେଇଥିଲେ । ଏହି ଦଳ ଗଛ ଲଗାଇବା ପାଇଁ ଗାଁରେ ପହଞ୍ଚିଥିଲେ । ଆକ୍ରମଣ ପରେ ସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ୫୦ରୁ ଅଧିକ ଗୁଳି ମଧ୍ୟ ଚଳାଇଥିଲା ଓ ୨୦ ଲୁହବୁହା ଗ୍ୟାସ ଛାଡିଥିଲା । ଉଲ୍ଲେଖଥାଉ କି, ଗାଁରେ ସେର୍ଭ ନଂ ୯ ଅଞ୍ଚଳକୁ ନେଇ ଦୀର୍ଘଦିନ ଧରି ବିବାଦ ଚାଲିଆସୁଛି । ଏହି ଅଞ୍ଚଳରୁ ବେଦଖଲ ହେବା ନେଇ ଗାଁ ଲୋକେ ଆଶଙ୍କା କରୁଛନ୍ତି । ଏହି ଜମି ବିବାଦ କାରଣରୁ ଏହି କାଣ୍ଡ ଘଟିଛି ବୋଲି କୁହାଯାଇଛି । ଘଟଣା ପରେ ଗାଁରେ ବହୁ ସଂଖ୍ୟାରେ ପୁଲିସକର୍ମୀଙ୍କୁ ନିୟୋଜିତ କରାଯାଇଛି ।

## ଦକ୍ଷିଣ ଆଫ୍ରିକାରେ ଭୁଶୁଡ଼ିଲା ହିନ୍ଦୁ ମନ୍ଦିର; ୪ ମୃତ

ଜୋହାନ୍ସବର୍ଗ,୧୪ ।୧୨(ଏଜେନ୍ସି): ଦକ୍ଷିଣ ଆଫ୍ରିକାର କ୍ୱାଜୁଲ ନାଟାଲ ରାଜ୍ୟରେ ଏକ ନିର୍ମାଣାଧୀନ ୪ ମହଲା ବିଶିଷ୍ଟ ହିନ୍ଦୁ ମନ୍ଦିର ଭୁଶୁଡି ପଡିଛି । ଏଥିରେ ଜଣେ ଭାରତୀୟ ବଂଶୋଦ୍ଭବଙ୍କ ସମେତ ୪ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି । ସହରର ଉତ୍ତରରେ ଏକ ପାହାଡ଼ ଉପରେ ଏହି ମନ୍ଦିର ନିର୍ମାଣ କରାଯାଉଥିଲା । ଦୁର୍ଘଟଣା ସମୟରେ ନର୍ମାଣ ଶ୍ରମିକ ଓ ମନ୍ଦିର ସହଯୋଗୀମାନେ ସେଠାରେ ଉପସ୍ଥିତ ଥିଲେ । ମୃତକଙ୍କ ମଧ୍ୟରେ ୫୨ ବର୍ଷୀୟ ଜୟରାଜ ପାଣ୍ଡେ ସାମିଲ ରହିଛନ୍ତି । ସେ ମନ୍ଦିର ଟ୍ରଷ୍ଟିର କାର୍ଯ୍ୟକାରୀ ସଦସ୍ୟ ଥିଲେ ଓ ନିର୍ମାଣ ଯୋଜନାର ପ୍ରବନ୍ଧକ ରୂପେ କାମ କରୁଥିଲେ । ସେ ଗତ ଦୁଇବର୍ଷ ହେବ ମନ୍ଦିର ବିକାଶ କାର୍ଯ୍ୟ ସହ ଜଡିତ ଥିଲେ । ମନ୍ଦିରକୁ ଏକ ଗୁମ୍ଫା ଆକାରରେ ତିଆରି କରାଯାଉଥିଲା । ଏହି ମନ୍ଦିରରେ ଭଗବାନ ନୃସିଂହନାଥଙ୍କ ବିଶ୍ୱର ସର୍ବବୃହତ ମୂର୍ତ୍ତି ସ୍ଥାପନ କରିବାର ଯୋଜନା ଥିଲା ।

## ପିଏମ୍ ଇଣ୍ଟର୍ଣ୍ଣସିପ୍: ଷ୍ଟାଇପେଣ୍ଡ କମ୍; ଖର୍ଚ୍ଚ ବେଶି

ନୂଆଦିଲ୍ଲୀ, ୧୪।୧୨ (ଏଜେନ୍ସି): ଯୋଜନା ପ୍ରବଳ, ମାତ୍ର କାର୍ଯ୍ୟକାରିତା ଦୁର୍ବଳ ହୋଇଚାଲିଛି । ଫଳରେ ଯୋଜନାର ସଫଳ ରୂପାୟନ ହୋଇପାରୁ ନାହିଁ । ଯେଉଁ ଉଦ୍ଦେଶ୍ୟ ରଖି ଯୋଜନା ଅଣାଯାଉଛି ତାହା ଫଳପ୍ରସୁ ହୋଇପାରୁନି । 'ପିଏମ ଇଣ୍ଟର୍ଣ୍ଣସିପ୍ ଯୋଜନା' ଏଥିରୁ ବାଦ୍ ପଡ଼ିନାହିଁ । ଏହି ଯୋଜନାକୁ ବର୍ଷେ ପୂରଣ ହୋଇ ସାରିଲାଣି । ମାତ୍ର ଏହି ଅବଧି ମଧ୍ୟରେ କେବଳ ୨୦୬୬ ଜଣ ଇଣ୍ଟର୍ଣ୍ଣସିପ୍ ସମ୍ପୂର୍ଣ୍ଣ କରିଛନ୍ତି । ତେବେ ସରକାର ୧.୨୫ ଲକ୍ଷଙ୍କ ଇଣ୍ଟର୍ଣ୍ଣସିପ୍ ପୂରଣ ଲାଗି ଲକ୍ଷ୍ୟ ରଖିଥିଲେ । ଏହି ଯୋଜନା ପାଇଁ ସରକାର ବଜେଟରେ ୮୪୦ କୋଟି ଟଙ୍କା ଆବଣ୍ଟନ କରିଥିଲେ । ମାତ୍ର ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଏହାକୁ ହ୍ରାସ କରି ୩୮୦ କୋଟି ଟଙ୍କା କରିଦିଆଯାଇଥିଲା । ଏ ପର୍ଯ୍ୟନ୍ତ ଏହି ଯୋଜନାରେ ୭୩.୭୨ କୋଟି ଟଙ୍କା ଖର୍ଚ୍ଚ କରାଗଲାଣି । ଏଥିରୁ ୧୬.୬୨ କୋଟି ଟଙ୍କା କେବଳ ବିଜ୍ଞାପନ ବାବଦରେ ବ୍ୟୟ କରାଯାଇଛି ।

ଅଧିକାଂଶ କମ୍ପାନୀ ବଡ଼ ସହରରେ ଅଫିସ ଖୋଲିଛନ୍ତି । ଇଣ୍ଟର୍ଣ୍ଣସିପ୍ ସମୟରେ ଦିଆଯାଉଥିବା ଷ୍ଟାଇପେଣ୍ଡ ବହୁତ କମ୍ ରହିଛି । ତେଣୁ କେହି ନିଜ ଗାଁ ଛାଡ଼ି ଏଥିରେ ସାମିଲ ହେବାକୁ ଯାଉନାହାନ୍ତି । ଜଣେ ଆବେଦନକାରୀ ସହରକୁ ପ୍ରଶିକ୍ଷଣ ନେବାକୁ ଆସିଲେ, ଷ୍ଟାଇପେଣ୍ଡରେ ମିଳୁଥିବା ଅର୍ଥ ତୁଳନାରେ ଖର୍ଚ୍ଚ ଅଧିକ ହେଉଛି । ଇଣ୍ଟର୍ଣ୍ଣସିପ୍ କରୁଥିବା ବ୍ୟକ୍ତିଙ୍କୁ ସରକାରଙ୍କ ପକ୍ଷରୁ ଏକାଥରକେ ୬ ହଜାର ଟଙ୍କା ପ୍ରଦାନ କରାଯାଉଛି । ଏହା ପରେ ମାସକୁ ୫ ହଜାର ଟଙ୍କା ମିଳୁଛି । କୌଣସି ବଡ଼ ସହରରେ ରହିବା ଏବଂ ଯିବାଆସିବା ଖର୍ଚ୍ଚ ଏହାଠାରୁ ଢେର ଅଧିକ । ତେଣୁ ଅଧିକାଂଶ ଲୋକ ପିଏମ ଇଣ୍ଟର୍ଣ୍ଣସିପ୍ କରୁନାହାନ୍ତି । ଏହା ବ୍ୟତୀତ ଇଣ୍ଟର୍ଣ୍ଣସିପ୍ ଅବଧି ବର୍ଷେ ରହୁଛି । ଦୀର୍ଘ ସମୟ ଲାଗି ମଧ୍ୟ ପ୍ରାର୍ଥୀ ଏହା କରିବାକୁ ଚାହୁଁ ନାହାନ୍ତି । ତେଣୁ ଅଧିକାଂଶ ଅଧାରୁ ଇଣ୍ଟର୍ଣ୍ଣସିପ୍ ଛାଡ଼ି ପଳାଉଛନ୍ତି । ଆଉ କିଛି କମ୍ପାନୀ ଆଶାୟୀଙ୍କ ଦକ୍ଷତା ଉପରେ ଧ୍ୟାନ ନ ଦେଇ ଖାଲି ଡାଟା ଏଣ୍ଟ୍ରି କରାଉଛନ୍ତି । ଏହା ଫଳରେ ଆଶାୟୀ ପରୀକ୍ଷା, ସରକାରୀ ଚାକିରି ପ୍ରସ୍ତୁତି ପାଇଁ ଇଣ୍ଟର୍ଣ୍ଣସିପ୍ ଛାଡ଼ି ଦେଉଛନ୍ତି ।


**■ ୭୪ କୋଟି ଖର୍ଚ୍ଚ, କେବଳ ୨୦୬୬ ଜଣଙ୍କ ସମ୍ପୂର୍ଣ୍ଣ ହୋଇଛି ଇଣ୍ଟର୍ଣ୍ଣସିପ୍**

କର୍ପୋରେଟ ମାମଲାର ରାଷ୍ଟ୍ରମନ୍ତ୍ରୀ ହର୍ଷ ମଲହୋତ୍ରା ମୌସୁମୀ ଅଧିବେଶନରେ ଲୋକସଭାରେ କହିଥିଲେ ଯେ ଦୁଇଟି ପର୍ଯ୍ୟାୟରେ ୧.୬୫ ଲକ୍ଷଙ୍କୁ ଇଣ୍ଟର୍ଣ୍ଣସିପ୍ ଅଫର ଦିଆଯାଇଥିଲା । କିନ୍ତୁ ଏଥିରୁ କେବଳ ୨୦ ପ୍ରତିଶତ ଇଣ୍ଟର୍ଣ୍ଣସିପ୍ କରିଥିଲେ । ବହୁତ ଦୂରରେ ଅଫିସ, ସଠିକ କାମ ନ ମିଳିବା, ସମୟସୀମା ଅଧିକ ହେବାରୁ ଅଧିକାଂଶ ଇଣ୍ଟର୍ଣ୍ଣସିପ ପାଇଁ ରାଜି ହୋଇ ନ ଥିଲେ । ତେଣୁ ଷ୍ଟାଇପେଣ୍ଡ ବାବଦକୁ ଅଧିକ ଅର୍ଥ ଦେଲେ ଏଥିପ୍ରତି ଛାତ୍ରଛାତ୍ରୀଙ୍କ ଆଗ୍ରହ ବଢ଼ିବ ବୋଲି କୁହାଯାଉଛି ।

## ହଜାରେ କୋଟିର ସାଇବର ଠକେଇ ୪ ଚୀନ୍ ନାଗରିକଙ୍କ ନାମରେ ଚାର୍ଜସିଟ୍

ନୂଆଦିଲ୍ଲୀ, ୧୪ ।୧୨(ଏଜେନ୍ସି): କେନ୍ଦ୍ରୀୟ ଯାଞ୍ଚ ବ୍ୟୁରୋ (ସିବିଆଇ) ଅନ୍ତର୍ଜାତୀୟ ସାଇବର ଅପରାଧରେ ସାମିଲ ଥିବା ୪ ଜଣ ଚୀନ ନାଗରିକ ଓ ୫୮ କମ୍ପାନୀ ସମେତ ୧୭ଜଣ ଲୋକଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିଛି । ରବିବାର ସିବିଆଇ ଅଧିକାରୀମାନେ ଏ ସଂକ୍ରାନ୍ତରେ ସୂଚନା କହିଛନ୍ତି ଯେ, ଏହି ଅଭିଯୁକ୍ତମାନେ ୧୦୦ରୁ ଅଧିକ ନକଲି କମ୍ପାନୀ ସ୍ଥାପନ କରି ଏକ ହଜାର କୋଟି ଟଙ୍କାରୁ ଉର୍ଦ୍ଧ୍ୱ ସାଇବର ଠକେଇ କରିଛନ୍ତି । ସାଇବର ଠକେଇ କରୁଥିବା ଏକ ଅନ୍ତର୍ଜାତୀୟ ନେଟୱର୍କ ସହିତ ଏମାନେ ଜଡିତ ଅଛନ୍ତି । ସିବିଆଇ ଭାରତୀୟ ସାଇବର ଅପରାଧ ସମନ୍ୱୟ କେନ୍ଦ୍ରରୁ ମିଳିଥିବା ସୂଚନା ଆଧାରରେ ମାମଲା ରୁଜୁ କରିଥିଲା । ଗତ ଅକ୍ଟୋବରରେ ଏହି ସାଇବର ଠକେଇ ନେଟୱର୍କର ଫର୍ଦ୍ଦାଫାସ୍ ହୋଇଥିଲା । ସାଇବର ଟିମ୍ ଏହି ନେଟୱର୍କର ବିଷୟରେ ତଥ୍ୟ ପାଇଥିଲା । ଏମାନେ ଭିନ୍ନ ଭିନ୍ନ ସାଇବର ଠକେଇ କରୁଥିଲେ । ଏମାନେ ନକଲି ଋଣ ଓ ନିବେଶ ଯୋଜନାର ଲୋଭ ଦେଖାଇ ଲୋକଙ୍କୁ ନିଜ ଜାଲରେ ଫସାଉଥିଲେ । ଯାଞ୍ଚ ବେଳେ ୧୧୧ଟି ନକଲି ସେଲ କମ୍ପାନୀ ଥିବା ଜଣାପଡ଼ିଥିଲା । ଏହି କମ୍ପାନୀଗୁଡିକରେ ବିଭିନ୍ନ ବ୍ୟାଙ୍କ ଖାତା ଜରିଆରେ ୧, ୦୦୦ କୋଟିରୁ ଅଧିକ ଟଙ୍କା ନେଣଦେଣ ହୋଇଥିଲା । ଏହିକ୍ରମରେ ସିବିଆଇ ତାମିଲନାଡୁ, ଆନ୍ଧ୍ରପ୍ରଦେଶ, କେରଳ, କର୍ଣ୍ଣାଟକ, ଝାଡଖଣ୍ଡ ଓ ହରିୟାଣା ଭଳି ରାଜ୍ୟରେ ଚଢ଼ାଉ କରିଥିଲା । ଏହି ୪ ଚୀନ ନାଗରିକମାନେ ହେଲେ ଜୁ ୟି, ହୁଆନ ଲିୟୁ, ବେଜଜିଆନ ଲିୟୁ ଓ ଗୁଆନହୁଆ ୱାଙ୍ଗ୍ । ୨୦୨୦ରେ ଏମାନେ ଫର୍ଜି କମ୍ପାନୀ ସ୍ଥାପନ କରିଥିଲେ ବୋଲି ସିବିଆଇ କହିଛି ।

## ବିମାନରେ ଆମେରିକୀୟ ମହିଳାଙ୍କ ଜୀବନ ବଞ୍ଚାଇଲେ ପୂର୍ବତନ ବିଧାୟିକା



ନୂଆଦିଲ୍ଲୀ,୧୪ ।୧୨(ଏଜେନ୍ସି): ଗୋଆରୁ ଦିଲ୍ଲୀ ଯାଉଥିବା ଏକ ଇଣ୍ଡିଗୋ ବିମାନରେ ଜଣେ ଆମେରିକୀୟ ମହିଳା ଅଚାନକ ବେହୋଶ ହୋଇଯାଇଥିଲେ । କିନ୍ତୁ ବିମାନରେ କର୍ଣ୍ଣାଟକର ଜଣେ ପୂର୍ବତନ ବିଧାୟିକା ଓ ପେସାରେ ଡାକ୍ତର ଥିବା ଅଞ୍ଜଳି ନିମ୍ବାଲକର ମଧ୍ୟ ଉପସ୍ଥିତ ଥିଲେ । ଅଞ୍ଜଳି ତୁରନ୍ତ ବିଳମ୍ବ ନ କରି ଏହି ବିଦେଶୀ ମହିଳାଙ୍କୁ ସିପିଆର ଦେଇ ତାଙ୍କ ଜୀବନ ବଞ୍ଚାଇବାକୁ ସକ୍ଷମ ହୋଇଥିଲେ । ଏହି ମେଡିକାଲ ଏମର୍ଜେନ୍ସି ବେଳେ ବିମାନ ପାଖାପାଖି ୩,୦୦୦ ଫୁଟ୍ ଉଚ୍ଚରେ ଥିଲା । ଅଞ୍ଜଳି ମଧ୍ୟ କଂଗ୍ରେସର ନେତ୍ରୀ । ସେ ଦିଲ୍ଲୀ ରାମଲୀଲା ମଇଦାନରେ ଅନୁଷ୍ଠିତ କଂଗ୍ରେସର 'ଭୋଟ ଚୋରି ରାଲି'ରେ ଯୋଗଦେବାକୁ ଦିଲ୍ଲୀ ଆସିଥିଲେ । ସେହିପରି ଏହି ଆମେରିକୀୟ ମହିଳା ହେଉଛନ୍ତି କାଲିଫର୍ଣ୍ଣିଆରେ ରହୁଥିବା ୩୪ ବର୍ଷୀୟ ଜେନି । ସେ ନିଜ ଭଉଣୀଙ୍କ ସହ ଏକ ବିବାହ ସମାରୋହରେ ଯୋଗଦେବାକୁ ଦିଲ୍ଲୀ ଆସୁଥିଲେ । ଶନିବାର ଦ୍ୱିପହର ପରେ ପାଖାପାଖି ୧.୩୦ରେ ବିମାନ ଟେକ୍‌ଅଫ୍ କରିବାରୁ ୧୦ମିନିଟ ପରେ ଜେନି ଅସୁସ୍ଥ ହୋଇପଡିଥିଲେ ଓ ଥରି ଥରି ବେହୋଶ ହୋଇ ତଳେ ପଡିଯାଇଥିଲେ । ଏହାପରେ ଅଞ୍ଜଳି ନିଜ ଡାକ୍ତରୀ ଅଭିଜ୍ଞତାର ଉପଯୋଗ କରି ତାଙ୍କୁ ବଞ୍ଚାଇଥିଲେ । କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ଏଥିପାଇଁ ଅଞ୍ଜଳିଙ୍କୁ ପ୍ରଶଂସା କରିଛନ୍ତି ।

## ସିରିଆରେ ଆମେରିକା ସୈନିକଙ୍କ ଉପରେ ଆକ୍ରମଣ; ୩ ମୃତ

ଡମାସ୍କସ୍,୧୪ ।୧୨(ଏଜେନ୍ସି): କେନ୍ଦ୍ର ସିରିଆର ପଲମିରାରେ ଜଣାଶୁଣା ଆତଙ୍କବାଦୀ ସଂଗଠନ ଆଇଏସ୍‌ଆଇଏସ୍ ଦ୍ୱାରା ଏକ ବଡ଼ ଧରଣର ଆକ୍ରମଣ ହୋଇଛି । ଆତଙ୍କବାଦୀମାନେ ଆମେରିକୀୟ ସୈନିକଙ୍କୁ ଲକ୍ଷ୍ୟ କରି ଆକ୍ରମଣ କରିଛନ୍ତି । ଏଥିରେ ଦୁଇଜଣ ଆମେରିକୀୟ ସୈନିକ ଓ ଜଣେ ନାଗରିକ ମୃତ୍ୟୁବରଣ କରିଛନ୍ତି ଓ ଅନ୍ୟ ୩ ଜଣ ସୈନିକ ଆହତ ହୋଇଛନ୍ତି । ଆମେରିକୀୟ ସେଣ୍ଟ୍ରାଲ କମାଣ୍ଡ କହିବା ଅନୁସାରେ ଆମେରିକୀୟ ସୈନିକମାନେ ଆଇଏସ୍‌ଆଇଏସ୍ ଆତଙ୍କବାଦ- ନିରୋଧ ଅଭିଯାନ ପାଇଁ ଏକ ବୈଠକରେ ଯୋଗଦେଉଥିବା ବେଳେ ଏହି ଆକ୍ରମଣ ହୋଇଥିଲା । ଘଟଣା ବେଳେ ସେଠାରେ ଉପସ୍ଥିତ ସିରିଆର ସୁରକ୍ଷାକର୍ମୀଙ୍କୁ ମଧ୍ୟ ଆତଙ୍କବାଦୀମାନେ ମାରିଥିଲେ । ଏହି ଆକ୍ରମଣରେ ସିରିଆର କିଛି ସୁରକ୍ଷାକର୍ମୀ ଆହତ ହୋଇଛନ୍ତି ବୋଲି ସ୍ଥାନୀୟ ଗଣମାଧ୍ୟମଗୁଡ଼ିକ ଉଲ୍ଲେଖ କରିଛନ୍ତି । ସବୁ ଆହତଙ୍କୁ ହେଲିକପ୍ଟର ଜରିଆରେ ନିକଟରେ ଥିବା ଆମେରିକା ସୈନ୍ୟ ଆଡ୍ଡାକୁ ନିଆଯାଇଛି । ବଶର ଅଲ୍-ଅସଦ ଶାସନରୁ ହଟିବା ପରେ ହିଁ ଆମେରିକା ସୈନ୍ୟଙ୍କ ଉପରେ ଏହି ଆକ୍ରମଣ ହୋଇଛି । ଅନ୍ୟପଟେ ଏହି ଆକ୍ରମଣର ଜବାବ ଦିଆଯିବ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ।

## ରାମଲୀଳା ମଇଦାନରେ ପ୍ରଧାନମନ୍ତ୍ରୀଙ୍କୁ ରାହୁଲଙ୍କ ଟାର୍ଗେଟ



ନୂଆଦିଲ୍ଲୀ,୧୪ ।୧୨(ଏଜେନ୍ସି): ରବିବାର ଦିଲ୍ଲୀର ରାମଲୀଳା ମଇଦାନରେ କଂଗ୍ରେସ ତା'ର 'ଭୋଟ ଚୋର, ଗାଦି ଛୋଡ଼' ରାଲି ଆୟୋଜିତ କରିଥିଲା । ବରିଷ୍ଠ ନେତା ତଥା ସାଂସଦ ରାହୁଲ ଗାନ୍ଧୀ ଚିରାଚରିତ ଢ଼ଙ୍ଗରେ ପୁଣିଥରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ସମାଲୋଚନା କରିଥିଲେ । ପ୍ରଧାନମନ୍ତ୍ରୀଙ୍କ ଆତ୍ମବିଶ୍ୱାସ ଚାଲିଯାଇଛି ଓ ଅମିତ ଶାହାଙ୍କ ହାତ ଥରୁଛି ବୋଲି ସେ କହିଛନ୍ତି । ସେମାନଙ୍କ ଚୋରି ଏବେ ଧରାପଡିଛି ଓ ଏ ନେଇ ସେମାନେ ଭଲ ଭାବେ ଅବଗତ ଅଛନ୍ତି ବୋଲି କହିଛନ୍ତି ।

ସେହିପରି ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାର, ଶୁଖବୀର ସିଂ ଓ ବିବେକ ଯୋଶୀ ବିଜେପି ସହ ସାଥୀ ହୋଇ କାର୍ଯ୍ୟ କରୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି । ଆମେ ଏହି ନିୟମରେ ପରିବର୍ତ୍ତନ ଆଣିବୁ ଓ ଏହି ଲୋକମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ । ଏମାନେ ଭୁଲିଯିବା ଉଚିତ ନୁହେଁ ଯେ, ସେମାନେ ନିର୍ବାଚନ କମିସନର ଏବଂ ସେମାନେ ବିଜେପିର କର୍ମୀ ନୁହନ୍ତି ବୋଲି ସେ କହିଛନ୍ତି । ରାହୁଲଙ୍କ ପୂର୍ବରୁ କଂଗ୍ରେସ ନେତ୍ରୀ ତଥା ୱାଏନାଡ ସାଂସଦ ପ୍ରିୟଙ୍କା ଗାନ୍ଧୀ ମଧ୍ୟ ଭୋଟ ଚୋରି ନେଇ ନିଜର ମତ ରଖିଥିଲେ । ଗୋଟିଏ ଭୋଟର ମୂଲ୍ୟ କ'ଣ ସମସ୍ତେ ବୁଝିବା ଆବଶ୍ୟକ ବୋଲି ପ୍ରିୟଙ୍କା କହିଛନ୍ତି । ଏବେ ଦେଶର ନ୍ୟାୟପାଳିକା ମଧ୍ୟ ଚାପରେ ରହିଛି । ସେହିପରି ଦେଶର ସବୁ ଗଣମାଧ୍ୟମ ଏବେ ଆଦାନୀ ଓ ଅମ୍ବାନୀଙ୍କର ଅକ୍ତିଆରରେ ଅଛି । କଂଗ୍ରେସ ନେତାମାନଙ୍କୁ ବିଭିନ୍ନ ମିଥ୍ୟା ଅଭିଯୋଗରେ ଗିରଫ କରି ଜେଲ୍‌ରେ ଭର୍ତ୍ତି କରାଯାଉଛି ବୋଲି ସେ ଅଭିଯୋଗ କରିଛନ୍ତି । କିନ୍ତୁ ଯେଉଁ ନେତାମାନେ ବିଜେପିରେ ଯୋଗ ଦେଉଛନ୍ତି ସେମାନେ ୱାସିଂ ମେସିନ ଦ୍ୱାରା ସଫା ହେଇ ଯାଉଛନ୍ତି ବୋଲି ସେ କହିଛନ୍ତି । ଏହି ରାଲିରେ ବହୁ ସଂଖ୍ୟାରେ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ । ରାଲି ଆରମ୍ଭ ହେବା ପୂର୍ବରୁ ଆପତ୍ତିଜନକ ମୋଦୀ ବିରୋଧୀ ।।ସ୍ଲୋଗାନ ଦେଇଥିଲେ । ଏଥିପାଇଁ ବିଜେପିର ଏହାର ନିନ୍ଦା କରିଛି ।

## ବାଂଲାଦେଶ ଅଭିଯୋଗକୁ ଭାରତର ପ୍ରତ୍ୟାଖ୍ୟାନ

ନୂଆଦିଲ୍ଲୀ, ୧୪ ।୧୨(ଏଜେନ୍ସି): ଭାରତ ଓ ବାଂଲାଦେଶ ମଧ୍ୟରେ ପୁଣିଥରେ ରାଜନୈତିକ ଉଷ୍ମତା ବୃଦ୍ଧି ପାଇଛି । ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କୁ ନେଇ ଭାରତର ଆଭିମୁଖ୍ୟ ପାଇଁ ବାଂଲାଦେଶ ଚିନ୍ତା ପ୍ରକଟ କରିଛି । ପୂର୍ବତନ ପ୍ରଧାନମନ୍ତ୍ରୀ ହସିନା ଭାରତରେ ରହୁଛନ୍ତି ଓ ସେଠାରୁ ଉସୁକାଇବା ଭଳି ମନ୍ତବ୍ୟ ଦେଉଛନ୍ତି । ହସିନା ବାଂଲାଦେଶରେ ହିଂସା ସୃଷ୍ଟି କରିବାକୁ ପ୍ରବର୍ତ୍ତାଉଛନ୍ତି । ଭାରତ ଏହି ଅଭିଯୋଗକୁ ଖଣ୍ଡନ କରିଛି ।

# ପାକିସ୍ତାନ ଓ ଉପସାଗରୀୟ ଦେଶରେ କାହିଁକି ନିଷିଦ୍ଧ ହୋଇଛି 'ଧୂରନ୍ଧର'

ନୂଆଦିଲ୍ଲୀ,୧୪ ।୧୨(ଏଜେନ୍ସି): ଆଦିତ୍ୟ ଧରଙ୍କ ନିର୍ଦ୍ଦେଶିତ 'ଧୂରନ୍ଧର' ବଲିଉଡ୍ ସିନେମା ଏବେ ଦେଶ ଓ ବିଦେଶରେ ହଇଚଇ ସୃଷ୍ଟି କରିଛି । ବକ୍ସ ଅଫିସରେ ଏହି ସିନେମା ଜବରଦସ୍ତ ବ୍ୟବସାୟ କରିବା ସହ ମୁକ୍ତିଲାଭ କରିବାର ମାତ୍ର ୧୦ ଦିନ ମଧ୍ୟରେ ସୁପରହିଟ୍ ସାବ୍ୟସ୍ତ ହୋଇଛି ଓ ଅନ୍ୟ ସିନେମାର ରେକର୍ଡଗୁଡିକୁ ପଛରେ ପକାଇଛି । ଭଲ ବ୍ୟବସାୟ କରିବା ସହ ଏହି ସିନେମାକୁ ନେଇ ବିଶ୍ୱର ବିଭିନ୍ନ ଅଞ୍ଚଳରେ ବିବାଦ ମଧ୍ୟ ସୃଷ୍ଟି ହୋଇଛି । ସବୁ ମହଲରୁ ଏହି ସିନେମାକୁ ପ୍ରଶଂସା କରାଯାଇଛି । ବଲିଉଡ୍‌ର ପୂର୍ବତନ ଓ ଏବେକାର ସୁପରଷ୍ଟାରମାନେ ଏହି ସିନେମାକୁ ଭୂୟସୀ ପ୍ରଶଂସା କରିଛନ୍ତି ଓ ସବୁ କଳାକାରମାନଙ୍କ ଅଭିନୟ ଅତ୍ୟନ୍ତ ଉଚ୍ଚକୋଟୀର ହୋଇପାରିଛି ବୋଲି ଅମିତାଭ ବଚ୍ଚନଙ୍କଠାରୁ ରତିକ ରୋଶନଙ୍କ ପର୍ଯ୍ୟନ୍ତ କଳାକାରମାନେ କହିଛନ୍ତି । ଖାସ୍ କରି ଅକ୍ଷୟ ଖାନ୍ନା ରେହମାନ ଡକାଏତ ଭୂମିକାରେ ଜବରଦସ୍ତ ଅଭିନୟ କରିଛନ୍ତି । ସେ କରାଚୀର ଜଣେ ଗ୍ୟାଙ୍ଗଷ୍ଟର ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି । ଖଳନାୟକ ହୋଇଥିଲେ ମଧ୍ୟ ସେ ପ୍ରଶଂସକଙ୍କ ମନରେ ନାୟକ ଭାବେ ଉଭା ହୋଇଛନ୍ତି ।



କିନ୍ତୁ ଏହା ମୌଳିକ ଭାବେ ଏକ ସ୍ପାଏ ଅର୍ଥାତ ଗୁପ୍ତଚର ସମ୍ପର୍କିତ ସିନେମା । ଏଥିରେ ପଡୋଶୀ ଦେଶ ପାକିସ୍ତାନ ଓ ତା'ର ଅପରାଧୀ, ଡନ୍, ଗୁଇନ୍ଦା ସଂସ୍ଥା ଇଣ୍ଟର ସର୍ଭିସ ଇଣ୍ଟେଲିଜେନ୍ସି (ଆଇଏସ୍‌ଆଇ) ଓ ଗ୍ୟାଙ୍ଗୱାରକୁ ପ୍ରଦର୍ଶିତ କରାଯାଇଛି । ମୋଟ ଉପରେ କହିବାକୁ ଗଲେ ପାକିସ୍ତାନ ହିଁ ଏହି ସିନେମାର ମୁଖ୍ୟ ଖଳନାୟକ ବୋଲି କହିଲେ ଭୁଲ ହେବ ନାହିଁ । ପାକିସ୍ତାନର କେତେକ କଳାସତ୍ୟକୁ ମଧ୍ୟ ଏଥିରେ ନିଖୁଣ ଭାବେ ଦେଖାଯାଇଛି । ତେଣୁ ଏହି ସିନେମାକୁ ପାକିସ୍ତାନରେ ବ୍ୟାନ୍ ଅର୍ଥାତ ନିଷିଦ୍ଧ କରାଯାଇଛି । କିନ୍ତୁ ଏହାକୁ ଉପସାଗରୀୟ ଓ ଆରବ ଦେଶଗୁଡିକ ନିଷିଦ୍ଧ କରିବା ଲୋକଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । କାରଣ ଅଧିକାଂଶ ଆରବ ଦେଶ ଭାରତର ଭଲ ବନ୍ଧୁ ଭାବେ ଜଣାଶୁଣା । ଏହି ସିନେମାରେ ଇସ୍‌ଲାମୋ ଫୋବିଆ ଅର୍ଥାତ ଇସ୍‌ଲାମ ଧର୍ମ ପ୍ରତି ତର୍କହୀନ ଭୟ, ଘୃଣା ଓ ଶତ୍ରୁତାକୁ ଦେଖାଯାଇଛି ବୋଲି କେତେକ ଅଭିଯୋଗ କରିଛନ୍ତି । ନିକଟରେ ୬ଟି ଆରବ ଦେଶ ଏହି ସିନେମାର ସ୍କ୍ରିନିଂକୁ ନିଷିଦ୍ଧ କରି ଚର୍ଚ୍ଚା ସୃଷ୍ଟି କରିଛନ୍ତି । ଏହି ଦେଶଗୁଡିକ ହେଲା ବାହାରିନ, କତାର, କୁଏତ, ଓମାନ, ସାଉଦି ଆରବ ଓ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ) । 'ଧୂରନ୍ଧର' ଏହି ଦେଶଗୁଡିକରେ ମୁକ୍ତିଲାଭ କରିବ ନାହିଁ ବୋଲି କୁହାଯାଇଛି । ଏହି ସିନେମାକୁ ଆନଟି ପାକିସ୍ତାନ ବା ପାକିସ୍ତାନ ବିରୋଧୀ ବୋଲି କହି ଏହି ଦେଶଗୁଡିକ ଏହାକୁ ନିଷିଦ୍ଧ କରିଛନ୍ତି । ଅବଶ୍ୟ ଏହା ହେବ ବୋଲି ପୂର୍ବରୁ ଆଶଙ୍କା କରାଯାଉଥିଲା । ସିନେମାକୁ ପାକିସ୍ତାନରେ ନିଷିଦ୍ଧ ହେବା କଥା ବୁଝା ପଡୁଛି । କିନ୍ତୁ ଉପସାଗରୀୟ ଦେଶଗୁଡିକ କାହିଁକି ଏହାକୁ ନିଷିଦ୍ଧ କଲେ ତାହା ଅବଶ୍ୟ ବୁଝା ପଡୁନାହିଁ । ଏହି ଦେଶଗୁଡିକ 'ଧୂରନ୍ଧର'କୁ ଆଣ୍ଟି ପାକିସ୍ତାନ ସିନେମା ବୋଲି ବିବେଚନା କରୁଛନ୍ତି । ଏହାଦ୍ୱାରା ପାକିସ୍ତାନ ସହ ଏହି ଦେଶଗୁଡ଼ିକର କୂଟନୈତିକ ଓ ରାଜନୈତିକ ସମ୍ପର୍କ ଖରାପ ହେବ ବୋଲି ଆଶଙ୍କା କରାଯାଉଛି । କିନ୍ତୁ ଏହା ସତ୍ତ୍ୱେ 'ଧୂରନ୍ଧର' ଶନିବାର ମୁକ୍ତିଲାଭ କରିବାର ୯ମ ଦିନ ସୁଦ୍ଧା ଘରୋଇ ବଜାରରେ ୨୯୨.୭୫ କୋଟି ଅର୍ଥାତ ୩୦୦ କୋଟି ଆୟ କରିଛି । କେବଳ ଶନିବାର ଏହା ୫୩ କୋଟି ଟଙ୍କା ଆୟ କରି ନୂଆ ରେକର୍ଡ ସୃଷ୍ଟି କରିଛି । ଅର୍ଥାତ ଏହାର ବିଶ୍ୱବ୍ୟାପୀ ଆୟ ଆହୁରି ଅଧିକ ହେବ ଓ ଏହା ଏକ ଐତିହାସିକ ସିନେମା ବିବେଚିତ ହେବ ବୋଲି କୁହାଯାଉଛି । ଉଲ୍ଲେଖଯୋଗ୍ୟ ଯେ, 'ଧୂରନ୍ଧର'କୁ ଆଦିତ୍ୟ ଧର ନିର୍ଦ୍ଦେଶନା ଦେବା ସହ ଲୋକେଶ ଧର ଓ ଜ୍ୟୋତି ଦେଶପାଣ୍ଡେ ପ୍ରଯୋଜନା କରିଛନ୍ତି । ଆଦିତ୍ୟ ଧର ଏହାର ଲେଖକ । ଏଥିରେ ସାରା ଅର୍ଜୁନ ଓ ରାକେଶ ବେଦୀଙ୍କ ଭୂମିକାକୁ ମଧ୍ୟ ପ୍ରଶଂସା କରାଯାଇଛି ।

# ନ୍ୟାୟ ସୁନିଶ୍ଚିତ କରିବାରେ ମଧ୍ୟସ୍ଥ ପ୍ରଭାବୀ ମାଧ୍ୟମ ହେଉ: ସିଜେଆଇ



କଟକ,୧୪।୧୨(ସମିସ): ନିର୍ଦ୍ଦିଷ୍ଟ ସମୟରେ ମାମଲାର ବିଚାର ହେବା ଦ୍ୱାରା ସାଧାରଣ ଲୋକଙ୍କୁ ନ୍ୟାୟ ପ୍ରଦାନ ସୁନିଶ୍ଚିତ କରିହେବ। ସାମ୍ପ୍ରତିକ ପରିସ୍ଥିତିରେ ଅଦାଲତଗୁଡ଼ିକ ପାଇଁ ମାମଲା ବୋଝ ଆହ୍ୱାନ ହୋଇଥିଲେ ହେଁ ଏହାକୁ ପର୍ଯ୍ୟାୟକ୍ରମେ ହ୍ରାସ କରାଯାଇପାରିବ। ସାଧାରଣ ଲୋକଙ୍କୁ ନ୍ୟାୟ ପ୍ରଦାନ ସୁନିଶ୍ଚିତ କରିବାକୁ ହେଲେ ମଧ୍ୟସ୍ଥତା ଏକ ଶକ୍ତିଶାଳୀ ତଥା ପ୍ରଭାବୀ ମାଧ୍ୟମ ହେଉ ବୋଲି କହିଛନ୍ତି ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ। ଓଡ଼ିଶା ହାଇକୋର୍ଟ ବାର ଆସୋସିଏସନ ପକ୍ଷରୁ କଟକ ସହିଦଭବନଠାରେ ଆୟୋଜିତ 'ସାଧାରଣ ଲୋକଙ୍କୁ ନ୍ୟାୟ ପ୍ରଦାନ ସୁନିଶ୍ଚିତ କରିବା ଏବଂ ମାମଲା ଖର୍ଚ୍ଚ ଓ ବିଳମ୍ବ ହ୍ରାସ ପାଇଁ ରଣନୀତି' ଶୀର୍ଷକ ଆଲୋଚନାଚକ୍ର ବା ସମ୍ମାନରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଜଷ୍ଟିସ ସୂର୍ଯ୍ୟକାନ୍ତ ଏହି ମତ ପ୍ରକାଶ କରିଛନ୍ତି।

■ ହାଇକୋର୍ଟ ବାର୍ ପକ୍ଷରୁ ଆଲୋଚନାଚକ୍ର
■ ୫୦ ବର୍ଷ ଓକିଲାତି କରିଥିବା ୩୪ ବରିଷ୍ଠ ଆଇନଜୀବୀ ସମ୍ବର୍ଦ୍ଧିତ

ସେ କହିଥିଲେ ଯେ ବର୍ତ୍ତମାନ ସାଧାରଣ ଲୋକଙ୍କୁ ନ୍ୟାୟ ପ୍ରଦାନ ସୁନିଶ୍ଚିତ କରିବା ପଥରେ ମାମଲା ଖର୍ଚ୍ଚ ଓ ମାମଲା ଫଏସଲାରେ ହେଉଥିବା ବିଳମ୍ବ ପ୍ରମୁଖ ପ୍ରତିବନ୍ଧକ ହୋଇଛି। ଏବେ ମଧ୍ୟସ୍ଥତା ଭଳି ମାଧ୍ୟମ ପ୍ରଭାବଶାଳୀ ସମାଧାନର ପ୍ରତିଶ୍ରୁତି ଦେଉଥିବାରୁ ଏହା ଲୋକାଦୃତ ହୋଇଛି। ଜଷ୍ଟିସ ସୂର୍ଯ୍ୟକାନ୍ତ କିଭଳି ମଧ୍ୟସ୍ଥତା ଜରିଆରେ ଦୀର୍ଘ ଦଶନ୍ଧିର ମାମଲା ଫଏସଲା ହୋଇପାରିଛି ତାହାର କେତେକ ଦୃଷ୍ଟାନ୍ତ ରଖିଥିଲେ। ଅପରପକ୍ଷରେ ପକ୍ଷ ମାନଙ୍କୁ ମଧ୍ୟସ୍ଥତାର ମୂଲ୍ୟ ଓ ବିଚାରଧାରା ସମ୍ପର୍କରେ ସୁନିଶ୍ଚିତ କରାଇବା ଉଭୟ ବାର ଏବଂ ବେଞ୍ଚର ଉତ୍ତରଦାୟିତ୍ୱ ବୋଲି କହିଛନ୍ତି ପ୍ରଧାନ ବିଚାରପତି। ସେହିଭଳି ଏଆଇ (ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ) କଦାପି ମାନବ ସମ୍ବଳର ବିକଳ୍ପ ହୋଇପାରିବ ନାହିଁ ବରଂ ନ୍ୟାୟିକ ବ୍ୟବସ୍ଥାରେ ଏହାକୁ ଏକ ପ୍ରଭାବୀ ଉପକରଣ ଭାବେ ବ୍ୟବହାର କରାଯାଇପାରିବ ବୋଲି ସେ କହିବା ସହ ଉପଯୁକ୍ତ ବୈଷୟିକ ଜ୍ଞାନକୌଶଳର ଉପଯୋଗ ଓ ନ୍ୟାୟିକ ଭିତ୍ତିଭୂମି ବିକାଶ ଉପରେ ଗୁରୁତ୍ୱାରୋପ କରିଛନ୍ତି।

ଏହି ସମାରୋହରେ ମୁଖ୍ୟଅତିଥି ତଥା ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ନିଜ ବକ୍ତବ୍ୟରେ କହିଥିଲେ ଯେ ବିଚାରାଧୀନ ମାମଲା ସଂଖ୍ୟା ବୃଦ୍ଧି ଚିନ୍ତାଜନକ। ଏହାକୁ ହ୍ରାସ ପାଇଁ ଉପଯୁକ୍ତ ପରିଚାଳନାର ଆବଶ୍ୟକତା ରହିଛି। ଅଧିକାଂଶ ମାମଲା ସରକାରଙ୍କ ବିରୋଧରେ ରହିଛି। ସେହିଭଳି ବିଭିନ୍ନ ସମୟରେ ଆବେଦନକାରୀଙ୍କ ଦାବିପତ୍ର ବିଚାର ନ ହେବା ଏକ ପ୍ରମୁଖ କାରଣ ହୋଇଛି। ଉଭୟ ଫୌଜଦାରୀ ଓ ଦେୱାନୀ ମାମଲା ସମାଧାନ ପାଇଁ ହାରାହାରି ୧୩୦୦ ଦିନ ସମୟ ଲାଗୁଥିବା ଆକଳନ କରାଯାଇଛି। ଅନେକ ମାମଲାରେ ବିଭିନ୍ନ କାରଣରୁ ବାରମ୍ବାର ଶୁଣାଣି ଘୁଞ୍ଚୁଛି। ବିଚାରପତିଙ୍କ ସଂଖ୍ୟା ଅନୁମୋଦିତ ସଂଖ୍ୟାରୁ ଢେର କମ ରହିଛି। ଏଥିପାଇଁ ସାଧାରଣ ଲୋକଙ୍କୁ ନ୍ୟାୟ ପ୍ରଦାନ ପ୍ରଭାବିତ ମଧ ହେଉଛି। ଏହାର ସମାଧାନ ପାଇଁ ଉଭୟ ନ୍ୟାୟପାଳିକା ଓ କାର୍ଯ୍ୟପାଳିକାର ମିଳିତ ଉତ୍ତରଦାୟିତ୍ୱ ରହିଛି ବୋଲି କହିଥିଲେ ଜଷ୍ଟିସ ଟଣ୍ଡନ। ଆଲୋଚନାଚକ୍ରରେ ସମ୍ମାନିତ ଅତିଥି ଭାବେ ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ, ରାଜ୍ୟ ଆଇନଜୀବୀ ପରିଷଦର ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ହାଇକୋର୍ଟ ବାର ଆସୋସିଏସନ ସଭାପତି ମନୋଜ କୁମାର ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସମ୍ପାଦକୀୟ ବିବରଣୀ ପାଠ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ହାଇକୋର୍ଟ ବାର ସମ୍ପାଦକ ଅଭିଜିତ ପଟ୍ଟନାୟକ। ଉପସଭାପତି ଆଇନଜୀବୀ ସିଦ୍ଧାର୍ଥ ଦାସ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ୫୦ବର୍ଷ ଓ ଅଧିକ ସମୟ ଧରି ଓକିଲାତି କରିଥିବା ବିଜୟକୃଷ୍ଣ ମହାନ୍ତି, ଭକ୍ତହରି ମହାନ୍ତି, ଗୁରୁପ୍ରସାଦ ମହାନ୍ତି, ଦୁର୍ଗାଚରଣ ମହାନ୍ତି, ବ୍ରଜସୁନ୍ଦର ଦାସ, ଜଗନ୍ନାଥ ପଟ୍ଟନାୟକ ଓ ବାସୁଦେବ ପଣ୍ଡାଙ୍କ ସମେତ ୩୪ ବରିଷ୍ଠ ଆଇନଜୀବୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଅନ୍ୟପଟେ, ସର୍ବଭାରତୀୟ ବିଚାରପତି ବ୍ୟାଡମିଣ୍ଟନରେ କୃତିତ୍ୱ ଅର୍ଜନ ପାଇଁ ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ, ଜଷ୍ଟିସ ସାବିତ୍ରୀ ରଥ, ଜଷ୍ଟିସ ଭି.ନରସିଂହ, ଜଷ୍ଟିସ ଶିବଶଙ୍କର ମିଶ୍ରଙ୍କୁ ଟ୍ରଫି ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଛନ୍ତି ପ୍ରଧାନ ବିଚାରପତି।

ନାମ ନ ନେଇ ମୋକିମ୍‌ଙ୍କୁ ଭକ୍ତଙ୍କ ରୋକଠୋକ ଜବାବ

# ବିଜେପି ସମ୍ପର୍କରେ ଥିବା ନେତା ସେଠାକୁ ଯାଆନ୍ତୁ

ଭୁବନେଶ୍ୱର, ୧୪।୧୨(ସମିସ): ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ମହମ୍ମଦ ମୋକିମ୍ ସୋନିଆ ଗାନ୍ଧୀଙ୍କୁ ଚିଠି ଲେଖିବା ପରେ ପ୍ରଥମଥର ପାଇଁ ମୁହଁ ଖୋଲିଛନ୍ତି ପିସିସି ସଭାପତି ଭକ୍ତ ଦାସ । ମୋକିମ୍‌ଙ୍କ ନାମ ନ ନେଇ ସେ ବିଜେପି ସହ ସମ୍ପର୍କରେ ଥିବା ନେତା ବିଜେପିକୁ ଯାଆନ୍ତୁ ବୋଲି ରୋକଠୋକ୍ ଶୁଣାଇଛନ୍ତି। ସୋନିଆ ଗାନ୍ଧିଙ୍କୁ ମୋକିମ୍ ଲେଖାଥିବା ଚିଠିରେ ଖଡ୍‌ଗେଙ୍କ ବୟସକୁ ନେଇ ଉଠାଇଥିବା ପ୍ରଶ୍ନ ସମ୍ପର୍କରେ ମଧ ସେ ପ୍ରତିକ୍ରିୟା ରଖିଛନ୍ତି।



ଖଡଗେଙ୍କୁ ୮୩ ବର୍ଷ ହେବା ପରେ ବି ଦଳର ସବୁ କାମରେ ତତ୍ପର ଅଛନ୍ତି। ପ୍ରଥମରୁ ଆଜି ପର୍ଯ୍ୟନ୍ତ ଦଳ ପାଇଁ ସମର୍ପଣ ଭାବ ସହ ସଂଘର୍ଷ କରି ଦଳକୁ ସୁଦୃଢ଼ କରିଛନ୍ତି। ଜଣେ ଯୁବକ ମଧ ତାଙ୍କ ପରି କାମ କରିପାରିବ ନାହିଁ। ଯିଏ ଏହାର ଏକ ପ୍ରତିଶତ ମଧ କାର୍ଯ୍ୟ କରି ନାହାନ୍ତି, ତାଙ୍କର କଣ ଅଧିକାର ଅଛି ଯେ ଏହି ବୟସରେ ମଧ ଦଳ ପାଇଁ ସମର୍ପିତ ବ୍ୟକ୍ତିଙ୍କ ବିଷୟରେ କହିବେ ବୋଲି ପିସିସି ସଭାପତି ପାଲଟା ପ୍ରଶ୍ନ କରିଛନ୍ତି। ଖଡଗେଙ୍କୁ ସମାଲୋଚନା କରିବା ଆଦୌ ଉଚିତ ନୁହେଁ ବୋଲି ମଧ ସେ କହିଛନ୍ତି। ଏହାରି ମଧ୍ୟରେ ମୋକିମଙ୍କ ବିରୋଧରେ ଦଳ ବଡ଼ କାର୍ଯ୍ୟାନୁଷ୍ଠାନ ନେଇପାରେ ବୋଲି ମଧ ଚର୍ଚ୍ଚା ହେଉଛି। ସୂଚନାଯୋଗ୍ୟ ଯେ ପିସିସି ସଭାପତି ଭକ୍ତ ଦାସଙ୍କୁ ସିଧା ସମାଲୋଚନା କରିବା ସହ ମୋକିମ୍ ଏଆଇସିସି ସଭାପତି ଖଡଗେଙ୍କ ବୟସକୁ ନେଇ ପ୍ରଶ୍ନ ଉଠାଇଥିଲେ। ଏ ସଂକ୍ରାନ୍ତରେ ସେ ସୋନିଆ ଗାନ୍ଧିଙ୍କୁ ଚିଠି ଲେଖିଥିଲେ ଓ ପ୍ରିୟଙ୍କାଙ୍କୁ ଦଳର ଦାୟିତ୍ୱ ଦେବାକୁ ଅନୁରୋଧ କରିଥିଲେ। ଖାଲି ଚିଠି ନୁହେଁ ଗଣମାଧ୍ୟମରେ ବି ସମାନ କଥାକୁ ଦୋହରାଇଥିଲେ। ଯାହାକୁ ନେଇ ଭକ୍ତ ଓ ମୋକିମଙ୍କ ମଧ୍ୟରେ ବିବାଦ ତେଜିବାରେ ଲାଗିଛି।

ରଗଡ଼ି ପଲିଟେକ୍ନିକ୍ କଲେଜରେ ଅଘଟଣ

# ହଷ୍ଟେଲ ଶୌଚାଳୟରେ ଛାତ୍ରଙ୍କ ଆତ୍ମହତ୍ୟା

କୋରେଇ,୧୪।୧୨(ସମିସ): ଯାଜପୁର ଜିଲ୍ଲା କୋରେଇ ଥାନା ଅନ୍ତର୍ଗତ ରଗଡ଼ିସ୍ଥିତ ସରକାରୀ ପଲିଟେକ୍ନିକ୍ କଲେଜରେ ଆଜି ଜଣେ ଛାତ୍ର ଶୌଚାଳୟରେ ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ଆତ୍ମହତ୍ୟାର ପ୍ରକୃତ କାରଣ ଜଣାପଡିନି।



ଖବର ମୁତାବକ କେନ୍ଦୁଝର ଜିଲ୍ଲା ଘସିପୁରା ଥାନା ଅନ୍ତର୍ଗତ କେଶଦୁରାପାଳ ଗ୍ରାମର ଅଶୋକ ଆଚାର୍ଯ୍ୟଙ୍କ ଜ୍ୟେଷ୍ଠ ପୁତ୍ର ଶୁଭଙ୍କର ଆଚାର୍ଯ୍ୟ (୧୮) ଏହି କଲେଜରେ ପଢୁଥିବା ବେଳେ ସେ ହଷ୍ଟେଲରେ ରହୁଥିଲେ। ତେବେ ଆଜି ସକାଳେ ତାଙ୍କ ମୃତଦେହ ହଷ୍ଟେଲ ଶୌଚାଳୟରେ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ମିଳିଥିଲା। ଖବର ପାଇ ସାଇଣ୍ଟିଫିକ ଟିମ୍, କୋରେଇ ଥାନା ଅଧିକାରୀ ରାକେଶ କୁମାର ତ୍ରିପାଠୀ, ଏସ୍ଆଇ ବିଶ୍ୱଜିତ ବିଶ୍ୱାଳ ଓ ବାସୁଦେବ ପରିଡ଼ା ପ୍ରମୁଖ ପହଞ୍ଚି ମାଜିଷ୍ଟ୍ରେଟ ପ୍ରଶାନ୍ତ କୁମାର ପୁହାଣଙ୍କ ଉପସ୍ଥିତରେ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଦାନଗଦି ଡାକ୍ତରଖାନାକୁ ପଠାଇଥିଲେ। ମୃତ ଶୁଭଙ୍କର ପ୍ରଥମ ବର୍ଷ ମେଟାଲୋଜିର ଛାତ୍ର। ସେ କ'ଣ ପାଇଁ ଏପରି ନିଷ୍ପତ୍ତି ନେଲେ ତାହା ସ୍ପଷ୍ଟ ଭାବେ ଜଣାପଡ଼ିନାହିଁ। ତେବେ ଅଭିଯୋଗ ଅନୁଯାୟୀ କିଛି ଲୋକ କିମ୍ବା ଛାତ୍ର କିମ୍ବା କଲେଜ କର୍ତ୍ତୃପକ୍ଷ ଏହି ଆତ୍ମହତ୍ୟାର କାରଣ ହୋଇପାରନ୍ତି ବୋଲି କୋରେଇ ଥାନାରେ ମୃତକର ବଡ଼ବାପା କଳାକର ଆଚାର୍ଯ୍ୟ ଅଭିଯୋଗ କରିଛନ୍ତି। ତଦନ୍ତ ପରେ ଆତ୍ମହତ୍ୟାର କାରଣ ଜଣାପଡିବ ବୋଲି କୋରେଇ ଥାନା ଅଧିକାରୀ ପ୍ରକାଶ କରିଛନ୍ତି।

ପରିତାପର ବିଷୟ ସେ ଆତ୍ମହତ୍ୟା କରିଥିବା ଦିନ ୧ଟା ୩୦ମିନିଟରେ କଲେଜ କର୍ତ୍ତୃପକ୍ଷ ଦେଖିଥିବା କହୁଥିବା ବେଳେ ମୃତକର ଆତ୍ମୀୟସ୍ୱଜନ ଗତରାତ୍ରୀରେ ହୋଇଥିବା ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଦିନରୁ ଜଣାପଡ଼ିଥିଲେ ମଧ କଲେଜ ଅଧ୍ୟକ୍ଷ ଓ ହଷ୍ଟେଲ ସୁପରିଟେଣ୍ଡେଣ୍ଟ ରବିବାର ଅପରାହ୍ନ ୪ଟା ପର୍ଯ୍ୟନ୍ତ କଲେଜକୁ ନ ଆସିବା, ମୃତ୍ୟୁ ଖବର ପରିବାର ବର୍ଗଙ୍କୁ ନ ଜଣାଇବା ଆଦି ବିଭିନ୍ନ ବିଷୟକୁ ନେଇ ମୃତ ଛାତ୍ରର ଅଭିଭାବକଙ୍କ ମନରେ ନାନା ସନ୍ଦେହ ସୃଷ୍ଟି ହେବା ସହ କ୍ଷୋଭ ପ୍ରକାଶ ପାଇଛି।

# ପରିଚୟ ଖୋଜୁଛି ରାଣୀପୁର ଝରିଆଲ

■ ପ୍ରାଚୀନ ଶିଳା ଚଉଷଠି ଯୋଗିନୀ
■ ସୋମେଶ୍ୱର ମନ୍ଦିର ପାଇଁ ପ୍ରସିଦ୍ଧ
■ ତନ୍ତ୍ରବିଦ୍ୟାର ପ୍ରାଚୀନ ବିଶ୍ୱବିଦ୍ୟାଳୟ
■ ପ୍ରତ୍ନତତ୍ତ୍ୱ ବିଭାଗ ହାତରେ ରକ୍ଷଣାବେକ୍ଷଣ ବ୍ୟବସ୍ଥା
■ ଉଡୁଛି ଛିଣ୍ଡା ଜାତୀୟ ପତାକା
■ ପର୍ଯ୍ୟଟକ ପାଇଁ ପ୍ରାଥମିକ ସୁବିଧା ନାହିଁ

ବଲାଙ୍ଗିର,୧୪।୧୨(ସମିସ): ପରିଚୟ ଖୋଜୁଛି ଜାତୀୟ ଐତିହ୍ୟ ମାନ୍ୟତା ପାଇଥିବା ବଲାଙ୍ଗିର ରାଣୀପୁର ଝରିଆଲ ପର୍ଯ୍ୟଟନ ସ୍ଥଳ। ପର୍ଯ୍ୟଟନ କ୍ଷେତ୍ର ବିକାଶର ଅନେକ ସୁଯୋଗ ଥିବା ସତ୍ତ୍ୱେ ଏହି ପୀଠକୁ କେନ୍ଦ୍ର ସରକାର ଯେଉଁଭଳି ଭାବେ ଦୃଷ୍ଟି ଦେବା କଥା ଦେଇ ନ ଥିବା ଅଭିଯୋଗ ହୋଇଛି। ପ୍ରାଚୀନ ଐତିହ୍ୟ, ଶହ ଶହ ବର୍ଷ ଇତିହାସ, ତନ୍ତ୍ର ସାଧନାର ଇତିହାସକୁ ସାଉଁଟି ରଖିଥିବା ଏହି ପୀଠକୁ ସଂପୂର୍ଣ୍ଣ ଭାବେ ଅବହେଳା ପ୍ରଦର୍ଶନ କରାଯାଇଥିବା ଦେଖିବାକୁ ମିଳିଛି। ପାହାଡ ଉପରେ ଜାତୀୟ ପତାକା ଉଡୁଛି ସତ; କିନ୍ତୁ ତାହା ଚିରି ଯାଇଛି। ପର୍ଯ୍ୟଟକଙ୍କ ପାଇଁ ବସିବା, ରହିବା କିମ୍ବା ପାନୀୟ ଜଳ ବୁନ୍ଦାଏ ପାଇଁ କୌଣସି ବ୍ୟବସ୍ଥା ନାହିଁ। ହାତ ଗଣତି କିଛି ସୁରକ୍ଷା କର୍ମୀ ଓ ଲାଇଟ ଲଗାଇ ସରକାର ନିଜ କାମ ସାରିଦେଇଛନ୍ତି। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଉଛି ଏହାର ବିକାଶ ପାଇଁ ଜନ ପ୍ରତିନିଧିମାନେ ମଧ ଦାବି କରୁନାହାନ୍ତି।

ରାଜ୍ୟରେ ଥିବା ଅନନ୍ୟ ପର୍ଯ୍ୟଟନ କ୍ଷେତ୍ର ମଧ୍ୟରୁ ବଲାଙ୍ଗିର ଜିଲ୍ଲାରେ ଥିବା ରାଣୀପୁର ଝରିଆଲ ପର୍ଯଟନ କ୍ଷେତ୍ର ଅନ୍ୟତମ। ଏହା କେବଳ ଏକ ପର୍ଯ୍ୟଟନସ୍ଥଳ ନୁହଁ; ଏହା ସମୃଦ୍ଧ ଓଡିଶାର ଏକ ଭବ୍ୟ ଇତିହାସର ମୁକସାକ୍ଷୀ। ଏହି ପୀଠରେ ତନ୍ତ୍ର, ଶୈବ, ଶାକ୍ତ, ବୌଦ୍ଧ ଓ ବୈଷ୍ଣବ ଧର୍ମର ସମନ୍ୱୟ ରହିଥିବାରୁ ଏହାର ନାମ ସୋମତୀର୍ଥ ମଧ ରଖାଯାଇଛି। ଏହା ଏକ ଧର୍ମ ସମନ୍ୱୟର ପୀଠ ହୋଇଥିବା ବେଳେ ଏହାର ଇତିହାସ ମଧ ବେଶ ପ୍ରାଚୁର୍ଯ୍ୟମୟ। ଐତିହାସିକମାନଙ୍କ ମତରେ ଅଷ୍ଟମରୁ ନବମ ଶତାବ୍ଦୀ ମଧ୍ୟରେ ସୋମବଂଶ ରାଜାମାନଙ୍କ ଦ୍ୱାରା ରାଣୀପୁର ଝରିଆଲରେ ସୋମେଶ୍ୱର ମନ୍ଦିର ନିର୍ମାଣ କରାଯାଇଥିଲା। ଏହି ମନ୍ଦିରର ନିର୍ମାନ ଶୈଳୀ ଅନ୍ୟ ମନ୍ଦିର ନିର୍ମାଣ ଶୈଳୀରୁ ଭିନ୍ନ ରହିଛି। ସେହିପରି ଏକଦା ଏହି ପୀଠ ତନ୍ତ୍ର ବିଦ୍ୟାର ବିଶ୍ୱବିଦ୍ୟାଳୟ ରହିଥିଲା। ଓଡିଶା ତଥା ଅନ୍ୟ ରାଜ୍ୟରୁ ତନ୍ତ୍ର ସାଧକମାନେ ଏଠାକୁ ତନ୍ତ୍ର ସାଧନା ପାଇଁ ଆସୁଥିବା ଐତିହାସିକମାନେ ମତ ରଖିଛନ୍ତି। ତେବେ ଏହି ପୀଠର ମୁଖ୍ୟ ଆକର୍ଷଣ ହେଉଛି ପ୍ରାଚୀନ ଶିଳା ମନ୍ଦିର। ଭାରତରେ ଥିବା ୪ଟି ଛାତ ବିହୀନ ଗୋଲାକାର ଯୋଗିନୀ ମନ୍ଦିର ମଧ୍ୟରୁ ଏହା ଅନ୍ୟତମ। ଏହାର କେନ୍ଦ୍ରରେ ଷଡଭୂଜ ଓ ତ୍ରିମୁଖ ବିଶିଷ୍ଟ ନୃତ୍ୟ ଭଙ୍ଗିରେ ଭଗବାନ ଶିବଙ୍କ ପ୍ରତିମୂର୍ତ୍ତି ରହିଥିବା ବେଳେ ଚାରିଆଡେ ମନ୍ଦିର କାନ୍ଥରେ ୬୪ ଜଣ ଯୋଗିନୀଙ୍କ ମୂର୍ତ୍ତି ରହିଛି। ଏହାଫଳରେ ଏହି ମନ୍ଦିରର ନାମ ଚଉଷଠି ଯୋଗନୀ ମନ୍ଦିର ଭାବେ ପରିଚୟ ରହିଛି। ଏହା ତନ୍ତ୍ର ସାଧନାର ଏକ ପ୍ରମାଣ। ସେହିପରି ସୋମେଶ୍ୱର ମନ୍ଦିର ଚଉଷଠି ଯୋଗିନୀ ମନ୍ଦିର ନିକଟରେ ରହିଥିବା ବେଳେ ବିରାଟ ଶିଳାଖଣ୍ଡ ଉପରେ ପ୍ରାୟ ୫୦ରୁ ଅଧିକ ପ୍ରାଚୀନ ଶିଳା ମନ୍ଦିର ରହିଛି। ଏହି ମନ୍ଦିରଠାରୁ ମାତ୍ର କିଛି ଦୂରରେ ରହିଛି ୬୦ ଫୁଟ ଉଚ୍ଚତା ବିଶିଷ୍ଟ ଇନ୍ଦ୍ରଲାଠ ମନ୍ଦିର। ରାଜ୍ୟରେ ଥିବା ଉଚ୍ଚ ଇଟା ତିଆରି ମନ୍ଦିର ମଧ୍ୟରୁ ଏହା ଅନ୍ୟତମ। ପ୍ରଥମେ ଏହା ବିଷ୍ଣୁ ମନ୍ଦିର ଥିବା ବେଳେ ପରେ ପରେ ଏହାକୁ ଶିବ ମନ୍ଦିରରେ ପରିଣତ କରାଯାଇଥିବା ବିଶ୍ୱାସ ରହିଛି। ତେବେ ସମୃଦ୍ଧ ପ୍ରାଚୀନ ଭାରତର ଐତିହ୍ୟର ମୁକସାକ୍ଷୀ ଥିବା ଏହି ପର୍ଯ୍ୟଟନ କ୍ଷେତ୍ର ଆଜି ପରିଚୟ ଖୋଜୁଛି। ପର୍ଯ୍ୟଟକ ଏଠାକୁ ବୁଲିବାକୁ ଆସୁଛନ୍ତି ସତ; କିନ୍ତୁ ଏଠାରୁ ଗଲା ପରେ ଦ୍ୱିତୀୟ ଥର ଆସିବାକୁ ଆଉ ଇଚ୍ଛା ପ୍ରକାଶ କରୁ ନ ଥିବା ଅଭିଯୋଗ ହୋଇଛି। ପର୍ଯ୍ୟଟକଙ୍କ ପାଇଁ ଏଠାରେ ପ୍ରାଥମିକ ସୁବିଧା ବା ବ୍ୟବସ୍ଥା ମଧ ନାହିଁ। ପିଇବା ପାଣି ବ୍ୟବସ୍ଥା ନାହିଁ କି ବସିବା ପାଇଁ କୌଣସି ବ୍ୟବସ୍ଥା ନାହିଁ। ଶୌଚାଳୟ ମଧ ନାହିଁ। ଅବଶ୍ୟ ଏକ ବନ୍ଦ ଗେଷ୍ଟ ହାଉସ ରହିଛି। କିଛି ହାତ ଗଣତି ସୁରକ୍ଷା କର୍ମୀ ରହିଛନ୍ତି। କିଛି ଲାଇଟ୍ ଲାଗିଛି। ଏକ ସୁଉଚ୍ଚ ଜାତୀୟ ପତାକା ରହିଛି। ଆଉ କିଛି ପଥରରେ ତିଆରି ପିଣ୍ଡି ରହିଛି। କିଛି ପରିମାଣର ଟାଇଲ ଓ ରେଲିଂ କାମକୁ ଛାଡିଦେଲେ ଆଉ କୌଣସି ଉନ୍ନତିମୂଳକ କାମ କରାଯାଇନାହିଁ। ଜାତୀୟ ପତାକା ପୁରୁଣା ହୋଇ ତାହା ଚିରି ଯାଇଛି। ଚଉଷଠି ଯୋଗିନୀ ମନ୍ଦିର ବାହାରେ ବିଭିନ୍ନ ପ୍ରକାର ଆବର୍ଜନା





ପଡିରହିଛି। ସେହିପରି ଇନ୍ଦ୍ରଲାଠ ମନ୍ଦିର ପରିସର ଅନାବନା ଘାସରେ ଭର୍ତ୍ତି ହୋଇଛି। ପାନୀୟ ଜଳ ପ୍ରକଳ୍ପ ଭାଙ୍ଗି ବର୍ଷ ବର୍ଷ ହେଲା ବନ୍ଦ ପଡିଛି। ଏମିତିରେ ପର୍ଯ୍ୟଟନ ବିକାଶର କଥା କହୁଥିବା ଡବଲ ଇଞ୍ଜିନ ସରକାର ଏହି ପର୍ଯ୍ୟଟନ ସ୍ଥଳକୁ କେମିତି ଅବହେଳା ପ୍ରଦର୍ଶନ କରିଛନ୍ତି ତାହା ସ୍ପଷ୍ଟ ହୋଇଛି। ୨୦୧୭ ମସିହାରେ ଜାତୀୟ ଐତିହ୍ୟ ମାନ୍ୟତା ପାଇଥିବା ଏହି ପୀଠର ରକ୍ଷଣା ବେକ୍ଷଣ ଦାୟିତ୍ୱ ବର୍ତ୍ତମାନ ପ୍ରତ୍ନତତ୍ତ୍ୱ ବିଭାଗ ଅଧୀନରେ ରହିଛି; ଯାହାକି କେନ୍ଦ୍ର ସରକାରଙ୍କ ଅଧୀନରେ ରହିଛି। ବର୍ତ୍ତମାନ ଉଭୟ କେନ୍ଦ୍ର ଓ ରାଜ୍ୟରେ ବିଜେପି ସରକାର ଥିବା ବେଳେ ସ୍ଥାନୀୟ ବିଧାୟକ ମଧ ବିଜେପି ଦଳର; ହେଲେ ଏହି ପର୍ଯ୍ୟଟନ ସ୍ଥଳର ବିକାଶ କରିବା ପାଇଁ ରାଜ୍ୟ ସରକାରଙ୍କ ଆନ୍ତରିକତା ଦେଖିବାକୁ ମିଳୁନି।

ଧର୍ମଶାଳାରେ ରାଜନୈତିକ ଗୋଷ୍ଠୀ ସଂଘର୍ଷ

# ବିଜେଡି କର୍ମୀଙ୍କ ଉପରେ ବିଜେପି ଗୁଣ୍ଡାଙ୍କ ସଂଘବଦ୍ଧ ଆକ୍ରମଣ

ଜେନାପୁର,୧୪।୧୨(ସମିସ): ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ପୁଣି ରାଜନୈତିକ ଗୋଷ୍ଠୀ ସଂଘର୍ଷ ଦେଖିବାକୁ ମିଳିଛି। ଶାସକ ବିଜେପି ଦଳର ଗୁଣ୍ଡାମାନଙ୍କ ଦ୍ୱାରା ବିଜେଡି କର୍ମୀଙ୍କ ଉପରେ ସଂଘବଦ୍ଧ ଆକ୍ରମଣ ହୋଇଥିବା ଜଣାପଡିଛି। ଏ ନେଇ କୌଣସି ପକ୍ଷ ଥାନାର ଦ୍ୱାରସ୍ଥ ହୋଇନାହାନ୍ତି।




ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ ପନ୍ତୁରି ଗ୍ରାମ ନିକଟରେ ଅବସ୍ଥିତ ଧର୍ମଶାଳାର ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ଫାର୍ମ ହାଉସରେ ବିଜେଡି ସାମାଜିକ ଗଣମାଧ୍ୟମ ପ୍ରତିନିଧି ଗୀତାଞ୍ଜଳି ସାମଲଙ୍କ ଜନ୍ମଦିନ ପାଳନ ପାଇଁ ଭୋଜିଭାତ ଆୟୋଜନ କରାଯାଇଥିଲା। ଏହି ସମୟରେ ବିଜେପି କର୍ମୀମାନେ ଜୋର ଜବରଦସ୍ତ ସେଠାରେ ପଶି ଭଙ୍ଗାରୁଜା କରିବା ସହିତ ବିଜୁ ଜନତା ଦଳର ସାମାଜିକ ଗଣମାଧ୍ୟମର ମହିଳା ଏବଂ ଯୁବ କର୍ମକର୍ତ୍ତାଙ୍କୁ ମାଡ଼ ମାରିଥିଲେ। ଭୋଜିରେ ଖାଦ୍ୟ ପ୍ରସ୍ତୁତ କରି ଖାଇବା ପାଇଁ ବସିଥିବା ବେଳେ କିଛି ଅସାମାଜିକ ଯୁବକ ପଶି ଆସି ଅସଭ୍ୟ ଭାଷାରେ ଗାଳିଗୁଲଜ କରିବାରୁ ବିଜୁ ଜନତା ଦଳର ପିଲାମାନେ ବିରୋଧ କରିଥିଲେ। ଏହାକୁ ନେଇ ବିଜେପି କର୍ମୀମାନେ ପୂର୍ବତନ ବିଧାୟକଙ୍କ ଆସବାପତ୍ରକୁ ଭଙ୍ଗାରୁଜା କରିବା ସହିତ ସେଠାରେ ଥିବା ଦୁଇ ତିନୋଟି ଗାଡ଼ି ଭାଙ୍ଗି ଦେଇଥିଲେ। ଖବର ପାଇ ଘଟଣାସ୍ଥଳରେ ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ ଓ ଜେନାପୁର ପୁଲିସ ପହଞ୍ଚି ଆହତମାନଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଚାରିଜଣଙ୍କର ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ମୂଳକ ପରିସ୍ଥିତି ସୃଷ୍ଟି ହୋଇଛି।

# ଉଦ୍ଧାର ହାତୀଛୁଆ ନନ୍ଦନକାନନ ଗଲା



କେନ୍ଦୁଝର,୧୪।୧୨(ସମିସ): କିଛିଦିନ କେନ୍ଦୁଝର ବନଖଣ୍ଡ ତଳେ ଭୂୟାଁ ଜୁଆଙ୍ଗ ପିଢ଼ ଶୁକଡଲା ଅଞ୍ଚଳରୁ ଉଦ୍ଧାର ହୋଇଥିବା ଗୋଠଛଡ଼ା ହାତୀଛୁଆକୁ ଶେଷରେ ରବିବାର ନନ୍ଦନକାନନକୁ ପଠାଯାଇଛି। ସାଙ୍ଗରେ ସ୍ୱତନ୍ତ୍ର ଡାକ୍ତରୀ ଟିମ ଯାଇଥିବା କେନ୍ଦୁଝର ବନଖଣ୍ଡ ଅଧିକାରୀ ଧନରାଜ ଏଚଡ଼ି ସୂଚନା ଦେଇଛନ୍ତି। ୧୨ଦିନ ତଳେ ଭୂୟାଁ ଜୁଆଙ୍ଗ ପିଢ ଶୁକଡଲା ଗାଁ ନିକଟରେ ଗୋଠରୁ ଅଲଗା ହୋଇ ଏକ ହାତୀଛୁଆ ଥିବା ବନ ବିଭାଗକୁ ସୂଚନା ମିଳିଥିଲା। ବନ ବିଭାଗ ଘଟଣାସ୍ଥଳକୁ ଯାଇ ହାତୀ ପଲରେ କିପରି ଛୁଆଟି ମିଶିବ ତାକୁ ନଜରରେ ରଖିଥିଲା। ହେଲ ହାତୀପଲ ଛୁଆଟିକୁ ନେଇ ନଥିଲେ। ବନବିଭାଗର ନିୟମ ଆଧାରରେ ଶେଷରେ ପଦ୍ମପୁରସ୍ଥିତ ଥଇଥାନ କେନ୍ଦ୍ରକୁ ଆଣି ରଖାଯାଇଥିଲା। ମୁଖ୍ୟ ବନ ସଂରକ୍ଷକଙ୍କ ନିର୍ଦ୍ଦେଶକ୍ରମେ ରବିବାର ଉଦ୍ଧାର ହାତୀ ଛୁଆକୁ ନନ୍ଦନକାନନ ସ୍ଥିତ ହାତୀ ଯତ୍ନ କେନ୍ଦ୍ରକୁ ପଠାଇ ଦିଆଯାଇଛି। ହାତୀଟିକୁ ବନ ବିଭାଗର ସ୍ୱତନ୍ତ୍ର ଯାନରେ ସେଠାକୁ ନିଆଯାଇଛି। ସାଙ୍ଗରେ ବନ ବିଭାଗର ରକ୍ଷକ ଗାଡ଼ି ଥିବାବେଳେ ହାତୀଛୁଆକୁ ଯତ୍ନର ସହିତ ନାନ୍ଦନକାନନ ନେବା ନିମନ୍ତେ ଭୂୟାଁ ଜୁଆଙ୍ଗ ପିଢ ରେଞ୍ଜର ନୟନକାନ୍ତ ସାହୁଙ୍କ ନେତୃତ୍ୱରେ ଏକ ପଶୁ ଡାକ୍ତରୀ ଟିମ ଯାଇଥିବା ଡ଼ିଏଫଓ କହିଛନ୍ତି।

# କ୍ଷତାକ୍ତ ହାତୀ ବଞ୍ଚିବା ଆଶା କମ୍

ବାରିପଦା,୧୪।୧୨(ସମିସ): ବନ ବିଭାଗ ପକ୍ଷରୁ ଟ୍ରାଙ୍କୁଲାଇଜ ପରେ ଚିକିତ୍ସା ପାଇଁ ଦୁଇଦିନ ତଳେ ଉଦ୍ଧାର କ୍ଷତାକ୍ତ ମାଇହାତୀର ବଞ୍ଚିବା ଆଶା କ୍ଷୀଣ ବୋଲି ଜଣାପଡିଛି। ୭/୮ ବର୍ଷର ହାତୀକୁ ବର୍ତ୍ତମାନ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଉତ୍ତର ବନଖଣ୍ଡ ତାଳବନ୍ଧ ରେଞ୍ଜ ନିକଟ କାନଛିଣ୍ଡାରେ ରଖି ଚିକିତ୍ସା କରାଯାଉଛି। ଡାକ୍ତରୀ ଦଳ ହାତୀକୁ ସୁସ୍ଥ କରିବାକୁ ପ୍ରାଣପଣେ ଚେଷ୍ଟା କରୁଛନ୍ତି। ପାଟିରେ ବିସ୍ଫୋରଣ ଘଟି ହାତୀର ପାଟି କ୍ଷତାକ୍ତ ଓ ଜିଭ କଟିଯାଇଥିବାବେଳେ ତାଳୁପା ପୋଡ଼ିଯାଇ ପଚିଯିବା ପରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଫଳରେ ଘଟଣା ଦିନରୁ ହାତୀଟି ଅନାହାର ଓ ସଂକ୍ରମଣ ବୃଦ୍ଧି ଯୋଗୁଁ ଏବେ ମୃତ୍ୟୁ ସହ ସଂଗ୍ରାମ କରୁଛି। ମନୁଷ୍ୟକୃତ ଅମାନୁଷିକ ଆକ୍ରମଣକୁ ନେଇ ପରିବେଶବିତ୍ ତଥା ମୟୂରଭଞ୍ଜ ଜନସାଧାରଣ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପାଇଛି। ପୂର୍ବରୁ ହାତୀ ଉପରେ କ୍ରୋଧ ସାଧିବା ପାଇଁ ପଡୋଶୀ ରାଜ୍ୟରେ ଏଭଳି ଘଟଣାକୁ ସମଗ୍ର ବିଶ୍ୱ ନିନ୍ଦା କରିଥିବାବେଳେ ଏପରି ଘଟଣା ଓଡିଶାରେ ପ୍ରଥମ ହୋଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି।

୨୦୨୦ ମଇ ମାସରେ କେରଳ ରାଜ୍ୟ ପଲକ୍କଡ ଜିଲ୍ଲାରେ ସପୁରୀ ମଧ୍ୟରେ ବିସ୍ଫୋରକ ଦେଇ ଏକ ୧୫ ବର୍ଷୀୟ ଗର୍ଭବତୀ ମାଇହାତୀର ମୃତ୍ୟୁ ଘଟଣା ଭଳି ଓଡ଼ିଶାରେ ଦୋହରାଇଛି। ବାରିପଦା ସର୍କଲ ମୁଖ୍ୟ ବନ ସଂରକ୍ଷକ ତଥା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡ. ପ୍ରକାଶ ଚାନ୍ଦ ଗୋଗିନେନୀଙ୍କ କହିବାନୁଯାୟୀ, ହାତୀର ଜିଭଟି ଏକ ତୃତୀୟାଂଶ ଛିଡି ଯାଇଥିବାବେଳେ ସଂକ୍ରମଣ ବୃଦ୍ଧି ପାଇଛି। ଡାକ୍ତରୀ ଟିମ୍



ହାତୀର ଚିକିତ୍ସା ଜାରି ରଖିଛନ୍ତି। କିଭଳି ଭାବେ ହାତୀର ଏଭଳି ଅବସ୍ଥା ହୋଇଛି ତାହାକୁ ନେଇ ଡାକ୍ତରୀ ଟିମ ପକ୍ଷରୁ କୌଣସି ରିପୋର୍ଟ ପ୍ରଦାନ କରାଯାଇନାହିଁ। ତେବେ ହାତୀର ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ରହିଛି। ବିସ୍ଫୋରଣଜନିତ ଘଟଣା ହୋଇଥିଲେ ଏହାର କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଝାଡ଼ଖଣ୍ଡ ଏକ ୨୭ଟିକିଆ ହାତୀପଲ ପଶ୍ଚିମବଙ୍ଗ ହୋଇ ମୟୂରଭଞ୍ଜରେ ପ୍ରବେଶ କରି ବୁଢାବଳଙ୍ଗ ନଦୀ ପାର ହୋଇ ନୀଳଗିରି ଅଭିମୁଖେ ୮ ଦିନ ପୂର୍ବରୁ ଯାଇଥିଲେ। ସେଠାରୁ ଡିସେମ୍ବର ୧୧ରେ ହାତୀପଲ ଫେରିଥିବାବେଳେ ୨ଟି ହାତୀ ୧୨ ତାରିଖରେ ବେତନଟୀ ରେଞ୍ଜ ଚୁଆପଦା ଜଙ୍ଗଲରେ ପହଞ୍ଚିଥିଲେ। ସେଥିମଧ୍ୟରୁ ଏହି ମାଇହାତୀର ମୁହଁରେ ଗଭୀର କ୍ଷତ ଦେଖାଯାଇଥିଲା। ପାଟିରୁ ରକ୍ତ ଝରୁଥିବାବେଳେ କିମ୍ବା ଫଳ ଜାତୀୟ ଖାଦ୍ୟରେ ବିସ୍ଫୋରକ ଭର୍ତ୍ତି କରି ବ୍ୟବହାର ସମୟରେ ହାତୀ ଖାଇ ଗୁରୁତର ହୋଇଛି ତାହା ତଦନ୍ତ ସାପେକ୍ଷ। ନୀଳଗିରି ଯିବା ସମୟରେ ହାତୀ ସୁସ୍ଥ ଥିଲା। ଫେରିବା ସମୟରେ ଏହା ଜଣାପଡିଥିବାରୁ ଏ ଅଘଟଣ ନୀଳଗିରି ଅଞ୍ଚଳରେ ଘଟିଥିବା ଆଶା

■ ବିସ୍ଫୋରକ ଖାଦ୍ୟ ପାଇଁ ଜିଭ ଓ ପାଟି ପୋଡ଼ି ପଚିଗଲାଣି
■ ହାତୀ-ମଣିଷ ଲଢ଼େଇ ଘଟଣା ବୃଦ୍ଧି ଚିନ୍ତାଜନକ
■ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ: ଆର୍‌ସିସିଏଫ୍


ଚୋଟିରେ ଗଭୀର କ୍ଷତ ସୃଷ୍ଟି ହୋଇ ଦୁର୍ଗନ୍ଧ ହେଉଥିଲା। ଏପରିକି ହାତୀଟି ଖାଦ୍ୟ ଗ୍ରହଣ କରି ନ ପାରି ଏଣେତେଣେ ଦୌଡି ବୁଲୁଥିଲା। ଯାହାକୁ ନେଇ ବନବିଭାଗ ଅଧିକାରୀ, କର୍ମଚାରୀ ଓ ଡାକ୍ତରୀ ଟିମ୍ ପହଞ୍ଚି ଟ୍ରାଙ୍କୁଲାଇଜ ପରେ ଉଦ୍ଧାର କରି ଚିକିତ୍ସା ପାଇଁ ନେଇଥିଲେ। ଖାଦ୍ୟରେ ବିସ୍ଫୋରକ ପଦାର୍ଥ ରଖି କେହି ଅମାନୁଷିକ କାର୍ଯ୍ୟ କରିବା ଫଳରେ ଏଭଳି ଅବସ୍ଥା ହୋଇଛି ବୋଲି ପରିବେଶବିତ୍ ଅନୁମାନ କରିଛନ୍ତି। ପାଚିଲା ଧାନକ୍ଷେତ ନଷ୍ଟରେ କେହି କ୍ରୋଧବଶତଃ ଏପରି କାଣ୍ଡ ଭିଆଇଛନ୍ତି ବା ବାରହାକୁ ଶିକାର କିମ୍ବା ଭୟଭୀତ କରିବା ପାଇଁ ବିଶେଷତଃ ଚାଷୀମାନେ ପନିପରିବା କରାଯାଉଛି। ଏଭଳି ଅମାନବୀୟ ଘଟଣା ହାତୀ ମଣିଷ ଲଢେଇ ଦିନକୁ ଦିନ ତୀବ୍ର ହେବାରେ ଲାଗିଛି। ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ କହିଛନ୍ତି, ଏହା ଏକ ଜଘନ୍ୟ ଅପରାଧ। ଏଭଳି ନୃଶଂସ କାର୍ଯ୍ୟ କୌଣସି ସାଧାରଣ ମସ୍ତିଷ୍କର ଲୋକ କରି ନ ପାରେ। ଏଭଳି ଅଭିଯୁକ୍ତକୁ ହତ୍ୟା ଭଳି ଆଇନରେ ଦଣ୍ଡିତ କରାଯିବା ଉଚିତ। ବର୍ତ୍ତମାନ ହାତୀର ସୁରକ୍ଷା ପାଇଁ ବିଭାଗର କାର୍ଯ୍ୟ ଧର୍ମକୁ ଆଖିଠାର ଭଳି ଚାଲିଛି। ଅଳ୍ପଦିନ ପୂର୍ବରୁ ଦନ୍ତହାତୀ ରାଫେଲର ମୃତ୍ୟୁ ଟ୍ରେନ ଧକ୍କାରେ ହେବା ଘଟଣା ବନବିଭାଗର ପାରିବାପଣିଆକୁ ପ୍ରଶ୍ନବାଚୀ ସୃଷ୍ଟି କରୁଛି।

ସକାଳ THE SAKALA



# ଉଦୟପୁର ନାଁରେ ପଶ୍ଚିମବଙ୍ଗକୁ ଲଘୁ ଖଣିଜ ଚାଲାଣ

ଭୋଗରାଇ, ୧୪।୧୨(ସମିସ)




ବାଲି ମାଫିଆଙ୍କ ପାଇଁ ସରକାର ଓ ପ୍ରଶାସନ ନିଦାବିଷ୍ଟୁ

ବାଲେଶ୍ୱର ଜିଲ୍ଲା ସୀମାନ୍ତ ଭୋଗରାଇ ବ୍ଲକ ଦେଇ ଯାଇଥିବା ୫୭ ନଂ ଜଳେଶ୍ୱର-ଚନ୍ଦନେଶ୍ୱର ରାଜ୍ୟ ରାଜପଥ ସଂଲଗ୍ନ ସାହାବାଜିପୁର ବର୍ଡର ଦେଇ ଓଡ଼ିଶାର ଲଘୁ ଖଣିଜ ପଥର, ନଦୀ ଓ ଆଡ଼ିଆ ବାଲି ଚାଲାଣକାରୀ ମାଫିଆଙ୍କ ପାଇଁ ସାହାଣ ମେଲା ରହୁଛି। ବାଲି ମାଫିଆମାନେ ପ୍ରତ୍ୟେକ ଦିନ ନଦୀ ଓ ଆଡ଼ିଆ ବାଲି ସହିତ ପଥର ବୋଝେଇ ଡମ୍ପର, ଟ୍ରାକ୍ଟର ପଶ୍ଚିମବଙ୍ଗକୁ ଚାଲାଣ କରୁଥିବା ଦେଖିବାକୁ ମିଳିଛି। ଫଳରେ ସୀମାନ୍ତରେ ଥିବା ବଙ୍ଗ ପ୍ରଶାସନ ପ୍ରତ୍ୟେକ ଗାଡ଼ିରୁ ମୋଟା ଅଙ୍କର ଟଙ୍କା ନେଇ ମାଲେମାଲ ହେଉଥିବା ଜଣା ପଡ଼ିଛି। ଓଡ଼ିଶା ସରକାର ଓ ପ୍ରଶାସନ ନିଦାବିଷ୍ଟୁ ସାଜିଥିବା ବେଳେ ଲଘୁ ଖଣିଜ ଚୋରା ଚାଲାଣକାରୀ ମାଫିଆ ମାନେ ପ୍ରଶାସନର ଅନୁମତିରେ ଉଦୟପୁର ନାଁରେ ପ୍ରତ୍ୟେକ ଦିନ ସନ୍ଧ୍ୟାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଶତାଧିକ ଡ଼ମ୍ପର ଲଘୁ ଖଣିଜ ପଡ଼ୋଶୀ ପଶ୍ଚିମବଙ୍ଗକୁ ଅନାୟାସରେ ବିକ୍ରି କରି ରାଜସ୍ୱ ହାନି କରୁଛନ୍ତି। ସ୍ଥାନୀୟ ଲୋକେ ଗାଡ଼ି ଅଟକାଇ ପ୍ରଶାସନକୁ ଖବର ଦେଲେ ପ୍ରଶାସନ ନିଦାବିଷ୍ଟୁ ସାଜି ମାଫିଆଙ୍କୁ ସାହାଯ୍ୟ କରୁଛି। ପ୍ରତ୍ୟେକ ଦିନ ସାହାବାଜିପୁର ସୀମାନ୍ତ ଦେଇ ଉଦୟପୁର ନାଁରେ ଓଡ଼ିଶାର ଲଘୁ ଖଣିଜ ସମ୍ପଦ ପଶ୍ଚିମବଙ୍ଗ ରାଜ୍ୟକୁ ବେଆଇନ ଭାବେ ନଦୀ ଓ ଆଡ଼ିଆ ବାଲି ଚୋରାରେ ଚାଲାଣ ହେଉଛି। ଉଦୟପୁରରେ କେଉଁ ପ୍ରକଳ୍ପ କେତେ କାର୍ଯ୍ୟକାରୀ ହେଉଛି, ଯାହାକି ପ୍ରଶାସନ ପ୍ରତ୍ୟେକ ଦିନ ଶତାଧିକ ଲଘୁ ଖଣିଜ ପରିବହନର ଅନୁମତି ଦେଉଛି, ତାହାକୁ ନେଇ ପ୍ରଶାସନର ସ୍ୱଚ୍ଛତା ଉପରେ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସ୍ଥାନୀୟ ପ୍ରଶାସନ ଫସଲ ଖିଆ ବାଡ଼ ସାଜି ଥିବାରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀ ଚିନ୍ତାରେ ରହିଛନ୍ତି। ଏପରିକି ଆବାସ ଯୋଜନା ହିତାଧିକାରୀ ମାନେ ଗୃହନିର୍ମାଣ ପାଇଁ ବାଲି ପାଉନାହାଁନ୍ତି। ୬୦ରୁ ୬୫ ହଜାର ଟଙ୍କା ଦେଲେ ଯାଇ ବ୍ୟବସାୟୀମାନେ ଆବାସ ଯୋଜନା ହିତାଧିକାରୀଙ୍କୁ ବାଲି ଯୋଗାଉଛନ୍ତି। ଅପରପକ୍ଷରେ ଆବାସ ଯୋଜନାରେ ହିତାଧିକାରୀଙ୍କୁ ୧ଲକ୍ଷ ୨୦ହଜାର ଟଙ୍କା ମିଳୁଥିବା ବେଳେ ନଦୀ ବାଲି ବ୍ୟବସାୟୀମାନେ ହିତାଧିକାରୀଙ୍କୁ ଶୋଷଣ କରୁଛନ୍ତି। ଏ ନେଇ ସରକାର ଭୋଗରାଇ ଅଞ୍ଚଳର ସମସ୍ତ ଆବାସ ଯୋଜନା ହିତାଧିକାରୀଙ୍କୁ ଗୃହ ନିର୍ମାଣ ପାଇଁ ଆବଶ୍ୟକୀୟ ନଦୀ ବାଲି ଯୋଗାଇ ଦେବାକୁ ସୀମାନ୍ତ ସାହାବାଜିପୁରରେ ଥିବା ସାଗରସାଥୀ କ୍ଲବ, ବିଶ୍ୱ ସନାତନ କଲ୍ୟାଣ ସଂଘ ଓ ନବଜ୍ୟୋତି ଯୁବକ ସଂଘର ସଦସ୍ୟମାନେ ଦାବି କରିବା ସହିତ ପ୍ରଶାସନ ବାଲି ମାଫିଆଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

## ବାଇକ୍‌ରୁ ଖସିପଡ଼ି ମହିଳା ମୃତ

ଭୋଗରାଇ,୧୪।୧୨(ସମିସ): ଭୋଗରାଇ ବ୍ଲକ ଜଳେଶ୍ୱରପୁର ପଞ୍ଚାୟତ ସେହି ଗ୍ରାମର ସର୍ବେଶ୍ୱର ପ୍ରଧାନଙ୍କ ସ୍ତ୍ରୀ ସ୍ନେହଲତା ପ୍ରଧାନ(୫୪) ବାଇକରୁ ଖସିପଡ଼ି ମୃତ୍ୟୁବରଣ କରିଛନ୍ତି। ସ୍ନେହଲତା ତାଙ୍କ ସମ୍ପର୍କୀୟ ସହିତ ବାଇକରେ ବସି ବାଲିଆପାଳ ବାପ ଘରକୁ ଯାଉଥିବା ସମୟରେ ଭୋଗରାଇ ଲକ୍ ପାଖରେ ହମ୍ପସ ପାଖରେ ତଳେ ପଡ଼ିଯାଇଥିଲେ। ଘଟଣା ସ୍ଥଳରେ ସ୍ନେହଲତାଙ୍କ ମୃତ୍ୟୁ ହୋଇଯାଇଥିଲା। ପୁଲିସ ଶବକୁ ଆଣି ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଶବ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଏ ନେଇ ଭୋଗରାଇ ଥାନାରେ ଏକ ମାମଲା ରୁଜୁ କରାଯାଇଛି।

## ଉଚ୍ଚ ବିଦ୍ୟାଳୟର ପ୍ଲାଟିନମ୍ ଜୁବୁଲି ପ୍ରସ୍ତୁତି

ଜଳେଶ୍ୱର, ୧୪।୧୨ (ସମିସ) : ଜଳେଶ୍ୱର ନୂଆବଜାର ଠାରେ ଥିବା ୭୫ବର୍ଷର ପୁରାତନ ଉଚ୍ଚ ବିଦ୍ୟାଳୟର ପ୍ଲାଟିନମ୍ ଜୁବୁଲି ଆସନ୍ତା ଜାନୁଆରୀ ମାସରେ ହେବ ବୋଲି ଆଜି ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ହୋଇଯାଇଛି। ପୁରାତନ ଛାତ୍ର ସଂଘର ସଭାପତି ପ୍ରାକ୍ତନ ଅଧକ୍ଷ ଶ୍ରୀକାନ୍ତ ଚରଣ ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପ୍ଲାଟିନମ୍ ଜୁବୁଲି ସଭାପତି ପ୍ରାକ୍ତନ ପ୍ରଫେସର ଈଶ୍ୱର ଚନ୍ଦ୍ର ଜେନା, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅର୍ଜୁନ ଚରଣ ଜେନା, ପୌରପାଳ ପ୍ରଦୀପ ପ୍ରଧାନ, ଏସ୍‌ଏମ୍‌ସି ସଭାପତି ଜୟନାରାୟଣ ଦାସ ପ୍ରମୁଖ ଯୋଗଦେଇ ରାଜ୍ୟପାଳ ଏହି କାର୍ଯ୍ୟକ୍ରମରେ ଯୋଗଦେବାର ଥିବାରୁ ଆସନ୍ତା ଜାନୁଆରୀ ମାସରେ ଏହା ପାଳନ କରାଯିବ ବୋଲି କହିଛନ୍ତି।

## ବିଦ୍ୟାଳୟରେ ପ୍ଲାଟିନମ ଜୁବୁଲି ପ୍ରସ୍ତୁତି ବୈଠକ



ଜଳେଶ୍ୱର,୧୪।୧୨ (ସମିସ): ଜଳେଶ୍ୱର ମ୍ୟୁନିସିପାଲିଟିସ୍ଥିତ ସର୍ବ ପୁରାତନ ବିଦ୍ୟାଳୟ ଭାବେ ୱାଡର୍ ନମ୍ବର ୧୦, ଶାନ୍ତିଆ ଗ୍ରାମର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶାନ୍ତିଆର ୭୫ ବର୍ଷ ପୂର୍ତ୍ତି ପାଳନ କରୁଛି। ଏହି ଅବସରରେ ଜାନୁଆରୀ ୧୬ରୁ ଆରମ୍ଭ ହୋଇ ଜାନୁଆରୀ ୧୯ ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ଚାଲିବ ବୋଲି ସ୍ଥିର କରାଯାଇଛି। ପ୍ରତ୍ୟେକ ଦିନ ବିଭିନ୍ନ ବରେଣ୍ୟ ଅତିଥି ମାନଙ୍କ ଦ୍ୱାରା କାର୍ଯ୍ୟକ୍ରମ ହେବା ସହିତ ପ୍ରତ୍ୟେକ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ। ସମସ୍ତ ପୁରାତନ ଛାତ୍ରଛାତ୍ରୀଙ୍କ ସହିତ ଗ୍ରାମବାସୀଙ୍କୁ ଉକ୍ତ କାର୍ଯ୍ୟକ୍ରମରେ ଭାଗ ନେବା ପାଇଁ ଆହ୍ୱାନ କରା ଯିବାର ବୈଠକରେ ସିଦ୍ଧାନ୍ତ ନିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ଲାଟିନମ ଜୁବୁଲିର ସଭାପତି ସୀତାଂଶୁ ସେନାପତି ପ୍ରସ୍ତୁତି ବୈଠକରେ ଅଧକ୍ଷତା କରିଥିଲେ। କାର୍ଯ୍ୟକାରୀ ସଭାପତି ଚିତ୍ରଞ୍ଜନ ସାହୁ, ବିଦ୍ୟାଳୟର ସହକାରୀ ଶିକ୍ଷକ ଦିଲ୍ଲୀପ ସେଠୀ, ଶ୍ୟାମ ସୁନ୍ଦର ଦେ, ନଗେନ୍ଦ୍ର କର, ରବୀନ ଦାସ, କାଉନସିଲର କବିତା ଧଳ, ଡକ୍ଟର ଲଳିତ ସେନାପତି, ଦେବବ୍ରତ ସେନାପତି, ମଧୁ ସୁଦନ ବ୍ରହ୍ମ, ଦୁର୍ଗାଶଙ୍କର ବ୍ରହ୍ମ, ବିଭୁତି ବ୍ରହ୍ମ, ସଞ୍ଜୟ ଦାସ ଓ ଅନ୍ୟାନ୍ୟ ପୁରାତନ ଛାତ୍ର ଛାତ୍ରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଚିତ୍ତାକର୍ଷକ କରିବା ପାଇଁ ମତାମତ ପ୍ରଦାନ ପୂର୍ବକ ବିଭିନ୍ନ କାର୍ଯ୍ୟକ୍ରମ ହେବାର ସ୍ଥିର ହୋଇଥିଲା।

## ଦିବ୍ୟାଙ୍ଗ ପିଲାଙ୍କୁ ସାମଗ୍ରୀ ପ୍ରଦାନ

ବାଲେଶ୍ୱର,୧୪।୧୨(ସମିସ): ରେମୁଣା ବ୍ଲକ ବଡ଼ପାଳ ଗାଁରେ ବିକାଶ ରାଉତ ଓ ଲିଜା ରାଉତଙ୍କ ଏକମାତ୍ର ପୁତ୍ର ସାଇସିଦ୍ଧି ରାଉତଙ୍କ ପକ୍ଷରୁ କୁରୁଡ଼ାଠାରେ ଥିବା ପ୍ରତୀକ୍ଷା ନାମକ ପ୍ରଶିକ୍ଷଣ କେନ୍ଦ୍ରରେ ମାନସିକ ଓ ଦିବ୍ୟାଙ୍ଗ ପିଲାମାନଙ୍କୁ ଖାଦ୍ୟ ଏବଂ ଅତ୍ୟାବଶ୍ୟକ ସାମଗ୍ରୀ ତଥା ଫଳ, ବିସ୍କୁଟ, ଚକୋଲେଟ୍, ଟୁଥପେଷ୍ଟ, ସାବୁନ ଆଦି ପ୍ରଦାନ କରିଥିଲେ। ସେଠାରେ ଥିବା ସିଷ୍ଟର ମାନେ ଓ ସାଇସିଦ୍ଧିଙ୍କ ପରିବାର ବର୍ଗ ଉପସ୍ଥିତ ଥିଲେ।

## ଗୌରାଙ୍ଗ ସଂଗୀତ ମହାବିଦ୍ୟାଳୟ ପକ୍ଷରୁ ସଚେତନତା ସଭା



ଲଙ୍ଗଳେଶ୍ୱର, ୧୪।୧୨ (ସମିସ) : ବାଲିଆପାଳ ବ୍ଲକ ଲଙ୍ଗଳେଶ୍ୱରସ୍ଥିତ କାଳିଝାଟି ପଡିଆରେ ଗୌରାଙ୍ଗ ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ କଳାକୁ ଲୋକାଭିମୁଖୀ କରିବା ପାଇଁ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। କଳାକାର ତଥା ଶିକ୍ଷକ ଅନିରୁଦ୍ଧ ଜେନାଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଙ୍ଗୀତ ମହାବିଦ୍ୟାଳୟର ମୁଖ୍ୟ ମାର୍ଗଦର୍ଶକ ଯାତ୍ରା କଳାକାର ଗୌରାଙ୍ଗ ଚରଣ ଦାସ ମୁଖ୍ୟଅତିଥି ଭାବରେ ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବରେ ମହାବିଦ୍ୟାଳୟର ସମ୍ପାଦକ ବିଜୟ କୁମାର ଜେନା, ବିଶ୍ୱମ୍ବର ମହାପାତ୍ର, ବାବାଜୀ ଚରଣ ରାଉତ, ବିରେନ ଗୋଛାୟତ, ସଞ୍ଜୟ ମହାନ୍ତି ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ବହୁ କଳାକାର ଯୋଗଦେଇ ନିଜ ନିଜର ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ନୃତ୍ୟ ଗୁରୁମା ରଂଜିତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ଲକ୍‌ସ୍ତରୀୟ ମେଧା ପ୍ରତିଯୋଗିତା

ଖଇରା,୧୪।୧୨ (ସମିସ): ବାଲେଶ୍ୱର ଜିଲା ଅନ୍ତର୍ଗତ ଖଇରାର ସର୍ବ ବୃହତ ପୂଜ୍ୟପୂଜା ସଙ୍ଗଠନ ପ୍ରତିବାର ପରିବାର ଆନୁକୂଲ୍ୟରେ ବ୍ଲକ ସ୍ତରୀୟ ମେଧା ପ୍ରତିଯୋଗିତା ଖଇରା ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ବରିଷ୍ଠ ପଦାର୍ଥ ବିଜ୍ଞାନ ଅଧାପକ ଶଶିକାନ୍ତ ପଣ୍ଡା ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ। ସଭାପତି ବସନ୍ତ କୁମାର ଖିଲାର ଓ ସମ୍ପାଦକ ରଘୁନାଥ ପତ୍ରୀ ଉପସ୍ଥିତ ଥିଲେ। ଜୁନିଅର ଓ ସିନିୟର ପ୍ରତିଯୋଗିତାରେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରୁ ୪୮୫ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ବିମନ ବାରିକ, ଶଶିକାନ୍ତ ଦାସ, ସୁରମା ପାଣି, ସଙ୍କୀର୍ତ୍ତନ ପଣ୍ଡା, ବୁଦ୍ଧିରାମ ପାଣିଗ୍ରାହୀ, ସୁଦର୍ଶନ ପାଣିଗ୍ରାହୀ, ପ୍ରଶାନ୍ତ ଦାସ, ଡା. ପ୍ରଭାକର ପଣ୍ଡା, ହରେକୃଷ୍ଣ ରାଉତ, ଶ୍ୟାମସୁନ୍ଦର ପଣ୍ଡା, ନିର୍ମଳ କୁମାର ଦାସ, ବିମଳେନ୍ଦୁ ଜେନା, କୁଞ୍ଜଲତା ମାହୁନ୍ତ ପ୍ରମୁଖ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ। ଆସନ୍ତା



ସ୍ତରରେ ବକ୍ତୃତା, ଗଳ୍ପ ଲିଖନ, ବୁଦ୍ଧି ପରୀକ୍ଷା, ଚିତ୍ରାଙ୍କନ, ସଙ୍ଗୀତ ଓ ନୃତ୍ୟ ବାର୍ଷିକୋତ୍ସବରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ।

## ମହାବୀର କପ୍ ଜିତିଲା ଯାଜପୁର ଇଲେଭେନ୍ ଷ୍ଟାର




ନୀଳଗିରି, ୧୪।୧୨ (ସମିସ): ମହାବୀର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ମହାବୀର କପ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ୨୦୨୫ର ଫାଇନାଲ ମ୍ୟାଚ ବାଲେଶ୍ୱର ୟୁ ଏଣ୍ଡ ମି ଏବଂ ଇଲେଭେନ୍ ଷ୍ଟାର ଯାଜପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ଯାଜପୁର ଇଲେଭେନ୍ ଷ୍ଟାର ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ରାହୁଲ ଗୁପ୍ତାଙ୍କ ଧୂଆଁଧାର ୫୭ ରନ ଫଳରେ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୭ୱିକେଟ୍ ହରାଇ୧୮୨ରନ୍ ସଂଗ୍ରହ କରିଥିଲା। ଜବାବରେ ୟୁ ଏଣ୍ଡ ମି ୮ ୱିକେଟ ହରାଇ ୧୭୫ରନ କରିବାକୁ ସକ୍ଷମ ହୋଇପାରିଥିଲା। ଫଳରେ ଯାଜପୁର ଇଲେଭେନ୍ ଷ୍ଟାର ୭ରନରେ ମ୍ୟାଚଟିକୁ ଜିତିନେଇ ଚଳିତବର୍ଷର ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ମ୍ୟାଚଟି ଏତେ ସଂଘର୍ଷପୂର୍ଣ୍ଣ ହୋଇଥିଲା ଯେ ପ୍ରତ୍ୟେକ ବଲରେ ପ୍ରତ୍ୟେକ ରନପାଇଁ ଦର୍ଶକମାନଙ୍କ ମଧ୍ୟରେ ଉତ୍କଣ୍ଠା ବଢ଼ିଯାଇଥିଲା। ପ୍ରାୟ ପାଞ୍ଚ ହଜାର ଦର୍ଶକ ମ୍ୟାଚକୁ ଉପଭୋଗ କରିଥିଲେ। ଇଲେଭେନ ଷ୍ଟାରର ଚନ୍ଦନ ନାୟକ ୨୧ବଲରୁ ୨୬ ରନ ଏବଂ ଗୁରୁତ୍ୱପୂର୍ଣ୍ଣ ୨ୱିକେଟ୍ ନେଇ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଟାଇଟଲ ହାସଲ କରିଥିବା ବେଳେ ୟୁ ଏଣ୍ଡ ମି ଦଳର ସବ୍ୟସାଚୀ ଆଚାର୍ଯ୍ୟ ଆଜିର ଧୂଆଁଧାର ୮୨ରନ ସହିତ ସମସ୍ତ ମ୍ୟାଚର ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ କ୍ଲବ୍ ତରଫରୁ ମ୍ୟାନ ଅଫ୍ ଦି ସିରିଜ୍ ଘୋଷଣା କରାଯାଇଛି। ଅନୁରୂପଭାବେ ଯାଜପୁର ଇଲେଭେନ୍ ଷ୍ଟାରର କମଲ କିଶନଙ୍କୁ ବେଷ୍ଟ ଫିଲ୍ଡର ଭାବରେ ପୁରସ୍କୃତ କରାଯାଇଥିଲା। ଆଜି ପ୍ରାୟ ୫ହଜାର ଲୋକଙ୍କ ପାଇଁ କ୍ଲବର ସଭାପତି ସବ୍ୟସାଚୀ ମହାପାତ୍ରଙ୍କ ତରଫରୁ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା କରାଯାଇଥିଲା। ଆଜିର ଏହି ଉଦଯାପନୀ ଉତ୍ସବରେ ସମ୍ମାନିତ ଅତିଥି ଭାବରେ ବାଲେଶ୍ୱର ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସଙ୍କ ସହିତ ଏନଏସି ଚେୟାରମ୍ୟାନ ମହେନ୍ଦ୍ରନାଥ ବେହେରା, ମଣିପୁରର କ୍ରିକେଟକୋଚ ତଥା ବିସିସିଆଇ ମାନ୍ୟତାପ୍ରାପ୍ତ ପୂର୍ଣ୍ଣେନ୍ଦୁ ଜେନା ଯୋଗଦାନ କରିଥିଲେ। ମିସ୍ ସିମ୍ରନ୍ ଧାରାବିବରଣୀ ଦେଇଥିବା ବେଳେ ଓସିଏ ମାନ୍ୟତାପ୍ରାପ୍ତ ଅମ୍ପାୟର ରଞ୍ଜନ ମହାନ୍ତି ଏବଂ ପ୍ରତାପ ପାତ୍ର ମ୍ୟାଚ୍ ପରିଚାଳନା କରିଥିଲେ। କ୍ଲବ୍‌ର ସଭାପତି ସବ୍ୟସାଚୀ ମହାପାତ୍ର, ସମ୍ପାଦକ ସୂର୍ଯ୍ୟକାନ୍ତ ବିଶ୍ୱାଳ, ନିଲୁ ବିଶ୍ୱାଳ, ମାନସ ପଢ଼ି , ଚନ୍ଦନ ରାୟ, କୁମାର ରାୟ, ବିରଜା ବେହେରା, ଅଜିତ ନାୟକ, ଶିବ ନାରାୟଣ ମହାପାତ୍ର, ବେଣୁ ମହାପାତ୍ର, ମୁନା ପଣ୍ଡା, ଭାସ୍କର ବିଶ୍ୱାଳ, ସନ୍ତୋଷ ସମୁଦ୍ର, ପ୍ରତାପ ମହାନ୍ତି, କଟି ପାତ୍ର, ବ୍ରଜ କିଶୋର ପାଣି, ଜଟିଆ ସିଂ, ଚଗୁଲୁ ଜେନା, ପ୍ରତାପ ସେଠୀ, ଉଦୟ ଜ୍ୟୋତି ମହାନ୍ତି, ଦିବ୍ୟ ମହାପାତ୍ର, ନିଗମ ରଞ୍ଜନ ରାଉତ, ଖଗେନ୍ଦ୍ର ବେହେରା, ରବି ଗୋଛାୟତ, ବୁଦ୍ଧଦେବ ସରକାର, ବୁବୁଲି ସରକାର, ମଣ୍ଟୁ ବେହେରା, ଆଶୁତୋଷ ନାୟକ, ଉତ୍କଳ ରାଉତ, ଭବାନୀ ବେହେରା, ବ୍ରଜ, ଶେଖ୍ ତାଉର, ପତାକା ପାତ୍ର, ପ୍ରବୀଣ ନାୟକ, ବୈରାଗୀ ବେହେରା, ଅବିନାଶ ନନ୍ଦ, ଗୋପୀ ନନ୍ଦ, ଦେବାଶିଷ ଜେନା, ରମାକାନ୍ତ ପ୍ରଧାନ, ଜଗନ୍ ରାଉତ, ଭରତ ଦାସ, ମୁନା ବିଶ୍ୱାଳ, ବିନୟ ପରିଡ଼ା ଏବଂ ଚିନ୍ମୟ ଶରଣ ରାଉତ ପ୍ରମୁଖ ବହୁ ସଦସ୍ୟ ସହଯୋଗ କରିଥିଲେ।

## ବାଣରୁ ନିଆଁ ଲାଗି ଜଳିଗଲା ଘର

ନୀଳଗିରି, ୧୪।୧୨(ସମିସ): ବରଯାତ୍ରୀ ଶୋଭାଯାତ୍ରାବେଳେ ବାଣ ନିଆଁ ଝୁଲ ପଡ଼ି ଜଳିଗଲା ଘର। ଏପରି ଘଟଣା ନୀଳଗିରି ବ୍ଲକ ଅଧୀନ ଅଯୋଧା ପଞ୍ଚାୟତ ଅଞ୍ଚଳରେ ଘଟିଛି। ଗତ ଶୁକ୍ରବାର ରାତ୍ରିରେ ଭୁବନେଶ୍ୱର ଖଣ୍ଡଗିରିଅଞ୍ଚଳରୁ ନୀଳଗିରିଅଯୋଧାକୁ ଆସି କନ୍ୟାଘର ପର୍ଯ୍ୟନ୍ତ ବରଯାତ୍ରୀ ଶୋଭାଯାତ୍ରା ଯାଇଥିଲେ। ଏହି ଶୋଭାଯାତ୍ରାରେ ଯିବା ସମୟରେ ବରଯାତ୍ରୀଙ୍କ ଦ୍ୱାରା ଫୁଟା ଯାଉଥିବା ବାଣରୁ ନିଆଁ ଝୁଲ ଅଯୋଧା ହସ୍ପିଟାଲ ନିକଟ ଶୁଭ୍ରମଣ୍ୟମ ପରିଡ଼ାଙ୍କ ଘର ଉପରେ ପଡ଼ି ଘରଟି ଜଳିଯାଇଥିଲା। ଘଟଣା ସ୍ଥଳରେ ନୀଳଗିରି ଦମକଳ ବାହିନୀ ନିଆଁ ଆୟତ୍ତ କରିବା ବେଳକୁ ଘରର ସମସ୍ତ ମୂଲ୍ୟବାନ ଜିନିଷ ସବୁ ପୋଡ଼ି ପାଉଁଶ ହୋଇଯାଇଥିଲା। ଏନେଇ ଶୁଭ୍ରମଣ୍ୟମଙ୍କ ପରିବାର ପକ୍ଷରୁ ନୀଳଗିରି ଥାନାରେ ଲିଖିତ ଅଭିଯୋଗ ହୋଇଛି। ଏହି ଦୁଃଖଦ ଘଟଣାର ଖବର ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ପାଇବା ପରେ ସାଂସଦ ଶ୍ରୀ ଷଡ଼ଙ୍ଗୀଙ୍କ ନିର୍ଦ୍ଦେଶ କ୍ରମେ ଅଗ୍ନି ବିପନ୍ନଙ୍କ ଠାରେ ଗତ ଶନିବାର ପହଞ୍ଚିଲେ ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ। ତାଙ୍କ ଘରେ ପହଞ୍ଚି ତମ୍ବୁ, ପିନ୍ଧିବା ଲୁଗା, ଶୀତ ବସ୍ତ୍ର, ଆର୍ଥିକ ସହାୟତା ଯୋଗାଇଦେବା ସହିତ ସରକାରୀ ସ୍ତରରେ ସହାୟତା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ କରୁଣାକର ପଣ୍ଡା, ସୁସାନ୍ତ ପରିଡା, ଜିବନକୃଷ୍ଣ ସ, ସୁଶାନ୍ତ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ।

## କୁଲଡ଼ିହାରେ ଥମୁନି ଜନ୍ତୁ ଶିକାର

ନୀଳଗିରି, ୧୪।୧୨ (ସମିସ): କୁଲଡ଼ିହା ଅଭୟାରଣ୍ୟରୁ ଲୋପ ପାଇଯିବେ କି ବନ୍ୟପ୍ରାଣୀ। ଗତ ଶନିବାର ୩ ଶିକାରୀ ଗିରଫ ସହିତ ୫ ଦେଶୀ ବନ୍ଧୁକ ଜବତ କରାଯାଇଥିବା ବେଳେ ପୁଣି ଆଜି ଗୋଟିଏ ଦେଶୀବନ୍ଧୁକ ସହ ୩ ଜଣ ଶିକାରୀ ଗିରଫ କରାଯାଇଥିବା ବେଳେ ସେମାନଙ୍କ ନିକଟରୁ ଦୁଇଟି ନୀରିହ ବନ୍ୟଜୀବଙ୍କର ମୃତଦେହ ଉଦ୍ଧାର କରାଯାଇଛି। ପଞ୍ଚଲିଙ୍ଗେଶ୍ୱର ସେକ୍ସନ ଅଧୀନରେ ଶ୍ୟାମସୁନ୍ଦରପୁର ଅଞ୍ଚଳର କଟି ସିଂ(୩୭), ମଙ୍ଗଳ ସିଂ(୪୦) ଏବଂ କଣ୍ଟାବଣିଆ ଅଞ୍ଚଳର ନାଥ ସିଂ(୪୭) ତିନିଜଣ ଶିକାରୀ ଜଙ୍ଗଲ ମଧ୍ୟରେ ଅବାଧରେ ପ୍ରବେଶକରି ଗୋଟିଏ ଝିଙ୍କ ଏବଂ ଗୋଟିଏ କୁଟୁରା ଶିକାର କରିଥିବା କୁଲଡିହା ବନବିଭାଗ ଖବରପାଇ ସେମାନଙ୍କୁ ଗିରଫକରିବା ସହିତ ସେମାନଙ୍କ ନିକଟରୁ ଏକ ଦେଶୀବନ୍ଧୁକ ସହିତ କିଛି ବାରୁଦ ଜବତ କରି ସମସ୍ତ ଅଭିଯୁକ୍ତଶିକାରୀଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯିବା ସହ ଅଧିକତଦନ୍ତ ଜାରି ରହିଥିବା ବନବିଭାଗ ପକ୍ଷରୁ ସୂଚନା ମିଳିଛି। ବାରମ୍ବାର ଅଭୟାରଣ୍ୟ ମଧ୍ୟକୁ ଶିକାରୀ ପ୍ରବେଶ କରିବା ବିଭାଗର ପାରିବାପଣିଆକୁ ପରିବେଶପ୍ରେମୀ ସନ୍ଦେହ ଚକ୍ଷୁରେ ଦେଖିଛନ୍ତି।



## ପୁସ୍ତକ 'ଭାଗବତ ବିଚାର' ଉନ୍ମୋଚିତ



ନୀଳଗିରି, ୧୪।୧୨ (ସମିସ): ଭାଗବତ ଜନ ଜୀବନର ବେଦ। ଭକ୍ତିଭାବ ଉଦୟହେଲେ ଭକ୍ତର ଜୀବନ ରସମୟ ହୋଇଉଠେ। ସନାତନ ଧର୍ମ ପରମ୍ପରାରେ ଜଗନ୍ନାଥଦାସଙ୍କ କୃତ ଭାଗବତ ଘରେଘରେ ପାଠ ହେବାର ନିଶ୍ଚିତ ଆବଶ୍ୟକତା ଅଛିବୋଲି ଆଜି ଶ୍ରୀକ୍ଷେତ୍ର ପୁରୀର ସିଦ୍ଧ ବକୁଳ ମଠରେ ଅଧାପକ ଡ. ପ୍ରଦୀପ୍ତ କୁମାର ମିଶ୍ରଙ୍କ ଭାଗବତ ବିଚାର ଲୋକାର୍ପଣରେ ଅତିଥିଗଣ ମତବ୍ୟକ୍ତ କରିଛନ୍ତି। ଆଜିର ପରମଶାସ୍ତ୍ର ଭାଗବତ, ଓଡିଶା ଗ୍ରୁପର ବାର୍ଷିକ ସମାରୋହ ଉତ୍ସବରେ ଅତିଥି ଭାବରେ ଶ୍ରୀମନ୍ଦିର ଛତିଶା ନିଯୋଗର ନାୟକ ଜନାର୍ଦ୍ଦନ ପାଟ୍ଟଯୋଶୀ ମହାପାତ୍ର, ଓଡ଼ିଶାର ଯଶସ୍ୱୀ ପ୍ରବକ୍ତା ବ୍ରହ୍ମଚାରୀ ସନ୍ତୋଷ ଚୈତନ୍ୟ, ଓ ଟିଭିର ଧାରାବାହିକ ରଥଯାତ୍ରାର ଘୋଷକ ପଣ୍ଡିତ ଶୁକଦେବ ମହାନ୍ତି, ମଠର ମଠାଧୀଶ ଶ୍ରୀ ଶ୍ରୀନିବାସ ମହାରାଜ, ଢେଙ୍କାନାଳର ପ୍ରବକ୍ତା ପ୍ରତାପ କିଶୋର ନନ୍ଦ, ପୁସ୍ତକର ପ୍ରକାଶକ କବି ଡ. କାଳୀପଦ ପଣ୍ଡା, ଗଞ୍ଜାମରୁ ପ୍ରବକ୍ତା ବିଜୟ କୁମାର ପାଢ଼ୀ, ପୁରୀରୁ ପ୍ରବକ୍ତା ଦୟାନିଧି ତ୍ରିପାଠୀ, ଯାଜପୁରରୁ ପଣ୍ଡିତ ସଂଗ୍ରାମ କେଶରୀ ବଳ, ପଣ୍ଡିତ ଗୋବର୍ଦ୍ଧନ ପ୍ରଧାନ, ଆଠମଲ୍ଲିକରୁ ବିଦୁଷୀ କିରଣବାଳା ହୋତା, କଟକରୁ ପଣ୍ଡିତ ଗୋପାଳକୃଷ୍ଣ ସେନାପତି, ଆଠଗଡରୁ କୁମାର ମିଟୁ, ଯାଜପୁରରୁ ପ୍ରଭାତ ଜେନା ପ୍ରମୁଖ ଯୋଗଦାନକରି ଏପରି ତତ୍ତ୍ୱଭିତ୍ତିକ ପୁସ୍ତକର ଲୋକାର୍ପଣ କରିଥିଲେ। ପ୍ରାରମ୍ଭରେ ଡ. ମିଶ୍ର ମଞ୍ଚ ଆହ୍ୱାନ, ବେଦପାଠ ପୂର୍ବକ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଢେଙ୍କାନାଳର ପଣ୍ଡିତ ପ୍ରତାପ କିଶୋର ନନ୍ଦ ସଭାପତିତ୍ୱ କରିଥିଲେ।

# ଧାନଘରପଦା ଓ ଧେଡ଼ପଦା ଗାଁର ଦୁଃଖ ବର୍ତ୍ତନା-ଧାନଘରପଦା ରାସ୍ତା

ଖଇରା,୧୪।୧୨ (ସମିସ)



ବାଲେଶ୍ୱର ଜିଲା ଖଇରା ବ୍ଲକ ବର୍ତ୍ତନା ପଞ୍ଚାୟତର ୨ଗାଁ ଧାନଘରପଦା ଓ ଧେଡପଦାର ଅଧିବାସୀଙ୍କ ପାଇଁ ଶୋଚନୀୟ ରାସ୍ତା ଦୁଃଖର କାରଣ ସାଜିଛି। ପ୍ରତି ମୂହୁର୍ତ୍ତରେ କଷ୍ଟ ଓ ଯନ୍ତ୍ରଣା ଦେଉଥିବା ଏହି ରାସ୍ତା ପାଇଁ ଗାଁ ଲୋକ ଟିକେ ଶାନ୍ତିରେ ଶୋଇ ବି ପାରୁ ନାହାଁନ୍ତି। ଏହାର ପ୍ରମୁଖ କାରଣ ହେଲା ରାତି ପାହିଲେ ସ୍କୁଲ ପିଲା, ବ୍ୟବସାୟୀ ରାସ୍ତା ଦେଇ କିଭଳି ବାହାରିବେ ଏବଂ ରାତି ହେବା ପୂର୍ବରୁ ସମସ୍ତେ କିଭଳି ଘରକୁ ଫେରିବେ ତାକୁ ନେଇ ମନ ଭାରାକ୍ରାନ୍ତ। ନେତା ପ୍ରଶାସନ ସମସ୍ତଙ୍କୁ ଗୁହାରୀ କରି ସାରିଲେଣି। ଶାସକ ଦଳର ନେତାଙ୍କ କଥାରେ ଭୋଟ ମଧ୍ୟ ଦେଇଥିଲେଁ। ୨ ଗ୍ରାମବାସୀଙ୍କ କଷ୍ଟ ଯନ୍ତ୍ରଣାକୁ ହୃଦୟଙ୍ଗମ କରି ସେମାନଙ୍କ ପାଇଁ ଯାତାୟାତ ଉପଯୋଗୀ ରାସ୍ତାର ବ୍ୟବସ୍ଥା କରିବାକୁ ୱାର୍ଡସଭ୍ୟା ରଞ୍ଜିତା ନାୟକ, ମୁକ୍ତିକାନ୍ତ ନାୟକ, ହରେକୃଷ୍ଣ ରାଉତ, ପ୍ରଦୀପ ନାୟକ, ବିନି ମଲିକ, ଜୟନ୍ତୀ ନାୟକ ପ୍ରମୁଖ ଯୋଡ ହସ୍ତରେ ନିବେଦନ କରିଛନ୍ତି। ଉପରୋକ୍ତ ୨ଗ୍ରାମର ଲୋକସଂଖ୍ୟା ଆନୁମାନିକ ୬ଶହ। ବର୍ତ୍ତନା-କୁପାରୀ ମୁଖ୍ୟ ସଡକପଥରୁ ଗ୍ରାମର ଦୂରତା ପାଖାପାଖି ୧.୫କିମି। ୨୦୨୦ ମସିହାରେ ୫ଲକ୍ଷ ଟଙ୍କା ବ୍ୟୟରେ ରାସ୍ତା ମେଟାଲିଂ କରାଯାଇଥିଲା। ପରେ ୨୦୨୪ ମସିହାରେ ଏହି ରାସ୍ତାକୁ ପିଚୁ କରାଯିବାର ପ୍ରତିଶୃତି ଦେଇ ଶାସକଦଳ ସମର୍ଥନ ମଧ୍ୟ ହାସଲ କରିଥିଲା। ଏବେ ପାଖାପାଖି ୨ବର୍ଷ ହେଲା ପୁରୁଣା ମେଟାଲ ଗୁଡିକ ଏଣେ ତେଣେ ବିକ୍ଷିପ୍ତ ହୋଇ ପଡିରହିଥିବା କାରଣରୁ ବାଇକ କିମ୍ବା ସାଇକେଲ ନେଇ ଯିବା ବିପଦ ସଙ୍କୁଳ ହୋଇ ପଡିଛି। ଗାଁକୁ ଆମ୍ବୁଲାନ୍ସ କିମ୍ବା ଦମକଳ ଗାଡି ପଶିବା ମୁସ୍କିଲ। ଆମ୍ବୁଲାନ୍ସ ନ ଆସିବା କାରଣରୁ ପୂର୍ଣ୍ଣଚନ୍ଦ୍ର ବେଜଙ୍କ ସ୍ତ୍ରୀ ଏବଂ ପ୍ରଦୀପ ନାୟକଙ୍କ ସ୍ତ୍ରୀ ଙ୍କୁ ଗର୍ଭ ଯନ୍ତ୍ରଣାରେ ସୋର-କୁପାରୀ ରାସ୍ତାରେ ଛିଡା ହୋଇଥିବା ଆମ୍ବୁଲାନ୍ସ ପାଖକୁ ଟ୍ରଲିରେ ନିଆ ଯାଇଥିଲା ବୋଲି ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି। ସମସ୍ତ ଗ୍ରାମବାସୀ ସରପଞ୍ଚ ଓ ସମିତି ସଭ୍ୟାଙ୍କୁ କହି ସାରିବା ପରେ ବିଧାୟକଙ୍କ ପାଖକୁ ମଧ୍ୟ ୨ଥର ଗଲେଣି। ହେଲେ ତାଙ୍କର ଦେଖା ମିଳି ପାରୁନାହିଁ ବୋଲି ଗ୍ରାମର ପ୍ରଦୀପ ନାୟକ ଅଭିଯୋଗ କରିଛନ୍ତି। ସରପଞ୍ଚ ବିଣାପାଣି ପଣ୍ଡା ଓ ସମିତିସଭ୍ୟ ରଶ୍ମିବାଳା କରଙ୍କୁ ପଚାରିବାରେ ରାସ୍ତା ପାଇଁ ୯ ଲକ୍ଷ ଟଙ୍କା ଦିଆଯାଇଛି। ଧାନକଟା ପରେ କାମ ଆରମ୍ଭ ହେବ।

## ଡିଜିଟାଲ ଯୁଗରେ ବି ଲୋକେ ଭୋଗୁଛନ୍ତି ନେଟ୍‌ୱର୍କ ସମସ୍ୟା

# ଉପାନ୍ତ ଅଞ୍ଚଳରେ ଗଛ ଚଢ଼ିଲେ ଆସୁଛି ନେଟ୍‌ୱର୍କ

ରାଇରଙ୍ଗପୁର, ୧୪ା୧୨(ସମିସ)



ବାମନଘାଟି ଉପଖଣ୍ଡର ଅନେକ ଉପାନ୍ତ ଅଞ୍ଚଳରେ ଆଜିର ଡିଜିଟାଲ ଯୁଗରେ ବି ମୋବାଇଲ ନେଟ୍‌ୱର୍କ ସାତସପନ ସାଜିଛି। କେନ୍ଦ୍ର ସରକାର ଡିଜିଟାଲ ଇଣ୍ଡିଆ ଜରିଆରେ ପ୍ରତି ଗ୍ରାମକୁ ଇଣ୍ଟରନେଟ ସୁବିଧା ଯୋଗାଇ ଦେଇଥିବା କଥା କହୁଥିବାବେଳେ ଇଣ୍ଟରନେଟ ଦୂରର କଥା ମୋବାଇଲ ନେଟ୍‌ୱର୍କ ପର୍ଯ୍ୟନ୍ତ ନାହିଁ। ଫୋନ କରିବାକୁ ହେଲେ ନେଟ୍‌ୱର୍କ ଟିକିଏ ପାଇଁ ଗଛ ଉପରକୁ, ମଞ୍ଚା ଉପରକୁ, କୋଷକୋଷ ବାଟ ଯାଇ ଉଚ୍ଚ ସ୍ଥାନ ଚଢ଼ିବାକୁ ପଡୁଛି। ଏଭଳି ଚିତ୍ର ଦେଖିବାକୁ ମିଳିଛି ଆଦିବାସୀ ବହୁଳ ବିଜାତଳା ବ୍ଲକ ଅନ୍ତର୍ଗତ ବଣପାହାଡ଼ ଘେରା ଚଢେଇପାହାଡି ପଞ୍ଚାୟତରେ।

ଦେଶ ସ୍ୱାଧୀନ ହେବାର ସାତ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ବିତିଯାଇଛି, ଏବେବି ନେଟ୍‌ୱର୍କ ଅପହଞ୍ଚ ରହିଛି। ପାହାଡ଼ ପାଦଦେଶରେ ଚଢେଇପାହାଡି ଗ୍ରାମ ଥିବାବେଳେ ଗ୍ରାମ ନିକଟରେ ଗୋଟିଏ ବିଏସଏନଏଲ ଟାୱାର ରହିଛି। ତାହା କୌଣସି ଉପଯୋଗରେ ଆସୁନାହିଁ। ନେଟ୍‌ୱର୍କ ପାଇଁ ଚଢେଇପାହାଡି ପଞ୍ଚାୟତର ୨୨ଟି ଗ୍ରାମର ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କୌଣସି କାର୍ଯ୍ୟ ହେଉ କିମ୍ବା ଜରୁରିକାଳୀନ ସେବା ପାଇଁ ବି ନେଟ୍‌ୱର୍କ ଖୋଜିବାକୁ ପଡୁଛି। ଫଳରେ ଆମ୍ବୁଲାନ୍ସ, ଦମକଳ, ପୁଲିସ ଭଳି ଜରୁରୀ ସେବାକୁ ଖବର ମଧ୍ୟ ଦେଇପାରୁନାହାଁନ୍ତି। ନେଟ୍‌ୱର୍କ ଅପହଞ୍ଚ ଥିବାରୁ ବିଭିନ୍ନ ସରକାରୀ ଯୋଜନା ମଧ୍ୟ କାର୍ଯ୍ୟକ୍ଷମ ହେବାରେ ବାଧା ଉପୁଜିବାରେ ଲାଗିଛି। ବର୍ତ୍ତମାନ ସମୟ ଡିଜିଟାଲ ଇଣ୍ଡିଆରେ କୃଷିଠାରୁ ଆରମ୍ଭ କରି ଶିକ୍ଷା, ସ୍ୱାସ୍ଥ୍ୟ ଆଦି ସବୁ ଅନଲାଇନରେ ଉପଲବ୍ଧ ହେଉଛି। କିନ୍ତୁ ନେଟ୍‌ୱର୍କ ଅଭାବ ପାଇଁ ତାହା ଅଟକିଯାଉଛି। ଉକ୍ତ ଚଢ଼େଇପାହାଡି ଲୋକମାନେ ନେଟ୍‌ୱର୍କ ଅସୁବିଧା ନେଇ ବାରମ୍ବାର ଅଭିଯୋଗ ଜଣାଇଲେ ସୁଦ୍ଧା କୋଣସି ସୁଫଳ ମିଳୁନାହିଁ। କେନ୍ଦ୍ର ସରକାର ବିଭିନ୍ନ ଉପାନ୍ତ ଅଞ୍ଚଳରେ ନେଟ୍‌ୱର୍କ ସମସ୍ୟା ଦୂର କରିବା ୧୫୦୦ଟି ନୂତନ ବିଏସଏନଏଲ ମୋବାଇଲ ଟାୱାର ସ୍ଥାପନ କରିବାକୁ ପ୍ରାୟ ବର୍ଷେ ହେବ ଘୋଷଣା କରିଥିଲେ। କିନ୍ତୁ ସରକାରୀ ଘୋଷଣାବାଜି କେବଳ କାଗଜକଲମରେ ସୀମିତ ରହିଯାଇଛି। ନେଟ୍‌ୱର୍କ ସ୍ଥାପନ ନେଇ କୌଣସି ପଦକ୍ଷେପ ଗ୍ରହଣ କରାଗଲାନାହିଁ। ଯାହାକୁ ନେଇ ଡିଜିଟାଲ ଯୁଗରେ ବି ଲୋକେ ନେଟ୍‌ୱର୍କ ସମସ୍ୟା ଭୋଗୁଛନ୍ତି। ବିପଦପୂର୍ଣ୍ଣ ଅବସ୍ଥାରେ ଗଛ ଚଢ଼ିଲେ ନେଟ୍‌ୱର୍କ ଆସୁଛି ତ କେତେବେଳେ ନାହିଁ। ସରକାର ଡିଜିଟାଲ ଇଣ୍ଡିଆ ଡିଣ୍ଡିମ ପିଟୁଥିବାବେଳେ ଗ୍ରାଉଣ୍ଡ ଅଞ୍ଚଳର ସମସ୍ୟା କେବେ ସମାଧାନ ହେଉଛି ତାହା ଦେଖିବାକୁ ବାକି ରହିଛି।

**ସରକାରୀ ଘୋଷଣାରେ ସୀମିତ ଗ୍ରାମରେ ଟାୱାର ସ୍ଥାପନ**

## ବିଜ୍ଞାନ ମେଳାରେ ଶ୍ରେୟାଂଶଙ୍କ ବିପର୍ଯ୍ୟୟ ପରିଚାଳନା ସୁରକ୍ଷା ପ୍ରକଳ୍ପ ପ୍ରଶଂସିତ

**ଉଦଳା, ୧୪ା୧୨(ସମିସ):** ବିଜ୍ଞାନ ମେଳାରେ ପଞ୍ଚମ ଶ୍ରେଣୀ ଛାତ୍ରଙ୍କ ପ୍ରକଳ୍ପ ସମସ୍ତଙ୍କୁ ଆକୃଷ୍ଟ କରିଥିଲା। ଉଦଳା ବ୍ଲକ ଭୁରୁଡୁବଣିସ୍ଥ ସେଣ୍ଟ ମେରୀ ବିଦ୍ୟାଳୟର ବିଜ୍ଞାନ ମେଳାରେ ପଞ୍ଚମ ଶ୍ରେଣୀ ଛାତ୍ର ଶ୍ରେୟାଂଶ ମହାନ୍ତି କିଭଳି ପ୍ରାକୃତିକ ବିପର୍ଯ୍ୟୟକୁ ସମସ୍ତେ ନିଜ ଘରୁ ମୁକାବିଲା କରିପାରିବେ, ତାହାର ସନ୍ଦେଶ ଏହି ପ୍ରକଳ୍ପରେ ଦେଇଛନ୍ତି। ଯେପରିକି ଭୂମିକମ୍ପ, କିମ୍ବା ଘରେ ନିଆଁ ଲାଗିଲେ ଓ ବନ୍ୟା ସମୟରେ ଘର ପାଖକୁ ବନ୍ୟା ପାଣି ପହଞ୍ଚିବା ପୂର୍ବରୁ ଘରେ ଲାଗିଥିବା ସେନ୍ସର କିଭଳି ପରିବାରକୁ ସଚେତନ ଓ ସଜାଗ କରିପାରିବ, କୌଣସି ପ୍ରାକୃତିକ ବିପର୍ଯ୍ୟୟ ହେଲେ ସ୍ୱତଃପ୍ରବୃତ୍ତ ଭାବେ ଘରେ ଲାଗିଥିବା ସାଇରନ ଜଣାଇ ଦେବ ଆଗକୁ ବିପଦ ରହିଛି। ସେତିକି ନୁହେଁ ଟ୍ରେନ୍ ଟ୍ରାକରେ କୌଣସି ତ୍ରୁଟି ରହିଲେ ଏହି ସେନ୍ସର ମାଧ୍ୟମରେ ମଧ୍ୟ ରେଳ ବିଭାଗ ଜାଣିପାରିବେ ଯେ ରେଳ ଧାରଣାରେ ତ୍ରୁଟି ରହିଛି। ଯାହାକୁ ନ ସଜାଡ଼ିବା ପର୍ଯ୍ୟନ୍ତ ଏହି ସାଇରନ ବାଜି ରହିବ ବୋଲି କହିଛନ୍ତି ଛାତ୍ର ଶ୍ରେୟାଂଶ। ତାଙ୍କର ଏହି ପ୍ରକଳ୍ପକୁ ମେଳାରେ ପ୍ରଶଂସା କରାଯାଇଥିଲା। ଏହି ବିଜ୍ଞାନ ମେଳାରେ ଉଦଳା ବିଇଓ ଦୀପକ ମିଶ୍ର, ବିଦ୍ୟାଳୟର ଏକାଡେମିକ ଡାଇରେକ୍ଟର ପ୍ରାଣକୃଷ୍ଣ ସାହୁଙ୍କ ସମେତ ବହୁ ବିଶିଷ୍ଟ ଅତିଥି ଯୋଗ ଦେଇଥିଲେ।



## 'ସେଭ୍ ଶିମିଳିପାଳ, ସେଭ୍ ଲାଇଭ' ପାଇଁ ରିଲ୍ସ ପ୍ରତିଯୋଗିତା

**ବାରିପଦା, ୧୪ା୧୨(ସମିସ):** ମୟୂରଭଞ୍ଜ ଜିଲ୍ଲାରେ ଥିବା ଅସରନ୍ତି ପ୍ରାକୃତିକ ପର୍ଯ୍ୟଟନ ସ୍ଥଳୀ ଓ ଐତିହ୍ୟ ସ୍ଥଳୀର ଉନ୍ନତିକରଣ ସହିତ ପର୍ଯ୍ୟଟନ ଶିଳ୍ପ ପ୍ରତିଷ୍ଠା ଓ ବନ୍ୟଜାତ ଦ୍ରବ୍ୟର ଉଚିତ ବ୍ୟବସାୟୀକରଣ, ମୟୂରଭଞ୍ଜ ଜିଲ୍ଲାର ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ଭଳି କୁଟୀର ଶିଳ୍ପ ମାଧ୍ୟମରେ ଜିଲ୍ଲାବାସୀ ସ୍ୱାବଲମ୍ବୀ ପୂର୍ବକ ଜିଲ୍ଲା ଅର୍ଥନୀତିର ଅଭିବୃଦ୍ଧି ପାଇଁ ରିଲ୍ସ ପ୍ରତିଯୋଗିତା ଆୟୋଜିତ ହେଉଛି। ମୟୂରଭଞ୍ଜ ଜିଲ୍ଲାର ଏକମାତ୍ର ସଂଗ୍ରାମୀ ସଂଗଠନ ଭଞ୍ଜସେନା ପକ୍ଷରୁ ଅଭିନବ ଉପାୟରେ ସ୍ଥାନୀୟ ଲୋକଙ୍କୁ ସଚେତନ କରିବା ସହିତ ସରକାରଙ୍କ ସମ୍ମୁଖରେ ନାର୍ଯ୍ୟ ଦାବି ପହଞ୍ଚାଇବା ଲକ୍ଷ୍ୟରେ ଉକ୍ତ ବିଷୟବସ୍ତୁକୁ ନେଇ ଆକର୍ଷଣୀୟ ପୁରସ୍କାର ରାଶି ସହିତ ଦୁଇ ପ୍ରକାରର ରିଲ୍ସ ପ୍ରତିଯୋଗିତା ଆୟୋଜନ କରାଯାଉଛି। ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମ ଦିବସ ତଥା ଭଞ୍ଜସେନାର ୨୮ତମ ପ୍ରତିଷ୍ଠା ଦିବସ ଜାନୁଆରୀ ୨୩ରେ ପ୍ରଦାନ କରାଯିବ। ପ୍ରତିଯୋଗିତାର ପ୍ରଚାର ପ୍ରସାର ପାଇଁ ଆନ୍ତର୍ଜାତିକ ୟୁଟ୍ୟୁବର ତଥା ବ୍ଲୋଗର ଲବ ହାଁସଦାଙ୍କୁ ବ୍ରାଣ୍ଡ ଆମ୍ବାସଡ଼ର ଭାବେ ସଂଗଠନ ପକ୍ଷରୁ ଚୟନ କରାଯାଇଛି।

କେବଳ ମୟୂରଭଞ୍ଜ ଜିଲ୍ଲାର ଆଧାର କାର୍ଡ ଆଧାରରେ ପ୍ରତିଯୋଗୀ ଅଂଶଗ୍ରହଣ କରିପାରିବେ। ପୁରସ୍କାର ରାଶି ହିସାବରେ ୧ ଲକ୍ଷ, ୫୦ ହଜାର ଓ ୨୫ ହଜାର ଟଙ୍କା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ପ୍ରଦାନ କରାଯିବ। ସେହିପରି ଜିଲ୍ଲା ବାହାର ସର୍ବଭାରତୀୟ ପ୍ରତିଯୋଗୀଙ୍କୁ ନେଇ ଓଡିଆ, ହିନ୍ଦୀ କିମ୍ବା ଇଂରାଜୀ ଭାଷା ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିପାଇଁ ପୃଥକ ଭାବେ ସମାନ ପୁରସ୍କାର ରାଶି ରହିଛି। ଦୀର୍ଘବର୍ଷ ଧରି ଆନ୍ଦୋଳନରତ ଭଞ୍ଜସେନା ପକ୍ଷରୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ବାରମ୍ବାର ପ୍ରଚେଷ୍ଟା କରିଆସୁଥିଲେ ବି ସେଭଳି କିଛି ଆଖିଦୃଶିଆ ଅଗ୍ରଗତି ହୋଇନାହିଁ। ସବୁ ସମ୍ବଳ ଥିବା ସତ୍ତ୍ୱେ ତା'ର ପ୍ରକୃତ ଉନ୍ନତିକରଣ ଓ ବ୍ୟବସାୟିକରଣ ଅଭାବରୁ ଜିଲ୍ଲାବାସୀ ଜିଲ୍ଲାରୁ କୌଣସି ପ୍ରକାରର ସୁଫଳ ନ ପାଇ ରୋଜଗାର ଆଶାରେ ବାହାରକୁ ଦାଦନ ଖଟିବାକୁ ଯାଉଛନ୍ତି। ଅସରକାରଙ୍କୁ ଏ ସମ୍ପର୍କରେ ଅବଗତ କରାଇବା ଲକ୍ଷ୍ୟ ନେଇ ଏକ ଅଭିନବ ଉପାୟରେ ଏହି ରିଲ୍ସ ପ୍ରତିଯୋଗିତା ଆୟୋଜନ କରୁଛି ଭଞ୍ଜସେନା। ଆଗାମୀ ୩/୪ ମାସ ପରେ ଜିଲ୍ଲାବାସୀଙ୍କୁ ପାନୀୟଜଳ, ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇବା ଓ ଶିକ୍ଷା ବ୍ୟବସ୍ଥା ସଜାଡ଼ିବା ପାଇଁ ଆନ୍ଦୋଳନ ସହିତ ରିଲ୍ସ ମାଧ୍ୟମରେ ସରକାରଙ୍କୁ ବାସ୍ତବତାକୁ ଦେଖାଇବା ପାଇଁ ପ୍ରୟାସ ଜାରି ରହିବ ବୋଲି ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ଜଣାଇଛନ୍ତି।

**ଆନ୍ତର୍ଜାତିକ ୟୁଟ୍ୟୁବର ଲବ୍ ହାଁସଦା ବ୍ରାଣ୍ଡ ଆମ୍ବାସଡ଼ର**

## ଏମ୍‌ସିଏମ୍ ଏନ୍‌ଏସ୍‌ଏସ୍ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ




**ବାରିପଦା, ୧୪ା୧୨(ସମିସ):** ମୟୂରଭଞ୍ଜ କଲେଜ ଅଫ୍ ଆକାଉଣ୍ଟେନ୍ସି ଆଣ୍ଡ ମ୍ୟାନେଜମେଣ୍ଟର ଜାତୀୟ ସେବା ଯୋଜନା ୟୁନିଟ ପକ୍ଷରୁ ବାରିପଦା ସହରର ବିଭିନ୍ନ ସ୍ଥାନରେ ସଫେଇ କାର୍ଯ୍ୟକ୍ରମ କରାଯାଇଛି। ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଅଧିକାରିଣୀ ସୁଶ୍ରୀ ନାୟକଙ୍କ ନେତୃତ୍ୱରେ ୩୦ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀଙ୍କୁ ନେଇ ଏକ ଟିମ ସଫେଇ କାର୍ଯ୍ୟ କରିଥିଲେ। ବାରିପଦା ସହରରେ ମା' ଅମ୍ବିକା ମନ୍ଦିର ପ୍ରାଙ୍ଗଣ, ବଡବାଜରସ୍ଥ ଜଗନ୍ନାଥ ମନ୍ଦିର, ବାଣ୍ଟିଆ ଜଗନ୍ନାଥ ମନ୍ଦିର ଇତ୍ୟାଦି ସ୍ଥାନରେ ସଫେଇ କାର୍ଯ୍ୟ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରମୋଦ ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱେଚ୍ଛାସେବୀଙ୍କୁ ଉତ୍ସାହିତ କରିବା ସହ ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟେନ୍ସି ଆଣ୍ଡ ମ୍ୟାନେଜମେଣ୍ଟରେ ଜାତୀୟ ସେବା ଯୋଜନା ୟୁନିଟକୁ ପ୍ରଶଂସା କରିଥିଲେ। ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ସଂଯୋଜକ ଡ. ବସନ୍ତ କୁମାର ମହାନ୍ତ ଓ ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷା ଡ. ପୁଷ୍ପାରାଣୀ ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଅଧକ୍ଷ ପ୍ରଦୀପ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ସଫେଇ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟେନ୍ସିର ରେଡକ୍ରସ ଅଧିକାରିଣୀ ପୂଜା ଶତପଥୀ, ବିଏଲଏଲବି ବିଭାଗ ମୁଖ୍ୟ ଜ୍ଞାନରଞ୍ଜନ ପଣ୍ଡା, ଅଧ୍ୟାପକ ସମ୍ବିତ ମିଶ୍ର, ଡ. ଜିତେନ୍ଦ୍ର ଦାସ, ଅଧ୍ୟାପିକା ପ୍ରତିଭା ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଉଦଳାରେ ରାଷ୍ଟ୍ରୀୟ ଲୋକ ଅଦାଲତ

**ଉଦଳା, ୧୪ା୧୨(ସମିସ):** ଉଦଳା କଚେରୀ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲା ଦୌରାଜଜ୍ ତଥା ତାଲୁକ ଆଇନ ସେବା କମିଟି ଅଧ୍ୟକ୍ଷ ପ୍ରଦୀପ ବେହେରା ଅଧ୍ୟକ୍ଷତା କରିଥିଲେ। ଅତିରିକ୍ତ ଜିଲ୍ଲା ଦୌରାଜଜ୍ ଉଦଳା ଓ ଏସଡିଜେଏମ୍‌ଙ୍କ କୋର୍ଟରେ ଆଗତ ୩୩୧ଟି ମାମଲାରୁ ୩୨୧ଟିର ଫଇସଲା ହୋଇ ୩ ଲକ୍ଷ ୪୦ ହଜାର ୩ ଶହ ଷାଠିଏ ଟଙ୍କା ଆଦାୟ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଉଦଳା କପ୍ତିପଦା ଷ୍ଟେଟ ବ୍ୟାଙ୍କର କର୍ତ୍ତୃପକ୍ଷ ଓ ଅନେକ ବ୍ୟାଙ୍କର କର୍ତ୍ତୃପକ୍ଷ ଯୋଗଦାନ କରିଥିଲେ। ଉପଖଣ୍ଡ ଓ ଉଦଳା ଓକିଲ ସଂଘର କର୍ମକର୍ତ୍ତା, ବିଚାର ବିଭାଗୀୟ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ପୂର୍ଣ୍ଣଚନ୍ଦ୍ରପୁର ବିଦ୍ୟାଳୟର ବାର୍ଷିକ ଉତ୍ସବ

**ମୋରଡା, ୧୪ା୧୨(ସମିସ):** ମୋରଡା ବ୍ଲକ ଅଧୀନ ଜୁଆଳିଭଙ୍ଗା ପଞ୍ଚାୟତର ମହୁଲବଣିସ୍ଥ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚବିଦ୍ୟାଳୟର ୪୫ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଅମର୍ତ୍ୟ କୁମାର ପାଳ ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ ମୋରଡା ବ୍ଲକ ଅଧକ୍ଷ ପିଥନାଥ ସୋରେନ, ଚିତ୍ରଡା ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ରିଡର ପୂର୍ଣ୍ଣଚନ୍ଦ୍ର ସି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ଶ୍ରୀ ପାଳ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ ଖେଳରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷୟିତ୍ରୀ ଦୁଲାରୀ ହାଁସଦା, ରିତାରାଣୀ ସାହୁ, ପମା ସୋରେନ, ଶିକ୍ଷକ କାହ୍ନୁଚରଣ ବାରିକ, ମଦନ ମାଝୀ, ସୁମନ୍ତ ମହାନ୍ତ, ଅବିନାଶ ମହାନ୍ତ, ଚନ୍ଦ୍ରଶେଖର ଧଳ ଓ ଅନ୍ୟମାନେ ସହଯୋଗ କରିଥିଲେ। ମୟୂରଭଞ୍ଜ ଜିଲ୍ଲାରେ ମୌଳିକ ଗୁଣାତ୍ମକ ଶିକ୍ଷାବ୍ୟବସ୍ଥାକୁ ସୁଚାରୁରୂପେ ସମ୍ପାଦନ କରୁଥିବା ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ଅତିଥିମାନେ ପ୍ରଶଂସା କରିବା ସହିତ ଏପରି ଏହି ସୁନ୍ଦର କାର୍ଯ୍ୟକ୍ରମକୁ ସ୍ୱାଗତ କରିଥିଲେ। ମୟୂରଭଞ୍ଜରେ ଏଭଳି ଏକ ଗୌରବମୟ କାର୍ଯ୍ୟକ୍ରମର ଶୁଭାରମ୍ଭ ପାଇଁ ଅନୁଷ୍ଠାନର ନିର୍ଦ୍ଦେଶକ ଡ. ରାଉତଙ୍କ କୃତଜ୍ଞତା ଜ୍ଞାପନ କରିଥିଲେ। ସିଇଓ ପ୍ରତିଟୀ ରଞ୍ଜନ ରାଉତ, ଚିତ୍ତରଞ୍ଜନ ରାଉତ, ଚକ୍ରଧର ରାଉତ, ମନୋରଞ୍ଜନ ରାଉତ, ଗିରିଜା ଦେଓ, ତାପସ ପୁହାଣ, ଶିବାନନ୍ଦ ଦାସ, ସିବିଏସଇ ବିଭାଗର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ମନୀଷା ସେନାପତି ଓ ସପନ ଦାସ ମଞ୍ଚ ପରିଚାଳନା କରିଥିବାବେଳେ ମହାପ୍ରବନ୍ଧକ ଦେବାଶିଷ ମୁଦୁଲିଙ୍କ ଧନ୍ୟବାଦ ଅର୍ପଣ କରିଥିଲେ।




## କଟୁରିଆ ବାଳିକା ବିଦ୍ୟାଳୟରେ ବିଜ୍ଞାନ ଓ ଗଣିତ କର୍ମଶାଳା

**ଶରତ, ୧୪ା୧୨(ସମିସ):** କଟୁରିଆ ସରକାରୀ ବାଳିକା (ଏସଏସଡି) ଉଚ୍ଚବିଦ୍ୟାଳୟରେ ବିଜ୍ଞାନ ଓ ଗଣିତଭିତ୍ତିକ ଦୁଇଦିନିଆ 'ପପୁଲେସନ ଅଫ୍ ମାଥ୍, ସାଇନ୍ସ ଓ ଡେଭେଲପମେଣ୍ଟ ଅଫ୍ ସାଇନ୍ସ ଟେମ୍ପରାମେଣ୍ଟ ଇନ୍ ସ୍କୁଲ୍ସ' ଶୀର୍ଷକ କର୍ମଶାଳା ଆୟୋଜିତ ହୋଇଯାଇଛି। ଉକ୍ତ କର୍ମଶାଳାକୁ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଅଜୟ ଜେନା ଉଦଘାଟନ କରିବା ସହିତ ଗଣିତ ଓ ବିଜ୍ଞାନ ବିଷୟକୁ ଜନପ୍ରିୟ କରାଇବା ଦିଗରେ ଏହାର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ମୟୂରଭଞ୍ଜ ୟୁନିସେଫ୍‌ର ଜିଲ୍ଲା ସଂଯୋଜକ ପ୍ରକାଶ ବାରିକଙ୍କ ସଂଯୋଜନାରେ ଅନୁଷ୍ଠିତ ଉକ୍ତ ତାଲିମ ଶିବିରକୁ ସାଧନକର୍ମୀ ନିରଞ୍ଜନ ମାଲି ଓ ଶ୍ରୀମତୀ ତେଜସ୍ୱିନୀ ନାୟକ ପରିଚାଳନା କରିଥିଲେ। ଗଣିତ ଓ ବିଜ୍ଞାନର ବିଭିନ୍ନ ମୌଳିକ ଧାରଣାକୁ ସରଳ ପରୀକ୍ଷଣ ମାଧ୍ୟମରେ ପ୍ରଦର୍ଶନ ସହିତ ଏଥିରେ ଥିବା ଭୟ ଓ ସନ୍ଦେହକୁ ଦୂର କରିବାରେ ଉଭୟ ଅନେକାଂଶରେ ସଫଳ ହୋଇଥିଲେ।

ଉଦ୍‌ଯାପନୀ ସମାରୋହରେ ଜିଲ୍ଲା ମଙ୍ଗଳ ଅଧିକାରୀ ଗୁରୁଚରଣ ମଲ୍ଲିକ ଯୋଗଦେଇ ଛାତ୍ରୀଙ୍କ ମଧ୍ୟରେ ଏହି ବିଷୟର ପ୍ରଦର୍ଶନ ଉପରେ ଆଲୋଚନା କରିବା ସହ ଅଧ୍ୟୟନ ନିବିଷ୍ଟ ହେବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଡମ୍ବରୁଧର ମାର୍ଣ୍ଡି ଅଧ୍ୟକ୍ଷତା କରିବା ସହିତ ଉକ୍ତ କର୍ମଶାଳା ଆୟୋଜନ ପାଇଁ ଜିଲ୍ଲା ପ୍ରଶାସନ ନିକଟରେ କୃତଜ୍ଞତା ଜ୍ଞାପନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅଂଶଗ୍ରହଣକାରୀ ଛାତ୍ରୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଶିକ୍ଷକ ରାଜେଶ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସମସ୍ତ ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ।

## କାର୍‌କୁ ଧକ୍କା ଦେଇ ବାପ-ପୁଅ-ପୁତୁରା ଗୁରୁତର

**ବାରିପଦା, ୧୪ା୧୨(ସମିସ):** ବାରିପଦା ସଦର ଥାନା ଅଧୀନ ରଙ୍ଗାମାଟିଆ-ଲୁଲୁଙ୍ଗ୍ ରାସ୍ତାରେ ରବିବାର ଅପରାହ୍ନରେ ଏକ ଦୁର୍ଘଟଣାରେ କାର୍ ଓ ବାଇକ ମୁହାଁମୁହିଁ ଧକ୍କା ହେବାରୁ ତିନିଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ବାରିପଦା ବେଲଗଡ଼ିଆର ଦିକ୍ଷୀତ ମୁଖି (୪୦) ଓ ତାଙ୍କ ପୁଅ ହରିଶ (୧୮) ଓ ପୁତୁରା ଦେବାଶିଷ(୨୨)। ଗୁରୁତରଙ୍କୁ ବାରିପଦାସ୍ଥ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେମାନେ ବାଇକରେ ଲୁଲୁଙ୍ଗରୁ ବାରିପଦା ଫେରୁଥିବାବେଳେ ବିପରୀତ ଦିଗରୁ ଆସୁଥିବା ଏକ କାର୍‌କୁ ଧକ୍କା ଦେଇଥିଲେ। ବାଇକ୍‌ଟି ଭାଙ୍ଗିଯାଇଛି। ଉଭୟ ଗାଡ଼ିକୁ ପୁଲିସ ଜବତ କରି ତଦନ୍ତ କରୁଛି।

## ଦୁର୍ଘଟଣାରେ ୩ ଗୁରୁତର ଆହତ

**ବୈଶିଙ୍ଗା, ୧୪ା୧୨(ସମିସ):** ବୈଶିଙ୍ଗା ଥାନା ଅଧୀନ ୧୮ ନଂ ଜାତୀୟ ରାଜପଥର ଜରକା ଛକ ନିକଟରେ ରବିବାର ଅପରାହ୍ନ ସମୟରେ ଦୁଇ ବାଇକ୍ ମଧ୍ୟରେ ଧକ୍କା ହେବାରେ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ବୈଶିଙ୍ଗା ଥାନା ଅଧୀନ ଭୁଡୁରୁବଣି ଗ୍ରାମର ତ୍ରିନାଥ ବେହେରାଙ୍କ ପୁଅ ଡମ୍ବରୁଧର ବେହେରା (୨୩) ଓ କାର୍ତ୍ତିକ ମହାକୁଡ଼ଙ୍କ ପୁଅ କୁଙ୍କୁଲ ମହାକୁଡ଼ (୨୮) ବାଇକ ଯୋଗେ ବୈଶିଙ୍ଗା ବଜାର ଯାଉଥିବା ସମୟରେ ବୈଶିଙ୍ଗା ବଜାର ପଟୁ ନିତୁଆପଦା ଗ୍ରାମର ସନାତନ ବିନ୍ଧାଣୀଙ୍କ ପୁଅ ବବୁଲୁ ବିନ୍ଧାଣୀ ଆସି ଧକ୍କା ଦେଇଥିଲେ। ଫଳରେ ସମସ୍ତ ଆରୋହୀ ରକ୍ତାକ୍ତ ଅବସ୍ଥାରେ ରାସ୍ତା ଉପରେ ପଡ଼ି ରହିଥିଲେ। ବୈଶିଙ୍ଗା ଥାନା ଏଏସଆଇ ସୁକାନ୍ତ ନାୟକ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଦୁଇଟି ଗାଡିକୁ ଜବତ କରିବା ସହ ସ୍ଥାନୀୟ ଲୋକଙ୍କ ସହଯୋଗରେ ବୈଶିଙ୍ଗା ଡାକ୍ତରଖାନାକୁ ନେଇଥିଲେ। ଅବସ୍ଥା ଗୁରୁତର ହେବାରୁ ତିନିଜଣଙ୍କୁ ବାଲେଶ୍ୱର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

## ବ୍ଲକ୍‌ସ୍ତରୀୟ କୁଇଜ୍ ପ୍ରତିଯୋଗିତା




**ଖୁଣ୍ଟ, ୧୪ା୧୨(ସମିସ):** ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ପକ୍ଷରୁ ଶୁକ୍ରୁଳି ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଶୁକ୍ରୁଳି ପଞ୍ଚାୟତ ସମିତି ସରକାରୀ ବାଳିକା ବିଦ୍ୟାଳୟରେ ବ୍ଲକସ୍ତରୀୟ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜୁନିୟର, ସବ୍‌ଜୁନିୟର ଓ ସିନିୟର ବିଭାଗରେ ବିଭିନ୍ନ ବିଦ୍ୟାଳୟରୁ ୧୫୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏ ଅବସରରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ତଥା ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ନୟନତାରା ମହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଶୁକ୍ରୁଳି ଗୋଷ୍ଠୀ ଶିକ୍ଷାଧିକାରୀ ସୁଶାନ୍ତ ସିଂ, ମୁଖ୍ୟବକ୍ତା ଭାବେ ପ୍ରଧାନଶିକ୍ଷକ ଶରତ ଘଣା ଓ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ରାମଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ। କୁଇଜ୍ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ସମସ୍ତ ତିନୋଟି ବିଭାଗରୁ ଶ୍ରେଷ୍ଠ ବିବେଚିତ ତିନିଜଣ ଛାତ୍ରଛାତ୍ରୀଙ୍କୁ ପ୍ରମାଣ ପତ୍ର ଓ ଟ୍ରଫି ପ୍ରଦାନ କରାଯିବା ସହିତ ଅନ୍ୟ ସମସ୍ତ ପ୍ରତିଯୋଗୀଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ମନ୍ତ୍ରୀଙ୍କୁ ପଞ୍ଚାୟତ ସମସ୍ୟା ଜଣାଇଲେ ସରପଞ୍ଚ

**ରାଇରଙ୍ଗପୁର, ୧୪ା୧୨(ସମିସ):** ରରୁଆଁ ପଞ୍ଚାୟତର ବିଭିନ୍ନ ସମସ୍ୟା ନେଇ ଜଙ୍ଗଲ, ପରିବେଶ ଓ ଶ୍ରମ ବିଭାଗ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆଙ୍କୁ ସରପଞ୍ଚ ଝୁନାରାଣୀ ପିଙ୍ଗୁଆ ଭେଟିଛନ୍ତି। ପଞ୍ଚାୟତର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରି ସମାଧାନ ପାଇଁ ଦାବି ଉପସ୍ଥାପନ କରିଛନ୍ତି। ପଞ୍ଚାୟତ ଅଞ୍ଚଳରେ ରାସ୍ତା, ଡ୍ରେନେଜ୍, ପାନୀୟ ଜଳ, ବିଦ୍ୟୁତ ସଂଯୋଗ, ପୋଖରୀ ପୁନରୁଦ୍ଧାର ଓ ଅନ୍ୟାନ୍ୟ ମୌଳିକ ସୁବିଧା ସମ୍ବନ୍ଧୀୟ ହେଉଥିବା ସମସ୍ୟା ବାବଦରେ ମନ୍ତ୍ରୀଙ୍କୁ ଅବଗତ କରିଥିଲେ। ଗ୍ରାମାଞ୍ଚଳରେ ସରକାରୀ ଉନ୍ନୟନମୂଳକ କାର୍ଯ୍ୟ ବନ୍ଦ ଥିବାରୁ ଗ୍ରାମବାସୀ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିବା ନେଇ ସରପଞ୍ଚ ଶ୍ରୀମତୀ ପିଙ୍ଗୁଆ କହିଛନ୍ତି। ପଞ୍ଚାୟତରେ ଅଟକିଥିବା ଉନ୍ନୟନ କାର୍ଯ୍ୟ ତୁରନ୍ତ ଆରମ୍ଭ ହେବ ବୋଲି ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ ପ୍ରତିଶ୍ରୁତି ଦେଇଛନ୍ତି।



## ସାଇ ବିଦ୍ୟାମନ୍ଦିରରେ 'ଦ୍ରୋଣାଚାର୍ଯ୍ୟ' ଗୁରୁଗୌରବ ସମ୍ମାନ ପ୍ରଦାନ




**ବାରିପଦା, ୧୪ା୧୨(ସମିସ):** ମୟୂରଭଞ୍ଜର ଅଗ୍ରଣୀ ଶିକ୍ଷାନୁଷ୍ଠାନ ସାଇ ବିଦ୍ୟାମନ୍ଦିର ଆନୁକୂଲ୍ୟରେ 'ଦ୍ରୋଣାଚାର୍ଯ୍ୟ' ଗୁରୁଗୌରବ ସମ୍ମାନ ପ୍ରଦାନ ଉତ୍ସବ କାଠପାଳସ୍ଥ କୈଳାସ ଚନ୍ଦ୍ରପୁରଠାରେ ଆୟୋଜିତ ହୋଇଯାଇଛି। ନିର୍ଦ୍ଦେଶକ ଡ. ପ୍ରଭଞ୍ଜନ ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡ଼ା, ମୁଖ୍ୟବକ୍ତା ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶଶୀଧର ସିଂ, ସମ୍ମାନିତ ଅତିଥି ମୟୂରଭଞ୍ଜ ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଜ୍ଞାନରଞ୍ଜନ ଆଚାର୍ଯ୍ୟ, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ସାଇ ବିଦ୍ୟାମନ୍ଦିରର ସମ୍ପାଦକ ଚନ୍ଦ୍ରକାନ୍ତ ରାଉତ, ମହାପ୍ରବନ୍ଧକ ଦେବାଶିଷ ମୁଦୁଲି, ଅଧ୍ୟକ୍ଷ ଅକ୍ଷୟ ଖିଲାର, ବରିଷ୍ଠ ଇଂରାଜୀ ଶିକ୍ଷକ ବିମ୍ବାଧର ପାତ୍ର ଯୋଗଦାନ କରି ଦ୍ରୋଣାଚାର୍ଯ୍ୟ ଗୁରୁଗୌରବ ସମ୍ମାନ ସମାରୋହକୁ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୟୂରଭଞ୍ଜ, ବାଲେଶ୍ୱର ଓ କେନ୍ଦୁଝର ଜିଲ୍ଲାରୁ ଆମନ୍ତ୍ରିତ ୭୦ ଜଣ ଅଧ୍ୟାପକ/ଅଧ୍ୟାପିକା, ଶିକ୍ଷକ/ଶିକ୍ଷୟିତ୍ରୀ, ବରିଷ୍ଠ ନାଗରିକ, ସମାଜସେବୀଙ୍କୁ ଶିକ୍ଷାପ୍ରତି ଥିବା ସେମାନଙ୍କର ଅତୁଳନୀୟ ଅବଦାନ, କର୍ତ୍ତବ୍ୟ ପରାୟଣତା ଓ ତ୍ୟାଗପୂତ ଜୀବନକୁ ପାଥେୟ କରି 'ସମ୍ବର୍ଦ୍ଧନା' ଜ୍ଞାପନ ପୂର୍ବକ ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି 'ଦ୍ରୋଣାଚାର୍ଯ୍ୟ' ସମ୍ମାନ ପ୍ରଦାନ କରିଥିଲେ।

## ଶ୍ରୀରାମଚନ୍ଦ୍ର ପାଠାଗାରରେ କୁଇଜ୍ ପ୍ରତିଯୋଗିତା

**ବାରିପଦା, ୧୪ା୧୨(ସମିସ):** ସ୍ଥାନୀୟ ଶତାୟୁ ଶ୍ରୀରାମଚନ୍ଦ୍ର ପାଠାଗାର (ଜୁବିଲୀ ଲାଇବ୍ରେରୀ) ପ୍ରାଙ୍ଗଣରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଜୟନ୍ତୀ ଅବ୍ୟବହିତ ପୂର୍ବରୁ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମହାରାଜାଙ୍କ ଜୀବନୀ, ପ୍ରଶାସନିକ ଦୃଷ୍ଟିକୋଣ, ଐତିହାସିକ ଅବଦାନ ଓ ଦୀର୍ଘସ୍ଥାୟୀ ଐତିହ୍ୟକୁ ଉଜାଗର କରାଇବାକୁ ସ୍ଥାନୀୟ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପାଇଁ ଲାଇବ୍ରେରୀ ପକ୍ଷରୁ ଏହି କୁଇଜ୍ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ସରକାରୀ ମହିଳା ମହାବିଦ୍ୟାଳୟ, ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ବାରିପଦା ମହାବିଦ୍ୟାଳୟ ସହିତ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତା ଲାଇବ୍ରେରୀର ଅନ୍ୟତମ ସଦସ୍ୟ ଆର୍କିଟେକ୍ଟ ମନୋଜ କୁମାର କୁଅଁରଙ୍କ ପ୍ରାୟୋଜିତ ଓ ପରିଚାଳିତ ହୋଇଥିବାବେଳେ ଲାଇବ୍ରେରୀ ପରିଚାଳନା ପରିଷଦ ସଦସ୍ୟ ଓ ସଭ୍ୟ ସହଯୋଗ କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ଆସନ୍ତା ୧୭ ତାରିଖରେ ପୁରସ୍କୃତ କରାଯିବ।

# ଜିଲ୍ଲାସ୍ତରୀୟ ଓଷ୍ଟା ଶିଶୁ ଉତ୍ସବ ଉଦ୍‌ଯାପିତ

ବଡ଼ସାହି/ମାଣତ୍ରୀ, ୧୪ା୧୨(ସମିସ)

ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ମୟୂରଭଞ୍ଜ ପକ୍ଷରୁ ବଡ଼ସାହି ବ୍ଲକ ଅନ୍ତର୍ଗତ ଦୁର୍ଗାପୁର ସରକାରୀ ହାଇସ୍କୁଲ ପରିସରରେ ଚାଲିଥିବା ୪୨ତମ ଜିଲ୍ଲାସ୍ତରୀୟ ଶିଶୁ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଜିଲ୍ଲା ସଭାପତି ଚିତ୍ତରଞ୍ଜନ ପଲତାଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ସଭାରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଅତିରିକ୍ତ ଶିକ୍ଷାଧିକାରୀ ଶଶୀଧର ସିଂ, ବିଶିଷ୍ଟ ଅତିଥି ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଗୌତମ ପାତ୍ର, ମୁଖ୍ୟବକ୍ତା ରାଜ୍ୟ ସାଧାରଣ ସମ୍ପାଦକ ରଞ୍ଜନ ଦାଶ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟ, ରାଜ୍ୟ ସମ୍ପାଦକ ପ୍ରଣବ ଜେନା, ମୟୂରଭଞ୍ଜ-୨ର ସଭାପତି ଦୁର୍ଯ୍ୟୋଧନ ବେହେରା, ରାଜ୍ୟସଭ୍ୟ ସୁବଳ ଦାସମହାପାତ୍ର, ବିଦ୍ୟାଳୟ ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସାହୁ ଯୋଗ ଦେଇଥିଲେ। ଜିଲ୍ଲା ସମ୍ପାଦକ କିଶୋର ଆଚାର୍ଯ୍ୟ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ଦୁଇଦିନ ଧରି ଚାଲିଥିବା ଶିଶୁ ଉତ୍ସବ ଓ ଓଷ୍ଟାର ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ସମ୍ବନ୍ଧରେ ଅତିଥିମାନେ ବକ୍ତବ୍ୟ ରଖିଥିଲେ। ଖୁଣ୍ଟା ବ୍ଲକ ସମ୍ପାଦକ ସହଦେବ ବେହେରାଙ୍କୁ ଅନନ୍ତ କର ସମ୍ମାନ, ଜିଲ୍ଲା କାର୍ଯ୍ୟକାରୀ ସଭ୍ୟ କେଦାର ନାଥ ଧଳଙ୍କୁ ଜୀବନ ବ୍ୟାପି ସାଧନା ସମ୍ମାନ, ସଫଳ ଆୟୋଜକ ଭାବେ ବେତନଟୀ ବ୍ଲକ ସମ୍ପାଦକ ସୂର୍ଯ୍ୟାନନ୍ଦ ନାୟକ, ବଡ଼ସାହି ବ୍ଲକ ଓଷ୍ଟା ତରଫରୁ ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ୧୦ଟି ବିଭାଗରେ କୃତକାର୍ଯ୍ୟ ହୋଇଥିବା ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା।

ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ବିଶିଷ୍ଟ ଅତିଥି ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ବିନୋଦ ସିଂ, ମୁଖ୍ୟବକ୍ତା ଓଷ୍ଟା ସଭାପତି ଅକ୍ଷୟ ମିଶ୍ର, ସମ୍ମାନିତ ଅତିଥି ମୋରଡା ଗୋଷ୍ଠୀ ଶିକ୍ଷାଧିକାରୀ ବିଜୟ ପାଣିଗ୍ରାହୀ, ବଡ଼ସାହି ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଅଭିରାମ ନାଏକ, ପୂର୍ବତନ ରାଜ୍ୟ ସମ୍ପାଦକ ଭରତ ବରାଳ, ପୂର୍ବତନ ଜିଲ୍ଲା ସଭାପତି ସନ୍ତୋଷ କାସ୍ତ, ସ୍ଥାନୀୟ ସରପଞ୍ଚ ସେବତୀ ଟୁଡୁ, ଜିଲ୍ଲା ସମ୍ପାଦକ କିଶୋର ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରତିଷ୍ଠାତା ସ୍ୱରୂପ ମିଶ୍ର ଓ ଜୀବନ ବ୍ୟାପି ସାଧନା ପାଇଁ ବିଜୟ ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମୟୂରଭଞ୍ଜ ୧ ସାଙ୍ଗଠନିକ ଜିଲ୍ଲାର ୧୪ଟି ବ୍ଲକର ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। କାର୍ଯ୍ୟକାରୀ ସଭ୍ୟ ଦେବରାଜ ନାୟକ ଅତିଥି ପରିଚୟ ଓ ପ୍ରଧାନଶିକ୍ଷକ ଶ୍ରୀ ସାହୁ ଧନ୍ୟବାଦ ଦେଇଥିଲେ।



# ସମ୍ପାଦକୀୟ



ଖେଳରେ ବଲ୍‌କୁ ମାରି ଧାଇଁବା ବେଳେ ମୁଁ ଭାବେ, ମୁଁ ହେଉଛି ପୃଥିବୀର ସର୍ବାଧିକ ଉଲ୍ଲସିତ ବ୍ୟକ୍ତି।
-ଡିଏଗୋ ମାରାଡୋନା

ସକାଳ
THE SAKALA

## ଶିକ୍ଷା-କର୍ତ୍ତୃତ୍ୱର କେନ୍ଦ୍ରୀକରଣ!

ଏକ ଦେଶ ଏକ ଟିକସ(ଜିଏସ୍‌ଟି), ଏକ ଦେଶ ଏକ ନିର୍ବାଚନ, ଏକ ଦେଶ ଏକ ନାଗରିକ ସଂହିତା ଆଦି ଯୋଜନା ପରେ କେନ୍ଦ୍ର ସରକାର ଏବେ ଜାତୀୟ ଶିକ୍ଷା ନୀତି-୨୦୨୦ର ସୁପାରିସ ଅନୁଯାୟୀ 'ଏକ ଦେଶ ଏକ ଶିକ୍ଷା ନିୟାମକ କର୍ତ୍ତୃପକ୍ଷ' ଭଳି ଏକ ସଂସ୍ଥା ଗଠନ କରିବାକୁ ଯାଉଛନ୍ତି। ଏ ସଂକ୍ରାନ୍ତ ଚିଠା ପ୍ରସ୍ତାବକୁ କେନ୍ଦ୍ର କ୍ୟାବିନେଟ୍ ମଞ୍ଜୁରୀ ପ୍ରଦାନ କରିଥିବା ବେଳେ ସଂସଦର ଚଳିତ ଶୀତକାଳୀନ ଅଧିବେଶନରେ ଉପସ୍ଥାପିତ ହେବାର ସମ୍ଭାବନା ଅଛି। 'ଭାରତୀୟ ଉଚ୍ଚ ଶିକ୍ଷା ଆୟୋଗ ବିଧେୟକ ୨୦୨୫' ନାମକ ଏହି ଚିଠା ପ୍ରସ୍ତାବ ଆଇନରେ ପରିଣତ ହେଲେ ଗୋଟିଏ ଛାତ ତଳେ ଦେଶର ସମସ୍ତ ଶିକ୍ଷା ଓ ତାଲିମ୍ ସମ୍ବନ୍ଧୀୟ କର୍ତ୍ତୃପକ୍ଷ ଓ ଅନୁଷ୍ଠାନଗୁଡ଼ିକ ରହିବେ। ଅର୍ଥାତ୍ ବହୁଅନୁଷ୍ଠାନଭିତ୍ତିକ ଶିକ୍ଷା ବ୍ୟବସ୍ଥାର ଉଚ୍ଛେଦ ହୋଇ ପରିଚାଳନାର କେନ୍ଦ୍ରୀକରଣ କରାଯିବ। ଏପରିକି ବିଶ୍ୱବିଦ୍ୟାଳୟ ମଞ୍ଜୁରୀ ଆୟୋଗ(ୟୁଜିସି), ଜାତୀୟ ଶିକ୍ଷକ ଶିକ୍ଷା ପରିଷଦ(ଏନ୍‌ସିଟିଇ), ସର୍ବଭାରତୀୟ ବୈଷୟିକ ଶିକ୍ଷା ପରିଷଦ(ଏଆଇସିଟିଇ) ପରି ସଂସ୍ଥାମାନଙ୍କର ମଧ୍ୟ ବିଲୟ ଘଟିବ।

ଏହି ପରିପ୍ରେକ୍ଷୀରେ କେତେକ ପ୍ରଶ୍ନ ଉଠିବା ସ୍ୱାଭାବିକ। ଭାରତ ପରି ବିଶ୍ୱର ସର୍ବବୃହତ୍ ଜନସଂଖ୍ୟା ଓ ବହୁଭାଷାଭାଷୀ ରାଷ୍ଟ୍ରରେ ଶିକ୍ଷା କ୍ଷେତ୍ରଟି ଅବହେଳିତ ଓ ଅବ୍ୟବସ୍ଥିତ। ପରିଚାଳନାର ବିକେନ୍ଦ୍ରୀକରଣ ମାଧ୍ୟମରେ ଏହାକୁ ଶୃଙ୍ଖଳିତ ଓ ବିକଶିତ କରିବା ପାଇଁ ଦୀର୍ଘବର୍ଷ ଧରି ମତ ପ୍ରକାଶ ପାଇଆସୁଛି। ଏହାଛଡ଼ା ଶାସନ ହେଉ କି ସଂଗଠନ ବ୍ୟବସ୍ଥାକୁ ଶୃଙ୍ଖଳିତ ଓ କାର୍ଯ୍ୟାନ୍ୱୟନକୁ ତ୍ୱରାନ୍ୱିତ କରିବା ପାଇଁ 'ପରିଚାଳନାର ବିକେନ୍ଦ୍ରୀକରଣ'(ଡିସେଣ୍ଟ୍ରାଲାଇଜେସନ୍ ଅଫ୍ ମ୍ୟାନେଜ୍‌ମେଣ୍ଟ) ବହୁପରୀକ୍ଷିତ ବିଶ୍ୱାଦୃତ ସଫଳ ମଡେଲ୍ ଭାବେ ପ୍ରମାଣିତ ଓ ସ୍ୱୀକୃତ ହୋଇଆସିଛି। ଏହି ଆଧାରରେ ବଡ଼ ବଡ଼ ରାଜ୍ୟ ଓ ଜିଲ୍ଲାମାନଙ୍କୁ ଭାଙ୍ଗି ନୂଆ ରାଜ୍ୟ ଓ ଜିଲ୍ଲା ସୃଷ୍ଟି କରାଯାଉଛି। ଗଣତନ୍ତ୍ରରେ ମଧ୍ୟ ତ୍ରିସ୍ତରୀୟ ଶାସନ ବ୍ୟବସ୍ଥା ସଫଳତାର ସହ କାର୍ଯ୍ୟ କରୁଛି। ଇତିମଧ୍ୟରେ ବିକାଶର ପରିଭାଷା ବଦଳିଛି। କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ସହିତ ସ୍ୱାସ୍ଥ୍ୟ, ଶିକ୍ଷା, ଆଇନଶୃଙ୍ଖଳା, ସାମାଜିକ ବ୍ୟବସ୍ଥା ଆଦି ଆଜି ନୂଆ ଆହ୍ୱାନ ସୃଷ୍ଟି କରୁଛି। ସରକାରୀ ଯୋଜନାମାନଙ୍କର ରୂପାୟନ ଓ ତଦାରଖ ମଧ୍ୟରେ ଦୂରତା ବଢ଼ି ଚାଲିଛି। ଶାସନ ଓ ପ୍ରଶାସନର ବିକେନ୍ଦ୍ରୀକରଣ ବିନା ଏହାର ସମାଧାନ ସମ୍ଭବ ନୁହେଁ। ଏହି ପୃଷ୍ଠଭୂମିରେ ଭାରତର ଜଟିଳ ଶିକ୍ଷା ପରିଚାଳନା କେନ୍ଦ୍ରୀକୃତ ହେଲେ ସମସ୍ୟା ଆହୁରି ଜଟିଳ ହେବ ନା ସରଳ ହେବ ତାହା ବୁଝାପଡୁନାହିଁ।

ସାମ୍ପ୍ରତିକ ବହୁ ନିୟାମକ ଶିକ୍ଷା ବ୍ୟବସ୍ଥାରେ ମଧ୍ୟ ପ୍ରଶ୍ନପତ୍ର ପ୍ରଘଟ, ପରୀକ୍ଷା ପରିଚାଳନାରେ ଅନିୟମିତତା, ପରୀକ୍ଷା ବାତିଲ୍, ଜାଲ୍ ସାର୍ଟିଫିକେଟ୍, ନମ୍ବରରେ ପ୍ରିୟାପ୍ରୀତି ତୋଷଣ ଆଦି ଏକ ସାଧାରଣ ଘଟଣା ହୋଇଗଲାଣି। ଓଡ଼ିଶାର ବିଗତ ଦଶମାସର ସମୟକୁ ଏହାର ପ୍ରକୃଷ୍ଟ ଉଦାହରଣ ରୂପେ ନିଆଯାଇପାରେ। ଏହି ସମସ୍ୟାର ସମାଧାନ ପାଇଁ ଯେଉଁଠି ଆହୁରି ବିକେନ୍ଦ୍ରୀକରଣର ଆବଶ୍ୟକତା ରହିଛି ସେଠାରେ ସମ୍ପୂର୍ଣ୍ଣ ବିପରୀତ ଭାବେ କେନ୍ଦ୍ରୀକୃତ ନିୟାମକ ଗଠନ ଦ୍ୱାରା ଉପରୋକ୍ତ ସମସ୍ୟା କେତେ ଯେ ଜଟିଳ ହେବ ତାହା ଅନୁମେୟ। ଜାତୀୟ ଶିକ୍ଷା ନୀତି ୨୦୨୦ରେ ଦିଆଯାଇଥିବା ପ୍ରସ୍ତାବ ଅନୁଯାୟୀ, ଗୋଟିଏ 'ଜାତୀୟ ଉଚ୍ଚ ଶିକ୍ଷା ନିୟାମକ ପରିଷଦ' ଅଧୀନରେ ଡାକ୍ତରୀ ଓ ଆଇନ ଶିକ୍ଷାକୁ ବାଦ୍ ଦେଇ ଚାରିଟି ସ୍ୱାଧୀନ ନିୟାମକ କାର୍ଯ୍ୟ କରିବେ। ତେଣୁ ପ୍ରଚଳିତ ବ୍ୟବସ୍ଥାରେ ପରିବର୍ତ୍ତନର କୌଣସି ଦୃଢ଼ କାରଣ ପରିଦୃଶ୍ୟ ହେଉ ନାହିଁ। ଯଦି ସରକାର କେବଳ ନାମ ପରିବର୍ତ୍ତନ ଆଳରେ('ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି' ଯୋଜନାର ନାମ ପରିବର୍ତ୍ତନ କରି 'ପୂଜ୍ୟ ବାପୁ ଗ୍ରାମୀଣ ରୋଜଗାର' ଯୋଜନା କରିବାକୁ ଯାଉଛନ୍ତି) ଶିକ୍ଷା ପରିଚାଳନା ଓ ନିୟାମକରେ ପରିବର୍ତ୍ତନ ଆଣିବାକୁ ଯୋଜନା କରୁଛନ୍ତି ତେବେ ତାହା ଭିନ୍ନ କଥା।

ପୂର୍ବରୁ ମଧ୍ୟ କେନ୍ଦ୍ର ସରକାର ଏଭଳି ଏକ ଉଦ୍ୟମ କରିଥିଲେ ହେଁ ତାହା ସାକାର ହୋଇପାରି ନ ଥିଲା। ୨୦୧୮ରେ 'ଭାରତୀୟ ଉଚ୍ଚ ଶିକ୍ଷା ଆୟୋଗ(ବିଶ୍ୱବିଦ୍ୟାଳୟ ମଞ୍ଜୁରୀ ଆୟୋଗ ଆଇନ ରଦ୍ଦ) ବିଲ୍' ସଂସଦରେ ଉପସ୍ଥାପିତ ହୋଇଥିଲା, ଯେଉଁଥିରେ 'ୟୁଜିସି'କୁ ଉଚ୍ଛେଦ କରି 'ଭାରତୀୟ ଉଚ୍ଚ ଶିକ୍ଷା ପରିଷଦ' ନାମରେ ଏକ ଅନୁଷ୍ଠାନ ଗଠନ କରିବାର ପ୍ରସ୍ତାବ ଥିଲା। ସେଥିରେ କେନ୍ଦ୍ର ସରକାରଙ୍କ ଦ୍ୱାରା ନିଯୁକ୍ତ ଜଣେ ଅଧ୍ୟକ୍ଷ, ଜଣେ ଉପାଧ୍ୟକ୍ଷଙ୍କ ବ୍ୟତୀତ ୧୨ଜଣ ସଦସ୍ୟ ରହିବେ ବୋଲି ଉଲ୍ଲେଖ ଥିଲା। କିନ୍ତୁ ପ୍ରବଳ ବିରୋଧ ପରେ ଉକ୍ତ ବିଲ୍ ପ୍ରତ୍ୟାହୃତ ହୋଇଥିଲା। ଅର୍ଥାତ୍ ପୂର୍ବରୁ କେନ୍ଦ୍ର ସରକାର ଯେଉଁ ଯୋଜନା କରିଥିଲେ ତାହା ହିଁ ଜାତୀୟ ଶିକ୍ଷା ନୀତି-୨୦୨୦ରେ ସ୍ଥାନ ପାଇଲା ଏବଂ ସେହି ଆଧାରରେ 'ଭାରତୀୟ ଉଚ୍ଚ ଶିକ୍ଷା ଆୟୋଗ ବିଧେୟକ ୨୦୨୫' ବିଲ୍ ଏକ ଭିନ୍ନ ରୂପରେ ପ୍ରସ୍ତୁତ ହୋଇଛି।

ଉପରୋକ୍ତ ଚିଠା ପ୍ରସ୍ତାବ ବିରୋଧରେ ମତ ପ୍ରକାଶ ପାଇଛି ଯେ ୟୁଜିସିର ଅର୍ଥନୈତିକ କ୍ଷମତା ସମ୍ପୂର୍ଣ୍ଣ ରୂପେ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ହାତକୁ ଚାଲିଯିବ। ଏହାଛଡ଼ା ଏଥିରେ ସମାଜର ସବୁବର୍ଗର ପ୍ରତିନିଧିତ୍ୱର ସୁଯୋଗ ରହିବ ନାହିଁ। ସରକାର ନିଜକୁ ସୁହାଇବା ଭଳି(ଏବେ ନିର୍ବାଚନ ଆୟୋଗ ଭଳି) ଅଧ୍ୟକ୍ଷ ଓ ସଦସ୍ୟମାନଙ୍କୁ ନିଯୁକ୍ତ କରିବେ। ତେଣୁ ଶିକ୍ଷାର ସାର୍ବଜନିକ ଓ ମହତ୍ ଲକ୍ଷ୍ୟ ବ୍ୟାହତ ହେବ। ଏହାଦ୍ୱାରା କେନ୍ଦ୍ର ସରକାର ତାଙ୍କର ନୀତି ଓ ଆଦର୍ଶକୁ ଅନ୍ୟ ଭାଷାଭାଷୀ ରାଜ୍ୟଗୁଡ଼ିକ ଉପରେ ଲଦି ଦେବେ ବୋଲି ମଧ୍ୟ ଅଭିଯୋଗ ହୋଇଛି।

କେବଳ ପରିବର୍ତ୍ତନ ଆଳରେ ପରିବର୍ତ୍ତନ ବିକାଶର ମାନଦଣ୍ଡ ନୁହେଁ। ଏଥିପାଇଁ ସୁଚିନ୍ତିତ ଓ ଦୂରଦର୍ଶୀ ଯୋଜନା ଲୋଡ଼ା। ଜ୍ଞାନୀ, ଗୁଣୀ ଜନପ୍ରତିନିଧିମାନେ ସଂସଦରେ ଏ ସମ୍ପର୍କରେ ଆଲୋଚନା ଓ ବିତର୍କ କରିବେ ନିଶ୍ଚୟ। କିନ୍ତୁ ନୀତି ନିର୍ଦ୍ଧାରଣରେ ଜନତାଙ୍କ ସ୍ୱର ଭାବରେ ଆମେ ସେମାନଙ୍କର ପ୍ରତିକ୍ରିୟା ଓ ମତାମତକୁ ଉପସ୍ଥାପନ କରୁଛୁ। ନୀତି ନିର୍ଦ୍ଧାରକମାନେ ଚୂଡ଼ାନ୍ତ ନିର୍ଣ୍ଣୟ ନେବା ପୂର୍ବରୁ ଶୀତତାପ ନିୟନ୍ତ୍ରିତ କୋଠରିରୁ ବାହାରି ତୃଣମୂଳସ୍ତରର ସମସ୍ୟା ଓ ବାସ୍ତବତାକୁ ହୃଦୟଙ୍ଗମ କଲେ ଯୋଜନା ଯୁଗାନ୍ତକାରୀ ହୋଇପାରିବ।

## ମଧ୍ୟବିତ୍ତର ରଜତ-ବିହଗ

ଗୌରୀ ପ୍ରସାଦ ମହାପାତ୍ର

ଭାରତର ବିମାନ ସେବା ଶିଳ୍ପରେ ସର୍ବାଧିକ ବଜାରଅଂଶ ଦଖଲ କରିଥିବା 'ଇଣ୍ଡିଗୋ'ରେ ଆକସ୍ମିକ ବିଭ୍ରାଟ ସୃଷ୍ଟି ହେବା ପରେ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶକ(ଡିଜିସିଏ)ର କର୍ତ୍ତବ୍ୟନିଷ୍ଠା, ସଂସ୍ଥାର ପରିଚାଳନା ଦକ୍ଷତା ଓ ନିଷ୍ପତ୍ତି ଗ୍ରହଣର ସମୟୋଚିତତା, ବିମାନ ସେବାରେ ଏକଚାଟିଆ ସ୍ଥିତିର ବାଧ୍ୟବାଧକତା, ସରକାରୀ ନିଷ୍ପକ୍ଷତା ଆଦି ଉପରେ ପ୍ରଶ୍ନଚିହ୍ନ ଲାଗିଛି। ଏଥିସହିତ ଯୋଡ଼ି ହୋଇଯାଇଛି ଇଣ୍ଡିଗୋ-ବିଭ୍ରାଟରେ ସର୍ବାଧିକ ପ୍ରଭାବିତ, କ୍ଷତିଗ୍ରସ୍ତ ମଧ୍ୟବିତ୍ତ ବର୍ଗର ସ୍ୱପ୍ନ, ବାସ୍ତବତା, ଯନ୍ତ୍ରଣା, ଅଧିକାର ଭଳି କେତେକ ଜଟିଳ ପ୍ରସଙ୍ଗ। ଏହା ଅନସ୍ୱୀକାର୍ଯ୍ୟ ଯେ ଭାରତର ବିମାନସେବା ଶିଳ୍ପର ଉତ୍ଥାନରେ ମଧ୍ୟବିତ୍ତର ରଜତ-ବିହଗ(ପାଶ୍ଚାତ୍ୟ ଓ ବିକଶିତ ରାଷ୍ଟ୍ରରେ ବିମାନର ଆଳଙ୍କାରିକ ଉପାଧି) ବିଚରଣ ସ୍ୱପ୍ନ ହିଁ ନିର୍ଣ୍ଣାୟକ ହୋଇଛି। ଅପରପକ୍ଷରେ ମଧ୍ୟବିତ୍ତର ଏହି ଆକାଂକ୍ଷା ପୂରଣ କରିବାକୁ ଯାଇ ରଜତ-ବିହଗମାନେ ମଧ୍ୟ ଅଜସ୍ର ଜଟିଳ ଆହ୍ୱାନର ସମ୍ମୁଖୀନ ହୋଇଛନ୍ତି। 'ସବଳ ହିଁ ତିଷ୍ଠିବ' - ଡାରୱିନ୍‌ଙ୍କ ଏହି ବିବର୍ତ୍ତନ ତତ୍ତ୍ୱକୁ ବଜାର ଅର୍ଥନୀତିରେ ସଫଳ ପ୍ରୟୋଗ କରି 'ଇଣ୍ଡିଗୋ' ଭଳି କେତେକ ସଂସ୍ଥା ମଧ୍ୟାକାଶରେ ସଦର୍ପେ ପକ୍ଷବିସ୍ତାର କରି ଉଡ଼ି ଚାଲିଛନ୍ତି। ଆଉ କେତେକ ଏହି ଦୁର୍ବାର ଆହ୍ୱାନର ମୁକାବିଲା କରି ନ ପାରି ଧରାଶାୟୀ ହୋଇଛନ୍ତି। ତେଣୁ ମଧ୍ୟବିତ୍ତ ବର୍ଗକୁ ବାଦ୍ ଦେଇ ଭାରତୀୟ ବିମାନ ଶିଳ୍ପର ଅତୀତ, ବର୍ତ୍ତମାନ କିମ୍ବା ଭବିଷ୍ୟତର ଆଲୋଚନା ଅସମ୍ପୂର୍ଣ୍ଣ।

ବିଗତ ଶତାବ୍ଦୀର ନବେଦଶକ ପର୍ଯ୍ୟନ୍ତ ଭାରତରେ ବିମାନ ସେବା କେବଳ ସମ୍ଭ୍ରାନ୍ତ ଓ ଧନାଢ଼୍ୟ ବର୍ଗର କ୍ଷେତ୍ରାଧିକାର ବୋଲି ବଦ୍ଧମୂଳ ଧାରଣା ରହି ଆସିଥିଲା। ନବେ ଦଶକର ପ୍ରାରମ୍ଭରେ ଐତିହାସିକ ଆର୍ଥିକ ସଂସ୍କାର ସହିତ ଏହି ଧାରଣାରେ ଧୀରେଧୀରେ ପରିବର୍ତ୍ତନ ଘଟିଲା। ଜଗତୀକରଣ ବ୍ୟବସ୍ଥାରେ ବହୁଦେଶୀୟ କମ୍ପାନୀମାନେ ମୁଖ୍ୟତଃ ଭାରତର ମଧ୍ୟବିତ୍ତ ଗୋଷ୍ଠୀକୁ ନେଇ ସେମାନଙ୍କର ବଜାର ରଣନୀତି ପ୍ରସ୍ତୁତ କଲେ। ଟେଲିଭିଜନ୍, କମ୍ପ୍ୟୁଟର, ଟେଲିଫୋନ୍, ୱାସିଂମେସିନ୍, ରେଫ୍ରିଜିରେଟର ଆଦି ଦାମିକା ଓ ଆଧୁନିକ ଉପଭୋକ୍ତା ସାମଗ୍ରୀମାନ ଧନୀମାନଙ୍କର ବ୍ୟବହାରିକ ପରିସୀମାରୁ ମୁକ୍ତ ହୋଇ ମଧ୍ୟବିତ୍ତବର୍ଗ ହାତକୁ ଆସିଲା। ତଥାପି ମଧ୍ୟବିତ୍ତ ବର୍ଗ ପାଇଁ ଅପହଞ୍ଚ ରହିଯାଇଥିଲା ବିମାନ ଯାତ୍ରା ବା ରଜତ-ବିହଗରେ ବିଚରଣର ସ୍ୱପ୍ନ।

ମଧ୍ୟବିତ୍ତମାନଙ୍କର ଏହି ସ୍ୱପ୍ନ ସାକାର କରିବାର ମଙ୍ଗ ଧରିଲେ କ୍ୟାପ୍‌ଟେନ୍ ଜି ଆର ଗୋପୀଚାନ୍ଦ। ୨୦୦୪ରେ ବହୁଦେଶୀୟ କମ୍ପାନୀଙ୍କ ବଜାର କୌଶଳ ପ୍ରୟୋଗରେ 'ନୋ ଫ୍ରିଲ୍' ଟିକେଟ୍ ଜରିଆରେ ଭାରତୀୟ ବିମାନ ସେବାରେ ଗୋପୀଚାନ୍ଦ ଆଣିଲେ ବୈପ୍ଳବିକ ପରିବର୍ତ୍ତନ। ଯେତେବେଳେ ଭାରତର ପ୍ରମୁଖ ବିମାନ ସେବା ସଂସ୍ଥା ଯେଉଁ ପଥ ପାଇଁ ୯ ହଜାରରୁ ୧୦ ହଜାର ଟଙ୍କା ନେଉଥିଲେ ଗୋପୀଚାନ୍ଦଙ୍କ 'ଏୟାର ଡେକାନ୍' ସେହି ସମୟରେ ଓ ସେହିପଥରେ ପ୍ରାୟ ୨ ହଜାରରୁ ୩ ହଜାର ଟଙ୍କାରେ ବିମାନ ଯାତ୍ରା ଉପଲବ୍ଧ କରାଇପାରିଲା। ବିମାନରେ ଆରାମଦାୟକ ସେବା ଅପେକ୍ଷା ବିମାନ ଯାତ୍ରା ହିଁ ସର୍ବାଧିକ ଈପ୍‌ସିତ - ମଧ୍ୟବିତ୍ତଙ୍କର ଏହି ମାନସିକତାକୁ ସଠିକ ପଢ଼ିପାରିଥିବା ଗୋପୀଚାନ୍ଦ ଇଣ୍ଡିଆନ୍ ଏୟାର ଲାଇନ୍‌ସ ଓ ଏୟାର ଇଣ୍ଡିଆର ରାଜକୀୟ ଜୀବନଶୈଳୀର ପ୍ରତୀକ(ମାସ୍କଟ) 'ମହାରାଜା' ସାମ୍ନାରେ ଠିଆ କରାଇଲେ ବିଖ୍ୟାତ୍ କାର୍ଟୁନିଷ୍ଟ ଆର କେ ଲକ୍ଷ୍ମଣଙ୍କ 'ସାଧାରଣ ମଣିଷ' ବା 'କମନ୍‌ମ୍ୟାନ୍'। 'କମନ୍‌ମ୍ୟାନ୍'ର ଜୀବନତତ୍ତ୍ୱ ମାଧ୍ୟମରେ ସେ ଦେଖାଇଲେ ମଧ୍ୟବିତ୍ତର ସ୍ୱପ୍ନ ସାକାର ହେବାର ରାସ୍ତା ଏବଂ ସୃଷ୍ଟି କରେ ଯୁଗାନ୍ତକାରୀ ଉଦାହରଣ।

'ଏୟାର ଡେକାନ'ର ବ୍ୟବସାୟିକ କୌଶଳର ସଫଳତାରେ ଅନୁପ୍ରାଣିତ ହୋଇ ପରବର୍ତ୍ତୀ ଦୁଇ/ତିନି ବର୍ଷ ମଧ୍ୟରେ ଭାରତୀୟ ବିମାନ ସେବା ଶିଳ୍ପରେ 'ମଧ୍ୟବିତ୍ତର-ବିମାନ' ପରିଚୟ ନେଇ ଆତ୍ମପ୍ରକାଶ କଲେ 'ସ୍ପାଇସ୍ ଜେଟ୍', 'ଏୟାର ସାହାରା', 'ଇଣ୍ଡିଗୋ', 'ପାରାମାଉଣ୍ଟ ଏୟାରୱେଜ୍', 'ଗୋଏୟାର', 'କିଙ୍ଗଫିସର୍' ପରି ପ୍ରାୟ ଡଜନେ ସରିକି କମ୍ପାନୀ। କ୍ରମଶଃ ବଜାର ଅଂଶ ଦଖଲ ପାଇଁ ସେମାନଙ୍କ ଭିତରେ ଆରମ୍ଭ ହେଲା ପ୍ରତିଯୋଗିତା। ଭାରତର ଯେକୌଣସି ସ୍ଥାନକୁ ବିମାନଯାତ୍ରା ମାତ୍ର ୨ ହଜାରରୁ ୫ହଜାର ଟଙ୍କା ମଧ୍ୟରେ ଉପଲବ୍ଧ ହୋଇପାରୁଥିବାରୁ ଯାତ୍ରୀ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇବା ସହିତ ବଢ଼ିଚାଲିଲା ବିମାନ ସେବା ସଂସ୍ଥାମାନଙ୍କର ଲାଭାଂଶ।

୨୦୦୮ ପରେ କିନ୍ତୁ ଏହି ଚିତ୍ର ସମ୍ପୂର୍ଣ୍ଣ ବଦଳିଗଲା। ବିଶ୍ୱ ଆର୍ଥିକ ମାନ୍ଦାବସ୍ଥାର ପ୍ରଭାବରେ ଆନ୍ତର୍ଜାତିକ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧି ପାଇବାରୁ ବିମାନ ସେବା ସଂସ୍ଥାମାନଙ୍କର ପରିଚାଳନା ପୁଞ୍ଜିର ୫୦% କେବଳ ଇନ୍ଧନ ବାବଦରେ ଖର୍ଚ୍ଚ ହେଲା। ଏଥିସହିତ ବିମାନ ବନ୍ଦର ଭଡ଼ା ମଧ୍ୟ ବୃଦ୍ଧି ପାଇଲା। ବନ୍ଦର ଆଧୁନିକୀକରଣ ନାମରେ ଯାତ୍ରୀମାନଙ୍କଠାରୁ ୟୁଜର୍ସ ଫି ଆଦାୟ କରାଗଲା। କ୍ରମବର୍ଦ୍ଧିଷ୍ଣୁ ମୁଦ୍ରାସ୍ଫୀତି, ଡଲାର ତୁଳନାରେ ଟଙ୍କାର ଅବମୂଲ୍ୟାୟନ ଏବଂ ସର୍ବୋପରି ବିମାନ କର୍ମଚାରୀ ଓ ପାଇଲଟ୍‌ମାନଙ୍କ ବେତନ ବୃଦ୍ଧି ପରିଚାଳନା ଖର୍ଚ୍ଚକୁ ଆହୁରି ଊର୍ଦ୍ଧ୍ୱମୁଖୀ କଲା। ପାଇଲଟ୍‌ମାନଙ୍କ ଦରମା ହାରାହାରି ପ୍ରାୟ ୧.୫୦ ଲକ୍ଷରୁ ୪.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇଲା।

ଏକପକ୍ଷରେ ପରିଚାଳନା ଖର୍ଚ୍ଚ ବୃଦ୍ଧି, ଅପରପକ୍ଷରେ ଭଡ଼ା ଜନିତ ରାଜସ୍ୱ ହ୍ରାସ ଯୋଗୁଁ 'ମଧ୍ୟବିତ୍ତର-ବିମାନ' ସଂସ୍ଥାମାନେ ୨୦୦୭ ସୁଦ୍ଧା ସାମଗ୍ରିକ ଭାବେ ୪୬, ୫୧୫ କୋଟି ଟଙ୍କାର କ୍ଷତି ସହିଲେ। ୨୦୧୩ ମାର୍ଚ୍ଚ ଶେଷ ସୁଦ୍ଧା ସେମାନଙ୍କର ମୋଟ ଋଣ ପରିମାଣ ୯୮, ୭୦୦ କୋଟି ଟଙ୍କା ଟପିଲା। ପରିଣାମ ସ୍ୱରୂପ କେତେକ ବିମାନ ସଂସ୍ଥା ସମ୍ପୂର୍ଣ୍ଣ ବନ୍ଦ ହେଲା କିମ୍ବା ଅନ୍ୟ କମ୍ପାନୀ ଦ୍ୱାରା ଅଧିଗୃହୀତ ହେଲା। ଆଉ କେତେକ ଉଡ଼ାଣରେ କାଣ୍ଟଛାଣ୍ଟ କଲେ। ବଜାର ଅଂଶ ଦଖଲର ତୀବ୍ର ପ୍ରତିଯୋଗିତାରେ 'ଏୟାର ସାହାରା'କୁ ଅଧିଗ୍ରହଣ କରିଥିବା 'ଜେଟ୍ ଏୟାରୱେଜ୍', 'ଇଣ୍ଡିଆନ୍ ଏୟାରଲାଇନ୍ସ'କୁ ଅଧିଗ୍ରହଣ କରିଥିବା 'ଏୟାର ଇଣ୍ଡିଆ' ଓ 'ଏୟାର ଡେକାନ୍'କୁ ଅଧିଗ୍ରହଣ କରିଥିବା 'କିଙ୍ଗଫିସର୍' ପରି ବିମାନ କମ୍ପାନୀମାନଙ୍କର ଆର୍ଥିକ ସ୍ଥିତି ଅଧିକ ବିପନ୍ନ ହେବାରେ ଲାଗିଲା। ୨୦୧୨ ଡିସେମ୍ବର ସୁଦ୍ଧା ଭାରତୀୟ ଆକାଶରେ ବେସାମରିକ ବିମାନ ଚଳାଚଳ ବାର୍ଷିକ ୧୯% ହାରରେ ହ୍ରାସ ପାଇଲା। ୨୦୧୦ରେ 'ପାରାମାଉଣ୍ଟ ଏୟାର ୱେଜ୍' ଓ ୨୦୧୨ରେ 'କିଙ୍ଗଫିସର୍' ବନ୍ଦ ହେବା ସହିତ 'ନୋ ଫ୍ରିଲ୍' କୌଶଳର ପ୍ରୟୋଗ ବିଫଳ ସାବ୍ୟସ୍ତ ହେଲା। ୨୦୧୪ରେ ଟାଟା ସନ୍‌ସ ଓ 'ଏୟାର ଏସିଆ'ର ଯୌଥ ଉଦ୍ୟୋଗରେ 'ଏୟାର ଏସିଆ ଇଣ୍ଡିଆ' ନାମରେ ପୁଣି ଏକ 'ମଧ୍ୟବିତ୍ତର-ବିମାନ' ନିଜ ଭାଗ୍ୟ ପରୀକ୍ଷା କରି ବିଫଳ ହେଲା।

ଶେଷରେ ଭୁଶୁଡ଼ି ପଡ଼ିଥିବା ଆର୍ଥିକ ସ୍ଥିତିର ପୁନରୁଦ୍ଧାର ପାଇଁ ବିମାନ ସଂସ୍ଥାମାନଙ୍କ ପାଖରେ ଟିକେଟ୍ ବା ଯାତ୍ରୀ ଭଡ଼ା ବୃଦ୍ଧି ବ୍ୟତୀତ ଅନ୍ୟ ବିକଳ୍ପ ନଥିଲା। ଏୟାର ଇଣ୍ଡିଆ ପ୍ରଥମେ ଏହି ଦୁଃସାହସିକ ପଦକ୍ଷେପ ନେବା ପରେ ଅନ୍ୟ ସଂସ୍ଥାମାନେ ତା'କୁ ଅନୁସରଣ କଲେ। ଆର୍ଥିକ ସ୍ଥିତିରେ ସୁଧାର ଏବଂ ବଜାର ସ୍ଥିତି ବଜାୟ ରଖିବା ଆଳରେ ଭାରତର ବିମାନ ସେବା କ୍ଷେତ୍ରରେ ଟିକେଟ୍ ଦର ବୃଦ୍ଧିର ଆଉ ଏକ ପ୍ରତିଯୋଗିତା ଆରମ୍ଭ ହେଲା। ଏହାକୁ ପ୍ରତିଯୋଗିତା ନ କହି ବରଂ ବ୍ୟବସାୟିକ ଅଭିସନ୍ଧି (କାର୍ଟେଲାଇଜେସନ୍) କହିବା ଅଧିକ ଉଚିତ ହେବ। କାର୍ଟେଲାଇଜେସନ୍ ପ୍ରଭାବରେ ବିମାନ ଯାତ୍ରୀ ଭଡ଼ା ହାରାହାରି ୨୫୦% ରୁ ୩୦୦% ବୃଦ୍ଧି ପାଇବାରୁ ବିମାନ ଯାତ୍ରୀ ସଂଖ୍ୟା ତଦନୁପାତରେ ହ୍ରାସ ପାଇଲା। ଅଧିକାଂଶ ବିମାନରେ ସିଟ୍ ଫାଙ୍କା ପଡ଼ିଲା। ତେଣୁ ଉଭୟ ଯୋଜନାରେ ଭରତୀୟ ବିମାନ ସେବା ସଂସ୍ଥାମାନେ ବିଫଳ ହେଲେ।

କ୍ରମଶଃ ଭାରତୀୟ ବିମାନ ଶିଳ୍ପର ଆର୍ଥିକ ପରିସ୍ଥିତି ଆହୁରି ଉତ୍କଟ ହେଲା। ପ୍ରତିକାର ସ୍ୱରୂପ କେତେକ ବିମାନ 'ଏକ୍‌ଜିକ୍ୟୁଟିଭ୍' ସିଟ୍‌କୁ 'ଇକନୋମି' ସିଟ୍‌ରେ ପରିବର୍ତ୍ତନ କଲେ। ପ୍ରଥମେ 'ସ୍ପାଇସ୍ ଜେଟ୍' ଓ ଏହାର ଦେଖାଦେଖି ଅନ୍ୟ କେତେକ ବିମାନ କମ୍ପାନୀ ଋତୁକାଳୀନ ଶସ୍ତା ଟିକେଟ୍ ଯୋଜନା ଘୋଷଣା କଲେ। ମଧ୍ୟବିତ୍ତ ଯାତ୍ରୀମାନଙ୍କୁ ଆକୃଷ୍ଟ କରିବାରେ ଏହି ଯୋଜନା କେତେକାଂଶରେ ସଫଳ ହେଲେ ହେଁ ରାଜସ୍ୱ କ୍ଷତି ଭରଣାରେ ବିଫଳ ହେଲା। ତେଣୁ ବିମାନସଂସ୍ଥାମାନେ ପ୍ରିମିୟମ୍ ଚାର୍ଜ ଭଳି ଆଉ ଏକ ବିକଳ୍ପ ଉପରେ ଗୁରୁତ୍ୱ ଦେଲେ। 'ଏୟାର ଇଣ୍ଡିଆ' ଫ୍ରି ଲଗେଜ୍ ନିୟମକୁ କଠୋର କଲା ଏବଂ 'ଇଣ୍ଡିଗୋ' ନିର୍ଦ୍ଦିଷ୍ଟ ସିଟ୍ ପାଇଁ ପ୍ରିମିୟମ୍ ଘୋଷଣା କଲା। ଏହାସହିତ ଖାଦ୍ୟପେୟ, ମନୋରଞ୍ଜନ ଓ ଅନ୍ୟାନ୍ୟ କେତେକ ସାମଗ୍ରୀରେ ଅଧିକ ଦେୟଆଦାୟ କରିବା ପାଇଁ ଡିଜିସିଏ ବିମାନ କମ୍ପାନୀମାନଙ୍କୁ ଅନୁମତି ଦେଲା। ଏହିକ୍ରମରେ 'ମଧ୍ୟବିତ୍ତର-ବିମାନ' ସଂସ୍ଥାମାନେ ଧୀରେ ଧୀରେ ଅଣ୍ଟା ସଳଖିବା ଆରମ୍ଭ କରୁଥିବା ବେଳେ ସରକାରଙ୍କ 'ଉଡ଼ାନ(ଉଡ଼େ ଦେଶ୍‌କେ ଆମ୍ ନାଗରିକ)' ଯୋଜନା ଭିଟାମିନ୍ ପରି କାର୍ଯ୍ୟକଲା। ଇଣ୍ଡିଗୋ, 'ଏୟାର ଇଣ୍ଡିଆ ଏକ୍ସପ୍ରେସ୍', 'ଆକାଶ ଏୟାର', 'ସ୍ପାଇସ୍ ଜେଟ୍' ସମେତ ଆହୁରି ୭ଟି ଆଞ୍ଚଳିକ ବିମାନ ସେବା ସଂସ୍ଥା ଜରିଆରେ ମଧ୍ୟବିତ୍ତର ରଜତ-ବିହଗ ବିଚରଣ ସ୍ୱପ୍ନ ପୁଣି ଥରେ ରଙ୍ଗୀନ ହେଲା।

ଏକଚାଟିଆ ଓ ଆଧିପତ୍ୟର ପ୍ରତିଯୋଗିତାରେ 'ଇଣ୍ଡିଗୋ'ର ପକ୍ଷଭଙ୍ଗ ସହିତ ମଧ୍ୟବିତ୍ତର ରଜତ-ବିହଗ ପୁଣି ଥରେ ଦିଗହରା ହେବାର ଆଶଙ୍କା ସୃଷ୍ଟି ହୋଇଛି। ଅର୍ଥନୀତିକୁ ସଙ୍କଟମୁକ୍ତ ରଖିବାକୁ ହେଲେ ରଜତ-ବିହଗମାନଙ୍କୁ 'ଇଣ୍ଡିଗୋ'ରୁ ସୃଷ୍ଟ ବ୍ୟାଧି ସଂକ୍ରମଣରୁ ସୁରକ୍ଷିତ ରଖିବା ଅପରିହାର୍ଯ୍ୟ। ଏ କାର୍ଯ୍ୟଟି କାହାର ତାହା ଉଲ୍ଲେଖ ଅନାବଶ୍ୟକ।

ଭୁବନେଶ୍ୱର, ମୋ: ୯୩୩୮୦୮୭୯୦୦

## ହାୟରେ ପୁରସ୍କାର!

ଧ୍ରୁବ ଚରଣ ଘିବେଲା

ଏବେ କିଛି ଲେଖକଙ୍କ ପାଖରେ ଯେତୋଟି ପ୍ରକାଶିତ ଲେଖା ନାହିଁ, ତା'ଠୁ ଅଧିକ ପୁରସ୍କାର ରହିଲାଣି ସେମାନଙ୍କ ହାତରେ। ଏହି କରିତକର୍ମା ଲେଖକମାନେ ନାଁକରା ହୋଇସାରିଲେଣି କେବଳ ପୁରସ୍କାର ପାଇଁ। ସାହିତ୍ୟ କିନ୍ତୁ ତାଙ୍କର ନିଶା କିମ୍ବା ପେସା ନଥାଏ। କେବଳ ବାରମାସୀ ସାହିତ୍ୟ ପୁରସ୍କାର ହାତେଇବାରେ ସେମାନେ ଥା'ନ୍ତି ମସଗୁଲ୍। କେଉଁ ଦିନ କେବେ କେଉଁଠୁ ପୁରସ୍କାର ହାତେଇବେ ସେ ନେଇ ତିଆରି କରିଥା'ନ୍ତି ମାଷ୍ଟର ପ୍ଲାନ୍। ଏହି ପୁରସ୍କାରକାଙ୍ଗାଳଙ୍କ ପାଇଁ ପୁରସ୍କାରର ଚମକ ମହକ ଆଜି ଆଉ ଆଗ ଭଳି ରହିପାରୁ ନାହିଁ। ତେଣୁ ପୁରସ୍କାରକୁ ନେଇ ଆଜି ସବୁଠି ଚର୍ଚ୍ଚା ଚାଲିଛି।

କେତେକ ଲେଖକ ଆପଣେଉଛନ୍ତି 'ଦିଆ-ନିଆ ଧାରା'। ଅର୍ଥାତ୍ 'ତୁମ୍ଭେ ଦେଲେ ଆମ୍ଭେ ଦେବୁ'। ସଫଳ ବି ହେଉଛନ୍ତି। ସେହି ସଫଳ ଉପଯୋଗିତା, ସେଇ ନିୟମ ଓ ସେଇ ଧାରା ପରେ ଏବେ ଆଉ ଆଉ ଗୋଟେ ଧାରା ଆରମ୍ଭ ହୋଇଛି - ଯାହାର ନାମ 'ବିକା-କିଣା ଧାରା।' ଯେଉଁ ସାହିତ୍ୟସଂସ୍ଥା ପୁରସ୍କାର ବିପଣି ଖୋଲିଥା'ନ୍ତି ସେମାନେ ପୁରସ୍କାରର ନିର୍ଦ୍ଧାରିତ ଦର ଅନୁସାରେ ବିକନ୍ତି। ପୁରସ୍କାର କିଣିବା ପାଇଁ ଲାଳାୟିତ ଦୁର୍ବଳ ଲେଖକ ପୁରସ୍କାର କିଣନ୍ତି ମୂଲଚାଲ କରି। ଉଡ଼ାଜାହାଜ ଉଡ଼ାଣ ଦର ଘଡ଼ିଘଡ଼ିକେ ବଦଳୁଥିବା ଭଳି ପୁରସ୍କାର ଦର କମ ବେଶି ହୋଇଥାଏ।



ପୁରସ୍କାର ଭଳି ଉପାଧି ବିକ୍ରି ହେବା କଥା ମଧ୍ୟ ଶୁଣାଗଲାଣି। ତା'ର ବି ସେମିତି ଦର ଥାଏ। ପୁରସ୍କାର / ଉପାଧି ବିପଣିରେ ମୂଲଚାଲ ବି କୁଆଡ଼େ ଚାଲେ। ଜଣକୁ ଦର ଅଧିକ ମନେ ହେଲେ ସେ କେମିତି କିଣିବେ! ଦର ନେଇ କ୍ରେତା-ବିକ୍ରେତା ଉଭୟ ପକ୍ଷ ରାଜି ହେଲେ ଯାଇ ପୁରସ୍କାର କିଣାବିକା ସମ୍ଭବ ହୁଏ। ପୁରସ୍କାର ମିଳୁ କି କିଣା ଯାଉ ପୁରସ୍କାର ପ୍ରହସନ ଥମୁ ନାହିଁ। କ୍ୱଚିତ କେଉଁ ଅନୁଷ୍ଠାନ ସ୍ୱଚ୍ଛ ପୁରସ୍କାର କେଉଁଠି ଦେଉଥାଇପାରନ୍ତି ଆଜିର ଦିନରେ।

ସାଧାରଣତଃ ପୁରସ୍କାର ପାଇବା ପାଇଁ ପୁରସ୍କାର ଆଣିବାକୁ ଯିବାକୁ ପଡ଼ିଥାଏ। ଏବେ ତହିଁରେ ବି ପରିବର୍ତ୍ତନର ଗନ୍ଧ ଜଣାପଡ଼ିଲାଣି। କେଉଁଠି କେଉଁଠି ବାରି ହେଲାଣି। ଯେଉଁଠି ବିବାହ ପାଇଁ ପୁଅ ବାହା ହୋଇ ଆସେନି ଝିଅ ଘରକୁ, ସେଇଠି ଝିଅ ଯାଏ ପୁଅ ଘର ପାଖକୁ। ସେଠି ହୁଏ ବିବାହ। ସେଇ ରୀତିରେ ପୁରସ୍କାର ଦେଉଥିବା ସଂସ୍ଥା ଆସିଲେଣି ପୁରସ୍କାର ପାଉଥିବା ପୁରସ୍କାରମନସ୍କ ଲେଖକର ସଂସ୍ଥା ପାଖକୁ। ପୁରସ୍କାରମନସ୍କ ସେଇ ଲେଖକର ନିଜ ସଂସ୍ଥାର ବାର୍ଷିକ ଉତ୍ସବରେ ନିଜେ ଭିଡ଼ିଥିବା ମଞ୍ଚରେ ପୁରସ୍କାର ଛିନ୍ଦେ(ପାଏ) ପୁରସ୍କାର ଦେବାକୁ ଆସିଥିବା ସଂସ୍ଥା ନିକଟରୁ। ଏମିତି ହେଲାଣି ଆଜି ପୁରସ୍କାର ପାଇବାର (ହାତେଇବାର) ଗତି ଓ ରୀତି। ପୁରସ୍କାର ନେବାରେ ଆଉ ଲାଜସରମ ବି ରହୁ ନାହିଁ।

ବାର୍ଷିକ ଉତ୍ସବ ଆଗରୁ କିଏ କିଏ ସମ୍ବର୍ଦ୍ଧିତ ହେବେ ତାହା ବି ଘୋଷଣା ହୁଏ ନାହିଁ। ଆଜି କିଛି ସାହିତ୍ୟ ସଂସ୍ଥା ନିଜ ମଞ୍ଚରୁ ନିଜେ ଯେତେବେଳେ ପୁରସ୍କାର ନେବେ, କେମିତି ଆଗରୁ ଘୋଷଣା କରନ୍ତେ ଯେ ଇଏ ସିଏ ପୁରସ୍କାର ପାଇବେ? ଆଗରୁ ଘୋଷଣା କଲେ ଅଧିକ ଲଜ୍ଜିତ ହୋଇପାରନ୍ତି। ଧନ୍ୟ କହିବା ନିଶ୍ଚୟ ସେଇ ପୁରସ୍କାର କାଙ୍ଗାଳଙ୍କୁ, ତାଙ୍କର ମାନସିକତାକୁ। ଖାଲି ସେତିକି ନୁହେଁ, ଏମିତି ବ୍ୟକ୍ତିଙ୍କୁ ଅତିଥି କରନ୍ତି, ଯିଏ ରାଜ୍ୟସ୍ତରୀୟ କେଉଁ କମିଟିରେ ଜୁରି ସଦସ୍ୟ ହେଲେ ସେଇ ପୁରସ୍କାର କାଙ୍ଗାଳର ନାଁ ସୁପାରିସ କରିବେ ଆଉ କେଉଁ ପୁରସ୍କାର ହାତେଇବା ପାଇଁ ଆଗାମୀ ଦିନରେ ଯାହା ଯାହାଠୁ ଉପକୃତ ହୋଇପାରିବେ, ସେଇ ସେଇ ମୂର୍ଦ୍ଧନ୍ୟଙ୍କୁ ଅତିଥି ଆସନରେ ବସାଇଥା'ନ୍ତି। ଆଗକୁ ଆଉ କେଉଁ ପୁରସ୍କାର ଉପରେ ଆଖି ରଖାଯାଇ ଅତିଥି ଆଣନ୍ତି। ପରବର୍ତ୍ତୀ କାଳରେ କେବେ ବି ସେଇ ଅତିଥିଙ୍କ ଦ୍ୱାରା ଉପକୃତ ହେବାର ଆଶା ରଖନ୍ତି।

ମୋଟାମୋଟି ଭାବେ ଏମାନେ ସାରା ରାଜ୍ୟରେ ପୁରସ୍କାର ଲୁଟିବାର ଏକ ରାକେଟ ତିଆରି କରିଥିବାର ଅନୁମାନ କରାଯାଏ। ଏମାନେ ସାହିତ୍ୟ ସେବାରେ ନିଜକୁ ନିୟୋଜିତ ରଖନ୍ତି କମ, ଅନୁଷ୍ଠାନ ନାମକୁ ମାତ୍ର ଗଢ଼ି ନିଜେ ପ୍ରତିଷ୍ଠାତା ବୋଲାଇ ଅନୁଷ୍ଠାନକୁ ଢାଲ କରି ନିଜ ବ୍ୟକ୍ତିଗତ ପ୍ରତିଷ୍ଠା ପାଇଁ କେବଳ ଚେଷ୍ଟିତ ଥା'ନ୍ତି। ଆଉ ପୁରସ୍କାର ଲୁଟେରା ସାଜି ନିଜ ପରିଚୟ ବଳୟ ତିଆରିବା କାମ ଅଧିକ କରନ୍ତି। ସେଭଳିଆ ବ୍ୟକ୍ତିଙ୍କ କାର୍ଯ୍ୟକଳାପ ତଥା ଆକାଂକ୍ଷାକୁ ତାଙ୍କ ପଛଲିଆ ଦଳ ବୁଝିପାରନ୍ତି କି ନାହିଁ - ଏ କଥା ଯେ ଭାବିବ ସେ ଆଶ୍ଚର୍ଯ୍ୟ ହେବେ ନିଶ୍ଚୟ। ତଥାପି ଧନ୍ୟ କହିବା ସେଇ ପୁରସ୍କାର କାଙ୍ଗାଳ ପୁରସ୍କାର ହଡ଼ପକାରୀଙ୍କୁ।

ବଉଦରାଜ(ବୌଦ୍ଧ), ମୋ: ୯୪୩୭୪୭୮୪୬୬

## ଆମ ବୃକ୍ଷଲତା ଆମ ଜୀବନ

ପ୍ରକୃତି-ପରିବେଶ

### ପାନ
(Betel-Piper betel)

ସୌଭାଗ୍ୟସୁନ୍ଦର

'ପାନ' ଦକ୍ଷିଣ-ପୂର୍ବ ଏସିଆ, ବିଶେଷକରି ଭାରତ, ଫିଲିପାଇନ୍ସ, ବାଂଲାଦେଶ, ଇଣ୍ଡୋନେସିଆ, ଶ୍ରୀଲଙ୍କା, ମାଲେସିଆ ଆଦି ଦେଶମାନଙ୍କର ମୂଳ ଜାତ। ଉପନିବେଶ ଯୁଗରେ ଭାରତୀୟ ପ୍ରବାସୀମାନଙ୍କ ଦ୍ୱାରା ଏହା କାରିବିଆନ ଅଞ୍ଚଳକୁ ଯାଇଥିଲା। ବର୍ତ୍ତମାନ ଏହା ବିଶ୍ୱର ଅନେକ ଦେଶରେ ବହୁଳ ଉପଲବ୍ଧ। ପାନର ଅନେକ ଶ୍ରୁତିମଧୁର ନାମଗୁଡ଼ିକ ମଧ୍ୟରେ ତାମ୍ବୁଲ, ପୂର୍ଣ୍ଣତାମ୍ବୁଲ, ଭୂଜ୍ୟଲତା, ସପ୍ତଲତା, ନାଗବଲ୍ଲୀ ଅନ୍ୟତମ। ଭାରତ ଓ ଶ୍ରୀଲଙ୍କାରେ ପାରମ୍ପରିକ ଭାବରେ ସମ୍ମାନ ଓ ଶୁଭାରମ୍ଭର ଚିହ୍ନ ଭାବରେ ପାନ ପତ୍ରର ଏକ ବିଡ଼ା ପ୍ରଦାନ କରାଯାଏ। ଅଧିକାଂଶ ପୂଜା ଏବଂ ଶୁଭ ଅବସରରେ ଏବଂ ବିବାହ ପାଣି ଗ୍ରହଣ ଉତ୍ସବରେ ପାନ ପତ୍ର ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ।

'ପାନ' ଏକ ଚିରହରିତ, ବହୁବର୍ଷୀୟ ଲତା, ଯାହାର କାଣ୍ଡ ସାମାନ୍ୟ କାଠିଆ ଏବଂ ପତ୍ର ଚକଚକିଆ ହୃଦୟ ଆକୃତିର। ଏହା ଗୋଟିଏ ବର୍ଷ ମଧ୍ୟରେ ୨-୪ ମିଟର ଉଚ୍ଚତା ପର୍ଯ୍ୟନ୍ତ ବଢ଼ିଥାଏ। କାଣ୍ଡର ଗଣ୍ଠିଗୁଡ଼ିକ ଫୁଲିଥାଏ ଏବଂ ସେଥିରୁ ଛୋଟ ଛୋଟ ଚେର ଉତ୍ପନ୍ନ ହୁଏ ଯାହା ଏହାକୁ ଆଶ୍ରୟ ଦେଉଥିବା ଗଛରେ ଆରୋହ କରିବାରେ ସାହାଯ୍ୟ କରେ। ପ୍ରତ୍ୟେକ ଗ୍ରନ୍ଥ ବା ଗଣ୍ଠିରେ ଗୋଟିଏ ଲେଖାଏଁ ପତ୍ର ଥାଏ। ପୁଷ୍ପଦଗମ ପତ୍ର କକ୍ଷରେ କାଣ୍ଡର ଗଣ୍ଠିରେ ବିକଶିତ ହୁଏ। ଫୁଲଗୁଡ଼ିକ ବହୁତ ଛୋଟ; ପୁଂକେଷ ୨ ଟି; ଗର୍ଭକେଶ ୪- ବା ୫ ଟି। ଫଳଗୁଡ଼ିକ ଯୌଗିକ ମାଂସଳ, ଲାଲ ବର୍ଣ୍ଣ। ବିହନଗୁଡ଼ିକ ମସୃଣ, ଆୟତାକାରରୁ ଲମ୍ବାଳିଆ। ଫୁଲ ଫୁଟିବାର ଋତୁ ହେଉଛି ମେ-ଜୁଲାଇ।

'ପାନ'ରେ ଥିବା ଆଣ୍ଟିଅକ୍ସିଡାଣ୍ଟ ତତ୍ତ୍ୱ କବକ ବୃଦ୍ଧି, କର୍କଟ, ପାକସ୍ଥଳୀ ପ୍ରଦାହ, କୋଷ୍ଠକାଠିନ୍ୟ, ଆଲର୍ଜିକ୍ ପ୍ରତିକ୍ରିୟା, କ୍ଷତ, ରକ୍ତ ଶର୍କରା ନିୟନ୍ତ୍ରଣ, ବିଷମୁକ୍ତି ଆଦ ଉପଚାର ଏବଂ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧିରେ ସାହାଯ୍ୟ କରେ। ଏଥିରେ ଥିବା ଆଲକାଲଏଡ୍, ଚାଭିବେଟୋଲ୍, ସାଫ୍ରୋଲ୍, ୟୁଜେନୋଲ୍, ଆଇସୋୟୁଜେନୋଲ୍, ଜର୍ମାକ୍ରେନ୍ ଡି, ହାଇଡ୍ରୋକ୍ସିଚାଭିକୋଲ୍, କାରିଓଫାଇଲିନ୍, ଫାଇଟୋଷ୍ଟେରୋଲ୍ (ବିଟା-ସିଟୋଷ୍ଟେରୋଲ୍, ବିଟା-ଡାଉକୋଷ୍ଟେରୋଲ୍, ଷ୍ଟିଗମାଷ୍ଟେରୋଲ୍ ଇତ୍ୟାଦି), ଆଲକାଲଏଡ୍ (ପାଇପେରିନ୍, ପେଲିଟୋରିନ୍, ପାଇପର୍ଡାର୍ଡିନ୍, ଗୁଇନିନ୍ସାଇନ୍ ଇତ୍ୟାଦି), ଲିଗନାନ୍ (ପିନୋରେସିନୋଲ୍), ଆରିଷ୍ଟୋଲୋଲାକ୍ଟାମ୍ ଏ-୨, ଏକ ଫିନାଇଲ୍ପ୍ରୋପେନ୍, ୪-ଆଲିଲ୍ ରିସୋର୍ସିନଲ୍ ଓ ଏକ ଡାଇକେଟୋଷ୍ଟେରୋଏଡ୍ ଷ୍ଟିଗମାଷ୍ଟ-୪-ଏନ-୩, ୬-ଡାୟୋନ୍ ଆଦି ଜୈବ ରସାୟନ ଭରପୂର ରହିଛି। ଏହାର ଅତ୍ୟାବଶ୍ୟକ ତେଲରେ ପ୍ରାୟ ୫୦ଟି ବିଭିନ୍ନ ଯୌଗିକ ଉପାଦାନ ଥାଏ, ଯାହା ମଧ୍ୟରୁ ମୁଖ୍ୟ ଉପାଦାନଗୁଡ଼ିକ ହେଉଛି ୟୁଜେନୋଲ୍, କାରିଓଫାଇଲିନ୍, ଟେର୍ପିନୋଲେନ୍, ଟେର୍ପିନେନ୍, କାଡିନେନ୍ ଏବଂ ୩-କାରେନ।

ପାନ ଲତା ମୁଖ୍ୟତଃ ମୌସୁମୀ ଋତୁର ଆରମ୍ଭରେ ଲଗାଯାଏ। ଏହାର କାଣ୍ଡ ଦୁର୍ବଳ ହୋଇଥିବାରୁ ଆଶ୍ରୟ ପାଇଁ ଏକ ସୁସଙ୍ଗତ ଗଛ କିମ୍ବା ଏକ ଲମ୍ବା ଖୁଣ୍ଟ ଆବଶ୍ୟକ ହୁଏ। ମାଟିକୁ ଖୋଳରେ ହଳ କରାଯାଏ। ତେଲ ପିଠା, ଖତ, କାଠ କୋଇଲା ପାଉଁଶ, ଗୋବର ଏବଂ ଶୁଖିଲା ପତ୍ରଗୁଡ଼ିକୁ ଖୋଳର ଉପର ମାଟି ସହିତ ସମ୍ପୂର୍ଣ୍ଣ ଭାବରେ ମିଶାଇ ଦିଆଯାଏ। ଏହି ଫସଲର ସଫଳ ଚାଷ ପାଇଁ ଉପଯୁକ୍ତ ଛାଇ ଏବଂ ନିୟମିତ ଜଳସେଚନ ଜରୁରୀ। ପାନକୁ ନିରନ୍ତର ଆର୍ଦ୍ର ମାଟି ଆବଶ୍ୟକ, କିନ୍ତୁ ଅତ୍ୟଧିକ ଆର୍ଦ୍ରତା ରହିବା ଉଚିତ୍ ନୁହେଁ। ଜଳବନ୍ଦୀ, ଲୁଣିଆ ଏବଂ କ୍ଷାରୀୟ ମାଟି ଏହାର ଚାଷ ପାଇଁ ଅନୁପଯୁକ୍ତ। ତିନିରୁ ଛଅ ମାସ ମଧ୍ୟରେ, ଲତାଗୁଡ଼ିକ ୧୫୦ ରୁ ୧୮୦ ସେମି ଉଚ୍ଚତାରେ ପହଞ୍ଚିଥାଏ ଏବଂ ସେମାନେ ଶାଖା ସୃଷ୍ଟି କରନ୍ତି। ଅମଳ ୧୫ ଦିନରୁ ଗୋଟିଏ ମାସ ପର୍ଯ୍ୟନ୍ତ ରହିଥାଏ। ଅମଳ ହୋଇଥିବା ପତ୍ରଗୁଡ଼ିକୁ ସ୍ଥାନୀୟ ଭାବରେ ବ୍ୟବହାର କରାଯାଏ ଏବଂ ଏସିଆ, ମଧ୍ୟପ୍ରାଚ୍ୟ, ୟୁରୋପ, ଆମେରିକାର ଅନ୍ୟାନ୍ୟ ଅଞ୍ଚଳକୁ ରପ୍ତାନି ପାଇଁ ବିଡ଼ା ବାନ୍ଧି ପ୍ରସ୍ତୁତ ରଖାଯାଏ। ସହସ୍ରାଧିକ ପ୍ରକାରର ପାନ ଅଛି। ସେଥିମଧ୍ୟରୁ ବନାରସି ପାନ, ଦେଶୀ ପାନ, ମିଠା ପତ୍ର ପାନ, ମଘୀପାନ, ଚନ୍ଦ୍ରକଣା ପାନ, ବଙ୍ଗାଳି ପାନ ପ୍ରମୁଖ। ଓଡ଼ିଶାର ଦକ୍ଷିଣ ଅଞ୍ଚଳରେ ଛାଚି ପାନ ବା ସାରୁଆ ପାନ ଚାଷ ହେଉଥିବା ବେଳେ ଅବଶିଷ୍ଟ ଅଞ୍ଚଳରେ ତିନି ପ୍ରକାର ମେଳକ ପାନ ଯଥା ନାଉଆ, ଆଲୁ ପତ୍ରିକା ଓ ରାଶି ମେଳକ ପାନ ଚାଷ ହୁଏ। ପାନ ଲତା ଚାଷ ଶିଳ୍ପ ପ୍ରାୟ ୪/୫ଲକ୍ଷ କୃଷି ପରିବାରକୁ ରୋଜଗାର ପ୍ରଦାନ କରେ।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୨୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧-'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨- ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩-'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪- ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫-ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬-ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭- 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ସଚେତନତା ଅଭାବରୁ ଦିଗହରା ପିଏମ୍ ବିଶ୍ୱକର୍ମା ଯୋଜନା

## ଜିଲ୍ଲାର ଏକମାତ୍ର ପ୍ରଶିକ୍ଷଣ କେନ୍ଦ୍ରରେ ତାଲିମ ନେଉଛନ୍ତି ହାତଗଣତି କାରିଗର

ବ୍ରହ୍ମପୁର,୧୪।୧୨(ସମିସ): କେନ୍ଦ୍ର ସରକାରଙ୍କ ପକ୍ଷରୁ ୨ବର୍ଷ ପୂର୍ବେ ଆରମ୍ଭ ହୋଇଥିବା ପିଏମ୍ ବିଶ୍ୱକର୍ମା ଯୋଜନା ଗଞ୍ଜାମ ଜିଲ୍ଲାରେ ଦିଗହରା ହେବାକୁ ବସିଛି। ତୃଣମୂଳସ୍ତରରେ ସଚେତନତା ଅଭାବରୁ ଏହି ଯୋଜନା କାରିଗରଙ୍କ ନିକଟରେ ପହଞ୍ଚି ପାରୁନାହିଁ। ଫଳରେ କାରିଗରଙ୍କୁ ଦକ୍ଷତା ପ୍ରଶିକ୍ଷଣ, ଦକ୍ଷତା ରୂପାନ୍ତରୀକରଣ ଓ ପ୍ରସ୍ତୁତ କରୁଥିବା ଉତ୍ପାଦର ବିକ୍ରିବଟା ପାଇଁ ବଜାର ସୃଷ୍ଟି କରିବା ଭଳି ସରକାରଙ୍କ ଲକ୍ଷ୍ୟ ହାସଲ ହୋଇପାରୁନାହିଁ।
କୁଶଳୀ କାରିଗରଙ୍କ ଦକ୍ଷତା ବିକାଶ ସହ କୌଳିକ ବୃତ୍ତିକୁ ଏକ ନୂତନ ପରିଚୟ ପ୍ରଦାନ ନିମନ୍ତେ ୨୦୨୩ ସେପ୍ଟେମ୍ବର ୧୭ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପିଏମ୍-ବିଶ୍ୱକର୍ମା ଯୋଜନା ଲୋକାର୍ପିତ କରିଥିଲେ। ଏହି ଯୋଜନାରେ ୧୮ ପ୍ରକାର କୌଳିକ ବୃତ୍ତିକୁ ଅନ୍ତର୍ଭୁକ୍ତ କରାଯାଇଛି। ରାଜ୍ୟର ବିଭିନ୍ନ ଜିଲ୍ଲାରେ କୌଳିକ ବୃତ୍ତି ଉପରେ ନିର୍ଭର କରୁଥିବା କାରିଗରଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଏ। ଏହାସହ ତାଲିମ କେନ୍ଦ୍ରରେ ମାର୍କେଟିଂ ଓ ଆନୁଷଙ୍ଗିକ ଭିତ୍ତିଭୂମି ପ୍ରଦାନ ସହ ମାନପତ୍ର ଏବଂ ଆର୍ଥିକ ସହାୟତା ଠାରୁ ଆରମ୍ଭ କରି ସରକାରୀସ୍ତରରେ ଆବଶ୍ୟକ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦେବାର ବ୍ୟବସ୍ଥା ରହିଛି। କିନ୍ତୁ ସରକାରୀ ସ୍ତରରେ ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଏକ୍ଷେତ୍ରରେ ସଚେତନତାର ଅଭାବ ଥିବା ଅଭିଯୋଗ ହୋଇଛି।
ବ୍ରହ୍ମପୁର ସ୍ଥିତ ସିଟିସିସି ସମ୍ପ୍ରସାରଣ କେନ୍ଦ୍ରରେ କାରିଗରମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ଏହି ପ୍ରଶିକ୍ଷଣ କେନ୍ଦ୍ରରେ ଗତ ୩ମାସ ଧରି ପଥର ଶିଳ୍ପୀ, କୁମ୍ଭାର ଓ ବେତ କାରିଗରଙ୍କୁ ବୃତ୍ତିଗତ ପ୍ରଶିକ୍ଷଣ ଦିଆଯାଉଛି। ୩ଟି ବ୍ୟାଚରେ ୭୮ଜଣ ପ୍ରଶିକ୍ଷଣ ନେଇଛନ୍ତି। ଗୋଟିଏ ବ୍ୟାଚରେ ସର୍ବାଧିକ ୪୦ଜଣ କାରିଗରକୁ ପ୍ରଶିକ୍ଷଣ ଦେବାର ବ୍ୟବସ୍ଥା ଥିବାବେଳେ ମାତ୍ର ୧୨ରୁ ୧୫ଜଣ ହିଁ ପ୍ରଶିକ୍ଷଣ ନେଉଥିବା ଦେଖିବାକୁ ମିଳିଛି। ଜଣେ ଆବେଦନକାରୀଙ୍କ ଆବେଦନର ଯାଞ୍ଚ ପଞ୍ଚାୟତରୁ ଆରମ୍ଭ କରି ଜିଲ୍ଲା ଶିଳ୍ପକେନ୍ଦ୍ର କାର୍ଯ୍ୟାଳୟ ଓ ରାଜ୍ୟସ୍ତରୀୟ ଜିଲ୍ଲା ଫେଲିସିଟେସନ ଅଫିସରଙ୍କ ଅନୁମୋଦନ ସହ ତିନୋଟି ପର୍ଯ୍ୟାୟରେ ଆବେଦନକାରୀଙ୍କ ନିରୀକ୍ଷା କରାଯାଇଥାଏ। ଏହାପରେ ଆବେଦନକାରୀ ତଥା କାରିଗରଙ୍କ ପାଇଁ ଉଦ୍ଦିଷ୍ଟ ସାପ୍ତାହିକ ପ୍ରଶିକ୍ଷଣ ଶିବିରରେ ପ୍ରଥମ ଦିନକୁ ଜିରୋ ଦିବସ ଏବଂ ଶେଷ ଦିନକୁ ଆସେସ୍‌ମେଣ୍ଟ ଦିବସ ଭାବେ ପାଳନ କରାଯାଇଥାଏ। ପ୍ରଶିକ୍ଷଣ ନେଉଥିବା ଜଣେ କାରିଗର ପିଛା ୬ହଜାର ୨୫୦ଟଙ୍କାର ଆର୍ଥିକ ସହାୟତା ସହିତ ଅତ୍ୟାଧୁନିକ ଟୁଲ କିଟ୍ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଉଛି। ତାଲିମ ଗ୍ରହଣ ପରେ




କାରିଗର ନିକଟକୁ ଡ଼ାକବିଭାଗ ଜରିଆରେ ଟୁଲ୍ କିଟ୍ ଯୋଗାଇ ଦିଆଯାଇଥାଏ। ଏହା ବ୍ୟତିତ ତାଲିମପ୍ରାପ୍ତ କାରିଗରଙ୍କୁ ଋଣ ପ୍ରଦାନର ବ୍ୟବସ୍ଥା ମଧ୍ୟ ରହିଛି। ତେବେ ଏହି ଯୋଜନାରେ ପ୍ରଶିକ୍ଷଣ ନେବା ପାଇଁ ଗଞ୍ଜାମ ଜିଲ୍ଲାରେ ମୋଟ ୭୨ହଜାର ଆବେଦନକାରୀଙ୍କ ମଧ୍ୟରୁ ମାତ୍ର ୧୬ହଜାର ୪୬୬ଜଣ କାରିଗରଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ଯୋଜନାରେ ସାମିଲ କରାଯାଇଛି। ଅନ୍ୟମାନଙ୍କୁ ବିଭିନ୍ନ କାରଣ ଦର୍ଶାଇ ବାଦ୍ ଦିଆଯାଇଛି। ସେହିଭଳି ତାଲିମପ୍ରାପ୍ତ କାରିଗରଙ୍କ ମଧ୍ୟରୁ କେବଳ ୨୦୮୫ଜଣଙ୍କୁ ଋଣ ମିଳିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ପୂର୍ବରୁ କିଛି ଘରୋଇ ସଂସ୍ଥାର ସହଭାଗିତାରେ ଜିଲ୍ଲାର ୨୩ଟି ସ୍ଥାନରେ ପ୍ରଶିକ୍ଷଣ ଶିବିର ଆୟୋଜିତ ହେଉଥିଲା ଯାହା ବର୍ତ୍ତମାନ କେବଳ ବ୍ରହ୍ମପୁରର ଗୋଟିଏ କେନ୍ଦ୍ରରେ ହେଉଛି। କେନ୍ଦ୍ରରେ ରହିବା ନିମନ୍ତେ କୌଣସି ବ୍ୟବସ୍ଥା ନଥିବା ବେଳେ ଦୂରଦୂରାନ୍ତରୁ ଆବେଦନକାରୀ ଏଠାକୁ ଆସି ପ୍ରଶିକ୍ଷଣ ନେବାକୁ ଆଗ୍ରହ ପ୍ରକାଶ କରୁନଥିବା ଦେଖିବାକୁ ମିଳୁଛି। ଏଭଳି ଭାବେ ସଚେତନତା ଅଭାବ ସାଙ୍ଗକୁ ଆବଶ୍ୟକ ଭିତ୍ତିଭୂମିର ଅଭାବ କାରଣରୁ ଜିଲ୍ଲାରେ ଥିବା ଏକମାତ୍ର ପ୍ରଶିକ୍ଷଣ କେନ୍ଦ୍ରରେ ମଧ୍ୟ ପ୍ରତି ବ୍ୟାଚରେ ହାତଗଣତି କାରିଗର ପ୍ରଶିକ୍ଷଣ ନେଉଥିବା ଜଣାପଡ଼ିଛି। ତେଣୁ ଏଥିପ୍ରତି ଜିଲ୍ଲା ପ୍ରଶାସନ ଗୁରୁତ୍ୱ ଦେବା ସହ ଏହି ଯୋଜନାର ପ୍ରଚାର ପ୍ରସାର କରିବା ସହ ତୃଣମୂଳ ସ୍ତରରେ କାରିଗରଙ୍କ ନିକଟରେ ଯୋଜନାର ଲାଭ ସମ୍ପର୍କରେ ଅବଗତ କରିବା ଜରୁରୀ ହୋଇପଡ଼ିଛି।

## ଦିଲ୍ଲୀ ପୁଲିସ ଦ୍ୱାରା ଭଦ୍ରକରୁ ୨ ଯୁବକ ଗିରଫ ଘଟଣା

# ବିସ୍ଫୋରଣରେ ହାତ ନାହିଁ; ମିଳିଛି ଅନ୍‌ଲାଇନ୍ ଠକେଇ ଲିଙ୍କ୍

ଭଦ୍ରକ,୧୪।୧୨(ସମିସ): ଦିଲ୍ଲୀ ପୁଲିସ ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ଥାନା ଅଞ୍ଚଳରୁ ୨ ଯୁବକଙ୍କୁ ଗିରଫ ଘଟଣାରେ ନେଇ ଏବେ ବିଭିନ୍ନ ଚର୍ଚ୍ଚା ଚାଲିଥିବାବେଳେ ଭଦ୍ରକ ଏସ୍‌ପି ମନୋଜ କୁମାର ରାଉତ ଏ ନେଇ ପ୍ରତିକ୍ରିୟା ଦେଇଛନ୍ତି। ଶ୍ରୀ ରାଉତ କହିଛନ୍ତି ଯେ ଏହି ୨ଯୁବକଙ୍କର ଦିଲ୍ଲୀ କାର୍ ବିସ୍ଫୋରଣ ମାମଲା ସହ କୌଣସି ସମ୍ପର୍କ ନାହିଁ। ତେବେ ଏମାନେ ଅନ୍‌ଲାଇନ୍ ଠକେଇ ମାମଲାରେ ଗିରଫ ହୋଇଛନ୍ତି। ଡିଜିଟାଲ ଆରେଷ୍ଟ ମାମଲାରେ ବ୍ୟବହାର ମୋବାଇଲ୍ ନମ୍ବର୍ ଏମାନଙ୍କ ନିକଟରେ ଥିଲା। ଦିଲ୍ଲୀ ପୁଲିସ ଭଦ୍ରକ ପୁଲିସକୁ ସ୍ପଷ୍ଟ ତଥ୍ୟ ଦେଇଥିବା କହିଛନ୍ତି ଏସ୍‌ପି ଶ୍ରୀ ରାଉତ।
ସୂଚନାଯୋଗ୍ୟ, ବେଆଇନ ସିମ୍ ଏବଂ ନକଲି ଫୋନ୍ ବିକ୍ରି ଅଭିଯୋଗରେ ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ଥାନା ମଞ୍ଜୁରୀ ରୋଡ ବଜାରରେ ଥିବା ମୋବାଇଲ୍ ଦୋକାନୀ ସନ୍ତୋଷ ଖଣ୍ଡାଇତଙ୍କୁ ଦିଲ୍ଲୀ ପୁଲିସ୍ ଗିରଫ କରିଥିଲା। ସେହିଭଳି ବନ୍ତ ଅଞ୍ଚଳର ମହେଶ୍ୱର ଖୁଣ୍ଟିଆଙ୍କୁ ବି ଉଠାଇନେଇଥିଲା ଦିଲ୍ଲୀ ପୁଲିସ। ଭଣ୍ଡାରିପୋଖରୀ ପୁଲିସ ସହାୟତାରେ ଦିଲ୍ଲୀ ପୁଲିସ ସନ୍ତୋଷଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲା। ସେ ନକଲି ମୋବାଇଲ ଓ ସିମ୍ ବିକ୍ରି କରୁଥିବା ଜଣା ପଡ଼ିଥିଲା। ପରେ ଅଭିଯୁକ୍ତ ସନ୍ତୋଷ ଓ ମହେଶ୍ୱରଙ୍କୁ ଭଦ୍ରକ କୋର୍ଟର ଟ୍ରାନଜିଟ୍ ରିମାଣ୍ଡରେ ଦିଲ୍ଲୀ ନିଆଯାଇଥିବା ଜଣାପଡ଼ିଛି। ଦୁହେଁ ମିଶି ନୂଆ ସିମ୍ କାର୍ଡ କିଣିବାକୁ ଆସୁଥିବା ଗ୍ରାହକଙ୍କର ଆଧାର କାର୍ଡ ଉପଯୋଗ କରି ଅଜଣାତରେ ଏକକାଳୀନ ବହୁ ସିମ୍‌କୁ ଆକ୍ଟିଭ କରୁଥିବା ସୂଚନା ମିଳିଛି। ଗ୍ରାହକଙ୍କୁ ଗୋଟିଏ ସିମ୍ କାର୍ଡ ଦେଇ ଅନ୍ୟଗୁଡ଼ିକ ଆକ୍ଟିଭ କରି ଚଡ଼ା ଦରରେ ଠକଙ୍କୁ ବିକ୍ରି କରୁଥିଲେ। ଏହି ସିମକାର୍ଡଗୁଡ଼ିକ ଅପରାଧିକ କାର୍ଯ୍ୟରେ ବ୍ୟବହାର ହେଉଥିଲା। ଦିଲ୍ଲୀ ସାହିନବାଗ ଥାନାରେ ଏ ନେଇ ରୁଜୁ ହୋଇଥିବା ମାମଲାରେ ଅଭିଯୁକ୍ତଙ୍କ ଠାରୁ ବେଆଇନ ସିମକାର୍ଡ ଜବତ ହେବା ପରେ ଏହି ଘଟଣାର ପର୍ଦ୍ଦାଫାସ ହୋଇଥିଲା।

## ବିଫଳ ପ୍ରେମିକଙ୍କ ଉନ୍ମତ୍ତ କାଣ୍ଡ

# ପ୍ରେମିକାର ତଣ୍ଟି କାଟିଲା ପରେ ନିଜ ତଣ୍ଟି କାଟିଲା

ଫୁଲବାଣୀ/ଫିରିଙ୍ଗିଆ,୧୪।୧୨(ସମିସ): ପ୍ରେମରେ ବିଫଳ ହେବାପରେ ପ୍ରେମିକ ଘଟାଇଛି ଉନ୍ମତ୍ତ କାଣ୍ଡ। ଛୁରୀରେ ପ୍ରେମିକାଙ୍କ ସହ ନିଜର ବେକ କାଟି ପକାଇଛି। ଉଭୟ ଏବେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ। ଏଭଳି ଘଟଣା ଘଟିଛି ଫୁଲବାଣୀ ଟାଉନ ଥାନା ଅନ୍ତର୍ଗତ ପିଅନପଡ଼ା ଅଞ୍ଚଳରେ।
ସୂଚନା ଅନୁଯାୟୀ, ଭଞ୍ଜନଗର ନିକଟ ଗୋବରା ବଣିପଲ୍ଲୀର ଶୁଭମ ସ୍ୱାଇଁଙ୍କ ପିଅନପଡ଼ା ଅଞ୍ଚଳର ଜନୈକା ଯୁବତୀଙ୍କ ସହିତ ପ୍ରାୟ ତିନି ବର୍ଷ ହେଲା ପ୍ରେମ ସମ୍ପର୍କ ଥିଲା। ଉଭୟେ ବାହା ହେବାକୁ ପରସ୍ପରକୁ କଥା ଦେଇଥିଲେ। ମାତ୍ର ପ୍ରେମିକାଙ୍କ ଅନ୍ୟତ୍ର ବିବାହ ପ୍ରସ୍ତାବ ଆସିବାରୁ ସେ ରାଜି ହୋଇଯାଇଥିଲେ। ଏହା ଶୁଣି ପ୍ରେମିକର ମୁଣ୍ଡକୁ ପିତ୍ତ ଚଢ଼ି ଯାଇଥିଲା। ଶନିବାର ସନ୍ଧ୍ୟାରେ ଫୁଲବାଣୀରେ ପହଞ୍ଚି ପ୍ରେମିକାଙ୍କ ଘରେ କେହି ନ ଥିବା ବେଳେ ଘରକୁ ଯାଇ ପୁଣି ବାହା ହେବାକୁ ନେହୁରା ହୋଇଥିଲା। ମାତ୍ର ପ୍ରେମିକା ମନା କରିବାରୁ ଏକ ଛୁରୀରେ ତାଙ୍କ ବେକକୁ କାଟି ଦେଇଥିଲା। ଚିତ୍କାର ଶୁଣି ପଡ଼ୋଶୀ ଧାଇଁ ଆସି ଯୁବକଙ୍କୁ କାବୁ କରି ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚିବା ଦେଖି ଶୁଭମ ଧରିଥିବା ଛୁରୀରେ ନିଜ ବେକକୁ ମଧ୍ୟ କାଟି ଦେଇଥିଲେ। ଉଭୟେ ଏବେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ। ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ଥିବା କହିଛନ୍ତି ଡାକ୍ତର। ଟାଉନ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା ଟାଉନ ଥାନା ଅଧିକାରୀ ପି.ସ୍ୱରୂପ କିଶନ୍ କହିଛନ୍ତି।

# ସୁଟାଣୀ ଘାଟିରେ ଡକାୟତଙ୍କୁ ଧରି ନିର୍ଘୁମ୍ ଛେଚିଲେ ଗ୍ରାମବାସୀ


ଫିରିଙ୍ଗିଆ,୧୪।୧୨(ସମିସ): ଫିରିଙ୍ଗିଆ ଓ କନ୍ଧମାଳ ବ୍ଲକ ସୀମାନ୍ତ ଲୁଇସିଂ ପଞ୍ଚାୟତର ସୁଟାଣୀ ଘାଟିରେ ୨ ଡକାୟତଙ୍କୁ ଧରି ଶନିବାର ରାତିରେ ଗ୍ରାମବାସୀ ନିର୍ଘୁମ ମାଡ଼ ମାରିବା ପରେ ଗୋଚ୍ଛାପଡ଼ା ପୁଲିସ ଜିମା ଦେଇଛନ୍ତି। ସେମାନେ ହେଲେ ସୁବର୍ଣ୍ଣପୁର ଜିଲ୍ଲା ଜନମୁର ଗାଁର ହେମନ୍ତ କଉର(୨୫) ଓ ଇନ୍ଦ୍ରଜିତ ମହାନନ୍ଦ(୨୬)।
ପ୍ରକାଶ ଯେ, ଫିରିଙ୍ଗିଆ ଓ କନ୍ଧମାଳ ବ୍ଲକ ସୀମାନ୍ତ ଲୁଇସିଂ ପଞ୍ଚାୟତର ସୁଟାଣୀ ଘାଟିରେ ନିୟମିତ ଲୁଟ୍‌ପାଟ କରୁଥିଲେ ଡକାୟତ। ମାରଣାସ୍ତ୍ର ଦେଖାଇ ଲୋକଙ୍କୁ ଭୟଭୀତ କରି ସୁନା, ଟଙ୍କା, ମୋବାଇଲ




ଏମିତି କି ବାଇକ, କାର ମଧ୍ୟ ଲୁଟି ନେଇଥିବା ପୂର୍ବରୁ ଅଭିଯୋଗ ହୋଇଛି। ଲୋକେ ଡକାୟତଙ୍କୁ କାବୁ କରିବାକୁ ଚେଷ୍ଟା କରୁଥିଲେ ମଧ୍ୟ ସେମାନେ ଅସ୍ତ୍ରଶସ୍ତ୍ର ଦେଖାଇ ଭୟଭୀତ କରି ଫେରାର ହୋଇଯାଉଥିଲେ। କିଛିଦିନ ତଳେ ଏକ ବୋଲେରୋକୁ ଅଟକାଇ ଦୁର୍ବୃତ୍ତ ଲୁଟ୍‌ପାଟ୍ କରିଥିବାବେଳେ ଶନିବାର କୁଏରମାଣ୍ଡ ପଞ୍ଚାୟତର ତେତେଲ ପଡାଗାଁର ଜରନି କହଁର ପୁଅର ଦେହ ଅସୁସ୍ଥ ଥିବାରୁ ସ୍ତ୍ରୀ ଓ ପୁଅକୁ ଧରି ବାଇକ୍‌ରେ କନ୍ଧମାଳ ଯାଉଥିବାବେଳେ ସୁଟାଣୀ ଘାଟିରେ କିଛି ଡକାୟତ ସେମାନଙ୍କୁ ଅଟକାଇଥିଲେ। ମାରଣାସ୍ତ୍ର ଦେଖାଇ ଭୟଭୀତ କରି ବାଇକ, ମୋବାଇଲ ଓ ୨୫ ଶହ ଟଙ୍କା ଛଡ଼ାଇ ନେଇଥିଲେ। ଏହାର କିଛି ସମୟ ପୂର୍ବରୁ ଅନ୍ୟକିଛି ଲୋକଙ୍କ ଠାରୁ ଲୁଟିବାକୁ ଉଦ୍ୟମ କରିଥିବାରୁ ସେମାନେ ନିକଟରେ ଥିବା ଗାଁରେ ସୂଚନା ଦେଇଥିଲେ। ଗ୍ରାମବାସୀ ଖବର ପାଇ ଘାଟିକୁ ଘେରିଯାଇ ହେମନ୍ତ ଓ ଇନ୍ଦ୍ରଜିତଙ୍କୁ କାବୁ କରି ନିର୍ଘୁମ ଚେଚିଥିବାବେଳେ ଅନ୍ୟ ୨ ଜଣ ଖସି ପଳାଇଥିଲେ। ଖବର ପାଇ ଗୋଚ୍ଛାପଡ଼ା ପୁଲିସ ପହଞ୍ଚିବା ପରେ ଅଟକ ଦୁଇ ଡକାୟତଙ୍କୁ ଗ୍ରାମବାସୀ ସେମାନଙ୍କ ଜିମା ଦେଇଥିଲେ। ପୁଲିସ ହେମନ୍ତ ଓ ଇନ୍ଦ୍ରଜିତ୍‌ଙ୍କ ଠାରୁ ୨୫ ଶହ ଟଙ୍କା, ମୋବାଇଲ ଓ ବାଇକ ଜବତ କରିଛି। ଏନେଇ ଗୋଚ୍ଛାପଡା ଥାନାରେ ଏକ ମାମଲା ରୁଜୁ ହୋଇଛି। ସୁଟାଣୀ ଘାଟିରେ ବାରମ୍ବାର ଏଭଳି ଲୁଟପାଟ୍ ହେଉଥିବାରୁ ପୁଲିସ ପାଟ୍ରୋଲିଂ ବ୍ୟବସ୍ଥା କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଦେଶରେ ରୁଜୁ ମାମଲା କ୍ଷେତ୍ରରେ ବିଦେଶରେ ପଞ୍ଜିକୃତ ଫୌଜଦାରୀ ମାମଲା ବାଧକ ନୁହେଁ: ହାଇକୋର୍ଟ

କଟକ,୧୪।୧୨(ସମିସ): ବିଦେଶରେ ଜଣେ ବ୍ୟକ୍ତିଙ୍କ ବିରୁଦ୍ଧରେ ଫୌଜଦାରୀ ମାମଲା ପଞ୍ଜିକୃତ ହୋଇଥିବାରୁ ଭାରତରେ ସମାନ ତଥ୍ୟ କିମ୍ବା ସମାନ ଅପରାଧ ପାଇଁ ରୁଜୁ ମାମଲାରେ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ କୌଣସି ପ୍ରତିବନ୍ଧକ ନାହିଁ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ସୌମ୍ୟରଞ୍ଜନ ପଣ୍ଡାଙ୍କ ତରଫରୁ ରୁଜୁ ଏକ ଜାମିନ ଆବେଦନକୁ ମଞ୍ଜୁର କରି ଜଷ୍ଟିସ ଗୌରୀଶଙ୍କର ଶତପଥୀ ଏପରି ରାୟ ପ୍ରକାଶ କରିଛନ୍ତି। ଆବେଦନକାରୀଙ୍କ ବିରୁଦ୍ଧରେ ଜାମ୍ବିଆରେ ଏକ ଫୌଜଦାରୀ ମାମଲା ପଞ୍ଜୀକରଣ କିମ୍ବା ୱାରେଣ୍ଟ ଜାରି ହେବା ଭାରତୀୟ ଦଣ୍ଡ ସଂହିତା ଅନୁଯାୟୀ ଭାରତରେ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ପ୍ରତିବନ୍ଧକ ନୁହେଁ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି। କେବଳ ଏହି ପ୍ରତିବନ୍ଧକ ସେତେବେଳେ ପ୍ରଯୁଜ୍ୟ ହେବ ଯେତେବେଳେ ଜଣେ ବ୍ୟକ୍ତିଙ୍କୁ ଏକ ଅଦାଲତ ଦ୍ୱାରା କୌଣସି ଅପରାଧ ପାଇଁ ଅଭିଯୁକ୍ତ କିମ୍ବା ଦୋଷମୁକ୍ତ କରାଯାଇଥିବ ବୋଲି ପ୍ରକାଶିତ ରାୟରେ ହାଇକୋର୍ଟ ଉଲ୍ଲେଖ କରିଛନ୍ତି।
ମାମଲାରୁ ପ୍ରକାଶ ଯେ ଆବେଦନକାରୀଙ୍କ ବିରୋଧରେ ଜାମ୍ବିଆରେ ଏକ ଆର୍ଥିକ ଠକେଇ ଅଭିଯୋଗ ହୋଇଥିଲା। କମ୍ପାନୀ ଆକାଉଣ୍ଟରୁ ଯାଜପୁରସ୍ଥିତ ନିଜ ନାମରେ ଥିବା ବ୍ୟାଙ୍କ ଆକାଉଣ୍ଟକୁ ୧ଲକ୍ଷଡଲାର ଟ୍ରାନ୍ସଫର କରିଥିଲେ। ଜାମ୍ବିଆରେ ତାଙ୍କ ବିରୁଦ୍ଧରେ ଏକ ଅପରାଧିକ ମାମଲା ରୁଜୁ ସହ ୱାରେଣ୍ଟ ଜାରି କରାଯାଇଥିଲା।



ସେହିଭଳି ନିଯୁକ୍ତିଦାତା କମ୍ପାନୀର ନିର୍ଦ୍ଦେଶକଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା ଆଧାରରେ, ଭାରତୀୟ ଦଣ୍ଡ ସଂହିତାର ବିଭିନ୍ନ ଧାରା ଅନୁଯାୟୀ ଯାଜପୁର ବରି ରାମଚନ୍ଦ୍ରପୁର ଥାନାରେ ଏକ ଏତଲା ରୁଜୁ କରାଯାଇଥିଲା। ପୁଲିସ ଏହି ଘଟଣାରେ ଆବେଦନକାରୀଙ୍କୁ ଗିରଫ କରିଥିବା ବେଳେ ଯାଜପୁରର ଜେଏମଏଫସି ଅଦାଲତରେ ଜାମିନ ଖାରଜ ହେବାରୁ ଅଭିଯୁକ୍ତ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଭାରତ ବାହାରେ ଆବେଦନକାରୀଙ୍କ ବିରୋଧରେ ମାମଲା ରହିଥିବାରୁ ଏଠାରେ ଜାମିନ ଆବେଦନକୁ ସରକାରୀ ଓକିଲ ବିରୋଧ କରିଥିଲେ। ଯେହେତୁ ଉକ୍ତ ଅପରାଧ ମାଜିଷ୍ଟ୍ରେଟଙ୍କ ଦ୍ୱାରା ବିଚାରଯୋଗ୍ୟ ଏବଂ ତାଙ୍କ ପାସପୋର୍ଟ ଜବତ କରାଯାଇଛି। ଏଣୁ ମାମଲାରେ ଆବେଦନକାରୀଙ୍କୁ ହେପାଜତରେ ପଚରାଉଚରା ଆବଶ୍ୟକ ନଥିବାରୁ ତାଙ୍କୁ ଜାମିନରେ ମୁକ୍ତ କରିବାକୁ ଅଦାଲତ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଅଷ୍ଟ୍ରେଲିଆରେ ଆତଙ୍କୀ...

୧୯୯୬ ଏପ୍ରିଲ ୨୮ ରେ ଏକ ବଡ଼ ଧରଣର ଗୁଳିକାଣ୍ଡ ହୋଇଥିଲା ଓ ଏହାକୁ ପୋର୍ଟ ଆର୍ଥର ନରସଂହାର ବୋଲି କୁହାଯାଇଥିଲା। ଏଥିରେ ୩୫ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୨୩ ଜଣ ଆହତ ହୋଇଥିଲେ।
ମିଳିଥିବା ସୂଚନା ଅନୁଯାୟୀ ସିଡନୀର ବଣ୍ଡି ବିଚ୍‌ରେ ରବିବାର ଲୋକମାନେ ଛୁଟି କାଟିବାକୁ ଯାଇ ସେଠାରେ ଉତ୍ସବ ମନାଉଥିବା ବେଳେ ଦୁଇଜଣ ଆତଙ୍କବାଦୀ ସେମାନଙ୍କ ଉପରେ ଗୁଳି ବର୍ଷା ଆରମ୍ଭ କରିଥିଲେ। ଇହୁଦୀମାନେ ହୁନକା ଉତ୍ସବ ପାଳନ କରିବା ବେଳେ ଏହି ଆକ୍ରମଣ ହୋଇଥିଲା ବୋଲି ଅଧିକାରୀମାନେ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ପୋଷ୍ଟ କରି ଉଲ୍ଲେଖ କରିଛନ୍ତି। ସାମାଜିକ ଗଣମାଧ୍ୟରେ ପ୍ରସାରିତ ହେଉଥିବା ଭିଡିଓ ଫୁଟେଜରେ କଳା ପୋଷାକ ପିନ୍ଧିଥିବା ଦୁଇଜଣ ଯୁବକ ରାସ୍ତା ଉପରେ ଠିଆ ହୋଇ ଉଚ୍ଚ କ୍ଷମତା ସମ୍ପନ୍ନ ବନ୍ଧୁକରୁ ଗୁଳି ଫୁଟାଉଥିବା ଲକ୍ଷ୍ୟ କରାଯାଉଛି। ପାଖରେ ଥିବା ଲୋକମାନେ ଚିତ୍କାର କରି ଜୀବନ ବଞ୍ଚାଇବା ପାଇଁ ଦୌଡ଼ୁଥିବା ଦେଖାଯାଇଛି। ସନ୍ଦିଗ୍ଧ ଆକ୍ରମଣକାରୀଙ୍କ ମଧ୍ୟରୁ ଜଣକୁ ପୁଲିସ ଗୁଳି କରିଛି। ଅନ୍ୟଜଣକୁ ସାଧାରଣ ଲୋକେ କାବୁ କରି ନେଇଥିଲେ। ଏବେ ସେ ପୁଲିସ ହେପାଜତ୍‌ରେ ଅଛି। ସିଡନୀ ମର୍ଣ୍ଣିଂ ହେରାଲ୍ଡ ରିପୋର୍ଟ ଅନୁଯାୟୀ ଆତଙ୍କବାଦୀମାନେ ପ୍ରାୟ ୫୦ ରାଉଣ୍ଡ ଗୁଳି ଚଳାଇଥିଲେ। ପୁଲିସ ଜବାବ ଦେବାକୁ ବାଧ୍ୟ ହୋଇଥିଲା ଘଟଣାସ୍ଥଳରୁ ଦୂରେଇ ରହିବାକୁ ପୁଲିସ ଜନସାଧାରଣଙ୍କୁ ନିର୍ଦ୍ଦେଶ ଦେଇଛି।
ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆନ୍ଥୋନୀ ଆଲବାନୀଜ ଏହି ଘଟଣା ନେଇ ଦୁଃଖ ବ୍ୟକ୍ତ କରି କହିଛନ୍ତି ଯେ, ବଣ୍ଡିର ଦୃଶ୍ୟଗୁଡିକ ଆଶ୍ଚର୍ଯ୍ୟଜନକ ଓ ଦୁଃଖଦାୟକ। ପୁଲିସ ଓ ଜରୁରୀକାଳୀନ ଭିତ୍ତିରେ କାର୍ଯ୍ୟକରୁଥିବା କର୍ମଚାରୀମାନେ ଲୋକଙ୍କ ଜୀବନ ବଞ୍ଚାଇବା ପାଇଁ ଘଟଣାସ୍ଥଳରେ କାର୍ଯ୍ୟ କରୁଛନ୍ତି। ମୋର ଭାବନା ପ୍ରଭାବିତ ବ୍ୟକ୍ତିଙ୍କ ସହିତ ଅଛି। ମୁଁ ବର୍ତ୍ତମାନ ଏଏଫ୍‌ପି କମିଶନର ଓ ନ୍ୟୁ ସାଉଥୱେଲ୍ସ ପ୍ରଧାନମନ୍ତ୍ରୀଙ୍କ ସହ କଥା ହେଉଛି। ଆମେ ବର୍ତ୍ତମାନ ପୁଲିସ ସହିତ ମିଶି କାର୍ଯ୍ୟକରୁଛୁ। ପୁଲିସ ନିର୍ଦ୍ଦେଶ ଅନୁସାରେ କାର୍ଯ୍ୟ କରିବାକୁ ଆଖାପାଖ ଲୋକଙ୍କୁ ଅନୁରୋଧ କରୁଛି।
ଉଲ୍ଲେଖଥାଉ କି, ସିଡ୍‌ନୀର ପୂର୍ବ ଉପକୂଳରେ ବଣ୍ଡି ବେଳାଭୂମି ୩,୦୦୦ ମିଟର ପର୍ଯ୍ୟନ୍ତ ଲମ୍ବି ରହିଛି। ଏହା ସିଡନୀ ଅନ୍ୟତମ ଶ୍ରେଷ୍ଠ ପର୍ଯ୍ୟଟନ ସ୍ଥଳି। ଲୋକେ ଏଠାକୁ ଛୁଟି କଟାଇବାକୁ ଆସିଥାନ୍ତି। ୧୧ ବର୍ଷ ତଳେ ସିଡନୀରେ ଏହଭଳି ଏକ ଘଟଣା ଘଟିଥିଲା। ସେତେବେଳେ ସିଡନୀର ଲଣ୍ଡ କାଫ୍‌ରେ ଜଣେ ବନ୍ଧୁକଧାରୀ ୧୮ ଜଣ ଲୋକଙ୍କୁ ପଣବନ୍ଦୀ ରଖିଥିଲା। ଏହି ଘଟଣାରେ ଦୁଇଜଣ ପଣବନ୍ଦୀ ଓ ଆକ୍ରମଣକାରୀ ମୃତ୍ୟୁବରଣ କରିଥିଲେ।

### ନିତିନ ନବୀନ...

କୁମାରଙ୍କ ମନ୍ତ୍ରିମଣ୍ଡଳରେ କ୍ୟାବିନେଟ ମନ୍ତ୍ରୀ ଥିବା ନୀତୀନଙ୍କୁ ରାଜ୍ୟ ସ୍ତରରେ ଦଳର ବିଚକ୍ଷଣ ରଣନୀତିକାର ବୋଲି କୁହାଯାଉଛି। ସ୍ୱର୍ଗତ ବିାଜେପି ନେତା ନବୀନ କିଶୋର ଶର୍ମାଙ୍କ ପୁଅ ନୀତୀନ ଆରମ୍ଭରୁ ଆରଏସଏସ୍ ସହ ସଂପୃକ୍ତ ରହି ଆସିଛନ୍ତି। ଝାଡ଼ଖଣ୍ଡର ରାଞ୍ଚିରେ ୧୯୮୦ରେ ଜନ୍ମ ଗ୍ରହଣ କରିଥିବା ନୀତୀନ ତାଙ୍କ ପିତାଙ୍କ ମୃତ୍ୟୁ ପରେ ୨୦୦୬ରେ ସକ୍ରିୟ ରାଜନୀତିରେ ଅଂଶ ଗ୍ରହଣ କରିଥିଲେ। ୨୦୦୬ ଠାରୁ ଆରମ୍ଭ କରି ୨୦୧୦, ୨୦୧୫, ୨୦୨୦ ଏବଂ ୨୦୨୫ରେ ମଧ୍ୟ କ୍ରମାଗତ ଭାବେ ବିଧାନସଭାକୁ ନିର୍ବାଚିତ ହୋଇ ଆସୁଛନ୍ତି।
ସଭାପତି ଭାବେ ନିଯୁକ୍ତ ହେବାପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନୀତୀନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ପୋଷ୍ଟ କରି ସେ ଉଲ୍ଲେଖ କରିଛନ୍ତି ଯେ ନୀତୀନ ଜଣେ ପରିଶ୍ରମୀ କର୍ମୀ ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ସେ ଜଣେ ଯୁବ ଓ ପରିଶ୍ରମୀ ନେତା। ତାଙ୍କ ପାଖରେ ବଳିଷ୍ଠ ସାଂଗଠନିକ କ୍ଷମତା ଓ ଏ ନେଇ ଯଥେଷ୍ଟ ଅନୁଭବ ରହିଛି। ବିହାରରେ ସେ ବିଧାୟକ ଓ ମନ୍ତ୍ରୀ ଭାବେ ସଫଳତାର ସହ ନିଜର ଦାୟିତ୍ୱ ସମ୍ପାଦନ କରିଛନ୍ତି। ବିଜେପିର ଜାତୀୟ କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିବାରୁ ତାଙ୍କୁ ଅଭିନନ୍ଦନ ଜଣାଉଛି।
ଉଲ୍ଲେଖଥାଉ କି ବିଜେପିର ଅଧ୍ୟକ୍ଷ ପଦ ଦୌଡ଼ରେ ଶିବରାଜ ସିଂହ ଚୌହାନ, ସୁନୀଲ ବଂଶଲ, ଧର୍ମେନ୍ଦ୍ର ପ୍ରଧାନ, ରଘୁବର ଦାସ, ବାନତୀ ଶ୍ରୀନିବାସନ, ତାମିଲସାଇ ସୌନ୍ଦର୍ଯ୍ୟରାଜନ, ଡି ପୁରେନ୍ଦେଶ୍ୱରୀଙ୍କ ଭଳି ନେତାଙ୍କୁ ନେଇ ଜାତୀୟ ରାଜନୀତିରେ ଚର୍ଚ୍ଚା ଚାଲିଥିଲା।

### ବିହାର ରାସ୍ତାରେ...

କରି ଦୁଇ ବର୍ଷରେ କେତେ ବେଆଇନ୍ ବନ୍ଧୁକ ଜବତ ହୋଇଥିଲା ବୋଲି ପ୍ରଶ୍ନ କରିଥିଲେ। ଏହି ତଥ୍ୟ ଅନୁଯାୟୀ ୨୦୨୩ ମସିହାରେ ୭୧୬ଟି ବନ୍ଧୁକ ମିଳିଥିଲା ବେଳେ ୨୦୨୪ ମସିହାରେ ୫୭୨ଟି ବନ୍ଧୁକ ଜବତ କରାଯାଇଥିବା ନେଇ ମୁଖ୍ୟମନ୍ତ୍ରୀ ଗୃହରେ ଉତ୍ତର ରଖିଛନ୍ତି। ଏକ ଆକଳନରୁ ଜଣାପଡ଼ିଛି ଯେ ୨୦୨୪ ମସିହାରେ ଟୁଇନ୍‌ସିଟିରୁ ୭୧ଟି ବନ୍ଧୁକ ମିଳିଥିଲା ବେଳେ ୨୦୨୫ ମସିହାରେ ଟୁଇନ୍ ସିଟିରେ ୧୦୦ରୁ ଊର୍ଦ୍ଧ୍ୱ ବନ୍ଧୁକ ମିଳିଲାଣି।
ମାଓବାଦୀମାନେ ଘଞ୍ଚ ଜଙ୍ଗଲ ଭିତରେ ଦେଶୀ ବନ୍ଧୁକ ପ୍ରସ୍ତୁତ କରୁଥିଲେ। ହେଲେ ଏବେ ଉପକୂଳ ଜିଲ୍ଲା ଗୁଡ଼ିକରେ ଦେଶୀ ନୁହେଁ ବିଦେଶୀ ବନ୍ଧୁକ ତିଆରି କାରଖାନା ଚାଲୁଛି। ବର୍ଷ ବର୍ଷ ଧରି ଏହି ବନ୍ଧୁକ କାରଖାନା ଚାଲୁଥିଲେ ମଧ୍ୟ ସ୍ଥାନୀୟ ପୁଲିସକୁ ସାମାନ୍ୟତମ ସୁରକ୍ ମିଳୁନି। କଟକ ଜିଲା ୪୨ ମୌଜା ଅଞ୍ଚଳରେ ଏକ ବନ୍ଧୁକ କାରଖାନା ୧ବର୍ଷ ଧରି ଚାଲୁଥିଲା। ହେଲେ ପୁଲିସକୁ ଖବର ବି ନଥିଲା। ଏସ୍‌ଟିଏଫ୍ ଚଢାଉ କଲାପରେ ବିପୁଳ ପରିମାଣରେ ବନ୍ଧୁକ ଜବତ କଲା। ଗତକିଛି ଦିନ ଧରି କମିଶନରେଟ୍ ପୁଲିସ ନିୟମିତ ଭାବେ ୫ରୁ ଅଧିକ ବନ୍ଧୁକ ଜବତ କରୁଛି। ଏହା ମଧ୍ୟରେ ମାରାତ୍ମକ କାରବାଇନ୍ ବନ୍ଧୁକ ରହୁଛି। ଯାହାକୁ ଦେଖିଲେ ଲାଗୁଛି ଯେ କେହିବି କିଣିବ ସେ ଯେପରି ଯୁଦ୍ଧ ଘୋଷଣା କରିବାକୁ ଯାଉଛି।

### ଅମଳ ବେଳରେ...

ହେବନି ବୋଲି ଭାବି ଧାନ ମୂଳ ଏବଂ ବିଲରେ ପଡ଼ିଥିବା କୁଟାକୁ ସଫା କଲେ ଟ୍ରାକ୍ଟର ଯୋଗେ ଚାଷ କରି ମୁଗ ବୁଣିବାର ଲକ୍ଷ୍ୟ ନେଇ ଗଜେନ୍ଦ୍ର ତାଙ୍କ ବିଲରେ ରବିବାର ସକାଳେ ନିଆଁ ଲଗାଇଥିଲେ। ମାତ୍ର ପାଖ ବିଲରେ କଟା ହୋଇ କଚଡ଼ା ପଡ଼ିଥିବା ଧାନକୁ ନିଆଁ ଧରିପକାଇଥିଲା। ଏହା ଦେଖି ଗଜେନ୍ଦ୍ର ବିଚଳିତ ହୋଇପଡ଼ିଥିଲେ। ପାଖ ବିଲର ନିଆଁକୁ ଲିଭାଇବାକୁ ବହୁ ଉଦ୍ୟମ କରିଥିଲେ ହେଁ ସେଥିରେ ବିଫଳ ହୋଇଥିଲେ ଏବଂ ବିଲରେ ପଡ଼ିଯାଇଥିଲେ। ଫଳରେ ସେହି ନିଆଁରେ ପୋଡ଼ିହୋଇ ମୃତ୍ୟୁବରଣ କରିଥିଲେ। ତେବେ ଅନ୍ୟ ଚାଷୀମାନେ ସେମାନଙ୍କ ବିଲକୁ ଯିବାରେ ଗଜେନ୍ଦ୍ରଙ୍କର ପୋଡ଼ିହୋଇ ମୃତ୍ୟୁ ହୋଇଥିବାର ଦେଖି ଡାକପକାଇଥିଲେ। ଡାକ ଶୁଣି ଗ୍ରାମର ତଥା ଆଖପାଖ ଗ୍ରାମର ଲୋକମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ ଏବଂ ପୁଲିସକୁ ଜଣାଇଥିଲେ। ଖବର ପାଇ ପିପିଲି ପୁଲିସ ଏବଂ ଅରିଶଲ ଆର୍‌ଆଇ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପୁରୀ ପଠାଇବା ସହିତ ତଦନ୍ତ ଜାରି ରଖିଛି।

### ଓଡ଼ିଶାରେ ସୁରକ୍ଷିତ...

କରିଥିବା ଛତିଶଗଡ ପୁଲିସ ସୂତ୍ରରୁ ପ୍ରକାଶ। ହେଲେ ନୂଆପଡା ଜିଲ୍ଲା ସୀମାନ୍ତ ଅଞ୍ଚଳରେ ମାଓବାଦୀମାନେ ସକ୍ରିୟ ଥିବା ଏକ ସୂତ୍ରରୁ ଜଣାପଡିଛି। ଉଲ୍ଲେଖ ଯୋଗ୍ୟ ଯେ ଗତ ଦୁଇ ମାସ ମଧ୍ୟରେ ଛତିଶଗଡ ପୁଲିସ ହାତରେ କ୍ୟାଡର ମାଓ ଲିଡରମାନେ ମୃତାହତ ହେବାପରେ ତଳିଆ କ୍ୟାଡର ମାନେ କୁଆଡେ ନୂଆପଡା ଜିଲ୍ଲାର ଦୁର୍ଗମ ଜଙ୍ଗଲକୁ ସୁରକ୍ଷିତ ଜାଗା ବୋଲି ତାଲିମ କେନ୍ଦ୍ର କରି ରହୁଥିବା ଚର୍ଚ୍ଚା ହେଉଛି। ରାତି ଅଧିଆ ଜଙ୍ଗଲ ତଳି ଗାଁ ମାନଙ୍କରେ ଯାଇ ବୈଠକ ମଧ୍ୟ କରୁଥିବା କୁହାଯାଉଛି। ଆଗକୁ କିଛି ବଡ ଧରଣର ଅଘଟଣ କରିବାକୁ ସଜବାଜ କରୁଥିବା କିଛି ଲୋକ ନିଜ ନାମ ଗୋପନ ରଖିବାକୁ କହି ସୂଚନା ଦେଇଛନ୍ତି। ଅନ୍ୟପଟେ ଜିଲ୍ଲା ପୁଲିସର କୁମ୍ବିଂ ଅପରେସନ ମଧ୍ୟ ଆଖି ଦୃଶିଆ ହେଉନଥିବା କୁହାଯାଉଛି।

### ବନ ବିଭାଗରେ...

ତେବେ କାହା ପରାମର୍ଶରେ ଥର ଗାଡ଼ି କିଣାଗଲା ତାହା ସ୍ୱାଭାବିକ ସନ୍ଦେହ ସୃଷ୍ଟି କରିଛି।
ଅନୁରୂପ ଭାବରେ ଯେଉଁ ଗାଡ଼ି ଗୋଟାକୁ ୧୪.୦୧ ଲକ୍ଷ ଟଙ୍କା ଦେଇ ଜଙ୍ଗଲ ବିଭାଗ କିଣିଛି, ସେହି ଗାଡ଼ିର ସବୁଠୁ ଟପ୍ ମଡ଼େଲ ମୂଲ୍ୟ ୧୯.୭ ଲକ୍ଷ। ତେଣୁ ସେହି ଗାଡ଼ି କ୍ରୟ ନ କରି ବେସ୍ ମଡ଼େଲ ଗାଡ଼ି କିଣି ପ୍ରତି ଗାଡ଼ିରେ ୧୦.୨୮ ଲକ୍ଷ ଟଙ୍କା ମୋଡ଼ିଫିକେସନ ବାବଦରେ ଖର୍ଚ୍ଚ କେଉଁ ବୁଦ୍ଧିମାନର କାର୍ଯ୍ୟ ବୋଲି ମୋଟର ଯାନ ଓ ପରିବହନ ବିଶେଷଜ୍ଞମାନେ ପ୍ରଶ୍ନ କରିଛନ୍ତି।
ବନ୍ୟପ୍ରାଣୀ ବିଶେଷଜ୍ଞ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି ଯେ ସରକାର କେବଳ ୫୧ଟି ଥର୍ କଥା ବିଧାନସଭାରେ ଉଲ୍ଲେଖ କରିଛନ୍ତି। ମାତ୍ର ମାତ୍ର ଆହୁରି କିଣାଯାଇଥିବା ୮୯ଟି ଇସୁଜୁ ଓ ଯୋଦ୍ଧା ଗାଡ଼ି କଥା ଏଠାରେ ଉଲ୍ଲେଖ କରାଯାଇ ନାହିଁ। ଗାଡ଼ି କିଣାରେ ଅନେକ ଦୁର୍ନୀତି ହେଇଛି। ଗୋଟିଏ ଥର୍ ଗାଡ଼ି ପିଛା ପ୍ରାୟ ୨.୭୫ ଲକ୍ଷ ଟଙ୍କା ରିହାତି ଦିଆଯାଇଥିଲେ ବି ଏ କଥା କେହି ଉଲ୍ଲେଖ କରିନାହାନ୍ତି। ପୁଣି ଏକ କାଳୀନ ୧୦ଟି ଗାଡ଼ି କିଣିଲେ, ଗୋଟିଏ ଗାଡ଼ି କମ୍ପାନୀ ସମ୍ପୂର୍ଣ୍ଣ ମାଗଣା ଦେଉଥିଲା। ପୁଲିସ ବାହିନୀ ନିଜ ଗାଡ଼ି କିଣିବା ବେଳେ ମଧ୍ୟ ୧୦ ଗାଡ଼ିରେ ଗୋଟିଏ ଗାଡ଼ି ମାଗଣାରେ ପାଆନ୍ତି। ତାହେଲେ ବନ ବିଭାଗ ମାଗଣାରେ ପ୍ରତି ୧୦ଟି ଗାଡ଼ି ପିଛା ପାଇଥିବା ୫ଟି ମାଗଣା ଗାଡ଼ି କୁଆଡ଼େ ଗଲା ବୋଲି ସେ ପ୍ରଶ୍ନ କରିଛନ୍ତି। ସମସ୍ତ ଗାଡ଼ି ୨୦୨୪ ମସିହା ନଭେମ୍ବରରେ କିଣା ଯାଇଥିବା ବେଳେ ଉଭୟ ଗାଡ଼ି କିଣା ଏବଂ ମୋଡିଫିକେସନ ବାବଦରେ କୋଟି କୋଟି ଟଙ୍କା କାହିଁକି ବ୍ୟୟ କରାଗଲା ଓ ମୋଡ଼ିଫିକସନ ପାଇଁ କେଉଁ ପରିବହନ ଅଧିକାରୀ ଅନୁମତି ଦେଇଥିଲେ ତାହା ମଧ୍ୟ ସନ୍ଦେହ ସୃଷ୍ଟି କରିଛି। ଏପରିକି ଏହି ଗାଡ଼ି କିଣା ପାଇଁ ଅର୍ଥ ବିଭାଗର ଅନୁମତି ମିଳିଥିଲା କି ନାହିଁ ତାହା ମଧ୍ୟ ଏଯାଏ ସନ୍ଦେହାଛନ୍ନ ଥିବା ସେ କହିଛନ୍ତି। ଅନ୍ୟପକ୍ଷରେ ଜଙ୍ଗଲ ମଧ୍ୟରେ ଏହି ଗାଡ଼ିର ଉପାଦେୟତା ଖୁବ କମ୍ ଥିବାବେଳେ କାହା ସ୍ୱାର୍ଥ ପୂରଣ ପାଇଁ ଏହି ଗାଡ଼ି କ୍ରୟ କରାଗଲା ଏବଂ କୋଟି କୋଟି ଟଙ୍କା ଖର୍ଚ୍ଚ କରି ମୋଡିଫିକେସନ କରିବା ଆଗରୁ ପରିବହନ ବିଭାଗ ଏଥିପାଇଁ ଆବଶ୍ୟକୀୟ ଅନୁମୋଦନ ଦେଇଛି କି ନାହିଁ ମଧ୍ୟ ପ୍ରଶ୍ନ ଉଠିଛି।

**AFFIDAVIT**
By virtue of an affidavit sworn before Notary public Bhubaneswar on dated 12.12.2025, I Dipuna Gouda permanent resident of At-Bharasa, Po-Mathura, Sub Dist-Khalikote, Dist-Ganjam, Odisha, Pin-761030 declare that I have changed my name from Dipun Kumar Gouda to Dipuna Gouda. Henceforth I shall be known as **DIPUNA GOUDA** for all purposes.
Dipuna Gouda

**AFFIDAVIT**
By virtue of an affidavit sworn before Notary public Bhubaneswar on dated 12.12.2025, I Kajala Parichha permanent resident of At-Dengapadar, Jayantigada, Po-G.Dengapadar, Sub Dist-Gangapur, Dist-Ganjam, Odisha, PIN-761124 declare that I have changed my name from Kajal Paricha to Kajala Parichha. Henceforth I shall be known as **KAJALA PARICHHA** for all purposes.
Kajala Parichha

**NOTICE**
(Above 18 years of age)
By Virtue of an Affidavit sworn before the Excutive Magistrate, Udala, Mayurbhanj, dated 13-11-2025 I, Sail Sethi, Address At- Jadurghera, Po-Balidiha, Ps- Khunta, Dist-Mayurbhanj, Pin- 757109 declare that I have changed my name Sail Dei to Sail Sethi. Henceforth I shall be known as Sail Sethi for all purposes.
Sail Sethi

ADMISSION NOTICE-2025-26
**Manjari Devi College**
Affiliated to Utkal University, OUHS, PCI, OSBP & DMLT/RTEB
Campus:
262, Puranpadhan, Balakati, Bhubaneswar
Mob. 7019799641, 7978608747 9853801459
Email: mdscnbbsr@gmail.com
- **B. Pharm** Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
- **D. Pharm** Rs. 48,000/- P.A. Eligibility: +2 Sc. (PCB/M)
- **B.M.L.T.** Rs. 58,000/- P.A. Eligibility: +2 Sc. (PCB/M with 50 % Mark)
- **D.M.L.T.** Rs. 48,000/- P.A. Eligibility: +2 Sc. Pass (PCB/M)
- **M.P.H.** Rs. 42,000/- P.A. Eligibility: Any Graguate

ALL COURSE FEES ARE EXCLUDING HOSTEL

### ଅପହଞ୍ଚ ଇଲାକାରେ ସ୍ୱାସ୍ଥ୍ୟ ଟିମ୍

# ଉପାନ୍ତ ଅଞ୍ଚଳରେ ଶୂନ୍ୟ ମ୍ୟାଲେରିଆ ପାଇଁ ପ୍ରୟାସ





- ବଣ ପାହାଡ଼ ଘେରା ଗ୍ରାମରେ ଘର ଘର ବୁଲି କରୁଛନ୍ତି ଟେଷ୍ଟ
- ମଶାରି ବଣ୍ଟନ ସହ ଘରେ ହେଉଛି ଡିଡିଟି ସ୍ପ୍ରେ

**ରାଇରଙ୍ଗପୁର, ୧୪।୧୨(ସମିସ)**

ମୟୂରଭଞ୍ଜ ଜିଲ୍ଲାର ଅପହଞ୍ଚ ଇଲାକାରେ ଶୂନ୍ୟ ମ୍ୟାଲେରିଆ ମାମଲା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରୟାସ ଜାରି ରହିଛି। ବାମନଘାଟି ଉପଖଣ୍ଡର ବଣ ପାହାଡ଼ ଘେରା ଉପାନ୍ତ ଗ୍ରାମରେ ମ୍ୟାଲେରିଆ ନିରାକରଣ ନେଇ ନିରନ୍ତର ପ୍ରୟାସ ଜାରି ରହିଛି। ମ୍ୟାଲେରିଆପ୍ରବଣ ଗ୍ରାମରେ ସ୍ୱାସ୍ଥ୍ୟ ବିଭାଗ ଟିମ ପହଞ୍ଚି ମ୍ୟାଲେରିଆ ବ୍ୟାପିବାକୁ ସମ୍ପୂର୍ଣ୍ଣ ଭାବେ ରୋକିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି। ଆଦିବାସୀ ବହୁଳ ବିଜାତଳା ଅଞ୍ଚଳର ବିଭିନ୍ନ ଉପାନ୍ତ ଗ୍ରାମରେ ବିଜାତଳା ସିଏଚସି-୧ ଟିମ ଘର ଘର ବୁଲି ସ୍ୱାସ୍ଥ୍ୟ ଯାଞ୍ଚ ଆରମ୍ଭ କରିଛନ୍ତି।

ସରଗଛଡା ସବ୍‌ସେଣ୍ଟର ଅନ୍ତର୍ଗତ ହାତୀଛାଡ଼, ଡାହିସାହି, କରମବେଡା, ଲତାଜର ଓ ମଣଦା ସିଏଚସି ଅନ୍ତର୍ଗତ ଦେଓପାଟ ଗ୍ରାମରେ ମ୍ୟାଲେରିଆ ବ୍ୟାପୁଥିବାବେଳେ ଟିମ ସ୍ୱାସ୍ଥ୍ୟ ଯାଞ୍ଚ ପ୍ରକ୍ରିୟା ଜାରି ରହିଛି। ମ୍ୟାଲେରିଆ କିଟ୍ ସହ ସ୍ୱାସ୍ଥ୍ୟ ଟିମ୍ ବଣ ପାହାଡ଼ ପାର ହୋଇ ଉପାନ୍ତ ଅଞ୍ଚଳର ଗ୍ରାମରେ ସ୍ୱାସ୍ଥ୍ୟ ପରୀକ୍ଷା କରିଛନ୍ତି। ପ୍ରତି ଲୋକଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରିବା ସହ ଯାହାଙ୍କ ଶରୀରରେ ଜ୍ୱର ରହୁଛି, ତାଙ୍କର କିଟ୍‌ରେ ଯାଞ୍ଚ କରାଯାଉଛି। ମ୍ୟାଲେରିଆ ରୋକିବା ପାଇଁ ପ୍ରଥମ ଡୋଜ୍ ଔଷଧ ଖୁଆଉଛନ୍ତି। ଅନ୍ୟ ଔଷଧ କିପରି ଖାଇବେ, ସେନେଇ ସଚେତନ କରୁଛନ୍ତି। ମ୍ୟାଲେରିଆପ୍ରବଣ ଗ୍ରାମ ଘର ଗୁଡ଼ିକରେ ଡିଡିଟି ସ୍ପ୍ରେ କରାଯାଉଛି। ଏହା ଉପରେ ମ୍ୟାଲେରିଆ ବ୍ୟାପୁଥିବା ମଶା ବସିଲେ ମରିଯିବେ। ଏଥିସହିତ ଔଷଧ ବୋଳା ମଶାରୀ ବଣ୍ଟନ କରାଯାଉଛି। ଜିଲ୍ଲା ଭିଜିଡି ଅଧିକାରୀ ଉକ୍ତ ଗ୍ରାମକୁ ଯାଇ ଅନୁଧ୍ୟାନ କରୁଛନ୍ତି। ଅନେକ ଦିନ ହେବ ଜ୍ୱର ଥିବା ଲୋକଙ୍କ ସ୍ୱତନ୍ତ୍ର ଚିକିତ୍ସକ ଟିମ ଜ୍ୱରର ଅନୁଧାନ କରି ଆବଶ୍ୟକ ସ୍ଥଳେ ହସ୍ପିଟାଲକୁ ଆଣୁଛନ୍ତି। ଉକ୍ତ ଟିମରେ ସିଏଚସି ସ୍ୱାସ୍ଥ୍ୟ ଅଧିକାରୀ, ମ୍ୟାଲେରିଆ ସ୍ୱାସ୍ଥ୍ୟ କର୍ମଚାରୀ, ଆଶା ଦିଦି, ଅଙ୍ଗନବାଡ଼ି ଦିଦି ଉପସ୍ଥିତ ରହି ଘର ଘର ବୁଲି ଡିଡିଟି ସ୍ପ୍ରେ କରୁଛନ୍ତି। ପୂର୍ବରୁ ମୟୂରଭଞ୍ଜ ଜିଲ୍ଲା ଶୂନ୍ୟ ମ୍ୟାଲେରିଆ ଜିଲ୍ଲା ଭାବେ ରାଜ୍ୟ ସ୍ତରରେ ପୁରସ୍କୃତ ହୋଇଛି। ତେବେ ଉକ୍ତ ଗ୍ରାମରେ ମ୍ୟାଲେରିଆ ରୋଗୀ ଚିହ୍ନଟ ହେଉଥିବାବେଳେ ସମ୍ପୂର୍ଣ୍ଣ ରୋକିବା ନେଇ ସ୍ୱତନ୍ତ୍ର ଭାବେ ଅନୁଧ୍ୟାନ କରି ନିରନ୍ତର ପ୍ରୟାସ ଜାରି ରହିଛି। ଯାହାକୁ ନେଇ ଅପହଞ୍ଚ ଇଲାକାରେ ସ୍ୱାସ୍ଥ୍ୟ ଟିମ ପହଞ୍ଚି ଚିକିତ୍ସା ସହ ସଚେତନ କରୁଛନ୍ତି।

## ପୂର୍ବତନ ସୈନିକଙ୍କ ଶେଷକୃତ୍ୟ ସମ୍ପନ୍ନ

**ବାରିପଦା, ୧୪।୧୨(ସମିସ):** ମୟୂରଭଞ୍ଜ ଜିଲ୍ଲା କୁଳିଅଣା ବ୍ଲକସ୍ଥ ଅନ୍ଧାରୀ ଗ୍ରାମର ଅବସରପ୍ରାପ୍ତ ସେନାଧିକାରୀ ସୁବେଦାର ମେଜର ମୋହନ ମାରାଣ୍ଡିଙ୍କ ଚିକିତ୍ସାଧୀନ ଅବସ୍ଥାରେ ଦେହାନ୍ତ ଘଟିଥିବାବେଳେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଅନ୍ତିମ ଯାତ୍ରାରେ ଜିଲ୍ଲା ଅବସରପ୍ରାପ୍ତ ସୈନବାହିନୀ ସଂଘ ମୟୂରଭଞ୍ଜ ଜିଲ୍ଲା ପୂର୍ବତନ ସେବା ଲିଗର କର୍ମକର୍ତ୍ତା ସାମିଲ ହୋଇ ମେଜର ମାରାଣ୍ଡିଙ୍କ ପାର୍ଥିବ ଶରୀରକୁ ରାଷ୍ଟ୍ରୀୟ ପତାକା ତ୍ରିରଙ୍ଗାରେ ଆବୃତ୍ତ ପୂର୍ବକ ପୁଷ୍ପ ପ୍ରଦାନ କରି ସମ୍ମାନ ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।



ପୂର୍ବତନ ମେଜର ମାରାଣ୍ଡି ଆର୍ମି ଓଡିନାନ୍ସ କପର୍ସରେ କାର୍ଯ୍ୟରତ ଥିଲେ। ମେଜର ମାରାଣ୍ଡିଙ୍କ ମୃତ୍ୟୁଶଯ୍ୟା ନିକଟରେ ଦୁଇ ଝିଅ ଓ ପୁଅ ଉପସ୍ଥିତ ଥିଲେ। ମେଜର ମାରାଣ୍ଡିଙ୍କ ମୃତ୍ୟୁରେ ନିଜ ଗ୍ରାମ ଓ ଆଖପାଖ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। କୁଳିଅଣାରେ ହୋଇଥିବା ଶେଷକୃତ୍ୟ ସମୟରେ ମୟୂରଭଞ୍ଜ ଜିଲ୍ଲା ପୂର୍ବତନ ସୈନିକ ସଙ୍ଘ ସଭାପତି ଏଚଏଫଓ ଜନାର୍ଦ୍ଦନ ମହାନ୍ତ, ସାଧାରଣ ସମ୍ପାଦକ ସବ୍‌ମେଜର ପରମେଶ୍ୱର ମହାନ୍ତ, ଯୋଗାଯୋଗ ଓ ଏଡିଆରଏଲ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ସମେତ ୨୫ ଜଣ ଭେଟେରାନ ଯୋଗ ଦେଇଥିଲେ।

## ଅରୁଣ ରଥ ପାଇବେ ଭଞ୍ଜ ଗୌରବ ଉପାଧି

**ବାରିପଦା, ୧୪।୧୨(ସମିସ):** ଆସନ୍ତା ୧୭ ତାରିଖରେ ଆମେ ମୟୂରଭଞ୍ଜିଆ ପକ୍ଷରୁ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓଙ୍କ ଜୟନ୍ତୀ (ଗୌରବ ଦିବସ) ପାଳନ ଅବସରରେ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟର ପୂର୍ବତନ ସଚିବ ତଥା ବିଶିଷ୍ଟ ଲେଖକ ଡ. ଅରୁଣ କୁମାର ରଥଙ୍କୁ ମର୍ଯ୍ୟାଦାଜନକ ଭଞ୍ଜ ଗୌରବ ଉପାଧିରେ ସମ୍ମାନିତ କରାଯିବ। ବିଶିଷ୍ଟ ପରିବେଶବିତ ବିବେକାନନ୍ଦ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଭାସୀ ପ୍ରସ୍ତୁତି ବୈଠକରେ ସାମ୍ବାଦିକ ସଞ୍ଜୟ ଚୌଧୁରୀ ସୂଚନା ଦେଇଛନ୍ତି।



ଏ ଅବସରରେ ଶିଶୁ ଉଦ୍ୟାନ ପରିସରରେ ଥିବା ବ୍ୟାଣ୍ଡ ଷ୍ଟାଣ୍ଡରେ ରବିବାର ଅପରାହ୍ନରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆମ ଐତିହ୍ୟ ଶୀର୍ଷକ ଓ ଷଷ୍ଠରୁ ଦଶମ ଶ୍ରେଣୀ ମଧ୍ୟରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ପୋଟ୍ରେଟ ଅଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିସହିତ କଲେଜ ଛାତ୍ରଛାତ୍ରୀଙ୍କ ମଧ୍ୟରେ ମୁଁ ମୟୂରଭଞ୍ଜିଆ ମୋ ବରପୁତ୍ର ଓ ସ୍କୁଲ ପିଲାଙ୍କ ମଧ୍ୟରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ କୃତୀ ଓ କୀର୍ତ୍ତି ଉପରେ ବକ୍ତୃତା ପ୍ରତିଯୋଗିତା ଆୟୋଜିତ ହୋଇଛି।

ସେହିପରି ମହିଳାଙ୍କ ମଧ୍ୟରେ ମେହେନ୍ଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ୧୭ ତାରିଖରେ 'ମୋ ମୟୂରଭଞ୍ଜ: ମୋ ମହାରାଜା' ପ୍ରସଙ୍ଗରେ ଆଲୋଚନାଚକ୍ର ସହିତ ଅପରାହ୍ନରେ ବିଦ୍ୟାଳୟସ୍ତରୀୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ରଙ୍ଗୋଲି ପ୍ରତିଯୋଗିତା, କଲେଜ ଛାତ୍ରଛାତ୍ରୀଙ୍କ ମଧ୍ୟରେ ମିମିକ୍ରି ପ୍ରତିଯୋଗିତା ଓ ମହିଳାଙ୍କ ମଧ୍ୟରେ ଝୋଟି ଓ ହୁଳହୁଳି ପ୍ରତିଯୋଗିତା ଅନୁଷ୍ଠିତ ହେବ। ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଜୟନ୍ତୀରେ ଗୌରବ ଦିବସର କାର୍ଯ୍ୟକ୍ରମ ପୂର୍ବାହ୍ନ ୧୦ଟାରୁ ଆରମ୍ଭ ହୋଇ ଅପରାହ୍ନ ୫ଟାରେ ଉଦଯାପିତ ହେବ। ଏହି ଆଭାସୀ ବୈଠକରେ ବୈଜୟନ୍ତୀମାଳା ପାଲ, ଲକ୍ଷ୍ମୀଧର ଜେନା, ରଞ୍ଜନ ବେନାର୍ଜୀ, ରଜନୀ ବାରିକ, ସନ୍ଧ୍ୟାରାଣୀ ଦାସ ଓ ସାଇ ପ୍ରକାଶ ମହାନ୍ତିଙ୍କ ସମେତ ଆମେ ମୟୂରଭଞ୍ଜିଆର ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

### ମୌଳିକ ସମସ୍ୟା ନେଇ ଗର୍ଜିଲା ଏସ୍‌ୟୁସିଆଇ

## ବିଡିଓଙ୍କୁ ୧୭ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ

**ବିଶୋଇ, ୧୪।୧୨(ସମିସ):** ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତା ଓ ପାନୀୟଜଳ ଭଳି ମୌଳିକ ସମସ୍ୟାର ତୁରନ୍ତ ସମାଧାନ ନେଇ ବିଶୋଇ ବ୍ଲକ ଏସ୍‌ୟୁସିଆଇ କମ୍ୟୁନିଷ୍ଟ ଗର୍ଜିଛି। ସଂଗଠନ ପକ୍ଷରୁ ବିଶୋଇ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ୧୭ ଦଫା ସମ୍ବଳିତ ଦାବିପତ୍ର ବିଡିଓ ସାଗର ମୁର୍ମୁଙ୍କୁ ପ୍ରଦାନ କରାଯାଇଛି। ଏସ୍‌ୟୁସିଆଇର ବ୍ଲକ କମିଟି ସମ୍ପାଦକ ଶୈଳ୍ୟ କୁମାର ନାଏକ ଓ ଜିଲ୍ଲା କମିଟି ସଦସ୍ୟ ମଧୁସୂଦନ ନାଏକଙ୍କ ନେତୃତ୍ୱରେ ସଂଗଠନରର ବହୁ କର୍ମୀ ଏକତ୍ରିତ ହୋଇ ସରକାରଙ୍କ ମାରଣ ନୀତି ବିରୁଦ୍ଧରେ ଗର୍ଜି ବିଶୋଇ ବଜାର ପରିକ୍ରମା କରିଥିଲେ। ପରେ ବ୍ଲକ ଅଫିସ ସମ୍ମୁଖରେ ରାଜ୍ୟ ସରକାରଙ୍କ ବିରୁଦ୍ଧରେ ନାରାବାଜି ଦେଇ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଦାବିପତ୍ର ପ୍ରଦାନ କରିଥିଲେ।



ବିଦ୍ୟୁତ୍ ଆଇନ ୨୦୨୩ ବାତିଲ ସହିତ ସ୍ମାର୍ଟ ମିଟର ଓ ମନୋମୁଖୀ ବିଦ୍ୟୁତ୍ ବିଲ ଆଦାୟ ବନ୍ଦ, ବନ୍ୟଜନ୍ତୁଜନିତ କ୍ଷତିଗ୍ରସ୍ତ ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ, ବ୍ଲକରେ ବନ୍ଦ ପଡ଼ିଥିବା ପ୍ରାଥମିକ ବିଦ୍ୟାଳୟକୁ ଅବିଳମ୍ବେ ଖୋଲିବା, ବିଶୋଇ ବ୍ଲକର ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଉପସ୍ୱାସ୍ଥ୍ୟକେନ୍ଦ୍ରରେ ଖାଲି ପଡ଼ିଥିବା ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀ ପଦବୀ ପୂରଣ ସହିତ ଆବଶ୍ୟକ ଔଷଧ, ଚିକିତ୍ସା ଉପକରଣ ଯୋଗାଇବା, ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହରେ କଟକଣା ବନ୍ଦ କରାଯିବା, ଭୂମିହୀନ, ଆଦିବାସୀ ଓ ଜଙ୍ଗଲ ଅଧିବାସୀଙ୍କୁ ଘରବାରି ତଥା ଚାଷଜମି ପଟ୍ଟା ପ୍ରଦାନ କରିବା, ଜଙ୍ଗଲ ଅଧିକାର ଆଇନ ୨୦୦୬ ଲାଗୁ କରିବା, ବିଶୋଇ ବ୍ଲକକୁ ମଦ ମୁକ୍ତ କରିବା ପ୍ରମୁଖ ୧୭ଟି ଦାବି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ବ୍ଲକ କମିଟି ସଦସ୍ୟ ସୁଶୀଳ ମହାକୁଡ଼, ପୀତବାସ ଦାସ, ଗୋବିନ୍ଦ ଦାସ, ଫୁଲଚାନ୍ଦ ଲୋହାର, ଲକ୍ଷ୍ମଣ ଦେହୁରୀ, ଜବା ମାଝୀ, ସୁମୀ ନାଏକ, ଅନାଦି ଦେହୁରୀ, ଜଟା ସିଂ, ଯଦୁନାଥ ମୁର୍ମୁ, ଦେବୀଲାଲ ବାସ୍କେ, ନଦିଆ ସରେନଙ୍କ ସମେତ ଏସ୍‌ୟୁସିଆଇର ବହୁକର୍ମୀ ସାମିଲ ଥିଲେ।

## ଏମ୍‌ଏସ୍‌ଏଚ୍‌ବି ବିଶ୍ୱବିଦ୍ୟାଳୟରେ କର୍ମଶାଳା

**ବାରିପଦା, ୧୪।୧୨(ସମିସ):** ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ (ଏମ୍‌ଏସ୍‌ବି) ବିଶ୍ୱବିଦ୍ୟାଳୟର ନୃତତ୍ତ୍ୱ ଓ ଜନଜାତି ଅଧ୍ୟୟନ ବିଭାଗ ପକ୍ଷରୁ 'ଶିକ୍ଷାମୂଳକ ଅନୁସନ୍ଧାନ ପାଇଁ ସାମାଜିକ ବିଜ୍ଞାନର ମୌଳିକ ଗବେଷଣା ପ୍ରବୃତ୍ତି' ଶୀର୍ଷକ କର୍ମଶାଳା ଆୟୋଜିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀ ଅଧ୍ୟକ୍ଷତା କରିଥିଲେ। ଏହି କର୍ମଶାଳା ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ ଦ୍ୱାରା ପ୍ରାୟୋଜିତ ହୋଇଥିଲା। ଏହି କର୍ମଶାଳାରେ ଦେଶର ବିଭିନ୍ନ ସ୍ଥାନରୁ ପ୍ରଖ୍ୟାତ ବ୍ୟକ୍ତିତ୍ୱ ଯୋଗଦେଇଥିଲେ। ଉଦ୍‌ଘାଟନୀ ଅଧିବେଶନରେ କୋଲକାତା ବିଶ୍ୱବିଦ୍ୟାଳୟର ପ୍ରସିଦ୍ଧ ନୃତତ୍ତ୍ୱବିତ୍ ପ୍ରଫେସର ଅରୂପ ରତନ ବନ୍ଦୋପାଧ୍ୟାୟ ମୁଖ୍ୟଅତିଥି ଓ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟର ଡଃ ଜ୍ୟୋତି ରତନ ଘୋଷ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପାଞ୍ଚ ଦିନର ଏହି କର୍ମଶାଳାରେ ଆନ୍ଥ୍ରୋପୋଲୋଜିକାଲ ସର୍ଭେ ଅଫ ଇଣ୍ଡିଆର ନିର୍ଦ୍ଦେଶକ ପ୍ରଫେସର ବି.ଭି. ଶର୍ମା, ଭାରତୀୟ ଚିକିତ୍ସା ଗବେଷଣା ପରିଷଦ ଆଞ୍ଚଳିକ ଚିକିତ୍ସା ଗବେଷଣା କେନ୍ଦ୍ର, ଭୁବନେଶ୍ୱର, ରେଭେନ୍ସା ବିଶ୍ୱବିଦ୍ୟାଳୟ, ଫକୀରମୋହନ ବିଶ୍ୱବିଦ୍ୟାଳୟ, ନବକୃଷ୍ଣ ଚୌଧୁରୀ ବିକାଶ ଅଧ୍ୟୟନ କେନ୍ଦ୍ର, ଭୁବନେଶ୍ୱର, ଇଣ୍ଡିଆନ୍ ଷ୍ଟାଟିଷ୍ଟିକାଲ୍ ଇନ୍‌ଷ୍ଟିଚ୍ୟୁଟ ଗିରିଡିହ, କେନ୍ଦ୍ରୀୟ ଓଡ଼ିଶା ବିଶ୍ୱବିଦ୍ୟାଳୟ କୋରାପୁଟ, ସ୍ୱାମୀ ବିବେକାନନ୍ଦ ବିଶ୍ୱବିଦ୍ୟାଳୟ କୋଲକାତା ଭଳି ପ୍ରତିଷ୍ଠିତ ସଂସ୍ଥାନର ଗଣ୍ୟମାନ୍ୟ ବିଶେଷଜ୍ଞ ଅଂଶଗ୍ରହଣ କରିଥିଲେ। ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗ ଓ ସଂଲଗ୍ନ କଲେଜର ସ୍ନାତକୋତ୍ତର ଛାତ୍ରଛାତ୍ରୀ ଓ ଗବେଷକ ଏହି କର୍ମଶାଳାରେ ଯୋଗ ଦେଇଥିଲେ। ସମାପନୀ ସମାରୋହକୁ ଜାତୀୟ ସ୍ମାରକ ପ୍ରାଧିକରଣର ପୂର୍ବତନ ଅଧ୍ୟକ୍ଷ ଓ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର କିଶୋର କୁମାର ବାସା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ନୃତତ୍ତ୍ୱ ବିଭାଗ ମୁଖ୍ୟ ତଥା ପ୍ରସିଦ୍ଧ ନୃତତ୍ତ୍ୱବିତ୍ ଡଃ ମୋନାଲି ଗୋସ୍ୱାମୀ ଏହି କର୍ମଶାଳାର ଆୟୋଜକ ଥିଲେ। ବିଭାଗର ଅନ୍ୟାନ୍ୟ ପ୍ରସିଦ୍ଧ ଅଧ୍ୟାପକ ଡ. ବସନ୍ତ କେ. ମୋହନ୍ତା, ଡ. ପ୍ରିୟଙ୍କା ଦାସ, ଡ. ଭୁବନେଶ୍ୱର ସାବର ଓ ଶୁଭଜିତ ସେନ ସହସଂଯୋଜକ ଭାବେ ସହଯୋଗ କରିଥିଲେ।



## ଉଦ୍ଭିଦ ବିଜ୍ଞାନ ବିଭାଗର ଆଲୋଚନାଚକ୍ର



**କୁଆମରା, ୧୪।୧୨(ସମିସ):** ଖୁଣ୍ଟା ଡିଗ୍ରୀ ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗ ପକ୍ଷରୁ 'ମାନବ କଲ୍ୟାଣରେ ଜୈବ ପ୍ରଯୁକ୍ତି ବିଜ୍ଞାନର ଭୂମିକା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଅଧ୍ୟାପିକା ବାଣୀବ୍ରତା ପ୍ରଧାନ ସଭାପତିତ୍ୱ କରିଥିବାବେଳେ ଅଧ୍ୟକ୍ଷ ସରୋଜ ତ୍ରିପାଠୀ ମୁଖ୍ୟଅତିଥି ଓ ଗବେଷକ ଭାବେ ଉଦଳା ମହାବିଦ୍ୟାଳୟର ଅଧ୍ୟାପକ ଡକ୍ଟର ଦିବ୍ୟାଲୋଚନ ଭୂୟାଁ ଯୋଗଦେଇ ମାନବ କଲ୍ୟାଣରେ ଜୈବ ପ୍ରଯୁକ୍ତି ବିଜ୍ଞାନର ଭୂମିକା, ବ୍ୟବହାର, ଉପକାରିତା ଓ କୌଶଳ ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ବିଭାଗୀୟ ପ୍ରଦର୍ଶକ ମନକୃଷ ମହାନ୍ତ ସ୍ୱାଗତ ଭାଷଣ ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଏ ପରିପ୍ରେକ୍ଷୀରେ ତୃତୀୟ ବର୍ଷର ଗୀତାରାଣୀ ହେମ୍ବ୍ରମ, ଦ୍ୱିତୀୟ ବର୍ଷର ପୁଷ୍ପାଞ୍ଜଳି ଟୁଡୁ, ବିକାଶ କୁମାର ସିଂ, ପ୍ରଥମ ବର୍ଷର ସୋନାଲି ହେମ୍ବ୍ରମ ବିଭାଗ ପକ୍ଷରୁ ଆଲୋଚନାଚକ୍ରରେ ଭାଗ ନେଇଥିଲେ। ମହାବିଦ୍ୟାଳୟର ଅନ୍ୟ ବିଭାଗର ଅଧ୍ୟାପକ, ଅଧ୍ୟାପିକାଙ୍କ ସମେତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ଲ୍ୟାମ୍ପସ ପକ୍ଷରୁ ଧାନକିଣା ଓ ମାନ ନିର୍ଦ୍ଧାରଣ ବୈଠକ

**ମହୁଲଡିହା, ୧୪।୧୨(ସମିସ):** ଠାକୁରମୁଣ୍ଡା ଲ୍ୟାମ୍ପସ ପକ୍ଷରୁ ସମିତିସ୍ତରୀୟ ଚାଷୀ ସଚେତନତା ଓ ଧାନକିଣା, ମାନ ନିର୍ଦ୍ଧାରଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଲ୍ୟାମ୍ପସ ସଭାପତି ଗଣନାଥ ନାୟକଙ୍କ ନେତୃତ୍ୱରେ କରଞ୍ଜିଆ ମଣ୍ଡଳର ସହକାରୀ ନିବନ୍ଧକ ବସନ୍ତ ନାୟକ ଯୋଗ ଦେଇଥିଲେ। ଏଥିରେ କରଞ୍ଜିଆ ବଜାର ନିୟନ୍ତ୍ରିତ କମିଟି ସମ୍ପାଦକ ଜୟଦତ୍ତ ମହାନ୍ତ, ଯୋଗାଣ ଅଧିକାରୀ ଦିଲ୍ଲୀପ ସାହୁ ପ୍ରମୁଖ ଯୋଗଦେଇ ଆଲୋଚନା ମାଧ୍ୟମରେ ବିଭିନ୍ନ ସମସ୍ୟା ଓ ସମାଧାନର ବାଟ ସମ୍ପର୍କରେ ଆଲୋଚନା କରିଥିଲେ। ଚଳିତ ଖରିଫ ବିପଣନ ଋତୁରେ ସମସ୍ତ ଚାଷୀ ଧାନମଣ୍ଡିରେ କିପରି ଧାନ ବିକ୍ରି କରିବେ ଓ କେଉଁ ମାନଦଣ୍ଡ ପାଳନ କରିବାକୁ ହେବ ଉପସ୍ଥିତ ଅଧିକାରୀ ଚାଷୀଙ୍କୁ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଚାଷୀ, ଲ୍ୟାମ୍ପସର ସମସ୍ତ ପରିଚାଳନା ସମିତି ସଦସ୍ୟ ଓ କର୍ମଚାରୀ ଉପସ୍ଥିତ ଥିଲେ। ଲ୍ୟାମ୍ପସର ପରିଚାଳନା ନିର୍ଦ୍ଦେଶିକା ପାର୍ବତୀ ମାହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।



## ମାତୃ ଓ ଶିଶୁ ସୁରକ୍ଷା ସଚେତନତା

**ବାରିପଦା, ୧୪।୧୨(ସମିସ):** ସ୍ଥାନୀୟ ରୋଟାରୀ କ୍ଲବର ମାତୃ ଓ ଶିଶୁ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ସଭାପତି ଭବାନୀ ଶଙ୍କର ସାହୁଙ୍କ ଅଧ୍ୟକ୍ଷତାରେ ବାରିପଦାର ଦାରୋଗଡ଼ାହିସ୍ଥ ୱାର୍ଡନଂ ୧୯ ଓ ତକତପୁର ୱାର୍ଡନଂ ୨୩, ୨୭ରେ ଅବସ୍ଥିତ ଅଙ୍ଗନବାଡ଼ି କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ସଚେତନତା ସଭାରେ ରୋଟାରୀ ଆନ୍ତର୍ଜାତିକ କ୍ଲବ୍‌ର ପ୍ରକଳ୍ପ ଅଧ୍ୟକ୍ଷା ରୋଟରିଆନ ନୂପୂର ବୋଷ ଓ ରୋଟାରିଆନ ଶିବାଶିଷ ସୁରି ବିଶେଷଜ୍ଞ ଓ ସମୀକ୍ଷକ ଭାବେ ଯୋଗଦେଇ ଦୁଇଟି ଯାକ କେନ୍ଦ୍ରର ପ୍ରାୟ ୧୩୦ ଜଣ ମାଆ ଓ ନବଜାତ ଶିଶୁଙ୍କ ବିଶେଷ ଭାବରେ ଯତ୍ନ ନେବା ତଥା ଉଭୟ ଓ ଶିଶୁଙ୍କ ପାଇଁ ପୁଷ୍ଟିକର ଖାଦ୍ୟର ଆବଶ୍ୟକ ସମ୍ପର୍କରେ ସଚେତନ କରିଥିଲେ। ଆଲୋଚନା ଓ କଥୋପକଥନ ଜରିଆରେ ମାଆମାନେ



ନିଜ ନିଜର ଦୈନନ୍ଦିନ ଜୀବନରେ ସମ୍ମୁଖ ହେଉଥିବା ସମସ୍ୟା ସମ୍ପର୍କରେ ସମାଧାନ ଆଦି ପଚାରି ବୁଝିଥିଲେ। ଏଥିସହ ବିଶେଷଜ୍ଞମାନେ ଉଭୟ କେନ୍ଦ୍ରର ମାଆ ଓ ଶିଶୁଙ୍କୁ ରୋଟାରୀ ଆନ୍ତର୍ଜାତିକ କ୍ଲବ୍ ପ୍ରଦତ୍ତ ସଚେତନତା ବାର୍ତ୍ତା ଦେବା ସହ ବିଶ୍ୱ ସ୍ୱାସ୍ଥ୍ୟ ସଂଘ ପ୍ରସ୍ତାବିତ ଶୈଶବାବସ୍ଥାରେ ଶିଶୁଙ୍କ ଶରୀର ଯତ୍ନ ଉପଯୋଗୀ ସାମଗ୍ରୀ ଦେହଲଗା ତେଲ, ସାବୁନ, ତଉଲିଆ, ଖେଳନା, ଫଳ ଓ ବିସ୍କୁଟ ଆଦି ସାମଗ୍ରୀ ବଣ୍ଟନ କରିଥିଲେ। କ୍ଲବ ସମ୍ପାଦକ ତିମିର ଘୋଷ ସ୍ୱାଗତ ଭାଷଣ ରଖିଥିଲେ। ପ୍ରକଳ୍ପ ଅଧ୍ୟକ୍ଷ ରୋଟାରିଆନ୍ ରାକେଶ ସିଂ ଧନ୍ୟବାଦ ଅର୍ପଣ କରିଥିଲେ। କ୍ଲବର ବରିଷ୍ଠ ସଦସ୍ୟ ରୋଟରିଆନ୍ ରବୀନ୍ଦ୍ରନାଥ ମହାପାତ୍ର, ପ୍ରାକ୍ତନ ସଭାପତି ରୋଟରିଆନ ଡ. ପୁଷ୍ପା ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସତ୍ୟସାଇ ବିଦ୍ୟାଳୟରେ ଶକ୍ତି ସଂରକ୍ଷଣ ସଚେତନତା

**ଖୁଣ୍ଟାପୁର, ୧୪।୧୨(ସମିସ):** ଜାତୀୟ ଶକ୍ତି ସଂରକ୍ଷଣ ଦିବସ ଅବସରରେ ଖୁଣ୍ଟାପୁର ଶ୍ରୀସତ୍ୟସାଇ ଉଚ୍ଚବିଦ୍ୟାଳୟରେ ଶକ୍ତି କ୍ଲବ ଆନୁକୂଲ୍ୟରେ ଭାରପ୍ରାପ୍ତ ଶିକ୍ଷୟିତ୍ରୀ ଶୁଭସ୍ମିତା ସାମନ୍ତରାୟଙ୍କ ନେତୃତ୍ୱରେ ଶକ୍ତି ସଙ୍କଟ ଓ ଏହାର ସମାଧାନ ଦିଗରେ ଛାତ୍ରଛାତ୍ରୀଙ୍କ ଭୂମିକା ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ପିଲାଙ୍କ ମଧ୍ୟରେ ବକ୍ତୃତା, ଚିତ୍ରାଙ୍କନ ଓ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷକ ସମରଜିତ ମହାପାତ୍ରଙ୍କ ସମେତ ବିଜ୍ଞାନ ଶିକ୍ଷୟିତ୍ରୀ ତୃପ୍ତା ଦାଶ, ଶୁଭଲକ୍ଷ୍ମୀ ମାଝୀ ଓ ରାଧୁ ସିଂ ଶକ୍ତି ସଙ୍କଟର ଭୟାଭୟତା, ସମଗ୍ର ବିଶ୍ୱ ତଥା ଆମ ଦେଶରେ ଏହାର ମୁକାବିଲା କରିବା ପାଇଁ ମିଳିଥିବା ବୈଜ୍ଞାନିକ ଉପଲବ୍ଧି, ଆମ ଦୈନନ୍ଦିନ ଜୀବନରେ ଏହାର ଉପଯୋଗ ଦିଗରେ ପିଲାଙ୍କ ଭୂମିକା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଜ୍ୟୋତ୍ସ୍ନାରାଣୀ ଜେନା, ବିଜୟ ସେଠୀ, ସ୍ନିଗ୍ଧା ଲେଙ୍କା, ଜୟନ୍ତୀ ମହାପାତ୍ର ଓ ସୌଭଦ୍ର ଦାସ ପ୍ରମୁଖ ସହଯୋଗ କରିଥିଲେ।

### ସୀମାନ୍ତରେ ପ୍ରବେଶ ପଥ ମୁକୁଳା

## ଲଘୁ ଖଣିଜ ଚୋରାଚାଲାଣ ସହ ବଢୁଛି ଅପରାଧିକ କାର୍ଯ୍ୟକଳାପ

**ରାଇରଙ୍ଗପୁର, ୧୪।୧୨ (ସମିସ):** ମୟୂରଭଞ୍ଜ ଜିଲ୍ଲାର ସୀମାନ୍ତରେ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ଥିବାବେଳେ ସୀମାନ୍ତ ପ୍ରବେଶ ପଥ ମୁକୁଳା ପଡ଼ିଛି। ଫଳରେ ଲଘୁ ଖଣିଜ ଚୋରା ଚାଲାଣ ସହ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ଜିଲ୍ଲାର ସମସ୍ତ ଥାନା ମଧ୍ୟରୁ ୧୪ଟି ଥାନା ଆନ୍ତଃରାଜ୍ୟ ସୀମାକୁ ଲାଗିଛି। ଏହାପରେ ମଧ୍ୟ କାର୍ଯ୍ୟକଳାପ ନିୟନ୍ତ୍ରଣ

**ସିସିଟିଭି ସ୍ଥାପନ ନେଇ ସାଂସଦଙ୍କ ଦାବି**

କରାଯାଇପାରୁନାହିଁ। ସୀମାନ୍ତରେ ସ୍ଥାୟୀ ଭାବେ ୨୪ ଘଣ୍ଟିଆ ପୁଲିସ ପାଟ୍ରୋଲିଂ ମଧ୍ୟ ହେଉନାହିଁ। ଜିଲ୍ଲାର ଆନ୍ତଃରାଜ୍ୟ ପ୍ରବେଶ ପଥରେ ସିସିଟିଭି କ୍ୟାମେରା ଲାଗି ନ ଥିବାରୁ ଚୋରି, ଡକାୟତି, ଲୁଟ, ହତ୍ୟା, ବେଆଇନ ନିଶାଦ୍ରବ୍ୟ ଓ ଲଘୁ ଖଣିଜ ଚୋରାଚାଲାଣ ହେଉଛି। ଅପରାଧ ଘଟାଇ ଅପରାଧୀ ନିମିଷକ ମଧ୍ୟରେ ସହଜରେ ସୀମାନ୍ତ ପାର ହୋଇଯିବାରେ ସକ୍ଷମ ହେଉଛନ୍ତି। ଯଦ୍ୱାରା ଅପରାଧୀଙ୍କୁ ଠାବ କରିବାରେ ପୁଲିସ ପକ୍ଷରେ ଅସମ୍ଭବ ହେଉଛି। ଜିଲ୍ଲାର ସମସ୍ତ ପ୍ରବେଶ ପଥରେ ସିସିଟିଭି କ୍ୟାମେରା ଲଗାଇବା ଜରୁରୀ ହୋଇପଡ଼ିଛି। ସୀମାନ୍ତରେ ସିସିଟିଭି ସ୍ଥାପନ କରିବା ପାଇଁ ସାଂସଦ ନବଚରଣ ମାଝୀ ଦାବି କରିଛନ୍ତି। ସୁରକ୍ଷାକୁ ଦୃଷ୍ଟିରେ ରଖି ପ୍ରତିଟି ସନ୍ଦିଗ୍ଧ ଛକରେ ସିସିଟିଭି ସ୍ଥାପନ ପାଇଁ କେନ୍ଦ୍ର ଗୃହ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରୀ ମନୋହର ଲାଲଙ୍କୁ ସାକ୍ଷାତ କରି ଅନୁରୋଧ କରିଛନ୍ତି। ସୀମାନ୍ତ ପ୍ରବେଶ ପଥରେ ସିସିଟିଭି ଲାଗିଲେ ଅପରାଧ ମାତ୍ରା କମିବ।




### ଜୁଆ ଆଡ୍ଡାରେ ଚଢ଼ଉ

## ୫ ଜୁଆଡ଼ି ଗିରଫ, ଟଙ୍କା ଓ ସରଞ୍ଜାମ ଜବତ

**ରାଇରଙ୍ଗପୁର/ବହଳଦା, ୧୪।୧୨ (ସମିସ)**






ବାମନଘାଟି ଉପଖଣ୍ଡ ଅଞ୍ଚଳରେ ଜୁଆ ଖେଳ ସକ୍ରିୟ ହୋଇଛି। ନୂଆ ବର୍ଷ ଓ ମକର ସଂକ୍ରାନ୍ତି ପୂର୍ବରୁ ବିଭିନ୍ନ ଗ୍ରାମାଞ୍ଚଳ ହାଟରେ ଜୁଆ ଟିମ୍ ସକ୍ରିୟ ରହିଛନ୍ତି। ଏ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଜୁଆ ଖେଳକୁ ରୋକିବା ପାଇଁ ତିରିଂ ପୁଲିସ ପକ୍ଷରୁ ଚଢ଼ଉ କରି ଗିରଫ କରିବାରେ ସଫଳତା ହୋଇଛନ୍ତି। ତିରିଂ ଥାନା ଅନ୍ତର୍ଗତ ଜରିଟାଣ୍ଡି ଗ୍ରାମରେ ତିରିଂ ଥାନା ପୁଲିସ ଟିମ୍ ଦ୍ୱାରା ଦୁଇଟି ଭିନ୍ନ ସ୍ଥାନରେ ଜୁଆ ଚଢ଼ଉ କରାଯାଇଥିଲା। ଚଢ଼ାଉ ସମୟରେ ୫ ଜଣଙ୍କୁ ଗିରଫ କରିବା ସହ ୧୨, ୦୦୦ ଟଙ୍କା ଓ ଖେଳ ସରଞ୍ଜାମ ଜବତ କରାଯାଇଛି। ଉକ୍ତ ଘଟଣାକୁ ନେଇ ତିରିଂ ଥାନାରେ ପୃଥକ ଭାବେ ଦୁଇଟି ମାମଲା ରୁଜୁ କରାଯାଇଛି।

ଆଦିବାସୀ ବହୁଳ ବାମନଘାଟି ଉପଖଣ୍ଡରେ ଜୁଆଡି ଗ୍ୟାଙ୍ଗ ସକ୍ରିୟ ରହିଛନ୍ତି। ଯେଉଁଥିରେ ଜିଲ୍ଲା ଓ ପଡୋଶୀ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଅଞ୍ଚଳର ଲୋକେ ସାମିଲ ହେଉଛନ୍ତି। ହାରଜିତକୁ ନେଇ ଅପରାଧିକ କାର୍ଯ୍ୟକଳାପ ମଧ୍ୟ ହେଉଛି। କଟକଣା ସତ୍ତ୍ୱେ ସାପ୍ତାହିକ ହାଟରେ ଖୁଲମଖୁଲା ଖେଳ ଚାଲୁଛି। ସୋମବାର ଓ ମଙ୍ଗଳବାର ଦୁଇଦିନ ଧରି କଟଣୀ ଗ୍ରାମ ନିକଟସ୍ଥ ପଡ଼ିଆ, ବାଦାମପାହାଡ, ଭାଲୁପାହାଡି ଓ ଖେରେଣା ଅଞ୍ଚଳରେ ଜୁଆ ଖେଳ ହେଉଛି। ସେହିପରି ବୁଧବାର ଓ ଗୁରୁବାର ବଳଭଦ୍ରପୁର ଗ୍ରାମ ନିକଟସ୍ଥ ପଡ଼ିଆ ଓ ହାଟବାଦଡା, ଗୋପାଳପୁର, ଶୁକ୍ରବାର କୁସୁମୀ ଅଞ୍ଚଳର ସାତପୌଟିଆ, ଶନିବାର ଓ ରବିବାର ଚମ୍ପାଉଦା ଗ୍ରାମ ନିକଟସ୍ଥ ପଡ଼ିଆ ଓ ବିଜାତଳା ବ୍ଲକ ଅନ୍ତର୍ଗତ ବାଘିଆ ନିକଟସ୍ଥ ଏକ ସ୍ଥାନରେ କୁକୁଡ଼ା ଲଢ଼େଇ ଓ ଜୁଆ ଖେଳ ହେଉଛି। ଏହାକୁ ରୋକିବା ପାଇଁ ପୁଲିସ ପକ୍ଷରୁ ନିୟମିତ ଚଢ଼ଉ କରାଯାଇ କଠୋର ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକତା ରହିଛି। ଫଳରେ ଏହାକୁ ରୋକାଯାଇପାରିବ।

# ପ୍ରକୃତିର ଦାନ ସିନ୍ଧୁରିଆର ବରକୁଟି ପାହାଡ଼

ଆନନ୍ଦପୁର, ୧୪।୧୨ (ସମିସ):



ପ୍ରତିବର୍ଷ ପର୍ଯ୍ୟଟନ ଋତୁ ଆରମ୍ଭରେ ପର୍ଯ୍ୟଟକଙ୍କ ଆଗମନରେ କେନ୍ଦୁଝର ଜିଲ୍ଲାର ବିଭିନ୍ନ ଦର୍ଶନୀୟ ସ୍ଥାନ ଚଳଚଞ୍ଚଳ ହୋଇଉଠେ। ଆଗନ୍ତୁକମାନେ ବୁଲାବୁଲି କରିବା ପରେ ବଣଭୋଜିର ଆସର କରିଥାନ୍ତି। ଜିଲ୍ଲାର ଏମିତି ଅନେକ ଦର୍ଶନୀୟ ସ୍ଥାନ ଅଛି, ଯାହା ଲୋକଙ୍କ ନଜର ଆଢୁଆଳରେ ରହିଯାଇଛି। ସେଥିରୁ ଅନ୍ୟତମ ହେଉଛି ଆନନ୍ଦପୁର ବ୍ଲକ୍ ବାଉଁଶଗଡ଼ ପଞ୍ଚାୟତ ସୁନ୍ଧୁରିଆ ଗ୍ରାମ ନିକଟରେ ଥିବା ବରକୁଟି ପାହାଡ଼। ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ଏହି ସ୍ଥାନର ବିକାଶ ପ୍ରତି ଅଣଦେଖା କରାଯାଉଥିବା ଅଭିଯୋଗ ହୋଇଛି। ଆନନ୍ଦପୁର ଫକୀରମୋହନ ବସ୍‌ଷ୍ଟାଣ୍ଡଠାରୁ ଠାକୁରମୁଣ୍ଡା ରାସ୍ତାରେ ୭କିମି ପରେ ପଡ଼ିବ ବାଙ୍ଗିଡ଼ି ଛକ। ସେଠାରୁ ଡାହାଣକୁ ୪କିମି ଗଲେ ପଡ଼ିବ ବରକୁଟି ପାହାଡ଼। ଏହା ହେଉଛି ହଦଗଡ଼ ହସ୍ତୀ ଅଭୟାରଣ୍ୟ ଓ ମୟୂରଭଞ୍ଜ ଜିଲ୍ଲା ସାତକୋଶିଆ ଅଭୟାରଣ୍ୟର ସଂଯୋଗସ୍ଥଳ। ଘଞ୍ଚ ଶାଳ ଜଙ୍ଗଲ ମଧ୍ୟରେ ଥିବା ପାହାଡ଼ ଉପରେ ଚନ୍ଦନେଶ୍ୱର ମହାଦେବଙ୍କ ମନ୍ଦିର ରହିଛି। ସେହିପରି ପାହାଡ଼ ଶୀର୍ଷରେ ମା' ବରକୁଟିଙ୍କ ମନ୍ଦିର ରହିଛି। କିମ୍ବଦନ୍ତୀ ଅନୁସାରେ, ୧୯୮୫ରେ ଜଣେ ସାଧୁ ଏଠାକୁ ସାଧନାପାଇଁ ଆସି ପାହାଡ଼ ତଳେ ଏକ କୁଡ଼ିଆ ନିର୍ମାଣ କରି ରହିଥିଲେ। ଆଖପାଖ ଗ୍ରାମର ଲୋକଙ୍କୁ ଡାକି ସାପ୍ତାହିକ ମେଳା କରୁଥିଲେ। ଦୁଇବର୍ଷ ପରେ ସେ ଅସୁସ୍ଥ ହୋଇପଡ଼ିବାରୁ ଅନ୍ୟତ୍ର ଚାଲି ଯାଇଥିଲେ। ଏହାପରେ ସୁନ୍ଧୁରିଆ ଗ୍ରାମର ସ୍ୱର୍ଗତ ଅମଲ ବିନିଶା ଓ ଅନାଦି ବିନିଶାଙ୍କୁ ମା' ସ୍ୱପ୍ନାଦେଶ ଦେଇ ପାହାଡ଼ରେ ଏକ ମନ୍ଦିର ନିର୍ମାଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଗ୍ରାମର କିଛି ବ୍ୟକ୍ତି ତତ୍କାଳୀନ ଆନନ୍ଦପୁର ଉପଜିଲ୍ଲାପାଳ କମଳାକାନ୍ତ ଦାସଙ୍କୁ ଭେଟି ଏ ସମ୍ପର୍କରେ ଜଣାଇବା ପରେ ସେ ଏହାକୁ ପ୍ରଥମେ ଗୁରୁତ୍ୱ ଦେଇ ନଥିଲେ। ସେହିଦିନ ରାତିରେ ତାଙ୍କୁ ମଧ୍ୟ ସ୍ୱପ୍ନାଦେଶ ହେବାରୁ ପରଦିନ ସେ ଉକ୍ତ ସ୍ଥାନ ପରିଦର୍ଶନ କରି କିଛି ସରକାରୀ ସହାୟତା ଯୋଗାଇ ଦେଇଥିଲେ। ଗ୍ରାମବାସୀ ଶ୍ରମଦାନ କରି

### ପର୍ଯ୍ୟଟନସ୍ଥଳ ମାନ୍ୟତା ଦେବାକୁ ଦାବି

ମନ୍ଦିର ନିର୍ମାଣ କରିଥିଲେ। ଏଠାରେ ମକର ମେଳା ସାତଦିନ ଧରି ଧୁମ୍‌ଧାମ୍‌ରେ ଅନୁଷ୍ଠିତ ହୋଇଥାଏ। ଶୀତଋତୁରେ ବଣଭୋଜି ସାଙ୍ଗକୁ ବନ୍ଧୁମିଳନ ପାଇଁ ଲୋକଙ୍କ ଭିଡ଼ ଜମୁଛି। ସରକାରୀ ଅବହେଳା ଯୋଗୁଁ ଏହି ସ୍ଥାନର ବିକାଶ ହୋଇପାରୁ ନଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। କଲେଜ ସହପାଠୀଙ୍କ ସହ ପ୍ରତିବର୍ଷ ଏଠାକୁ ଆମେ ବଣଭୋଜି କରିବାକୁ ଆସୁଛି ବୋଲି ଆନନ୍ଦପୁରର ସୌମ୍ୟରଞ୍ଜନ ରାମ୍ କହିଛନ୍ତି। ଏଠାରେ ପର୍ଯ୍ୟଟକଙ୍କ ପାଇଁ କୌଣସି ସୁବିଧା ନାହିଁ। ପ୍ରଚାରପ୍ରସାର ଅଭାବରୁ ଏହି ସ୍ଥାନ ଦୃଷ୍ଟି ଆଢୁଆଳରେ ରହିଯାଇଛି ବୋଲି ସୌମ୍ୟରଞ୍ଜନ କହିଛନ୍ତି। ବାଉଁଶଗଡ଼ ପଞ୍ଚାୟତ ସମିତିସଭ୍ୟ ମାନସ ନାଏକ କହିଛନ୍ତି, ମା' ବରକୁଟିଙ୍କ ପୀଠର ଉନ୍ନତିପାଇଁ ବାରମ୍ବାର ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ବି କୌଣସି ପଦକ୍ଷେପ ନିଆଯାଇ ନାହିଁ। ଗତ ସରକାର ସମୟରେ ବିଭିନ୍ନ ମଠ, ମନ୍ଦିରର ବିକାଶପାଇଁ ଅନୁଦାନ ମିଳିଥିଲା। ବରକୁଟି ପାହାଡ଼କୁ ଏଥିରୁ ବଞ୍ଚିତ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଆନନ୍ଦପୁର ଗସ୍ତ ସମୟରେ ତାଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହାସତ୍ତ୍ୱେ କୌଣସି ସୁଫଳ ମିଳି ନଥିବା ସେ କହିଛନ୍ତି। ବରକୁଟି ପାହାଡ଼କୁ ପର୍ଯ୍ୟଟନସ୍ଥଳ ମାନ୍ୟତା ସାଙ୍ଗକୁ ପିଇବାପାଣି ବ୍ୟବସ୍ଥା, ଶୌଚାଳୟ, କଲ୍ୟାଣମଣ୍ଡପ ନିର୍ମାଣ, ବାଙ୍ଗିଡ଼ି ଛକରେ ସୂଚନାଫଳକ ଲଗାଇବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ବିଏନ୍ ହାଇସ୍କୁଲ ପୁରାତନ ଛାତ୍ରଙ୍କ ସମାବେଶ




ଆନନ୍ଦପୁର,୧୪।୧୨(ସମିସ): ଆନନ୍ଦପୁର ବଳଭଦ୍ର ନାରାୟଣ ଉଚ୍ଚବିଦ୍ୟାଳୟର ୧୯୮୯ ମାଟ୍ରିକ୍ ବ୍ୟାଚ ପୁରାତନ ଛାତ୍ରମାନଙ୍କର ଏକ ସମାବେଶ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ବିଦ୍ୟାଳୟର ପ୍ରତିଷ୍ଠାତା କେନ୍ଦୁଝର ରାଜା ସ୍ୱର୍ଗତ ବଳଭଦ୍ର ନାରାୟଣ ଭଞ୍ଜଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପୁରାତନ ଛାତ୍ର ଆଲୋକ ବଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପ୍ରାରମ୍ଭରେ ନିକଟରେ ପରଲୋକ ହୋଇଥିବା ପୁରାତନ ଛାତ୍ର ବେଣୁଧର ସାହୁ, ରାଜେଶ କୁମାର ସାହୁ, ବିପିନ୍ ଓଝା, ଶିକ୍ଷକ ସାରଙ୍ଗଧର ଷେଣ୍ଡ ଓ ଅନ୍ୟ ପରଲୋକଗତ ଛାତ୍ର, ଶିକ୍ଷକଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯାଇଥିଲା। ପୁରାତନ ଛାତ୍ର ଶତ୍ରୁଘ୍ନ ସାହୁ, ପ୍ରତାପ ପ୍ରତିମୟ, ସୁରେଶ ସାହୁ, ଅରୁଣ ରାଉତ, ଜୟପ୍ରକାଶ ଭଟ୍ଟରାୟ, ମନମୋହନ ଦାଶ, ଅଶୋକ ପାଢ଼ୀ, ଦେବବ୍ରତ ଖୁଣ୍ଟିଆ, ସୌମ୍ୟରଂଜନ ସାହୁ, ସରୋଜ ସାହୁ, ସୌରଜିତ୍ ଦାଶ, କୃଷ୍ଣଚନ୍ଦ୍ର ମିଶ୍ର, ମହେଶ ପାଢ଼ୀ ପ୍ରମୁଖ ଛାତ୍ର ଜୀବନର ଅନୁଭୂତି ବର୍ଣ୍ଣନା କରିଥିଲେ। ବିଜୟ ପାଢ଼ୀ, ପ୍ରଦୀପ ସାହୁ, ରଘୁନାଥ ସାହୁ, କୈଳାସ ସାହୁ, ସିପୁ ପଟ୍ଟନାୟକ, ସରୋଜ ଦଳେଇ, ଜଗବନ୍ଧୁ ଷେଣ୍ଡ, ମଳୟ କୁମାର ନାୟକ, ଅନଙ୍ଗ ନାୟକ, ଶମ୍ଭୁନାଥ ସାହୁ, ବାମନ ନାଏକ, ବିବେକାନନ୍ଦ ବେହେରା, ମାନସ ରାଉତ, ପିୟୁଷ ଦାଶ, ନିରାକାର ପୃଷ୍ଟି, ଶଙ୍କର୍ଷଣ ସାହୁ, ରଘୁନାଥ ସାହୁ, ବଳରାମ ସାହୁ, ମାନସ ଜେନା, କିଶୋର ମିଶ୍ର, ସୁବ୍ରତ ମିଶ୍ର, ଭାଗିରଥୀ ଦାଶ ପ୍ରମୁଖ ପରିଚାଳନା କରିଥିଲେ।

# ଶାଳଣିଆଁ ଓ ହଦଗଡ଼ରେ ଫାଣ୍ଡି ପ୍ରତିଷ୍ଠା ଯୋଜନା ନାହିଁ

ହାଟଡ଼ିହୀ,୧୪।୧୨(ସମିସ): ହାଟଡ଼ିହୀ ବ୍ଲକ ଅନ୍ତର୍ଗତ ନନ୍ଦିପଦା ଓ ସୋସୋ ଥାନା ଅଧୀନସ୍ଥ ଶାଳଣିଆଁ ଓ ହଦଗଡ଼ଠାରେ ଫାଣ୍ଡି ପ୍ରତିଷ୍ଠା ଆଶା ଆଶାରେ ହିଁ ରହିଗଲା। କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ମନୋହରପୁରରେ ଥିବା ଫାଣ୍ଡିକୁ ଅପ୍‌ଗ୍ରେଡ କରି ଥାନାରେ ପରିଣତ କରିବାକୁ ତତ୍କାଳୀନ ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀ ସରକାରଙ୍କୁ ଚିଠି ଲେଖିଥିଲେ। ମନୋହରପୁରରେ ନୂତନ ଥାନା ଖୋଲିବାକୁ ଯାଉଛି। ଶାଳଣିଆଁ ଓ ହଦଗଡ଼ରେ ଫାଣ୍ଡି ପ୍ରତିଷ୍ଠା ପାଇଁ କୌଣସି ଯୋଜନା ନଥିବା ସରକାରଙ୍କ ପକ୍ଷରୁ ସ୍ପଷ୍ଟ କରାଯାଇଛି। ୨୦୨୧ ଫେବୃଆରୀ ୨୭ରେ ଚିଠି ନମ୍ବର ୮୩୯୫ରେ ତତ୍କାଳୀନ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସଞ୍ଜୀବ ଚୋପ୍ରା ଭାଗୀରଥି ସେଠୀଙ୍କୁ ଚିଠି ଲେଖି ଆନନ୍ଦପୁର ନିର୍ବାଚନମଣ୍ଡଳୀରେ କେଉଁ ସ୍ଥାନରେ ନୂତନ ଥାନା କିମ୍ବା ଫାଣ୍ଡି ଖୋଲିବାକୁ ଚାହୁଁଛନ୍ତି ସେ ସମ୍ପର୍କରେ ଗୃହ ବିଭାଗକୁ ଅବଗତ କରିବାକୁ ଜଣାଇଥିଲେ। ଶ୍ରୀ ସେଠୀ ମନୋହରପୁରରେ ନୂତନ ଥାନା ଖୋଲିବାକୁ ଅନୁରୋଧ କରିବା ସହ ଶାଳଣିଆଁ ଏବଂ ହଦଗଡ଼ରେ ଫାଣ୍ଡି ପ୍ରତିଷ୍ଠା ସମ୍ପର୍କରେ ଜଣାଇଥିଲେ। ଗତ ତାରିଖରେ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ଏକ ତାରକା ପ୍ରଶ୍ନରେ ବିଧାନସଭାରେ କହିଥିଲେ ଯେ ହାଟଡିହୀ ବ୍ଲକ୍‌ର ବିଭିନ୍ନ ଥାନାରେ ଆବଶ୍ୟକ କର୍ମଚାରୀ ନଥିବାରୁ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜୁଛି। କର୍ମଚାରୀ ଓ ଅଧିକାରୀ ନିଯୁକ୍ତି ସହିତ ଶାଳଣିଆଁରେ ନୂତନ ଫାଣ୍ଡି ପ୍ରତିଷ୍ଠା ପାଇଁ ସରକାର ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ। ଗୃହ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ପ୍ରଶ୍ନର ଉତ୍ତର ଦେଇ କୌଣସି ନୂତନ ଫାଣ୍ଡି ପ୍ରତିଷ୍ଠା ପାଇଁ ପ୍ରସ୍ତାବ ନଥିବା କହିଥିଲେ। ପୂର୍ବ ଫାଇଲକୁ ନଦେଖି ମୁଖ୍ୟମନ୍ତ୍ରୀ ଏଭଳି ଉତ୍ତର ଦେଇଥିବା ନେଇ ଉକ୍ତ ଅଞ୍ଚଳବାସୀ କ୍ଷୋଭ ପ୍ରକାଶ କରିଛନ୍ତି। ଦୀର୍ଘଦିନରୁ ଅଞ୍ଚଳବାସୀଙ୍କ ଦାବି ଏବଂ ବିଧାୟକ ଅଭିମନ୍ୟୁ ସେଠୀଙ୍କ ପ୍ରସ୍ତାବକୁ ସରକାର ପାରିତ କରି ଶାଳଣିଆଁ ଓ ହଦଗଡ଼ଠାରେ ନୂତନ ଫାଣ୍ଡି ପ୍ରତିଷ୍ଠା କରାଇଲେ ସେହି ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତିରେ ସୁଧାର ଆସିପାରନ୍ତା ବୋଲି ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି।

### ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳରେ ବିଗୁଡୁଛି ଆଇନଶୃଙ୍ଖଳା

## ବାଲିଘାଟରେ ଫସି ଯୁବକ ମୃତ

ଆନନ୍ଦପୁର,୧୪।୧୨(ସମିସ): କୁସେଇ ନଦୀର ଦେଓଗାଁ ଘାଟରେ ଗଭୀର ବାଲିଘାଟରେ ଜଣେ ଯୁବକ ଟିମା ଦେହୁରୀଙ୍କ ପୁଅ ଜିତେନ୍ଦ୍ର (୩୫)ଙ୍କ ମୃତ୍ୟୁ ଘଟିଛି। ଗଭୀର ଗର୍ତ୍ତରେ ପଡ଼ି ତାଙ୍କ ପ୍ରାଣହାନି ହୋଇଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ଲୋକେ ଓ ଅଗ୍ନିଶମ ବାହିନୀ କର୍ମଚାରୀ ନଦୀରୁ ଜିତେନ୍ଦ୍ରଙ୍କୁ ଉଦ୍ଧାର କରି ଆନନ୍ଦପୁର ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଷିପୁରା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଶବ ବ୍ୟବଚ୍ଛେଦ କରି ସାରିବା ପରେ ମରଶରୀର ପରିବାର ଲୋକଙ୍କୁ ହସ୍ତାନ୍ତର କରିବ ବୋଲି ଜଣାପଡ଼ିଛି।

## ୪୨ତମ ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ



କେନ୍ଦୁଝର, ୧୪।୧୨(ସମିସ): ବାଂଶପାଳ ବ୍ଲକ ଓଷ୍ଟାର ୪୨ତମ ଶିଶୁ ଉତ୍ସବ ବିପ୍ଳବୀ ରତ୍ନାକର ଉଚ୍ଚବିଦ୍ୟାଳୟ, କାଞ୍ଜିପାଣିଠାରେ ଅନୁଷ୍ଠିତ ହୋଇଯାଇଛି। ୧୦ଟି ବିଭାଗରେ ୧୫୦ ଜଣ ପ୍ରତିଯୋଗୀ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ଉପସଭାପତି ବିଶ୍ୱନାଥ ବାରିକ ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ ବାଂଶପାଳ ଗୋଷ୍ଠୀ ଶିକ୍ଷାଧିକାରୀ ଦାଶରଥି ଶୁଣ୍ଠି ଯୋଗ ଦେଇଥିଲେ। ଜିଲ୍ଲା ଓଷ୍ଟାର ସଭାପତି ମନ୍ମଥନାଥ ମହାନ୍ତ ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବାଂଶପାଳ ବ୍ଲକ ଓଷ୍ଟାର ଉପଦେଷ୍ଟା ବିଶ୍ୱଭୂଷଣ ମହାନ୍ତ, ମୁଖ୍ୟବକ୍ତା ଭାବେ ପୂର୍ବତନ ରାଜ୍ୟ କାର୍ଯ୍ୟକାରୀ ସଭାପତି ତଥା ବର୍ତ୍ତମାନର ଉପଦେଷ୍ଟା ଭିକାରୀ ଚରଣ ସାହୁ, ସମ୍ମାନିତ ଅତିଥି ଭାବେ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ବାସନ୍ତୀ ନାଏକ, କାଞ୍ଜିପାଣି ସିଆରସିସି ଶତୃଘନ ମନ୍ତ୍ରୀ, ବିପ୍ଳବୀ ରତ୍ନାକର ଉଚ୍ଚବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରଫୁଲ୍ଲ ଆରୁକ, ଜିଲ୍ଲା ଉପସଭାପତି ବୈକୁଣ୍ଠ ମହାନ୍ତ, ସଂପାଦକ ସୁଶାନ୍ତ କୁମାର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିପ୍ଳବୀ ରତ୍ନାକର ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଓ କର୍ମଚାରୀ ଏଥିରେ ସାମିଲ ହୋଇଥିଲେ।

## ଆନନ୍ଦପୁର ମହାବିଦ୍ୟାଳୟରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍

ଆନନ୍ଦପୁର, ୧୪।୧୨(ସମିସ): ଆନନ୍ଦପୁର ମହାବିଦ୍ୟାଳୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ରବିବାର ଅନୁଷ୍ଠିତ ହୋଇଯାଇଛି। କୁଶଳେଶ୍ୱର ମହାବିଦ୍ୟାଳୟ ରେକୁଟିଆ ଓ ଆନନ୍ଦପୁର ମହାବିଦ୍ୟାଳୟର ଷ୍ଟାଫ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି କ୍ରୀଡ଼ାକୁ ପ୍ରାଣନାଥ ଜେନା ପରିଚାଳନା କରିଥିଲେ। ଅଧ୍ୟାପକ ବିଜୟ ସାହୁ ଧାରାବିବରଣୀ ପ୍ରଦାନ କରିଥିଲେ। ଆନନ୍ଦପୁର ମହାବିଦ୍ୟାଳୟର କ୍ୟାପଟେନ ଉପେନ୍ଦ୍ର ମିଶ୍ର ଓ କୁଶଳେଶ୍ୱର ମହାବିଦ୍ୟାଳୟର କ୍ୟାପଟେନ ମହେଶ୍ୱର ଜେନାଙ୍କ ମଧ୍ୟରେ ଆନନ୍ଦପୁର ମହାବିଦ୍ୟାଳୟ ଟସ୍ ଜିତି ଫିଲ୍‌ଡିଂ କରିଥିଲା। କୁଶଳେଶ୍ୱର ମହାବିଦ୍ୟାଳୟ ୧୫ ଓଭରରେ ୯ ୱିକେଟ ହରାଇ ୧୪୩ ରନ କରିଥିବା ବେଳେ ଆନନ୍ଦପୁର ମହାବିଦ୍ୟାଳୟ ୧୪ ଓଭରରେ ୭ ୱିକେଟ ହରାଇ ୧୪୬ ରନ କରି ବିଜୟ ଲାଭ କରିଥିଲା। ଆନନ୍ଦପୁର ମହାବିଦ୍ୟାଳୟର ଅଧ୍ୟାପକ ପ୍ରକାଶ କୁମାର ସାହୁ ୪୮ ରନ ଓ ୨ ୱିକେଟ ନେଇ ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ। ଶେଷରେ ଏକ ସଭାରେ ଅଧ୍ୟକ୍ଷ ଡ ନାରାୟଣ ମିଶ୍ର କୁଶଳେଶ୍ୱର ମହାବିଦ୍ୟାଳୟର ଅଧ୍ୟାପକ ଭବାନୀ ଶଙ୍କର ବଳ ଓ ଅଧ୍ୟାପକ ବିଜୟ କୁମାର ସାହୁଙ୍କୁ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଡକ୍ଟର ନାରାୟଣ ମିଶ୍ର ଓ ଡକ୍ଟର ନିମାଇ ଚାରଣ ରାଉତଙ୍କୁ ଭବାନୀ ଶଙ୍କର ବଳ ଓ ବିଜୟ ସାହୁ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ବିଜୟୀ କ୍ୟାପଟେନ ଉପେନ୍ଦ୍ର ମିଶ୍ର ଓ ପରଜୟୀ କ୍ୟାପଟେନ ମହେଶ୍ୱର ଜେନାଙ୍କୁ ଟ୍ରଫି ପ୍ରଦାନ କରିଥିଲେ ଅଧ୍ୟକ୍ଷ ଡକ୍ଟର ମିଶ୍ର। ଆନନ୍ଦପୁର ମହାବିଦ୍ୟାଳୟର ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ସ୍ୱେଚ୍ଛାସେବୀ ସହଯୋଗ କରିଥିଲେ। ପ୍ରାଧ୍ୟାପକ ପ୍ରଫୁଲ୍ଲ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଆଦିବାସୀ ସେଙ୍ଗେଲ ଅଭିଯାନର ସମ୍ମିଳନୀ




ଆନନ୍ଦପୁର ୧୪/୧୨ (ସମିସ): ଆଦିବାସୀ ସେଙ୍ଗେଲ୍ ଅଭିଯାନର ଜିଲ୍ଲା ସଭାପତି ସୁରେନ୍ଦ୍ର ମୁର୍ମୁଙ୍କ ସଭାପତିତ୍ୱରେ କେନ୍ଦୁଝର ଜିଲ୍ଲାର ଘସିପୁରାସ୍ଥିତ କଲ୍ୟାଣ ମଣ୍ଡପଠାରେ ସମାଜ ସୁଧାର ସହିତ ସାର୍ନା ଧର୍ମ ଏକତା ପାଇଁ ସେଙ୍ଗେଲ୍ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜୋନାଲ ସେଙ୍ଗେଲ ମାଝୀ-ପାର୍ଗାନା ମାଡୱାର ଜୋନାଲ ପାର୍ଗାନା ଗୁନାରାମ ମୁର୍ମୁ ମୁଖ୍ୟଅତିଥି ଭାବରେ ଉପସ୍ଥିତ ଥିଲେ। ଏହାସହ ଢେଙ୍କାନାଳ ଯାଜପୁର ଭଦ୍ରକ ଜିଲ୍ଲାର ସମସ୍ତ ସେଙ୍ଗେଲ ପାରଗାନା ତଥା ନେତା ନେତ୍ରୀମାନେ ଉପସ୍ଥିତ ଥିଲେ। ସମ୍ମିଳନୀରେ ଆଦିବାସୀଙ୍କ ଏକତା ଏବଂ ଆଦିବାସୀ ସମାଜକୁ ବଞ୍ଚାଇବାକୁ ହେଲେ ସମାଜର ପରମ୍ପରା ନାମରେ ପରିଚିତ ହାଣ୍ଡିଆ, ମଦ ଭଳି ନିଶାଦ୍ରବ୍ୟକୁ ବହିଷ୍କାର କରିବା, ଅନ୍ଧବିଶ୍ୱାସକୁ ଦୂର କରିବା, ଡାହାଣୀ ପ୍ରଥା, ଗୁଣିଗାରେଡିକୁ ହଟାଇବା, ସାମାଜିକ ବାସନ୍ଦ ଏବଂ ମନଇଚ୍ଛା ଜରିମାନା ଆଦାୟକୁ ବନ୍ଦ କରିବା, ଭୋଟ କ୍ରୟ-ବିକ୍ରୟକୁ ରୋକିବା, ମହିଳା ସଶକ୍ତିକରଣ ଆଣିବା ସହିତ ମାଝୀ-ପାର୍ଗାନା ସ୍ୱଶାସନ ବ୍ୟବସ୍ଥାକୁ ସାମ୍ବିଧାନିକ ଏବଂ ଜନତାନ୍ତ୍ରିକ ସୁଧାର କରିବା ପାଇଁ ନିତାନ୍ତ ଆବଶ୍ୟକ ବୋଲି କୁହାଯାଇଛି। ପ୍ରକୃତି ପୂଜକ ଆଦିବାସୀମାନଙ୍କର ସାର୍ନା ଧର୍ମ କୋଡ଼ ମାନ୍ୟତା, ସାନ୍ତାଳୀ ଭାଷାକୁ ଝାଡ଼ଖଣ୍ଡର ପ୍ରଥମ ରାଜଭାଷା, ଓଡ଼ିଶାରେ ଦ୍ୱିତୀୟ ରାଜଭାଷା ମାନ୍ୟତା, ଜାତି ଏବଂ ଆରକ୍ଷଣକୁ ସୁରକ୍ଷା କରିବା, ସିଏନଟି/ଏସପିଟି କାନୁନକୁ ଦୃଢ଼ ଭାବରେ ଲାଗୁ କରାଇବାକୁ ପଡିବ ଏବଂ ଇଷ୍ଟ ଦେବତା ମାରାଂବୁରୁକୁ ଜୈନମାନଙ୍କ କବଳରୁ ମୁକୁଳାଇବାକୁ ପଡିବ ବୋଲି ବକ୍ତାମାନେ ସ୍ପଷ୍ଟ କରିଛନ୍ତି; ନଚେତ୍ ଆଦିବାସୀ ସମାଜ ବିଲୁପ୍ତ ହେବାରୁ କେହି ବି ଅଟକାଇ ପାରିବେନି ବୋଲି ସ୍ପଷ୍ଟ କୁହାଯାଇଛି। ସମସ୍ତ ସେଙ୍ଗେଲ କାର୍ଯ୍ୟକର୍ତ୍ତା ଏବଂ ନେତାମାନେ ବର୍ତ୍ତମାନ ପ୍ରତ୍ୟେକ ଆଦିବାସୀ ଗ୍ରାମକୁ ଯାଇ ସମାଜ ସୁଧାର ଓ ସମାଜରେ ଏକଜୁଟ ଗଠନ କରିବା ଦିଗରେ କାର୍ଯ୍ୟ କରିବା ପାଇଁ ସଂକଳ୍ପ ନେଇଛନ୍ତି। ସମ୍ମିଳନୀରେ ଜୋନାଲ ସେଙ୍ଗେଲ୍ ମାଝୀ-ପାର୍ଗାନା ମାଡୱାର ଉପ ସଭାପତି ନନ୍ଦକିଶୋର ମାରାଣ୍ଡି, ଜିଲ୍ଲା ଯୁବା ଉପସଭାପତି ବଳରାମ ଟୁଡୁ, ଜୋନାଲ ସାର୍ନା ଧରମ ସଭାପତି ଖେଲାରାମ ମୁର୍ମୁ, ମହିଳା ମୋର୍ଚ୍ଚା କେନ୍ଦୁଝର ଜିଲ୍ଲା ସଭାପତି ବାସନ୍ତୀ ମାରାଣ୍ଡି, ସବଡିଭିଜନ ସଭାପତି ମାଳତି ହାଁସଦା ଜିଲ୍ଲା ପାରଗାନା ହିରଣ୍ୟ ହେମ୍ବ୍ରମ ସହ ଶତାଧିକ ନେତା ଉପସ୍ଥିତ ଥିଲେ।

## ହାଟଡ଼ିହୀ ଅଞ୍ଚଳରେ ରନ୍ଧନଗ୍ୟାସ୍ ଯୋଗାଣ ସମସ୍ୟା

ହାଟଡ଼ିହୀ,୧୪।୧୨(ସମିସ): ହାଟଡ଼ିହୀ ଅଞ୍ଚଳରେ ଏବେ ରନ୍ଧନଗ୍ୟାସ୍ ଯୋଗାଣରେ ଅଭାବୀକୁ ନେଇ ଖାଉଟିଙ୍କ ମୁଣ୍ଡ ବିନ୍ଧାର କାରଣ ସାଜିଛି। ବୁକିଂ କରିବାର ୩ରୁ ୪ଦିନ ବିତୁଥିଲେ ବି ରନ୍ଧନଗ୍ୟାସ୍ ସଠିକ ସମୟରେ ମିଳିପାରୁନି। ହାଟଡ଼ିହୀ ଅଞ୍ଚଳ ପାଇଁ ବିଦ୍ୟାଧରପୁର, ପୁରୁଣାପାଣି, ଶାଳଣିଆଁ ଭଳି ତିନୋଟି ସ୍ଥାନରେ ଇଣ୍ଡେନ୍ ଗ୍ୟାସ୍ କାଉଣ୍ଟର ଅଛି। ଏଥିସହ ଆନନ୍ଦପୁରରୁ ସପ୍ତାହକୁ ୨ରୁ ୩ଥର ଏଚପି ଗ୍ୟାସ୍ ଗାଡ଼ି ଆସି ଛେନାପଦିଠାରେ ଗ୍ୟାସ୍ ଯୋଗାଉଥିଲେ ସୁଦ୍ଧା ଯୋଗାଣରେ ଅଭାବ ଲାଗି ରହୁଥିବା ଦେଖାଯାଇଛି। ଏହି ସୁଯୋଗ ଉଣ୍ଡି କଳାବଜାରୀ କରୁଥିବା କିଛି ଅସାଧୁ ବେପାରୀ ରିଫିଲ୍‌ପ୍ରତି ୧୧୫୦ରୁ ୧୨୫୦ଯାଏଁ ଚଢ଼ା ଦରରେ ରନ୍ଧନଗ୍ୟାସ୍ ବିକ୍ରି କରି ଭଲ ଦି'ପଇସା ମୁନଫା କରୁଛନ୍ତି। ନିୟମିତ ଗ୍ୟାସ୍ ନପାଇ ଖାଉଟିମାନେ ମଧ୍ୟ କଳାବଜାରରୁ ଚଢ଼ା ଦରରେ କିଣୁଥିଲେ ସୁଦ୍ଧା ଏଥିପ୍ରତି ଆଡ଼ ନଜର କରି ଜାଣିଶୁଣି ଏହାର ପ୍ରତିବାଦ କରୁନାହାନ୍ତି। ରନ୍ଧନଗ୍ୟାସ୍ କଳାବଜାର ହେବା ପଛରେ ଡ଼ିଲର ଓ ଅସାଧୁ ବେପାରୀଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଥାଇପାରେ ବୋଲି ସାଧାରଣରେ ଆଲୋଚନା ହେଉଛି। ଏଭଳି ପ୍ରସଙ୍ଗ ସହ ରନ୍ଧନଗ୍ୟାସ୍ ଅଭାବକୁ ଆନନ୍ଦପୁର ଉପଜିଲ୍ଲାପାଳ ବିଶେଷ ଭାବେ ଅନୁଧ୍ୟାନ କରି ଏଭଳି ସମସ୍ୟାର ସମାଧାନ କରିବାକୁ ଖାଉଟିଙ୍କ ମହଲରେ ଦାବି ହେଉଛି।

## ଜିଲ୍ଲା ଅବସରପ୍ରାପ୍ତ ବିଚାର ବିଭାଗୀୟ କର୍ମଚାରୀଙ୍କ ବାର୍ଷିକ ବୈଠକ



କେନ୍ଦୁଝର, ୧୪।୧୨(ସମିସ): କେନ୍ଦୁଝର ଜିଲ୍ଲା ଅବସରପ୍ରାପ୍ତ ବିଚାର ବିଭାଗୀୟ କର୍ମଚାରୀଙ୍କ ବାର୍ଷିକ ସାଧାରଣ ବୈଠକ ତୃପ୍ତୀ ସଫାରୀଠାରେ ଅନୁଷ୍ଠିତ ହୋଇଯାଇଛି। ମୋଟ୍ ୫୨ ଜଣ ଅବସରପ୍ରାପ୍ତ କର୍ମଚାରୀ ସୁଦୂର କେନ୍ଦୁଝର,ଭୁବନେଶ୍ୱର,ଯାଜପୁର,ଆନନ୍ଦପୁର,ଚମ୍ପୁଆ ଓ କେନ୍ଦୁଝର ଜିଲ୍ଲାର ବିଭିନ୍ନ ସ୍ଥାନରୁ ଆସି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସଂଘର ବରିଷ୍ଠ ସଦସ୍ୟ ଅଶ୍ୱିନୀ କୁମାର ରାୟଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇ ୨୦୨୪-୨୦୨୫ରେ ମୃତ ଅବସରପ୍ରାପ୍ତ କର୍ମଚାରୀ ପ୍ରହ୍ଲାଦଚନ୍ଦ୍ର ଦାସ, ସିଦ୍ଧନାଥ ଧଳ ଏବଂ ଦୁଃଖୀ ମୁଖିଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ୨ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଏହି ସମୟରେ ଅବସର ଗ୍ରହଣ କରିଥିବା ଅନନ୍ତ ଶେଖର ମିଶ୍ର, ହରେକୃଷ୍ଣ ନାଏକ ଓ ନାରାୟଣ ନାଏକଙ୍କୁ ପୁଷ୍ପଗୁଚ୍ଛ ଦେଇ ସଂଘ ତରଫରୁ ସ୍ୱାଗତ କରାଯାଇଥିଲା। ବାର୍ଷିକ ବୈଠକ ପରେ ଆଗାମୀ ୩ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ସଭାପତି ଭାବେ କିଶୋରଚନ୍ଦ୍ର ଦାସ, ଉପସଭାପତି ଭାବେ ବାଇଧର ବେହେରା, ସମ୍ପାଦକ ଭାବେ ମୀନକେତନ ନାୟକ, ଯୁଗ୍ମ ସମ୍ପାଦକ ଭାବେ ବସନ୍ତ କୁମାର ସାହୁ, ବିଜୟ କୁମାର ପଟ୍ଟନାୟକ, କୋଷାଧ୍ୟକ୍ଷ ଭାବେ ଗଣପତି ରାଉତ, କାର୍ଯ୍ୟନିର୍ବାହୀ ସମସ୍ୟ ଭାବେ ଭାଗବତ ପତି, ସୀତାନାଥ ମହାନ୍ତି, ପତି କାରୁଆ, ସୁରେନ୍ଦ୍ରନାଥ ମଣ୍ଡଳ ଏବଂ ଉପଦେଷ୍ଟା ଅଶ୍ୱିନୀ ରାୟ, ପ୍ରଫୁଲ୍ଲ ଦେଓ, କମଳାକାନ୍ତ ମହାନ୍ତ, ଶାନ୍ତନୁ ନନ୍ଦୀ, ସୁନୀଲ ଦାଶ ପ୍ରମୁଖ ମନୋନୀତ ହୋଇଛନ୍ତି। ଆଗାମୀ ଦିନରେ କେନ୍ଦୁଝର ସହରରେ ଥିବା ମଠ ଓ ମନ୍ଦିର ପରିଷ୍କାର କରିବା ସହ ଡାକ୍ତରଖାନାରେ ରୋଗୀଙ୍କୁ ଫଳ ବାଣ୍ଟିବା ପାଇଁ ନିଷ୍ପତ୍ତି ନିଆଯାଇଛି। ସଂଘର ସଭାପତି କିଶୋରଚନ୍ଦ୍ର ଦାସ ଧନ୍ୟବାଦ ଦେଇଥିଲା ବେଳେ ତୃପ୍ତୀ ସଫାରୀର ମାଲିକ ସନ୍ଦୀପ କୁମାର ବେହେରା ପୂର୍ଣ୍ଣ ସହଯୋଗ କରିଥିଲେ।

## ଡିଏନ୍ ହାଇସ୍କୁଲ ୧୯୭୬ ବ୍ୟାଚ ଛାତ୍ରଙ୍କ ସୁବର୍ଣ୍ଣ ଜୟନ୍ତୀ ସଭା




କେନ୍ଦୁଝର, ୧୪।୧୨(ସମିସ): ଡି.ଏନ୍ ହାଇସ୍କୁଲ ୧୯୭୬ ବ୍ୟାଚ ପୁରାତନ ଛାତ୍ରଙ୍କର ୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଡି.ଏନ୍ ହାଇସ୍କୁଲ ଅଡିଟୋରିୟମରେ ସୁବର୍ଣ୍ଣ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବଳରାମ ପୃଷ୍ଟି, ନାରାୟଣ ମିଶ୍ର, ସୁବାସଚନ୍ଦ୍ର ବଳ, ବାବାଜୀ ଚରଣ ସାହୁ, ଶଶଧର ବେହେରା ଅତିଥି ଭାବରେ ମଞ୍ଚାସୀନ ଥିବାବେଳେ ଡି.ଏନ. ହାଇସ୍କୁଲ ବରିଷ୍ଠ ଶିକ୍ଷକ ଉଦୟନାଥ ନାୟକ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ସଭା ପ୍ରାରମ୍ଭରେ ନିଜର ପ୍ରିୟ ଓ ପୂଜ୍ୟ ଶିକ୍ଷକମାନଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ମାନିତ କରିବା ଓ ଆଶୀର୍ବାଦ ଲାଭ କରିବାର ମୁହୂର୍ତ୍ତ ଏକ ଭାବବିହ୍ୱଳ ପରିବେଶ ସୃଷ୍ଟି କରିଥିଲା। ପୁରାତନ ଛାତ୍ରମାନେ ସେମାନଙ୍କର ଅତୀତ ଛାତ୍ରଜୀବନର ସ୍ମୃତିକୁ ତାଜା କରିଥିଲେ ଓ ୧୯୭୬ ବ୍ୟାଚର ଛାତ୍ରମାନେ ପ୍ରତ୍ୟେକ ବର୍ଷ ଡିସେମ୍ବରରେ ବନ୍ଧୁମିଳନରେ ଏକାଠି ହୋଇଥିବା ବେଳେ ଚଳିତ ବର୍ଷ ହାଇସ୍କୁଲ ପରିସରରେ ବୃକ୍ଷରୋପଣ କରାଯାଇଛି। ଓମ୍‌ପ୍ରକାଶ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଶାନ୍ତଚନ୍ଦ୍ର ମହାପାତ୍ର ମଞ୍ଚ ସଞ୍ଚାଳନ କରିଥିଲେ। ପ୍ରଦୀପ୍ତ ମୋହନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଦିନବନ୍ଧୁ ସାହୁ, ବିଜୟ ଦୀକ୍ଷିତ, ବସନ୍ତ ସାହୁ, ପାର୍ଥସାରଥୀ ସାହୁ, ଜଗନ୍ନାଥ ଦାସ, ଅକ୍ଷୟ ପ୍ରସାଦ ଦାସ, ପଞ୍ଚାନନ ମହାପାତ୍ର, ଗୌରଙ୍ଗ ସାହୁ, କମଳେଶ ଚୌହାନ, କାର୍ତ୍ତିକଚନ୍ଦ୍ର ଦଣ୍ଡସେନା, ନିମାଇଁ ମହାନ୍ତ ସହଯୋଗ କରିଥିଲେ।

## କେନ୍ଦୁଝର ଜିଲ୍ଲାସ୍ତରୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

# ୫୮୨୯ଟି ମାମଲାରୁ ୭,୮୯,୨୧,୭୫୦ ଟଙ୍କା ଆଦାୟ

କେନ୍ଦୁଝର, ୧୪।୧୨(ସମିସ): ଜିଲ୍ଲା ଆଇନସେବା ପ୍ରାଧିକରଣ ତରଫରୁ ଜିଲ୍ଲା କୋର୍ଟ ସମେତ ଆନନ୍ଦପୁର ଓ ଚମ୍ପୁଆର ଅତିରିକ୍ତ ଜିଲ୍ଲା ଜଜ୍ କୋର୍ଟ, ବଡ଼ବିଲ, ହାଟଡିହୀ, ତେଲକୋଇ ଓ ଘଟଗାଁ ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ବିଚାରପତି କୋର୍ଟଗୁଡିକରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏହି ଲୋକ ଅଦାଲତଗୁଡିକରେ ସମୁଦାୟ ୫୮୨୯ଟି ମାମଲା ସମାଧାନ କରାଯାଇ ୭,୮୯,୨୧,୭୫୦ ଟଙ୍କା ଆଦାୟ ହୋଇଛି। ଜିଲ୍ଲା ଜଜ୍ କୋର୍ଟ ପରିସରରେ ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲ୍ଲା ଓ ଦୌରା ଜଜ୍ ଗୋପାଳଚନ୍ଦ୍ର ବେହେରା ଉଦ୍‌ଘାଟନ କରିଥିଲେ। ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତି ଭଗବାନ ପ୍ରଧାନ, ପରିବାର ଅଦାଲତର ବିଚାରପତି ଇତିଶ୍ରୀ ମହାପାତ୍ର, ଅତିରିକ୍ତ ଜିଲ୍ଲାଜଜ୍ ମମିତା ଦାସ, ସ୍ଥାୟୀ ଲୋକ ଅଦାଲତ ଅଧ୍ୟକ୍ଷ ବିଚାରପତି ଇ. ବିଘ୍ନେଶ୍ୱର ରାଓ, ମୁଖ୍ୟ ବିଚାର ବିଭାଗୀୟ ବିଚାରପତି ହିମାଂଶୁ ଶେଖର ବିଶ୍ୱାଳ, ବରିଷ୍ଠ ଦେୱାନୀ ବିଚାରପତି ଅମରେଶ ନାୟକ, ରେଜିଷ୍ଟ୍ରାର ସୁଚେତା କୃପାଳିନୀ, ମହିଳା କୋର୍ଟ ବିଚାରପତି ନେହା ଦାସ, ଉପଖଣ୍ଡୀୟ ବିଚାରପତି ସୁମିତ୍ରା କୁମାରୀ ଦାସ, କନିଷ୍ଠ ବିଚାରପତି ପ୍ରଥମଶ୍ରେଣୀ ଅମ୍ବିକେଶ ପାଣିଗ୍ରାହୀ ନିଜ ନିଜ କୋର୍ଟଗୁଡିକରେ ମକଦ୍ଦମା ପରିଚାଳନା କରିଥିଲେ। ପ୍ରାଧିକରଣର ସଚିବ ସସ୍ମିତା ନନ୍ଦିନୀ ତ୍ରିପାଠୀ ସମସ୍ତ କୋର୍ଟ ପରିଚାଳନା ଭାର ସମେତ ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତର କାର୍ଯ୍ୟଭାର ସମ୍ଭାଳିଥିଲେ। ପ୍ରାକ୍ ବ୍ୟାଙ୍କ ମକଦ୍ଦମା ୩୬ଟି ମାମଲାର ସମାଧାନ ହୋଇ ୧୦,୭୭,୨୦୦ ଟଙ୍କା, ମଟରଯାନ ଦୁର୍ଘଟଣା ୫୫ଟି ମାମଲା ସମାଧାନ ହୋଇ ୫,୨୯,୮୫,୦୦୦ ଟଙ୍କା, ପ୍ରାକ୍ ଲୋକ ଉପଯୋଗୀ ସେବା ୪୧ଟି ସମାଧାନ ହୋଇ ୩,୧୮,୬୬୦ ଟଙ୍କା, ପ୍ରାକ୍ ବିଏସ୍‌ଏନ୍‌ଏଲ୍ ମକଦ୍ଦମା ୧୬ଟି ମାମଲାର ସମାଧାନ ହୋଇ ୧୬,୯୮୨ ଟଙ୍କା, ରାଜସ୍ୱ ମକଦ୍ଦମା ୫୧୮୭ଟି ମାମଲା ସମାଧାନ ହୋଇ ୭,୨୫,୦୧୫ ଟଙ୍କା, ଦେୱାନୀ ମକଦ୍ଦମା ୫୪ଟି ମାମଲା ସମାଧାନ ହୋଇ ୧,୫୯,୨୬,୮୧୧ ଟଙ୍କା, ଫୌଜଦାରୀ ମକଦ୍ଦମା ୪୨୭ଟି ମାମଲା ସମାଧାନ ହୋଇ ୭୮,୬୯,୦୮୨ ଟଙ୍କା ଆଦାୟ ହୋଇଛି। ପାରିବାରିକ ମାମଲା ୧୧ଟି ଫଇସଲା ହୋଇଥିଲା ବେଳେ ଖାଉଟି ବିଭାଗର ୨ଟି ମକଦ୍ଦମା ଫଇସଲା ହୋଇଥିଲା। ଏହି କାର୍ଯ୍ୟକ୍ରମକୁ କୋର୍ଟ ପରିଚାଳକ ଅଚ୍ୟୁତ ସାମନ୍ତରାୟ, ନାଜିର ଦିଲ୍ଲୀପ ବେହେରା, ଆଇନସେବା ପ୍ରାଧିକରଣର ପ୍ୟାନେଲ ଅଧିବକ୍ତା ମାନସ ରଞ୍ଜନ ସାହୁ, କରୁଣାକର ବ୍ରହ୍ମ, ହାଡିବନ୍ଧୁ ମିଶ୍ର, ପବିତ୍ର ନାରାୟଣ ବିଦ୍ୟାଧର, ହୁସେନ ଉଦ୍ଦିନ, ଅର୍ଚ୍ଚନା ଦାସ, ରେଣୁଦେବୀ ସିଂ, ପ୍ରାଧିକରଣର କର୍ମୀ ସତ୍ୟରଞ୍ଜନ ଦାସ, ସ୍ନେହଲତା ବାସ୍କେ, ଦେବବ୍ରତ ଦାସ, ଶିଶିର ସାହୁ, ବିଶ୍ୱଜିତ ସାହୁ, ଦୀପ୍ତିରଞ୍ଜନ ଅବର୍ଦ୍ଧା ସହଯୋଗ କରିଥିଲେ।



## ବାଣିଜ୍ୟ ମହୋତ୍ସବ ଉଦ୍‌ଘାଟିତ

# 'ଗଣମାଧ୍ୟମ ଶକ୍ତିଶାଳୀ ହେଲେ ସମାଜ ନିରାପଦ ରହିବ'

ଆନନ୍ଦପୁର, ୧୪।୧୨ (ସମିସ)



ଆନନ୍ଦପୁର ପ୍ରେସ୍ କ୍ଲବ୍‌ର ବାର୍ଷିକ ଉତ୍ସବ ଏବଂ ବାଣିଜ୍ୟ ମହୋତ୍ସବ ଆଜି ଉଦ୍‌ଘାଟିତ ହୋଇଯାଇଛି। ଅପରାହ୍ଣ ୩ଟା ସମୟରେ ଶ୍ରୀଦଧିବାମନଜୀଉ ମନ୍ଦିରରୁ ମଶାଲ ଶୋଭାଯାତ୍ରା ବାହାରିବା ପରେ ଆଦିବାସୀ ଲୋକନୃତ୍ୟ ସହ ମାର୍ଶାପାଳର ସିଂହବାଜା, ଫକୀରପୁର ଘୋଡ଼ା ନାଚ ତାଳେତାଳେ ଶୋଭାଯାତ୍ରା ଆନନ୍ଦପୁର ଷ୍ଟାଡିୟମରେ ହୋଇଥିବା ସାଂସ୍କୃତିକ ମଞ୍ଚରେ ପହଞ୍ଚିଥିଲା। ମୁଖ୍ୟଅତିଥି ଭାବେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ପ୍ରବଚକ ପଣ୍ଡିତ ଜିତୁ ଦାଶ ବାଣିଜ୍ୟ ମେଳାକୁ ଉଦ୍‌ଘାଟନ କରିଥିଲେ। ଆନନ୍ଦପୁର ପ୍ରେସ୍ କ୍ଲବ୍ ପକ୍ଷରୁ ଏଭଳି ନିଆରା କାର୍ଯ୍ୟକ୍ରମ ଲୋକଙ୍କୁ ମନୋରଂଜନର ଖୋରାକ ଯୋଗାଇବ ବୋଲି ଅତିଥିମାନେ ମତ ବ୍ୟକ୍ତ କରିଥିଲେ। ସାମ୍ବାଦିକମାନେ ନିଜ ଲେଖା ମାଧ୍ୟମରେ ଲୋକଙ୍କ ସମସ୍ୟା ପ୍ରକାଶ କରିବାକୁ ପରାମର୍ଶ ଦେଇଥିଲେ। ଗଣମାଧ୍ୟମ ଶକ୍ତିଶାଳୀ ହେଲେ ସମାଜ ନିରାପଦରେ ରହିବ ବୋଲି ଅତିଥିମାନେ କହିଥିଲେ। ପ୍ରେସ୍ କ୍ଲବ୍ ସଭାପତି ନାରାୟଣ ସାହୁ, ସମ୍ପାଦକ ସନ୍ତୋଷ କୁମାର ରାଉତଙ୍କ ଉପସ୍ଥିତିରେ ଅତିଥି କଳାକାରମାନଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ମନୋରଂଜନର ଖୋରାକ ଯୋଗାଇଥିଲା। ବରିଷ୍ଠ ସଦସ୍ୟ ନାରାୟଣ ପଣ୍ଡା, ଶତ୍ରୁଘ୍ନ ସାହୁ, ଦିଲ୍ଲୀପ ମିଶ୍ର, ସ୍ୱପ୍ନେଶ୍ୱର ପଣ୍ଡା, ସତ୍ୟଜିତ ସାହୁ, ରାଜୀବ ଜେନା, ଗୋପାଳ ରାଉତ, ଶ୍ରୀକୁମାର ମିଶ୍ର, ଉପେନ୍ଦ୍ର ସାହୁ, ଭାଗୀରଥି ଦାଶ, ରାଜେନ୍ଦ୍ର ଦାଶ, ଉମାକାନ୍ତ ସାହୁ, ସ୍ମୃତିରଂଜନ ବିହାରୀ, ଅନିଲ ସାହୁ, ଲିଟୁ ହଜାରୀ, ଗତିକୃଷ୍ଣ ଭୂୟାଁ, ରାଜକିଶୋର ସାହୁ, ସୁଶାନ୍ତ କୁମାର ସାହୁ, ପାର୍ଥସୌରଭ ସା, କୈଳାସ ଚନ୍ଦ୍ର ନାୟକ, ଗୋପୀନାଥ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବାଟପଲସା ସରସ୍ୱତୀ ଶିଶୁମନ୍ଦିରରେ ସଂକୁଳସ୍ତରୀୟ କ୍ରୀଡ଼ା

କରଞ୍ଜିଆ, ୧୪।୧୨ (ସମିସ): କରଞ୍ଜିଆ ବ୍ଲକ୍‌ର ବାଟପଲସାସ୍ଥ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ୩୪ତମ ସଂକୁଳକସ୍ତରୀୟ କ୍ରୀଡ଼ା ଆୟୋଜିତ ହୋଇଛି। ଏହି କ୍ରୀଡ଼ା ଉତ୍ସବରେ ବିଭିନ୍ନ ପ୍ରାନ୍ତରୁ ୧୦ଟି ବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗଦେଇଛନ୍ତି। ବିଭିନ୍ନ ବର୍ଗରେ ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଛନ୍ତି। ଏହି କ୍ରୀଡ଼ାରେ ୬୦ଟି ଖେଳର ଆୟୋଜନ ହୋଇଛି। ଏଥିରେ ୪ଜଣ ଛାତ୍ରଛାତ୍ରୀ ଚାମ୍ପିଅନ ହୋଇଛନ୍ତି। ଏହି କ୍ରୀଡା ସମାରୋହରେ ମୁଖ୍ୟଅତିଥି ଭାବେ ପ୍ୟାରୀମୋହନ ମହାନ୍ତ ଯୋଗ ଦେଇଥିବାବେଳେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଗୁରୁଜୀ, ଗୁରୁମା ପରିଚାଳନା କରିଥିଲେ।

## 'ଆମେ ୭ ୯' ଅନୁଷ୍ଠାନର ବୈଠକ



କରଞ୍ଜିଆ,୧୪।୧୨(ସମିସ): ଆମେ ୭ ୯ର ବୈଠକ ଅନୁଷ୍ଠିତ ହେକ୍ଷଇଯାଇଛି। ଅବସରପ୍ରାପ୍ତ ଅତିରିକ୍ତ ଜିଲ୍ଲା ଟ୍ରେଜେରୀ ଅଫିସର ଶତ୍ରୁଘନ ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରାକ୍ତନ ଛାତ୍ର ସ୍ୱର୍ଗତ ମଦନ ସାହୁଙ୍କ ଆତ୍ମାର ସଦଗତି ପାଇଁ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ସ୍କୁଲ ପରିସରରେ ଆଗାମୀ ଦିନରେ ଚାରା ରୋପଣ, ଗରିବ ଛାତ୍ରଛାତ୍ରୀଙ୍କୁ ପୁସ୍ତକ, କଲମ, ଖାତା ଆଦି ଯୋଗାଇ ଦେବା ବ୍ୟବସ୍ଥା କରାଯିବ ବୋଲି ମତ ପ୍ରକାଶ ପାଇଥିଲା। ଇଣ୍ଟରନିଟି ପତ୍ରିକାର ସଂପାଦକ ହରେକୃଷ୍ଣ ମହାନ୍ତ ଓ ସାମ୍ବାଦିକ କର୍ଣ୍ଣାର୍ଜୁନ ସାହା "ଆମେ ୭ ୯" ଅନୁଷ୍ଠାନ ତରଫରୁ ଏକ ସ୍ମରଣିକା ପ୍ରକାଶ ପାଇବ ବୋଲି ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁରେଶ ଅଗ୍ରୱାଲା, ସଦାନନ୍ଦ ସାହୁ, ଗୋବିନ୍ଦ ସାମନ୍ତରାୟ, ସଜ୍ଜନ ଅଗ୍ରୱାଲା, ସଂଜୟ ଦାସ, କାଶୀନାଥ ମହାନ୍ତ, ସୁଶୀଲ ଅଗ୍ରୱାଲା, ସୁଭାଷ ମିଶ୍ର, ବରୁଣ ସାହା, ଅଜିତ୍ ସାହୁ, ଅଶୋକ ଦାସ, ଡକ୍ଟର ରଖୀତ୍ ପତି, ଡମ୍ବରୁଧର ମହାନ୍ତ, ସଂଜୟ ଓତା, ରଙ୍ଗାଧର ପାତ୍ର, ମହମ୍ମଦ କାୟୁମ୍, ବନମାଳୀ ସାହୁ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପରମେଶ୍ୱର ମହାନ୍ତ ଧନ୍ୟବାଦ ଦେଇଥିଲେ।

## ଶ୍ରୀଅରବିନ୍ଦ ଯୋଗ ସାଧନା କେନ୍ଦ୍ରରେ ଚକ୍ଷୁ ଚିକିତ୍ସା ଶିବିର



ବଡସାହି/ମାଣତ୍ରୀ, ୧୪।୧୨(ସମିସ): ବଡ଼ସାହି ବ୍ଲକ ଅଧୀନ ମାନଗୋବିନ୍ଦପୁର ପଞ୍ଚାୟତର ବିଜିପୁରଠାରେ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୯୫ ଜଣ ଗରିବ ଗ୍ରାମୀଣ ଲୋକଙ୍କ ମାଗଣା ଆଖି ପରୀକ୍ଷା କରାଯିବା ସହିତ ୧୫ ଜଣ ରୋଗୀଙ୍କୁ ମୋତିଆବିନ୍ଦୁ ଅସ୍ତ୍ରୋପଚାର କରାଯାଇଥିଲା। ୧୦୦ ଜଣ ଗରିବ, ଅସହାୟ ଲୋକଙ୍କୁ ଅସହ୍ୟ ଶୀତ ଲହରୀ ପାଇଁ ପରେଶ ଦଳେଇ, ଦେବବ୍ରତ ରଥ, ନୀଳମାଧବ ବସ୍‌ର ମାଲିକ ଚିଲନନାଙ୍କ ଦ୍ୱାରା କମ୍ବଳ ବଣ୍ଟନ କରାଯାଇଥିଲା। ଏଥିରେ ଡାକ୍ତର କିଶୋର ଚନ୍ଦ୍ର ମହାପାତ୍ର ଓ ସର୍ବେଶ୍ୱର ଜେନାଙ୍କ ସହିତ ସମସ୍ତ ପୁରୁଷ, ମହିଳା କର୍ମକର୍ତ୍ତା ଉପସ୍ଥିତ ଥିଲେ। ଆଗାମୀ ଦିନରେ ଶ୍ରୀମା ଶ୍ରୀଅରବିନ୍ଦ ଯୋଗ ସାଧନ କେନ୍ଦ୍ର ପକ୍ଷରୁ ବାର୍ଷିକ ଉତ୍ସବ, ବନ୍ଧୁମିଳନ ଓ ସ୍ୱାସ୍ଥ୍ୟସେବା ପ୍ରଦାନ ଆଦି ଅନେକ କାର୍ଯ୍ୟକ୍ରମ ନିର୍ଦ୍ଧାରିତ ହୋଇଛି ବୋଲି ସଭାପତି ଓ ସମ୍ପାଦକ ଜଣାଇଛନ୍ତି।

## କପ୍ତିପଦା ଉପଖଣ୍ଡସ୍ତରୀୟ ଉଦଳା ମହୋତ୍ସବ ଧୁମୁସା ଉଦଘାଟିତ



ଉଦଳା, ୧୪।୧୨(ସମିସ): ବାଜିଲା ଧୁମୁସା, ନାଚି ଉଠିଲା ଉଦଳା। ଆରମ୍ଭ ହେଲା ଉପଖଣ୍ଡସ୍ତରୀୟ ଉଦଳା ମହୋତ୍ସବ ଧୁମୁସା। ଉଦ୍‌ଘାଟନୀ ଉତ୍ସବରେ ଏକ ବଡ଼ କାର୍ଣ୍ଣିଭାଲ ଉଦଳା ଗୌଡିୟ ମଠଠାରୁ ବାହାରି ଧୁମୁସା ମଞ୍ଚ ନିକଟରେ ପହଞ୍ଚିଥିଲା। ବିଶାଳ କର୍ଣ୍ଣିଭାଲରେ ଉଦଳା ବିଧାୟକ ଭାସ୍କର ମଢେଇ, ଉପଜିଲ୍ଲାପାଳ ସୁଶାନ୍ତ ବାରିକଙ୍କ ସହିତ ବହୁ ବିଶିଷ୍ଟ ଅତିଥି ଉପସ୍ଥିତ ଥିଲେ। ଆଦିବାସୀ ନୃତ୍ୟ ସହିତ ପାରମ୍ପରିକ ବାଦ୍ୟଯନ୍ତ୍ରର ତାଳେ ତାଳେ ନାଚିଥିଲା ଉଦଳା। ଏଥିସହିତ ବିଭିନ୍ନ କଲେଜ ଛାତ୍ରଛାତ୍ରୀ ମଧ୍ୟ ଏହି କାର୍ଣ୍ଣିଭାଲରେ ସାମିଲ ହୋଇଥିଲେ। ଯାହାକି ନୃତ୍ୟର ତାଳେ ତାଳେ କାର୍ଣ୍ଣିଭାଲ ଧୁମୁସା ମଞ୍ଚ ନିକଟରେ ପହଞ୍ଚିଥିଲା। ଉଦଘାଟନ ସନ୍ଧ୍ୟାରେ ଓଡିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ବଡ଼ସାହି ବିଧାୟକ ସନାତନ ବିଜୁଳି, ଉଦଳା ବିଧାୟକ ଭାସ୍କର ମଢେଇ, ଉଦଳା ଏନଏସି ନଗରପାଳିକା ପ୍ରମିଳା ପଣ୍ଡା ଧୁମୁସା କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ। ପରେ ପ୍ରଥମ ସନ୍ଧ୍ୟାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଗୃହ ଉନ୍ନୟନ ବିଭାଗ ମନ୍ତ୍ରୀଙ୍କ ସମେତ ଉଦଳା ବିଧାୟକ, ବଡ଼ସାହି ବିଧାୟକ, ଏନଏସି ନଗରପାଳିକା, ପୂର୍ବତନ ଉଦଳା ବିଧାୟକ ଶ୍ରୀନାଥ ସୋରେନ, ପୂର୍ବତନ ବିଜେପି ଜିଲ୍ଲା ସଭାପତି କାନ୍ଦ୍ରା ସୋରେନ, ପ୍ରକଳ୍ପ ପ୍ରଶାସକ ନରେନ୍ଦ୍ର ଖମାରି ପ୍ରମୁଖ ଯୋଗ ଦେଇଥିଲେ। ଉପଜିଲ୍ଲାପାଳ ସୁଶାନ୍ତ ବାରିକଙ୍କ ସଭାପତିତ୍ୱରେ ଅତିଥିମାନେ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପୁଷ୍ପ ପ୍ରଦାନ କରିବା ସହିତ ଧୂପ ଦୀପ ଅର୍ପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ଏ ଅବସରରେ ଧୁମୁସା ମହୋତ୍ସବର ସ୍ମରଣିକା ଅତିଥିଙ୍କ ହାତରେ ଲୋକାର୍ପିତ ହୋଇଥିଲା। ପରେ ବିଭିନ୍ନ କଲେଜ ସହିତ ଆଞ୍ଚଳିକ ସାଂସ୍କୃତିକ ଦଳ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଶେଷରେ ଅସୀମା ପଣ୍ଡାଙ୍କ ସଙ୍ଗୀତରେ ଝୁମିଥିଲେ ଦର୍ଶକ। ଏହି ମହୋତ୍ସବ ୮ ଦିନ ଧରି ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ।

## ମାଫିଆଙ୍କ ଆତଙ୍କରାଜ: ବନ କର୍ମଚାରୀଙ୍କୁ ମାଡ଼ ମାରି କଲେ ଲହୁଲୁହାଣ



ଉଦଳା,୧୪।୧୨(ସମିସ): ମାତିଲେ ମାଫିଆ। ଚୋରା ଚାଲାଣ ଗାଡ଼ି ଜବତ କରିଥିବାରୁ ପୂର୍ବ ରାଗରୁ ବନ କର୍ମଚାରୀଙ୍କୁ ବିଚ ରାସ୍ତାରେ ନିର୍ଘାତ ମାଡ଼ ମାରି ଲହୁଲୁହାଣ କରିଛନ୍ତି। ଉଦଳା ବନାଞ୍ଚଳ କାର୍ଯ୍ୟାଳୟରେ କାର୍ଯ୍ୟରତ ପାରା ଫରେଷ୍ଟର ଅନନ୍ତ ନାରାୟଣ ଚୌଧୁରୀଙ୍କୁ ମାଫିଆମାନେ ମାଡ଼ ମାରିଛନ୍ତି। ଗତ ଅକ୍ଟୋବର ୧୫ ତାରିଖରେ ଉଦଳା ବନ ବିଭାଗ ପକ୍ଷରୁ ଚୋରା ମାଙ୍କଡା ବୋଝେଇ ଗାଡ଼ିକୁ ବନ ବିଭାଗ ଜବତ କରିଥିଲା। ଗାଡ଼ି ଜବତ ହେବା ପରଠାରୁ ମାଙ୍କଡ଼ା ପଥର ମାଫିଆ ପାରା ଫରେଷ୍ଟର ଅନନ୍ତ ଚୌଧୁରୀଙ୍କୁ ଧମକ ଦେଇଆସୁଥିଲେ। ଶନିବାର ସନ୍ଧ୍ୟାରେ ପାରା ଫରେଷ୍ଟର ରାସ୍ତାରେ ଯାଉଥିବାବେଳେ ଉଦଳା-ବାରିପଦା ରାଜ୍ୟ ରାଜପଥର ପେଟ୍ରୋଲ ପମ୍ପ ନିକଟରେ ଅଚାନକ ୩ ଜଣ ମାଫିଆ ଆସି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ନିର୍ଘାତ ମାଡ଼ ମାରିଥିଲେ। ମାଡ଼ ମାରି କରିଥିଲେ ଲହୁଲୁହାଣ। ଆକ୍ରମଣରେ ଗୁରୁତର ହୋଇ ପାରା ଫରେଷ୍ଟର ଉଦଳା ମେଡିକାଲରେ ଚିକିତ୍ସିତ ହେବା ପରେ ଉଦଳା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଆଧାର କରି ପୁଲିସ ତଦନ୍ତ ଆରମ୍ଭ କରିଥିବାବେଳେ କୌଣସି ଅଭିଯୁକ୍ତଙ୍କୁ ଗିରଫ କରିପାରିନାହିଁ। ତେବେ ମାଫିଆମାନେ ଆତଙ୍କରାଜ ଚଳାଇଥିବାବେଳେ ଏହା ଉପରେ ରୋକ ଲାଗିପାରୁନାହିଁ।

## ଜୁଆ ଆଡ୍ଡାରେ ଚଢ଼ଉ

ତେଲକୋଇ, ୧୪।୧୨(ସମିସ): ତେଲକୋଇ ଥାନାଞ୍ଚଳରେ କେନ୍ଦୁଝର ପୁଲିସର ଏକ ସ୍ୱତନ୍ତ୍ର ଟିମ୍ ଦୋବଲା ପାଳ ପ୍ଲାଣ୍ଟ ପଛ ପାର୍ଶ୍ୱରେ ଚାଲିଥିବା ଜୁଆ ଆଡ୍ଡା ଓ କୁକୁଡ଼ା ଲଢ଼େଇ ଉପରେ ଚଢ଼ଉ କରି କେତେକ ଜୁଆଡ଼ି ଓ କୁକୁଡ଼ା ଲଢ଼େଇ କାର୍ପଟଦାରଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ଏଥିରେ ବ୍ୟବହୃତ ୮ଟି ବାଇକ୍ ଓ କେତେକ କୁକୁଡ଼ା ମଧ୍ୟ ଜବତ କରିଛି ପୁଲିସ। ପାଖା ପାଖି ୬ ଜଣଙ୍କୁ ଉଠାଇ ଆଣିଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ତେବେ ଏ ସମ୍ବନ୍ଧରେ ପୁଲିସ କୌଣସି ସୂଚନା ଦେଉନାହିଁ। ଜୁଆ ପଡ଼ାରେ ବିପୁଳ ଅର୍ଥକୁ ପୁଲିସ କବଜା କରିଥିବା ଜଣାପଡ଼ିଛି।

## ୨ ଟିକିଆ ହାତୀ ଉପଦ୍ରବ: ଦୁଇ ବାଇକ୍ ସହ ଭାଙ୍ଗିଲେ ଘର



ତୁରୁମୁଙ୍ଗା(ସମିସ): କେନ୍ଦୁଝର ଜିଲ୍ଲା ଚମ୍ପୁଆ ରେଞ୍ଜ ଜ୍ୟୋତିପୁର ବିଟ୍‌କୁ ଶନିବାର ବିଳମ୍ବିତ ରାତିରେ ଦୁଇଟିକିଆ ହାତୀ ମୟୂରଭଞ୍ଜ ଜିଲ୍ଲା ରରୁଆଁ ସେକ୍ସନରୁ ଆସି ପଦ୍ମପୁର ଗ୍ରାମରେ ୨ ଘର ଭାଙ୍ଗି ଘର ଭିତରୁ ଧାନ ଓ ଚାଉଳ ଖାଇ ନଷ୍ଟ କରିଦେଇଛନ୍ତି। ପଦ୍ମପୁର ଗ୍ରାମର ଭୁଲି ଭୂମିଜ ଏବଂ ବାଘୁ ଭୂମିଜଙ୍କ ଘର ଭାଙ୍ଗି ଘର ଭିତରୁ ଧାନ ଚାଉଳ ଖାଇ ନଷ୍ଟ କରିବା ସହ ରବିବାର ସକାଳୁ ଏହି ହାତୀ ତୁରୁମୁଙ୍ଗା ଚମ୍ପୁଆ କେଟି ରୋଡର ଝାଲିଆବେଡ଼ା ନିକଟରେ ଦୀର୍ଘ ସମୟ ଧରି ଛିଡା ହୋଇ ରାସ୍ତା ଅବରୋଧ କରିଥିବାରୁ ଉକ୍ତ ରାସ୍ତାରେ ଗାଡି ମୋଟର ଯିବାରେ ବ୍ୟାହତ ହୋଇଥିଲା। ସନ୍ଧ୍ୟାରେ ହାତୀପଲ ଝଲିଆବେଡ଼ା ଓ ବରପଦା ଜଙ୍ଗଲରେ ଡେରା ପକାଇଥିବା ବେଳେ କିଛି ଲୋକ ଜଙ୍ଗଲରେ ବାଇକ ରଖି ହାତୀ ଦେଖିବାକୁ ଯାଇଥିବା ସମୟରେ ହାତୀ ଦୁଇଟି ବାଇକକୁ ପାଦରେ ମାଡ଼ି ଭାଙ୍ଗି ଦେଇଥିବା ଜଣାପଡ଼ିଛି।

## ବନଦୁର୍ଗା ଷ୍ଟାର କ୍ଲବ୍ ପକ୍ଷରୁ ବୃକ୍ଷରୋପଣ



ଆନନ୍ଦପୁର, ୧୪।୧୨ (ସମିସ): ଆନନ୍ଦପୁର ପୌରପାଳିକା ଅନ୍ତର୍ଗତ ଘସିପୁରା ବନଦୁର୍ଗା ଷ୍ଟାର୍ କ୍ଲବ ଆନୁକୂଲ୍ୟରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଜେପି କୃଷକ ମୋର୍ଚ୍ଚାର ପୂର୍ବତନ ରାଜ୍ୟ ସଭାପତି ମହେଶ୍ୱର ସାହୁ ମୁଖ୍ୟଅତିଥି ଭାବେ ପ୍ରଥମେ ବୃକ୍ଷ ରୋପଣ କରିଥିଲା ବେଳେ ଏକ ସଚେତନତା ସଭାରେ ବନଦୁର୍ଗା ଷ୍ଟାର୍ କ୍ଲବର ସଭାପତି ଯଶୋବନ୍ତ ଦାଶ, ସଂପାଦକ ଶରତଚନ୍ଦ୍ର ପାତ୍ର, କାଉନସିଲର ଜ୍ୟୋତ୍ସ୍ନାରାଣୀ ଖୁଣ୍ଟିଆ, ସରୋଜ କୁମାର ସାହୁ, ନାରାୟଣ ପାତ୍ର, ସମୀର ରଞ୍ଜନ ସାହୁ, ରଞ୍ଜନ କୁମାର ସାହୁ, ସୁଧାକର ପାତ୍ର, ଶିବାନନ୍ଦ ପାତ୍ର, ପିଣ୍ଟୁ ପାତ୍ର, ଦୀପକ କୁମାର ପାତ୍ର, ଅମୂଲ୍ୟ କୁମାର ମୁଖୀ, ଦେବଦତ୍ତ ଜେନା, ରାଜେନ୍ଦ୍ର କୁମାର ଜେନା, ବିଶ୍ୱଜିତ ଜେନା, ଦୀପୁ ପାତ୍ର, କୈଳାଶଚନ୍ଦ୍ର ପାତ୍ର, ଟୁକୁ ଦାଶ ପ୍ରମୁଖ ଯୋଗଦାନ କରିଥିଲେ।

## ଆନନ୍ଦପୁର ଖବରକାଗଜ ବିତରକ ସଂଘର ବୈଠକ



ଆନନ୍ଦପୁର,୧୪।୧୨ (ସମିସ): ଆନନ୍ଦପୁର ଖବରକାଗଜ ବିତରକ ସଂଘର ସାଧାରଣ ପରିଷଦ ବୈଠକ ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ଅନୁଷ୍ଠିତ ହୋଇଛି। ସଂଘର ସଭାପତି ଜ୍ଞାନରଞ୍ଜନ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସଂଘର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ଆଗାମୀ ୨ ବର୍ଷ ପାଇଁ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ଜ୍ଞାନରଞ୍ଜନ ଦାଶ ସଭାପତି, ରମାକାନ୍ତ ମଲିକ ଉପସଭାପତି, ଗୋପୀନାଥ ପଟ୍ଟନାୟକ ସମ୍ପାଦକ, ଶ୍ରୀଧର ସାହୁ ସହସମ୍ପାଦକ ଓ ତ୍ରିଲୋଚନ ସାହୁ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି। କାର୍ଯ୍ୟକାରୀ କମିଟିକୁ ମଙ୍ଗୁଳି ଚରଣ ସାହୁ, ପାଗଳଚନ୍ଦ୍ର ରଣା, ଅଜୟ କୁମାର ପେରେଇ, ନିରଞ୍ଜନ ଜେନା, ଦୈତାରୀ ରାମ, କୃଷ୍ଣଚନ୍ଦ୍ର ବାହାଦୁର ସଦସ୍ୟ ଭାବେ ମନୋନୀତ ହୋଇଥିବା ବେଳେ ଉପଦେଷ୍ଟା ଭାବେ ସାମ୍ବାଦିକ ମଦନ ପାଣି, ଶତ୍ରୁଘ୍ନ ସାହୁ, ଲଲାଟେନ୍ଦୁ ଧୀର, ନିରଞ୍ଜନ ସ୍ୱାଇଁ, ଭରତଚନ୍ଦ୍ର ମିଶ୍ରଙ୍କୁ ମନୋନୀତ କରାଯାଇଛି। ସଂଘର ସଦସ୍ୟ ଟୁଟୁଜେନା କୃଷ୍ଣଚନ୍ଦ୍ର ସେଠୀ, ବାପୁନୁ ଜେନା, ହେମନ୍ତ ଦଳେଇ, ଭାଗିରଥୀ ପଣ୍ଡା, ବନମାଳି ସାହୁ, ଶ୍ରୀଧର ସାହୁ, ନବଘନ ଦାଶ କେଦାରନାଥ ନିରଞ୍ଜନ ଜେନା, ଅଜୟ ପେରେଇ, ରମାକାନ୍ତ ମଲିକ, ପ୍ରେମାନନ୍ଦ ମହାନ୍ତି, ପାଗଳ ରଣା ଅଙ୍କିତ ମିଶ୍ର, ହେମନ୍ତ ଦଳେଇ, ମହେଶ୍ୱର ରାମ ପ୍ରମୁଖ ଯୋଗ ଦେଇଥିଲେ।

## ଲକ୍ଷାଧିକ ଟଙ୍କାର କାଠ ସହ ଟ୍ରକ୍ ଜବତ



ତୁରୁମୁଙ୍ଗା, ୧୪।୧୨(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜରେ ଏବେ କାଠ ମାଫିଆ ସକ୍ରିୟ ହୋଇ ପଡିଥିବା ବେଳେ ନିମିଷକ ମଧ୍ୟରେ କଟର ସହାୟତାରେ ବଡ଼ ବଡ଼ ଗଛ କାଟି ଚୋରାଚାଲାଣ କରୁଥିବା ଦେଖିବାକୁ ମିଳିଛି। କେନ୍ଦେଇପଶି ବିଟ୍ ଅନ୍ତର୍ଗତ କେନ୍ଦେଇପଶି ପଞ୍ଚାୟତ ସିଲିଦା ନିକଟରୁ ଶନିବାର ବେଆଇନ ଭାବରେ ଆକାଶିଆ ଓ ପଟାସ ଗଛକୁ କାଟି ଏକ ୧୪ ଚକିଆ ଟ୍ରକରେ ଚୋରା ଚାଲାଣ କରୁଥିବା ଖବର ପାଇ ପାଟଣା ରେଞ୍ଜର ବନ ବିହାରୀ ସର୍ଦ୍ଦାର, କେନ୍ଦେଇପଶି ବିଟ୍ ବନରକ୍ଷୀ ରାଜେଶ ଜେନା ସନ୍ଧ୍ୟାରେ ଚଢ଼ଉ କରି ସିଜି ୧୫ଡିକେ ୩୦୬୮ ଗାଡ଼ିକୁ ଜବତ କରିବା ସହ ଡ୍ରାଇଭର ଛତିଶଗଡ଼ର ସୁରଜପୁର ଜିଲ୍ଲା ଚମ୍ପକପୁର ଗ୍ରାମର ରାଜୁ ସିଂ (୨୯)ଙ୍କ ନାମରେ ବନ ବିଭାଗ ମାମଲା ରୁଜୁ କରିଛି। ଜବତ କାଠର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ରେଞ୍ଜର କହିଥିବା ବେଳେ ଗଛ କଟାଉଥିବା ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆର ଶିଶିର କୁମାର ଦାସଙ୍କ ନାମରେ ମାମଲା ରୁଜୁ ହୋଇଥିବା କହିଛନ୍ତି। ଅନ୍ୟପଟେ ବନ କର୍ମଚାରୀଙ୍କ ଅବହେଳା ଯୋଗୁଁ ସବୁଜ ସୁନ୍ଦର ଓ ଜଙ୍ଗଲ ଭରା ପାଟଣା ରେଞ୍ଜ ଅଞ୍ଚଳ ଦିନେ ମରୁଭୂମିରେ ପରିଣତ ହେଇଯିବ ବୋଲି ପରିବେଶବିତ ଚିନ୍ତା ପ୍ରକଟ କରିଛନ୍ତି।

## ରାଇରଙ୍ଗପୁରେ ଦୋକାନରୁ ଚୋରି



ରାଇରଙ୍ଗପୁର,୧୪।୧୨ (ସମିସ): ରାଇରଙ୍ଗପୁର ସହର ଚୋରଙ୍କ ପାଇଁ ଭୂସ୍ୱର୍ଗ ପାଲଟିଛି। ଗୋଟିଏ ଦିନ ବ୍ୟବଧାନରେ ପୁଣି ସହରର ଏକ ଦୋକାନରୁ ଟଙ୍କା ଓ ସାମଗ୍ରୀ ଚୋରି ହୋଇଛି। ଯାହାକି ପୁଲିସର ନିଷ୍କ୍ରିୟତାକୁ ଦର୍ଶାଇଛି। ପ୍ରବଳ ଶୀତର ସୁଯୋଗ ନେଇ ବିଳମ୍ବିତ ରାତିରେ ଚୋରି କରୁଛନ୍ତି। ରାଇରଙ୍ଗପୁର ଟାଉନ ଥାନା ଅନ୍ତର୍ଗତ ୱାର୍ଡ ନଂ ୧୦, ଅଁଳାଡୁବାସ୍ଥ ଦେବାଶିଷ ବେହେରାଙ୍କ ଗ୍ରୋସରି ଦୋକାନରୁ ଚୋରି ହୋଇଛି। ଏ ନେଇ ଦୋକାନ ମାଲିକ ରାଇରଙ୍ଗପୁର ଟାଉନ ଥାନାରେ ଏତଲା ଦେଇଛନ୍ତି। ରାଇରଙ୍ଗପୁର-ବାରିପଦା ମୁଖ୍ୟ ରାସ୍ତା କଡ଼ରେ ଥିବା ଦୋକାନରୁ ଚୋରି କରିଛନ୍ତି। ଦୋକାନ ମାଲିକ ରବିବାର ସକାଳୁ ଦୋକାନ ଖୋଲିବା ବେଳେ ସଟର ତାଲା ଭଙ୍ଗା ପଡ଼ିଥିବା ଦେଖିବାକୁ ପାଇଥିଲେ ଓ ଦୋକାନରୁ ଚୋରି ହୋଇଥିବା ନେଇ ଜାଣିବାକୁ ପାଇଥିଲେ। ଏ ନେଇ ଥାନାରେ ଅଭିଯୋଗ କରିଥିଲେ।

## ସର୍ବଭାରତୀୟ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

### ରାଉରକେଲାକୁ ହରାଇ କୋଲକାତା ଚାମ୍ପିଅନ୍




ବାରିପଦା,୧୪।୧୨(ସମିସ): ସ୍ଥାନୀୟ ପ୍ରଫୁଲ୍ଲନଗରସ୍ଥ ଲେଟ କଟ୍ କ୍ଲବ ଆନୁକୂଲ୍ୟରେ ଆୟୋଜିତ ସର୍ବଭାରତୀୟ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ କୋଲକାତାର ଏଲଆରଏସ ଟିମ ୬ ୱିକେଟରେ ରାଉରକେଲା ଟିମକୁ ପରାସ୍ତ କରି ଚାମ୍ପିଅନ ହୋଇଛି। ପ୍ରଥମେ ବ୍ୟାଟିଂ କରି ରାଉରକେଲା ୯ ୱିକେଟ ହରାଇ ୧୨୨ ରନ ସଂଗ୍ରହ କରିଥିଲା। ଜବାବରେ କୋଲକାତା ୧୦ ଓଭରରେ ୪ ୱିକେଟ ହରାଇ ୧୨୩ ରନ ସଂଗ୍ରହ କରି ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଅଙ୍କୁର ଚୌଧୁରୀ ମ୍ୟାନ ଅଫ ଦି ମ୍ୟାଚ, ଗୌତମ ସୁନା ମ୍ୟାନ ଅଫ ଦି ସିରିଜ ଓ ଶ୍ରେଷ୍ଠ ବୋଲର, ରିସବ ଚୌଧୁରୀ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଭାବେ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ। ପୁରସ୍କାର ସ୍ୱରୂପ ଚାମ୍ପିଅନ ଦଳକୁ ୧ ଲକ୍ଷ ରାଶି ଓ ଟ୍ରଫି ଓ ରନର୍ସଅପ ଦଳକୁ ୮୦ ହଜାର ଓ ଟ୍ରଫି ପ୍ରଦାନ କରାଯାଇଥିଲା। କମିଟି ସଭାପତି ଗିରିଶ ଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନୀ ସଭାରେ ମୁଖ୍ୟଅତିଥି ଭାବେ ଇଞ୍ଜିନିୟର ଇନ ଚିଫ ଇ. ସତ୍ୟବ୍ରତ ବେହେରା, ସମ୍ମାନିତ ଅତିଥି ଭାବେ ନଗରପାଳ କୃଷ୍ଣଓନନ୍ଦ ମହାନ୍ତି ଓ ମୁଖ୍ୟଯନ୍ତ୍ରୀ ଅରବିନ୍ଦ ତ୍ରିପାଠୀ ଯୋଗଦେଇ ପୁରସ୍କାର ବିତରଣ କରିବା ସହ ଖେଳାଳିଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସଭାପତି ଲଲାଟେନ୍ଦୁ ବେହେରା, ଉପସଭାପତି ଦାମୋଦର କରଣ, ସମ୍ପାଦକ ଦୀପକ ଦାଶ, ସହସମ୍ପାଦକ ଲକ୍ଷ୍ମୀଧର ନାୟକ, ସନ୍ତୋଷ ଅଗ୍ରୱାଲ, କାଶୀନାଥ ରଣା, ଶ୍ରୀକାନ୍ତ ବେହେରା, ବିଜୟ ଅଗ୍ରୱାଲ, ସଂଜୀବ ଦ୍ୱିବେଦୀ, ଇ. ମାନସ ସେଠୀ, ଇ. ରୋହନ ରାୟ ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସମରପ୍ରୀତ ପ୍ରଧାନ, ବିଶ୍ୱମ୍ବର ମହାକୁଡ଼ ଓ ଇନ୍ଦ୍ରଜିତ ପ୍ରସାଦ ଖେଳ ପରିଚାଳନା କରିଥିବାବେଳେ ସୌରଜିତ ସାହୁ ସ୍କୋର ଓ ସୁରେଶ ସାଣ୍ଡିଲ, ବୁବୁ ସିହ୍ନା ଓ ପଙ୍କଜ ମହାକୁଡ଼ ଧାରାବିବରଣୀ ପ୍ରଦାନ କରିଥିଲେ। ସୁବ୍ରତ ଲେଙ୍କା, ସମରଜିତ ଗୋସ୍ୱାମୀ, ଅଜୟ ସିଂ, ପଲବିନ୍ଦର ସିଂହ, ଦିବ୍ୟାଲୋଚନ ଦାଶ, ଦିପାନ ମାଇତି, ପୱନ ଅଗ୍ରୱାଲ, ବିଜୟ ରାୟ, ଗୌରବ ମହାନ୍ତି, ମନୋଜ ମହାନ୍ତି, ଯୋଗେଶ ମିଶ୍ର, ମାଧବ ସାହୁ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

## ଆଙ୍ଗୁଳିଆ କ୍ରିକେଟ୍: ଅସେଇକଳାକୁ ହରାଇ ଠାକୁରାଣୀ ଚାମ୍ପିଅନ

ନାରଦପୁର, ୧୪।୧୨(ସମିସ)



ଝୁମ୍ପୁରା ବ୍ଲକ ନାରଦପୁର ପଞ୍ଚାୟତ ଆଙ୍ଗୁଳିଆ ଗ୍ରାମରେ ନିଉ ଦୋସ୍ତି ଫୁଟବଲ କ୍ଲବ ଦ୍ୱାରା ତିନି ଦିନ ଧରି ଆୟୋଜିତ ତ୍ରିଦିବସୀୟ ଫୁଟବଲ ଟୁର୍ନାମେଣ୍ଟରେ ଉଦଯାପିତ ହୋଇଯାଇଛି। ଏଥିରେ ଅସେଇକଳାକୁ ହରାଇ ବଜରଙ୍ଗୀ ଏଫ. ସି. ଠାକୁରାଣୀ (ବଡ଼ବିଲ) ଚାମ୍ପିଅନ ହୋଇଛି। ଏହି ଟୁର୍ନାମେଣ୍ଟରେ ସମୁଦାୟ ୩୨ଟି ଦଳ ଭାଗ ନେଇଥିବାବେଳେ ଚାମ୍ପିୟନ ଦଳକୁ ୩୦ ହଜାର ଟଙ୍କା, ଖାସି ଓ ଟ୍ରଫି ପ୍ରଦାନ କରାଯାଇଥିଲା। ସେହିଭଳି ରନର୍ସ ଅପ ଦଳକୁ ମଧ୍ୟ ୨୦ ହଜାର ଟଙ୍କା, ଖାସି ଓ ଟ୍ରଫି ପ୍ରଦାନ କରାଯାଇଥିବାବେଳେ ତୃତୀୟ ପୁରସ୍କାର ବାବଦକୁ ୧୫ ହଜାର ଟଙ୍କା, ଖାସି, ଟ୍ରଫି ଓ ଚତୁର୍ଥ ପୁରସ୍କାର ବାବଦକୁ ୧୦ ହଜାର ଟଙ୍କା, ଖାସି ଓ ଟ୍ରଫି ପ୍ରଦାନ କରାଯାଇଥିଲା। ପଞ୍ଚମ, ଷଷ୍ଠ, ସପ୍ତମ ଓ ଅଷ୍ଟମ ପୁରସ୍କାର ଭାବେ ସମସ୍ତଙ୍କୁ ଖାସି ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଅଙ୍ଗୁଳିଆ ଗ୍ରାମର ଛାତ୍ରୀମାନେ ଆଶାରାଣୀ ମହାକୁଡ, ଅଞ୍ଜନା ନାଏକ, ବର୍ଷା ରାଣୀ ମହାକୁଡ, ତୃପ୍ତି ମୟୀ ମହାକୁଡ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଜେ. ପି. ଦଳର ୧୬ ନମ୍ବର ଜୋନ ସଭାପତି ବୃନ୍ଦାବନ ମହାନ୍ତ, ଉପସଭାପତି ବାସୁଦେବ ବାରିକ, ସାଧାରଣ ସମ୍ପାଦକ ନେତ୍ରାନନ୍ଦ ମହାନ୍ତ, ଯୁବମୋର୍ଚ୍ଚା ସଭାପତି ମଳୟ ରଞ୍ଜନ ମହାନ୍ତ, ସମ୍ପାଦକ ଗୁଣନିଧି ଗିରି, କୋଷାଧ୍ୟକ୍ଷ ଚିତ୍ତରଞ୍ଜନ ମହାନ୍ତ, ବିରଞ୍ଚି ପ୍ରଧାନ, ରୋହିତ ନାଏକ, ନରେନ୍ଦ୍ର ପଲେଇ, ନାରାୟଣ ବେହେରା, ହୃଷୀକେଶ ମହାନ୍ତ, ରସାନନ୍ଦ ବାରିକ, ନାରଦପୁର ପୂର୍ବତନ ସରପଞ୍ଚ ସୁଶୀଲ ନାଏକ, କିଶୋର ନାଏକ ପ୍ରମୁଖ ଯୋଗଦେଇଥିଲେ। କମିଟି ସଦସ୍ୟ ବାବୁଲାଲ ମହାକୁଡ଼, ଅର୍ଜୁନ ମୁଣ୍ଡା, ବିକାଶ ରଞ୍ଜଡି, ଶ୍ୟାମସୁନ୍ଦର ନାଏକ, ଯଶୋବନ୍ତ ମହାନ୍ତ, ରୈଦାସ ମାଝୀ ଓ ଅନ୍ୟମାନେ ସହଯୋଗ କରିଥିଲେ। ଏହି ଖେଳକୁ ରେଫରୀ ଭାବେ ଯତୀନ ମହାନ୍ତ, ଗଜାନନ ପାତ୍ର, ଶଙ୍କର୍ଷଣ ନାଏକ, ନିତିନ ମହାନ୍ତ ପରିଚାଳନା କରିଥିଲେ। ଭାଷ୍ୟକାର ଭାବେ ସୁରେନ୍ଦ୍ର ମହାନ୍ତ ଓ କ୍ଷୀରୋଦ ଗିରି ଦାୟିତ୍ୱ ତୁଲାଇଥିଲେ। ଖେଳ ଦେଖିବାକୁ ହଜାର ହଜାର ଲୋକ ଠୁଳ ହୋଇଥିଲେ।

## ଆଜିର ରାଶିଫଳ

**ମେଷ:** କାର୍ଯ୍ୟ କ୍ଷେତ୍ରରେ କୌଣସି ନୂତନ ପଦକ୍ଷେପ ନେଇପାରନ୍ତି। ଉଚ୍ଚ ଅଧିକାରୀଙ୍କ ପ୍ରଶଂସା ପାଇବେ। ବ୍ୟବସାୟୀଙ୍କୁ ଭାଗ୍ୟର ପୂରା ସହଯୋଗ ମିଳିବ। ଆର୍ଥିକ ଚିନ୍ତା ଦୂର ହେବ।

**ବୃଷ:** ପାରିବାରିକ ଶାନ୍ତି ବଜାୟ ରହିବ। କର୍ମକ୍ଷେତ୍ରରେ ପଦୋନ୍ନତିର ଅବସର ମିଳିପାରେ। ଆଧ୍ୟାତ୍ମିକତା ପ୍ରତି ରୁଚି ବଢ଼ିବ। ବେପାରୀଙ୍କ ଆମଦାନି ବଢ଼ିପାରେ। ସାମାଜିକ କାର୍ଯ୍ୟରେ ଯୋଗଦାନ କରିବେ।

**ମିଥୁନ:** ଗୁରୁଜନଙ୍କ ଆଶିର୍ବାଦ ପାଇବେ। ମହିଳାମାନଙ୍କ ପାଇଁ ଦିନଟି ସୁଖ ଓ ଶାନ୍ତିପୂର୍ବକ ବିତିବ। ଆକସ୍ମିକ ଧନଲାଭର ଯୋଗ ଅଛି। ବୈବାହିକ ଜୀବନରେ ସୁଖମୟ ହେବ।

**କର୍କଟ:** ଏକାଗ୍ରତା ବଳରେ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିବେ। ସନ୍ତାନଙ୍କ ସୁଖ ପାଇଁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। ବ୍ୟବସାୟ ବୃଦ୍ଧି ପାଇବା ସହ ଖ୍ୟାତି ବଢ଼ିବ।

**ସିଂହ:** ଜୀବନରେ ପରିବର୍ତ୍ତନ ଦେଖାଦେବ। କର୍ମକ୍ଷେତ୍ରରେ ସଫଳତା ପାଇବେ। ଗୁରୁଜନଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିପାରନ୍ତି। ପରୀକ୍ଷାର୍ଥୀଙ୍କ ଲାଗି ଦିନଟି ଭଲ ରହିବ।

**କନ୍ୟା:** ସାମାଜିକ କାର୍ଯ୍ୟରେ ଅଂଶଗ୍ରହଣ କରିବେ। ଆର୍ଥିକ ସ୍ଥିତି ଭଲ ରହିବ। ପରିବାରବର୍ଗଙ୍କ ପୂରା ସହଯୋଗ ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ଭିନ୍ନ ଯୋଜନା ପ୍ରସ୍ତୁତ କରିବେ।

**ତୁଳା:** ନିଜ ଆଚରଣରେ ମଧୁରତା ଆଣିବେ। ଆର୍ଥିକ ମାମଲାରେ ଲାଭ ମିଳିବ। ପରିବାର ସହ ତୀର୍ଥଯାତ୍ରା ପାଇଁ ଯୋଜନା କରିବେ। ବନ୍ଧୁମାନଙ୍କ ସହ ମିଳାମିଶା ବଢ଼ିବ।

**ବିଛା:** ଅନୁଭବୀ ବ୍ୟକ୍ତିଙ୍କଠାରୁ ପରାମର୍ଶ ନେଇ ନୂତନ ନିବେଶ କରିବେ। ସନ୍ତୋଷଜନକ ଫଳ ପାଇବେ। ପ୍ରେମ ଓ ବୈବାହିକ ଜୀବନରେ ତିକ୍ତତା ଦେଖାଦେଇପାରେ।

**ଧନୁ:** କାର୍ଯ୍ୟକ୍ଷେତ୍ରରେ ବିଚାରକୁ ମାନ୍ୟତା ମିଳିବ। ମହିଳାଙ୍କ ଦାୟିତ୍ୱ ବିକଶିତ ହେବ। ପାରିବାରିକ ଜୀବନ ସୁଖମୟ ହେବ। ଆବଶ୍ୟକତା ଅନୁସାରେ ଖର୍ଚ୍ଚ କରନ୍ତୁ।

**ମକର:** କାର୍ଯ୍ୟକ୍ଷେତ୍ରରେ ନୂଆ ଅବସର ମିଳିପାରେ। ହଠାତ୍ କୌଣସି ନିଷ୍ପତ୍ତି ନେବାକୁ ପଡ଼ିପାରେ। ଜମି ଓ ଭିତ୍ତିଭୂମିରେ ନିବେଶ ପାଇଁ ଜୀବନସାଥୀଙ୍କ ପରାର୍ମଶ ଲୋଡ଼ିବେ।

**କୁମ୍ଭ:** ମହିଳାମାନେ ଅଯଥା କଥାରେ ପଡ଼ି ମାନସିକ ଶାନ୍ତି ହରାଇବେ। ଅନ୍ୟଠାରୁ ସାହାଯ୍ୟ ଆଶା କରି ଦୁଃଖ ପାଇବେ। ଛାତ୍ରଛାତ୍ରୀ ଲେଖାପଢ଼ାରେ ମନୋନିବେଶ କରିବେ।

**ମୀନ:** ନୂତନ କାର୍ଯ୍ୟରେ ଯୋଗଦେଇ ପାରନ୍ତି। ମହିଳାମାନଙ୍କୁ ପରିଶ୍ରମ ଅନୁସାରେ ଲାଭ ମିଳିବ। ସନ୍ତାନଙ୍କ ସମସ୍ୟାର ସମାଧାନ ପାଇଁ ସମସ୍ତ ପ୍ରକାର ଚେଷ୍ଟା କରିବେ।

## ଆଜିର ଇତିହାସ

- ୧୮୦୩- ଇଷ୍ଟ ଇଣ୍ଡିଆ କମ୍ପାନି ଓଡ଼ିଶା ଉପରେ କବ୍‌ଜା କଲା।
- ୧୯୧୧- ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ସୋସାଇଟିର ସ୍ଥାପନା।
- ୧୯୫୦- ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଦେହାନ୍ତ।
- ୧୯୯୭- ଅରୁନ୍ଧତୀ ରାୟ ତାଙ୍କ ଉପନ୍ୟାସ 'ଗଡ୍ ଅଫ୍ ସ୍ମଲ୍ ଥିଙ୍ଗ୍‌ସ' ପାଇଁ ବୁକର୍ ପୁରସ୍କାର ଜିତିଲେ।
- ୨୦୧୦- ଅଷ୍ଟ୍ରେଲିଆର କ୍ରିସ୍‌ମାସ୍ ଦ୍ୱୀପ ନିକଟରେ ୮୯ ଶରଣାର୍ଥୀଙ୍କୁ ନେଇ ଯାଉଥିବା ଏକ ନୌକା ଦୁର୍ଘଟଣାଗ୍ରସ୍ତ ହେବାରୁ ୫୦ ଜଣକ ପ୍ରାଣହାନି।

## 'ଗୋଲମାଲ ୫' ଏକାଠି ଆସିବେ କରିନା-ସାରା



ବଲିଉଡ୍‌ର ଆଗଧାଡ଼ିର ନିର୍ଦ୍ଦେଶକ ରୋହିତ୍ ସେଟ୍ଟୀ ଏବେ 'ଗୋଲମାଲ ୫' ପାଇଁ ପ୍ରସ୍ତୁତି ଆରମ୍ଭ କରି ଦେଲେଣି। ଦର୍ଶକେ ଅନେକ ଦିନରୁ 'ଗୋଲମାଲ' ଫ୍ରାଞ୍ଚାଇଜ୍‌ର ଆଗାମୀ ଫିଲ୍ମକୁ ଅପେକ୍ଷା କରିଛନ୍ତି। ନିକଟରେ ଇନ୍‌ଷ୍ଟାଗ୍ରାମ୍‌ରେ ରୋହିତ୍ 'ଗୋଲମାଲ୍ ୫' ନିର୍ମାଣ କରୁଥିବା ଏକ ପୋଷ୍ଟ ସେୟାର୍ କରାଯାଇଥିଲା। ଏହାକୁ ରୋହିତ୍ ଲାଇକ୍ କରିଥିଲେ। ଏଥିରୁ ସେ ଏହି ଫିଲ୍ମ ସମ୍ପର୍କରେ ଖୁବ୍‌ଶୀଘ୍ର ବିଧିବଦ୍ଧ ଭାବେ ଘୋଷଣା କରିପାରନ୍ତି ବୋଲି ଚର୍ଚ୍ଚା ହେଉଛି। ରୋହିତ୍ ଏବେ ଏହାର କଳାକାର ଫାଇନାଲ କରୁଥିବା କଥା ଏଥିରେ ଉଲ୍ଲେଖ ଥିଲା। ଏହାସହ ଏହି ଫିଲ୍ମ ପାଇଁ ସେ କରିନା କପୁର ଓ ସାରା ଅଲ୍ଲୀ ଖାନ୍‌ଙ୍କୁ ଅଫର୍ ଦେଇଥିବା ଉଲ୍ଲେଖ ଥିଲା। କୁନାଲ ଖେମୁ ଏଥିରେ କ୍ରିଏଟିଭ୍ ଆଡଭାଇଜର ଭାବେ କାମ କରୁଛନ୍ତି। ତେବେ ଏଥିରେ ଅଜୟ ଦେବଗନ୍‌ଙ୍କ ବିପକ୍ଷରେ କରିନାଙ୍କୁ କାଷ୍ଟ କରିବା ପାଇଁ ଫିଲ୍ମ ନିର୍ମାତା ଭାବୁଛନ୍ତି। ଯଦି ସବୁ କିଛି ଫାଇନାଲ ହୁଏ, ପ୍ରଥମ ଥର ପାଇଁ ସାରା ଓ କରିନା ଏକାଠି ଗୋଟିଏ ଫିଲ୍ମରେ ନଜର ଆସିବେ। ଏହାସହ ଏଥିରେ କୁନାଲ ଖେମୁ ମଧ୍ୟ ଦେଖାଯିବେ। ପ୍ରଥମ ଥର ପାଇଁ ପରଦାରେ ଖାନ୍ ପରିବାରର ସଦସ୍ୟମାନଙ୍କୁ ଏକାଠି ଦେଖିବାକୁ ମିଳିବ।

## କ୍ଷେତରେ କ୍ୟାଟ୍‌ୱାକ୍
## ବାଦାମ ଚୋପା, ମକାରେ ପୋଷାକ



ଚୀନ୍‌ର ଜଣେ ଯୁବତୀ ନିଆରା ପୋଷାକରେ କ୍ୟାଟ୍‌ୱାକ୍ କରି ସଭିଙ୍କ ଦୃଷ୍ଟିଆକର୍ଷଣ କରିଛି। ପେସାରେ ସେ ଜଣେ ବ୍ଲଗର୍। ସାମାଜିକ ଗଣମାଧ୍ୟମରେ ସେ 'ଭିଲେଜ ମ୍ୟାଜିକାଲ ଟ୍ରେଜର' ନାଁରେ ପରିଚିତ। ସେ ଦକ୍ଷିଣ ଚୀନ୍‌ର ଗୁଆଙ୍ଗସି ଅଞ୍ଚଳର ହେଙ୍ଗଝୋଉର ନିବାସୀ। ମୁଖ୍ୟତଃ ସେ ଚାଷ ଜମିଗୁଡ଼ିକରେ କ୍ୟାଟ୍‌ୱାକ୍ କରନ୍ତି। ବାଦାମ ଚୋପା, ମକା ଦାନା, ଶୁଖିଲା ଘାସ, ଡାଳିମ୍ବ ଦାନା, ପତ୍ର ଫୁଲ ଆଦିରେ ସେ ପୋଷାକ ତିଆରି କରନ୍ତି। ସେହିପରି ସେ ତିଆରି କରଥିବା ପୋଷାକକୁ ପିନ୍ଧି ବେଶ୍ ସୁନ୍ଦର ଭାବେ ଚାଷଜମି ମଧ୍ୟରେ କ୍ୟାଟ୍‌ୱାକ୍ କରନ୍ତି। କେବଳ ସେତିକି ନୁହେଁ, ଏହାକୁ ସେ ଗ୍ରାମାଞ୍ଚଳର ଫେଶନ ଭାବେ ଗର୍ବର ସହିତ ପ୍ରଦର୍ଶନ କରନ୍ତି। ଏବେ ସୁଦ୍ଧା ସେ ୧୭୮ ଭିଡିଓ ପୋଷ୍ଟ କରିସାରିଛନ୍ତି। ସୁଇଟ୍ ପଟାଟୋ ଡ୍ରେସ୍, ଲଙ୍ଗ ବିନ୍ସ ଡ୍ରେସ୍ ଭଳି କିଛି ପନିପରିବା ଥିମ୍‌ରେ ମଧ୍ୟ ସେ ପୋଷାକ ଡିଜାଇନ୍ କରିଛନ୍ତି। ଏହି ପୋଷାକଗୁଡ଼ିକୁ ସେ ନିଜେ ହିଁ ଡିଜାଇନ୍ କରିଥାନ୍ତି। ପୋଷାକଗୁଡ଼ିକର ପ୍ୟାଟର୍ଣ୍ଣ, ଷ୍ଟାଇଲ ତାଙ୍କ ସଉକ ଓ ପସନ୍ଦକୁ ପ୍ରତିଫଳିତ କରୁଥିବା ସେ କହିଛନ୍ତି। ସେହିପରି ସେ ପୋଷାକରେ ବ୍ୟବହାର କରୁଥିବା ସମସ୍ତ ପନିପରିବା ଏବଂ ଫଳମୂଳ ତାଙ୍କ ପରିବାର ଲୋକେ ଚାଷ କରିଥାନ୍ତି। ଏହିପରି ଭାବେ ସେ ସ୍ଥାନୀୟ କୃଷି ଉତ୍ପାଦକୁ ପ୍ରୋତ୍ସାହିତ କରୁଥିବା କୁହନ୍ତି। ତେବେ ଏନେଇ ସେ ବିଧିବଦ୍ଧ ଭାବେ କୌଣସି ତାଲିମ ନେଇଥିବା କହିଛନ୍ତି। ପିଲାବେଳୁ ଏହି ଯୁବତୀ ଜଣକ ବିଭିନ୍ନ ଜିନିଷ ଉପଯୋଗ କରି ପୋଷାକ ତିଆରି କରିବାକୁ ପସନ୍ଦ କରୁଥିଲେ। ସେ ସବୁବେଳେ ପନିପରିବା ତଥା ରିସାଇକଲ ପ୍ଲାଷ୍ଟିକ୍ ବ୍ୟାଗ୍ ଭଳି ପରିବେଶ ଅନୁକୂଳ ଜିନିଷକୁ ପୋଷାକ ତିଆରି ପାଇଁ ବ୍ୟବହାର କରିଥାନ୍ତି। ତେବେ ଯେଉଁଠି ବି ସେ ବହୁ ପରିମାଣର ଜିନିଷ ଦେଖନ୍ତି, ପୋଷାକ ତିଆରି କରିବାକୁ ଆଗଭର ହୋଇଥାନ୍ତି। ସେ ତିଆରି କରୁଥିବା କିଛି ପୋଷାକ ପାଇଁ ସିଲାଇର ଆବଶ୍ୟକତା କରୁଥିବା ବେଳେ ଆଉ କିଛି ଜିନିଷରେ ଅଠାର ଉପଯୋଗ କରନ୍ତି। ଅନ୍ୟପଟେ ସାମାଜିକ ଗଣମାଧ୍ୟମରେ ତାଙ୍କର ଏହି ନିଆରା ସୃଜନଶୀଳତାକୁ ଲୋକେ ଖୁବ୍ ପ୍ରଶଂସା କରୁଛନ୍ତି।

## ପ୍ୟାକେଟ୍ କ୍ଷୀର ନ ଫୁଟାଇଲେ ଚଳିବ

ସାଧାରଣତଃ ଲୋକେ ପ୍ୟାକେଟ୍ କ୍ଷୀରକୁ ଫୁଟାଇ ଖାଆନ୍ତି। ହେଲେ ପ୍ୟାକେଟ୍ କ୍ଷୀର ଫୁଟାଇବାର ଆବଶ୍ୟକତା ନଥାଏ ବୋଲି ଏବେ କୁହାଯାଉଛି। ବିଜ୍ଞାନ, ଡାକ୍ତର ଏବଂ ଡାଏରୀ ଟେକ୍ନୋଲୋଜି ଅନୁସାରେ, ପ୍ୟାକେଟ୍ କ୍ଷୀରକୁ ଫୁଟାଇବାର କୌଣସି ଆବଶ୍ୟକତା ନାହିଁ। ପ୍ୟାକେଟ୍ କ୍ଷୀର ପୂର୍ବରୁ ପାଶ୍ଚରାଇଜେସନ୍ ପ୍ରକ୍ରିୟା ମାଧ୍ୟମରେ ଜୀବାଣୁମୁକ୍ତ ଏବଂ ଶୁଦ୍ଧ ହୋଇଥାଏ। ତେଣୁ କ୍ଷୀରକୁ ଫୁଟାଇବା ଦରକାର ପଡ଼ି ନ ଥାଏ। ଏହାକୁ ଫୁଟାଇବା ଦ୍ୱାରା କ୍ଷୀରର ପୋଷକ ତତ୍ତ୍ୱ ହ୍ରାସ ପାଏ। କ୍ଷୀର ଫୁଟାଇବା ଦ୍ୱାରା ଏଥିରେ ଥିବା ଭିଟାମିନ୍ ବି କମ୍ପ୍ଲେକ୍ସ, ଭିଟାମିନ୍ ସି ଏବଂ ପ୍ରୋଟିନ୍‌ର ଗୁଣବତ୍ତା କମ୍ ହୋଇପାରେ। ପ୍ୟାକେଟ୍ କ୍ଷୀରକୁ ଖୋଲି ସିଧା ପିଇଲେ କୌଣସି କ୍ଷତି ନାହିଁ। ଅବଶ୍ୟ କ୍ଷୀର ପ୍ୟାକେଟ୍ ଯଦି ବାହାରେ ଅଛି କିମ୍ବା ଫ୍ରିଜ୍ ବାହାରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଅଛି, ତାହାକୁ ହାଲ୍କା ଗରମ କରିବା ଭଲ। ହେଲେ ଏହାକୁ ଭଲଭାବେ ଫୁଟାଇବାର ଆବଶ୍ୟକତା ନାହିଁ। କ୍ଷୀରକୁ ଫୁଟାଇବା ଦ୍ୱାରା ଏଥିରେ ରାସାୟନିକ ପ୍ରତିକ୍ରିୟା ସୃଷ୍ଟି ହୋଇପାରେ। କ୍ଷୀରରେ ଥିବା ଲାକଟୋଜ ଏବଂ ପ୍ରୋଟିନ୍ ମଧ୍ୟରେ ରାସାୟନିକ ପ୍ରତିକ୍ରିୟା ହୁଏ। ଏହି କାରଣ ଯୋଗୁଁ କ୍ଷୀରର ରଙ୍ଗ ଈଷତ୍ ଧୂସର ଏବଂ ସ୍ୱାଦରେ ବି ପରିବର୍ତ୍ତନ ଆସିଥାଏ। ସେହିପରି ପ୍ୟାକେଟ୍ କ୍ଷୀରକୁ ସବୁବେଳେ ଫ୍ରିଜ୍‌ରେ ରଖିବା ଆବଶ୍ୟକ। ପ୍ୟାକେଟ୍ କ୍ଷୀରକୁ ଫ୍ରିଜ୍‌ରେ ରଖିଲେ ୨ରୁ ୩ ଦିନ ପର୍ଯ୍ୟନ୍ତ ବ୍ୟବହାର କରି ହେବ। ଅନ୍ୟପକ୍ଷରେ କ୍ଷୀରବାଲାଠାରୁ କ୍ଷୀର ଆଣୁଥିଲେ, ସେହି କ୍ଷୀର ପ୍ରୋସେସଡ ହୋଇ ନ ଥାଏ। ଏଣୁ ଏହି କ୍ଷୀରକୁ ଫୁଟାଇବା ଉଚିତ। କାରଣ ଏଥିରେ ହାନିକାରକ ସୂକ୍ଷ୍ମଜୀବ ଥାଇପାରନ୍ତି। ଏହାବାଦ୍ ଏଥିରେ ପରଜୀବୀ ଥିବା ଆଶଙ୍କା ଥାଏ। ଏଭଳି କ୍ଷେତ୍ରରେ କ୍ଷୀରକୁ ଭଲ ଭାବେ ଫୁଟାଇବା ଉଚିତ।



## ଧନୁ ସଂକ୍ରାନ୍ତି

ସୂର୍ଯ୍ୟଙ୍କ ରାଶି ପରିବର୍ତ୍ତନରେ ସଂକ୍ରାନ୍ତି ଆସିଥାଏ। ଏହି କ୍ରମରେ ସୂର୍ଯ୍ୟ ବିଛା ରାଶି ଛାଡ଼ି ଧନୁ ରାଶିରେ ଗୋଚର ହେଲେ ଧନୁ ସଂକ୍ରାନ୍ତି ପଡ଼େ। ସୌର ମାସ ଗଣନା ଅନୁଯାୟୀ, ଏହିଦିନରୁ ପୌଷ ମାସ ଆରମ୍ଭ ହୁଏ। ଖର ମାସ ହେତୁ ଏହି ସମୟରେ ଶୁଭ ମାଙ୍ଗଳିକ କାର୍ଯ୍ୟ ବର୍ଜନୀୟ। କିନ୍ତୁ ସ୍ନାନ, ଦାନ, ତୀର୍ଥାଟନ ଓ ସୂର୍ଯ୍ୟ ଉପାସନା ପାଇଁ ଏହା ପ୍ରକୃଷ୍ଟ ସମୟ ବୋଲି ବିଚାର କରାଯାଏ। ବିଶେଷକରି ଆମ ଓଡ଼ିଆ ଘରେ ଧନୁ ସଂକ୍ରାନ୍ତିର ବିଶେଷ ଗୁରୁତ୍ୱ ରହିଛି। ଏହି ସମୟରେ ଓଡ଼ିଶାର ଧର୍ମୀୟ ପରମ୍ପରାରେ ଅନେକ ଓଷା ବ୍ରତ ପାଳନ କରାଯାଇଥାଏ। ଶ୍ରୀମନ୍ଦିରରେ ମଧ୍ୟ ବିଶେଷ ନୀତି ପାଳନ କରାଯାଇଥାଏ।



ପୌଷମାସର ପବିତ୍ରତା ଯୋଗୁଁ ପୁଷ୍ୟାଭିଷେକ ଅନୁଷ୍ଠିତ ହୁଏ। କୁହାଯାଏ, ଏହିଦିନରୁ ମାସକ ପର୍ଯ୍ୟନ୍ତ ମା' ଲକ୍ଷ୍ମୀ ନିଜ ବାପ ଘରକୁ ଯାଇଥାନ୍ତି। ସେହିପରି ପୌଷ ମାସରେ ଓଡ଼ିଆ ଘରର ବୋହୂ ବାପଘରକୁ ଯିବାର ପ୍ରଥା ମଧ୍ୟ ପ୍ରଚଳିତ ଅଛି। ଶ୍ରୀମନ୍ଦିରରେ ଲକ୍ଷ୍ମୀ ଅନୁପସ୍ଥିତ ଥିବା ବେଳେ ମା' ଯଶୋଦା ତିନିଠାକୁରଙ୍କ ପାଇଁ ବଡ଼ି ସକାଳୁ ସ୍ୱାଦିଷ୍ଟ ବ୍ୟଞ୍ଜନ ପ୍ରସ୍ତୁତ କରିଥାନ୍ତି। ଯାହା ପହିଲି ଭୋଗ ନାମରେ ପ୍ରସିଦ୍ଧ। ଧନୁ ସଂକ୍ରାନ୍ତିରୁ ମକର ସଂକ୍ରାନ୍ତି ପୂର୍ବଦିନ ପର୍ଯ୍ୟନ୍ତ ପହିଲି ଭୋଗ ପ୍ରସ୍ତୁତ ହୋଇଥାଏ।

ପୁଷ ମାସ ପରେ ଧାନ ଅମଳ ପରେ ଉଖୁଡ଼ା ବା ମୁଆଁର ପ୍ରସ୍ତୁତି ଓଡ଼ିଆ ଚଳଣିରେ ବିଶେଷ ମହତ୍ତ୍ୱ ରଖିଥାଏ। ତେବେ ଧନୁ ସଂକ୍ରାନ୍ତିର ପ୍ରସିଦ୍ଧ ଭୋଗ ହେଉଛି 'ମୁଆଁ'। ଏହିଦିନ ଠାକୁରଙ୍କ ପାଖରେ ମୁଆଁକୁ ଭୋଗ ଭାବେ ଲାଗି କରାଯାଏ। ତେବେ କିଛି ମୁଆଁ ଚିନିରେ ପ୍ରସ୍ତୁତ ହେଉଥିବା ବେଳେ ଆଉ କିଛି ମୁଆଁକୁ ଗୁଡ଼ରେ ପ୍ରସ୍ତୁତ କରାଯାଏ। ଅନ୍ୟପକ୍ଷରେ ଧନୁ ସଂକ୍ରାନ୍ତିଠାରୁ ଧନୁ ରାଶିରେ ସୂର୍ଯ୍ୟଙ୍କର ପ୍ରବେଶ ହୋଇଥାଏ। ଧନୁ ରାଶି ଦେବ ଗୁରୁ ବୃହସ୍ପତିଙ୍କ ରାଶି। ଏଣୁ ଏଥିରେ ସୂର୍ଯ୍ୟଙ୍କ ପ୍ରବେଶ ବିଶେଷ ପ୍ରଭାବ ଆଣିଥାଏ।

## ଗାଈକୁ ଗୁଡ଼ ଖୁଆଇବାର ଲାଭ



ହିନ୍ଦୁ ଧର୍ମରେ ଗାଈକୁ ଗୋମାତା ଭାବେ ପୂଜା କରାଯାଏ। ପୌଷ ମାସରେ ଗାଈଙ୍କୁ ଗୁଡ଼ ଖୁଆଇବାର ଜ୍ୟୋତିଷ ତଥା ଧାର୍ମିକ ଦୃଷ୍ଟିରୁ ମହତ୍ତ୍ୱପୂର୍ଣ୍ଣ ବୋଲି କୁହାଯାଇଛି। ସେହିପରି ଏହି ମାସ ସୂର୍ଯ୍ୟ ଉପାସନା ଏବଂ ଗୋମାତା ଉପାସନା ଲାଗି ଉତ୍ତମ ମାସ।


- ଗାଈଙ୍କୁ ଗୁଡ଼ ଖାଇବାକୁ ଦେବା ଦ୍ୱାରା ମଙ୍ଗଳ ଦୋଷ ଶନି ଦୋଷ ଦୂର ହୁଏ। ରାହୁ-କେତୁଙ୍କ ଖରାପ ପ୍ରଭାବ ହ୍ରାସ ପାଏ।
- ଗୋମାତାଙ୍କୁ ବିନା କୌଣସି ସ୍ୱାର୍ଥ ରଖି ଗୁଡ଼ ଖାଇବାକୁ ଦେବା ଦ୍ୱାରା ମନୋକାମନା ପୂରଣ ହୁଏ।
- ପ୍ରତିଦିନ ଗାଈକୁ ଗୁଡ଼ ଏବଂ ପ୍ରଥମ ରୁଟି ଖାଇବାକୁ ଦେବା ଦ୍ୱାରା ପିତୃଦୋଷ ଦୂର ହୁଏ।
- ଘରେ ସୁଖ ଶାନ୍ତି, ଐଶ୍ୱର୍ଯ୍ୟ ଏବଂ ଧନ ବୃଦ୍ଧି ଲାଗି ଗାଈକୁ ଗୁଡ଼ ଖାଇବାକୁ ଦେବା ଭଲ। ଏହା ଦ୍ୱାରା ମା' ଲକ୍ଷ୍ମୀ ପ୍ରସନ୍ନ ହୁଅନ୍ତି।
- ଗାଈକୁ ଗୁଡ଼ ଖାଇବାକୁ ଦେବା ଦ୍ୱାରା ସୁଯୋଗ୍ୟ ସନ୍ତାନର ସୁଖ ପ୍ରାପ୍ତ ହୁଏ।
- ସେହିପରି ଗାଈକୁ ଗୁଡ଼ ଖାଇବାକୁ ଦେଲେ ଚାରିଧାମ ଯାତ୍ରାର ଫଳ ମିଳେ ଏବଂ ସାଂସାରିକ ସୁଖ ମିଳେ।

## ସ୍ମୃତି

## ବଉଳ ଅମାବାସ୍ୟା

ପୌଷ ମାସ ଅମାବାସ୍ୟାକୁ ବକୁଳ ବା ବଉଳ ଅମାବାସ୍ୟା ବୋଲି କୁହାଯାଏ। ଏହି ସମୟରେ ଆମ୍ବ ଗଛରେ ବଉଳ ଧରେ। ତେବେ ଏହି ଅମାବାସ୍ୟା ବେଳକୁ ଶୀତର ପ୍ରକୋପ କମି ଆସେ। ତା'ସହ ଆମ୍ବ ଗଛରେ ବଉଳ ଅଙ୍କୁରିତ ହୋଇ ଋତୁରାଜ ବସନ୍ତକୁ ସ୍ୱାଗତ କରେ। ଏହିଦିନ ଆମ୍ବ ଗଛକୁ ପୂଜା କରାଯାଏ। ବିଶେଷକରି ଆମ୍ବ ବଉଳକୁ ସୁରକ୍ଷା ଦେବା ଲାଗି ପୂଜାର୍ଚ୍ଚନା କରାଯାଏ। ଏହିଦିନ ଆମ୍ବ ଗଛ ମୂଳକୁ ପରିଷ୍କାର କରାଯାଇ ଚିତା ପକାଯାଏ। ଏହାସହ ଗଇଁଠାପିଠାକୁ ବୃକ୍ଷ ମୂଳେ ପୂଜା କରାଯାଏ। ସେହିପରି ଆମ୍ବ ବଉଳକୁ ଘରର ଇଷ୍ଟଦେବୀଙ୍କଠାରେ ଭୋଗ ଲାଗି କରାଯାଏ। ଭୋଗ ସାମଗ୍ରୀ ଭାବେ ଗଇଁଠା ପିଠା ଏବଂ ବଉଳକୁ ବ୍ୟବହାର କରାଯାଏ। ତେଣୁ ଏହିଦିନ ଘରେ ଘରେ ଗଇଁଠା ପିଠା ପ୍ରସ୍ତୁତ ହୋଇଥାଏ।


ଶ୍ରୀମନ୍ଦିରରେ ବି ବକୁଳ ଅମାବାସ୍ୟା ନୀତି ପାଳନ କରାଯାଏ। ମହାପ୍ରଭୁଙ୍କ ସକାଳ ଧୂପରେ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ଗଇଁଠା ପିଠା ସହ ବଉଳ ଲାଗି ହୁଏ। ତାଟରେ ଏହାକୁ ଲାଗି କରାଯାଏ। ତେବେ ବକୁଳ ଅମାବାସ୍ୟା ପ୍ରକୃତି ପୂଜାର ନିଦର୍ଶନ। ଏହି ସମୟରେ ବଉଳ ବାସ୍ନା ଜନମାନସକୁ ମନ୍ତ୍ରମୁଗ୍ଧ



କରିଥାଏ। ଅନ୍ୟପଟେ ବକୁଳ ଅମାବାସ୍ୟ ଦିନ ଭଗବାନ ଗ୍ରହଣ କରିଥିବା ଦଶ ଅବତାର ମଧ୍ୟରୁ ତୃତୀୟ ଅବତାର। ଶ୍ରୀବରାହ ବା ଶୂକର ଅବତାର ଗ୍ରହଣ କରିଥିଲେ। ପ୍ରଭୁ ବରାହ ସୃଷ୍ଟିକର୍ତ୍ତା ପିତାମହ ବ୍ରହ୍ମାଙ୍କ ନାକପୁଡ଼ାରୁ ଜାତ ହୋଇ ରାକ୍ଷସ ହିରଣ୍ୟାକ୍ଷକୁ ବଧ କରି ଦନ୍ତ୍ୟ ଅଗ୍ରରେ ଧାରଣ କରି ରସାତଳରେ ନିମଗ୍ନ ପୃଥିବୀକୁ ଉଦ୍ଧାର କରିଥିଲେ। ଡିସେମ୍ବର ୧୯ ତାରିଖରେ ବଉଳ ଅମାବାସ୍ୟା ପାଳନ କରାଯିବ।

## କେଉଁ ଦିନ ତୁଳସୀ ଗଛରେ ଜଳ ଅର୍ପଣ ମନା

ହିନ୍ଦୁ ଧର୍ମାବଲମ୍ବୀମାନେ ନିତିଦିନ ତୁଳସୀ ଗଛକୁ ପୂଜା କରିବା ସହ ଜଳ ଅର୍ପଣ କରନ୍ତି। ହେଲେ ତୁଳସୀ ଗଛରେ କେବେ ଜଳ ଅର୍ପଣ କରିବା ଉଚିତ ଓ ଅନୁଚିତ ସେ ସମ୍ପର୍କରେ ଜାଣିବା ଜରୁରି।



**ଚନ୍ଦ୍ରଗ୍ରହଣ/ସୂର୍ଯ୍ୟପରାଗ:** ସୂର୍ଯ୍ୟପରାଗ ତଥା ଚନ୍ଦ୍ର ଗ୍ରହଣ ସମୟରେ ତୁଳସୀ ଗଛକୁ ସ୍ପର୍ଶ କରିବା ମନା ଏବଂ ଜଳ ଅର୍ପଣ କରିବା ମନା। ଏହି ସମୟରେ ଜଳ ଅର୍ପଣ କରିବାକୁ ଅଶୁଭ ବୋଲି କୁହାଯାଇଛି।

**ରବିବାର:** ରବିବାର ଦିନ ଭଗବାନ ବିଷ୍ଣୁଙ୍କ ଲାଗି ତୁଳସୀ ମା' ନିର୍ଜଳା ବ୍ରତ ରଖନ୍ତି। ଏଭଳି ସ୍ଥିତିରେ ରବିବାର ତୁଳସୀ ଗଛକୁ ଛୁଇଁବା ଓ ଜଳ ଅର୍ପଣ କରିବା ଅନୁଚିତ। ଏହା ଦ୍ୱାରା ନିର୍ଜଳା ବ୍ରତ ଭାଙ୍ଗିଯାଏ। ରବିବାର ତୁଳସୀ ଗଛରେ ଜଳ ଅର୍ପଣ କରିବାକୁ ପୂରାପୂରି ବାରଣ କରାଯାଇଛି। ହେଲେ ଏହିଦିନ ବିଧିବିଧାନର ସହ ତୁଳସୀ ମାତାଙ୍କ ପୂଜାର୍ଚ୍ଚନା କରାଯାଇପାରିବ।

**ଏକାଦଶୀ:** ଏକାଦଶୀ ତିଥି ଭଗବାନ ବିଷ୍ଣୁଙ୍କ ଲାଗି ସମର୍ପିତ। ଏହି ତିଥିରେ ତୁଳସୀ ଦେବୀ ଭଗବାନ ବିଷ୍ଣୁଙ୍କ ଲାଗି ନିର୍ଜଳା ବ୍ରତ ରଖନ୍ତି। ଜଳ ଅର୍ପଣ କରିବା ଦ୍ୱାରା ତୁଳସୀ ଦେବୀ ପ୍ରସନ୍ନ ହୁଅନ୍ତି ନାହିଁ। ଏହାଦ୍ୱାରା ଘରେ ଧନହାନି ହୁଏ।

■ ମେସିଙ୍କ ଭାରତ ଗସ୍ତ

# ଛେତ୍ରୀଙ୍କୁ ଜର୍ସି; ସଚିନଙ୍କୁ ବିଶ୍ୱକପ୍ ବଲ୍ ଉପହାର






ମୁମ୍ବାଇ, ୧୪ ।୧୨ (ଏଜେନ୍ସି): ଆର୍ଜେଣ୍ଟିନା ମହାନ ଫୁଟ୍‌ବଲ ଖେଳାଳି ଲିଓନେଲ ମେସିଙ୍କ ଭାରତ ଗସ୍ତର ରବିବାର ଥିଲା ଦ୍ୱିତୀୟ ଦିବସ। ଦ୍ୱିତୀୟ ଦିବସରେ ମେସି ମାୟାନଗରୀ ମୁମ୍ବାଇରେ ଦୁଇଟି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। କ୍ରିକେଟ୍ କ୍ଲବ ଅଫ୍ ଇଣ୍ଡିଆ ଓ ୱାଙ୍ଖେଡେ ଷ୍ଟାଡିୟମରେ ମେସିଙ୍କ ଏହି ଦୁଇଟି କାର୍ଯ୍ୟକ୍ରମ ଥିଲା। ଏହି ଅବସରରେ କ୍ରୀଡ଼ାର ଦୁଇ ଭଗବାନ କ୍ରିକେଟ୍‌ର ସଚିନ ତେନ୍ଦୁଲକର ଓ ଫୁଟ୍‌ବଲର ମେସିଙ୍କ ମଧ୍ୟରେ ଛୋଟିଆ ସାକ୍ଷାତ୍‌କାର ଅନୁଷ୍ଠିତ ହୋଇଥିଲା। ସଚିନ ଏହି ଅବସରରେ ୨୦୧୧ ଦିନିକିଆ ବିଶ୍ୱକପ୍ ବିଜୟୀ ଜର୍ସି ମେସିଙ୍କୁ ଉପହାର ଦେଇଥିଲେ। ମେସି ମଧ୍ୟ ସଚିନଙ୍କୁ ଫିଫା ବିଶ୍ୱକପ୍‌ର ଏକ ବଲ୍ ଉପହାର ଆକାରରେ ପ୍ରଦାନ କରିଥିଲେ। '୨୦୧୧ରେ ୱାଙ୍ଖେଡେରେ ବିଶ୍ୱକପ୍ ଜିତିବାର ମୁହୂର୍ତ୍ତ ପୁଣିଥରେ ଆଜି ଅନୁଭୂତ ହେଲା' ବୋଲି ସଚିନ କହିଥିଲେ। ଅପରପକ୍ଷରେ ଭାରତୀୟ ଫୁଟ୍‌ବଲର ମହାନ ଖେଳାଳି ସୁନିଲ ଛେତ୍ରୀ ମଧ୍ୟ ମେସିଙ୍କୁ ଭେଟିଥିଲେ। ମେସି ଛେତ୍ରୀଙ୍କୁ ମଧ୍ୟ ଆର୍ଜେଣ୍ଟିନାର ଏକ ୧୦ ନମ୍ବର ଜର୍ସି ଉପହାର ଆକାରରେ ଦେଇଥିଲେ। ପ୍ରକାଶଯୋଗ୍ୟ, ମେସିଙ୍କ ଭାରତ ଗସ୍ତର ପ୍ରଥମ ଦିବସ ବେଶ୍ ବିବାଦୀୟ ରହିଥିଲା। କୋଲକାତାର ସଲ୍ଟ ଲେକ୍ ଷ୍ଟାଡିୟମରେ ଆୟୋଜିତ କାର୍ଯ୍ୟକ୍ରମରେ ଦର୍ଶକ ମେସିଙ୍କୁ ଦେଖି ନ ପାରି ଷ୍ଟାଡିୟମରେ ବ୍ୟାପକ ଭଙ୍ଗାରୁଜା କରିଥିଲେ।

## ତୃତୀୟ ଟି-୨୦ରେ ଭାରତୀୟ ବୋଲର୍‌ଙ୍କ କମାଲ୍

# ଧର୍ମଶାଳାରେ ଦକ୍ଷିଣ ଆଫ୍ରିକା ଧରାଶାୟୀ

ଧର୍ମଶାଳା, ୧୪ ।୧୨ (ଏଜେନ୍ସି):

ଘରୋଇ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଚଳିତ ଟି-୨୦ ସିରିଜର ତୃତୀୟ ମ୍ୟାଚ୍ ରବିବାର ଧର୍ମଶାଳା ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ସମୁଦ୍ର ପତ୍ତନରୁ ୧୪୫୭ ମିଟର ଉଚ୍ଚରେ ଅବସ୍ଥିତ ବିଶ୍ୱର ସବୁଠୁ ମନୋରମ ଷ୍ଟାଡିୟମରେ କିନ୍ତୁ ପ୍ରଥମେ ବ୍ୟାଟିଂ କରିଥିବା ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ଦଳ ଧରାଶାୟୀ ହୋଇଯାଇଛି। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଦକ୍ଷିଣ ଆଫ୍ରିକା ସାଂଘାତିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ଇନିଂସର ଶେଷ ବଲ୍‌ରେ ୧୧୭ ରନ କରି ଅଲ୍‌ଆଉଟ୍ ହୋଇଯାଇଛି। ଜବାବରେ ୧୧୮ ରନର ଛୋଟିଆ ଲକ୍ଷ୍ୟକୁ ପିଛା କରିଥିବା ଭାରତ ଶେଷ ଖବର ସୁଦ୍ଧା ୨ ଓଭରରେ କୌଣସି ୱିକେଟ୍ ନ ହରାଇ ୩୨ ରନ କରିଛି। ପୂର୍ବରୁ କଟକରେ ଅନୁଷ୍ଠିତ ସିରିଜର ପ୍ରଥମ ମ୍ୟାଚକୁ ୧୦୧ ରନରେ ଜିତି ଭାରତ ଅଭିଯାନ ଆରମ୍ଭ କରିଥିଲା। କିନ୍ତୁ ନ୍ୟୁ ଚଣ୍ଡିଗଡ଼ରେ ଖେଳାଯାଇଥିବା ଦ୍ୱିତୀୟ ଟି-୨୦କୁ ୫୧ ରନରେ ଜିତି ଦକ୍ଷିଣ ଆଫ୍ରିକା ପ୍ରତ୍ୟାବର୍ତ୍ତନ କରିଥିଲା। ସିରିଜ ଏବେ ୧-୧ରେ ବରାବର୍ ରହିଛି। ଚତୁର୍ଥ ମୁକାବିଲା ବୁଧବାର ଲକ୍ଷ୍ନୌରେ ଅନୁଷ୍ଠିତ ହେବ।




### କୁଲଦୀପ୍‌ଙ୍କ ଦ୍ରୁତ ୫୦ ୱିକେଟ୍

କୁଲଦୀପ୍ ଯାଦବ ଭାରତ ପକ୍ଷରୁ ସବୁଠୁ କମ୍ ମ୍ୟାଚ୍ ଖେଳି ୫୦ ଟି-୨୦ ୱିକେଟ୍ ନେବାର ରେକର୍ଡ କରିଛନ୍ତି। ଏହି ମ୍ୟାଚରେ ସେ ୨ଟି ୱିକେଟ୍ ନେଇ ଟି-୨୦ରେ ନିଜର ୫୦ତମ ୱିକେଟ ପୂରଣ କରିଛନ୍ତି। ଏଥିଲାଗି ତାଙ୍କୁ ୩୦ଟି ମ୍ୟାଚ୍ ଖେଳିବାକୁ ପଡ଼ିଥିଲା। ପୂର୍ବରୁ ୩୨ଟି ମ୍ୟାଚରେ ୫୦ତମ ୱିକେଟ୍ ପୂରଣ କରି ରେକର୍ଡର ଅଧିକାରୀ ରହିଥିଲେ।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା ଇନିଂସ: ୧୧୭/୧୦, ୨୦ ଓଭର (ମାରକ୍ରମ- ୬୧, ଫେରେରା- ୨୦, ଷ୍ଟବ୍ସ- ୯, ବୋଶ୍‌- ୪, ଡି କକ୍- ୧, ଜାନସେନ- ୨, ନୋର୍ଜେ- ୧୨, ବ୍ରେଭିସ- ୨, ଅର୍ଶଦୀପ୍- ୨/୧୩, ହର୍ଷିତ- ୨/୩୪, ବରୁଣ- ୨/୧୧, କୁଲଦୀପ୍- ୨/୧୨)।

ଭାରତ ଇନିଂସ: ୨୬/୦, ୨ ଓଭର ସୁଦ୍ଧା

### ଏକା ଲଢ଼ିଲେ ମାରକ୍ରମ

ଏହି ମ୍ୟାଚରେ ଟସ୍ ଜିତି ଘରୋଇ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ଅଧିନାୟକଙ୍କ ଏହି ନିଷ୍ପତ୍ତିକୁ ଯଥାର୍ଥ ପ୍ରତିପାଦିତ କରି ଭାରତୀୟ ଦ୍ରୁତ ବୋଲର ଦକ୍ଷିଣ ଆଫ୍ରିକାର ବ୍ୟାଟିଂ ଲାଇନଅପ୍‌କୁ ଧ୍ୱସ୍ତବିଧ୍ୱସ୍ତ କରିଦେଇଥିଲେ। ଦଳ ୧ ରନରେ ଦୁଇଟି ୱିକେଟ୍ ଏବଂ ୭୭ ରନରେ ୭ମ ବ୍ୟାଟରଙ୍କୁ ହରାଇ ବ୍ୟାକ୍‌ଫୁଟ୍‌କୁ ଚାଲିଯାଇଥିଲା। ତେବେ ଗୋଟିଏ ପାର୍ଶ୍ୱରେ ୱିକେଟ୍ ପଡ଼ିଚାଲିଥିବା ବେଳେ ଅଧିନାୟକ ଆଇଡେନ ମାରକ୍ରମ ଏକାକୀ ଲଢ଼େଇ କରିଥିଲେ। ସେ ଉପଯୋଗୀ ଅର୍ଦ୍ଧଶତକୀୟ ପାଳି ଖେଳିବାରୁ ଭ୍ରମଣକାରୀ ଦଳ ୧୧୭ ରନର ଏକ ସମ୍ମାନଜନକ ସ୍କୋର କରିପାରିଥିଲା। ମାରକ୍ରମ ୪୬ ବଲରେ ସର୍ବାଧିକ ୬୧ ରନ କରିଥିଲେ। ତେବେ ଓପନର୍ କ୍ୱିଣ୍ଟନ ଡି କକ୍ (୧), ରିଜା ହେଣ୍ଡ୍ରିକ୍ସ (୦), ଡେୱାଲ୍ଡ ବ୍ରେଭିସ (୨), ଟ୍ରିଷ୍ଟାନ ଷ୍ଟବ୍ସ (୯), କର୍ବିନ ବୋଶ୍ (୪), ମାର୍କୋ ଜାନସେନ (୨ ରନ) ଦୁଇଅଙ୍କ ବିଶିଷ୍ଟ ସ୍କୋର ଛୁଇଁପାରି ନ ଥିଲେ।

**ଶେଷ ବଲ୍‌ରେ ଶେଷ ୱିକେଟ୍**

ଅଧିନାୟକ ମାରକ୍ରମଙ୍କ ଯୋଗୁ ଦକ୍ଷିଣ ଆଫ୍ରିକା ଶେଷବଲ ପର୍ଯ୍ୟନ୍ତ ଖେଳିବାକୁ ସମର୍ଥ ହୋଇଥିଲା। ଇନିଂସର ଶେଷ ବଲରେ ୧୦ମ ବ୍ୟାଟର୍ ଭାବେ ଓଟନେଲ୍ ବାର୍ଟମାନଙ୍କୁ ସୂର୍ଯ୍ୟକୁମାରଙ୍କ ହାତରେ କ୍ୟାଚ ଧରାଇ କୁଲଦୀପ୍ ଭ୍ରମଣକାରୀ ଦଳକୁ ଅଲ୍‌ଆଉଟ୍ କରିଥିଲେ। ବୋଲିଂରେ ଭାରତ ପକ୍ଷରୁ ଅର୍ଶଦୀପ୍ ସିଂହ, ହର୍ଷିତ ରାଣା, ବରୁଣ ଚକ୍ରବର୍ତ୍ତୀ ଓ କୁଲଦୀପ୍ ଯାଦବଙ୍କୁ ୨ଟି ଲେଖାଏ ୱିକେଟ୍ ନେଇଥିଲେ।

# ଏସ୍‌ପିଡି କନ୍‌ଷ୍ଟ୍ରକ୍ସନ୍‌ର ମିନି ମାରାଥନ ଓ କ୍ରିକେଟ୍ ଉଦ୍‌ଯାପିତ



ଭୁବନେଶ୍ୱର, ୧୪ ।୧୨ (ସମିସ): ଏସ୍‌ପିଡି କନଷ୍ଟ୍ରକ୍ସନ ଲିମିଟେଡ୍‌ର ୧୫ ବର୍ଷ ପୂର୍ତ୍ତି ପାଳନ ଅବସରରେ ସ୍ଥାନୀୟ ସୋଆ କ୍ରିକେଟ୍ ଗ୍ରାଉଣ୍ଡରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରବିବାର ସକାଳେ ଏକ ସେଫ୍ଟି ମିନି ମାରାଥନ ଆୟୋଜିତ ହୋଇଥିଲା। ଶ୍ରମିକଙ୍କ ସୁରକ୍ଷିତ ଭବିଷ୍ୟତ ଦିଗରେ ଅଧିକ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଆୟୋଜିତ ଏହି ମିନି ମାରାଥନ ଖଣ୍ଡଗିରିସ୍ଥିତ ଜୟଦେବ ବାଟିକାରୁ ଆରମ୍ଭ ହୋଇ ସୋଆ କ୍ରିକେଟ୍ ଗ୍ରାଉଣ୍ଡରେ ଶେଷ ହୋଇଥିଲା। ୩ କିମି ବ୍ୟାପୀ ଏହି ମାରାଥନରେ ଏସ୍‌ପିଡି ନିର୍ମାଣ ସଂସ୍ଥାର ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଯେଉଁଥିରେ ୨୫-୩୦ଜଣ ମହିଳା କର୍ମଚାର ରହିଥିଲେ। ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ ସୌରଭ ଖୈତାନ ଏହି ମିନି ମାରାଥନକୁ ଉଦ୍‌ଘାଟନ କରିଥିଲେ। 'ସୁରକ୍ଷା ସଚେତନତାକୁ ପ୍ରୋତ୍ସାହିତ କରିବା ଏହି ମାରାଥନର ମୁଖ୍ୟ ଉଦ୍ଦେଶ୍ୟ। ସୁରକ୍ଷାକୁ ପ୍ରାଥମିକତା ଦେବା ପାଇଁ ଏସ୍‌ପିଡି କନଷ୍ଟ୍ରକ୍ସନ ପ୍ରତିବଦ୍ଧ' ବୋଲି ସେ କହିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅବସରପ୍ରାପ୍ତ ଆଇପିଏସ୍ ଅରୂପ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଚିରାଗ ଖୈତାନ, ନିର୍ଦ୍ଦେଶକ ସଞ୍ଜୟ ଜାଲାନ, ପରାମର୍ଶଦାତା କୃଷ୍ଣଚନ୍ଦ୍ର ସାମଲ ପ୍ରମୁଖ ଉପସ୍ଥିତ ରହିଥିଲେ। ମିନି ମାରାଥନ ସହ ଏକ କ୍ରିକେଟ୍ ଓ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ମଧ୍ୟ ଆୟୋଜିତ ହୋଇଥିଲା। ସେହିଭଳି କୋଣାର୍କ କ୍ୟାନସନ ଫାଉଣ୍ଡେସନ ପକ୍ଷରୁ ରକ୍ତଦାନ ଶିବିର ମଧ୍ୟ ଆୟୋଜିତ କରାଯାଇଥିଲା।

## ୧୯ ବର୍ଷରୁ କମ୍ ଏସିଆ କପ୍

# ପାକିସ୍ତାନକୁ ୯୦ ରନ୍‌ରେ ହରାଇଲା ଭାରତ

ଦୁବାଇ, ୧୪ ।୧୨ (ଏଜେନ୍ସି): ୧୯ ବର୍ଷରୁ କମ୍ ଏସିଆ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ରବିବାର ଭାରତ ଏକ ବଡ଼ ବିଜୟ ହାସଲ କରିଛି। ଗ୍ରୁପ୍-ଏ'ରେ ଖେଳାଯାଇଥିବା ଏକ ହାଇଭୋଲଟେଜ ମୁକାବିଲାରେ ଭାରତ ୯୦ ରନରେ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ମାତ୍ ଦେଇଛି। ଟୁର୍ଣ୍ଣାମେଣ୍ଟରେ ଭାରତର ଏହା ଦ୍ୱିତୀୟ ବିଜୟ ଥିଲା। ଏଥିପୂର୍ବରୁ ଭାରତ ପ୍ରଥମ ମୁକାବିଲାରେ ୨୩୪ ରନରେ ଆୟୋଜକ ୟୁଏଇକୁ ପରାସ୍ତ କରିଥିଲା। ଦୁଇଟି ବିଜୟ ସହ ୪ ପଏଣ୍ଟ ପାଇ ଭାରତ ଏବେ ଗ୍ରୁପ୍-ଏ'ରେ ଶୀର୍ଷ ସ୍ଥାନରେ ରହିଛି। ଏଥିସହ ସେମିଫାଇନାଲ ଖେଳିବା ଆଶା ଏକ ପ୍ରକାର ନିଶ୍ଚିତ ହୋଇଛି। ଭାରତ ଏହାର ଶେଷ ଗ୍ରୁପ୍ ମ୍ୟାଚରେ ମଙ୍ଗଳବାର ମାଲେସିଆକୁ ଭେଟିବ। ରାଜନୈତିକ ଅସ୍ଥିରତା ଲାଗି ଭାରତ-ପାକିସ୍ତାନ ମଧ୍ୟରେ ଖେଳାଯାଇଥିବା ଏହି ମ୍ୟାଚରେ ମଧ୍ୟ ଦୁଇ ଦଳର ଖେଳାଳି ପରସ୍ପର ହାତ ମିଳାଇ ନ ଥିଲେ। ବର୍ଷା ବାଧାପ୍ରାପ୍ତ ୪୯ ଓଭରବିଶିଷ୍ଟ ଏହି ମ୍ୟାଚରେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ୪ର୍ଥ ଓଭରରେ ବିସ୍ଫୋରକ ଓପନର୍ ବୈଭବ ସୂର୍ଯ୍ୟବଂଶୀ (୫ ରନ)ଙ୍କ ୱିକେଟ୍ ହରାଇଥିଲା। ତେବେ ଆରୋନ ଜର୍ଜ(୮୫ ରନ୍)ଙ୍କ ଅର୍ଦ୍ଧଶତକ ବଳରେ ଭାରତ ୪୬.୧ ଓଭରରେ ୨୪୦ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କନିଷ୍କ ଚୌହାନ ୪୬, ଅଧିନାୟକ ଆୟୁଷ ମହାତ୍ରେ ୩୮, ୱିକେଟକିପର ଅଭିଜ୍ଞାନ କୁଣ୍ଡୁ ୨୨ ରନ କରିଥିଲେ। ଜବାବରେ ପାକିସ୍ତାନ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୫୦ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ହୁଜେଫ ଅହସାନ ୭୦ ରନ ପାଳି ଖେଳିଥିଲେ।

## ପଞ୍ଚମ ପୁରୀ ବିଚ୍ ମାରାଥନ୍

# ଓଡ଼ିଶାର ଅଶୋକ ଦଣ୍ଡସେନା ପ୍ରଥମ




ପୁରୀ, ୧୪।୧୨ (ସମିସ): ଭୁବନେଶ୍ୱର ସାଇକେଲିଂ ଏବଂ ଆଡ୍‌ଭେଞ୍ଚର କ୍ଲବ୍ (ବିସିଏସି) ପକ୍ଷରୁ ରବିବାର ପୁରୀ ବିଚ୍ ମାରାଥନ୍ ୫ମ ସଂସ୍କରଣ ଏମ୍‌ସିଏଲ୍ ସହଯୋଗରେ ଅନୁଷ୍ଠିତ ହୋଇଯାଇଛି। ମହିଳାମାନଙ୍କ ସମେତ ୧ ହଜାରରୁ ଅଧିକ ଦୌଡ଼ାଳି ଏଥିରେ ଅଂଶଗ୍ରହଣ କରିଥିଲେ। ପୁରୀ ବିଚ୍ ମାରାଥନ୍ ୨୦୨୫କୁ ମଙ୍ଗଳା ନଦୀର ସମୁଦ୍ର ମୁହାଣରେ ଥିବା ଶାମୁକା ବେଳାଭୂମିରୁ ବିସିଏସି ସଭାପତି ଅତିରିକ୍ତ ଡିଜିପି ସଞ୍ଜୀବ ପଣ୍ଡା, ଅବସରପ୍ରାପ୍ତ ଆଇପିଏସ୍ ଲଳିତ ଦାସ, ପୁରୀ ଏସ୍‌ପି ପ୍ରତୀକ୍ ସିଂ, ବିସିଏସି ସଚିବ ଅଜୟ କୁମାର ନନ୍ଦ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏଥିରେ ଦେଶର ବିଭିନ୍ନ ସ୍ଥାନ ସମେତ ଆମେରିକା ଏବଂ ୟୁଏସ୍‌ଏସ୍‌ଆରରୁ କିଛି ପ୍ରସିଦ୍ଧ ଧାବକ ଏବଂ ଉଦୀୟମାନ ଖେଳାଳିଙ୍କ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା। ଏହି ମାରାଥନରେ ଦୁଇ ପ୍ରକାର ଦୌଡ଼ ହୋଇଥିଲା। ହାଫ୍ ମାରାଥନ୍ ମଙ୍ଗଳା ନଦୀ ସମୁଦ୍ର ମୁହଁର ଶାମୁକା ବେଳାଭୂମିରୁ ବାଲି ହାରଚଣ୍ଡୀ ବିଚ୍ ଯାଇ ଫେରିଥିଲେ। ବିଭିନ୍ନ ବର୍ଗର ବିଜେତାମାନେ ମୋଟ ୨.୨ ଲକ୍ଷ ଟଙ୍କାର ପୁରସ୍କାର ପାଇଥିଲେ। ୨୧ କିଲୋମିଟର ହାଫ୍ ମାରାଥନ୍ ପ୍ରଥମ ପୁରସ୍କାର ବାବଦ ୫୦ ହଜାର ଟଙ୍କା ଓଡ଼ିଶାର ଅଶୋକ ଦଣ୍ଡସେନାଙ୍କୁ ପ୍ରଦାନ କରାଯାଇଥିଲା। ସିଏ ୧ ଘଣ୍ଟା ୧୬ ମିନିଟ୍ ୨୫ ସେକେଣ୍ଡ ସମୟ ସହିତ ଏହା ଶେଷ କରିଥିଲେ। ଦ୍ୱିତୀୟରେ ପଶ୍ଚିମବଙ୍ଗର ଅନୁପମ ମହତା ଦ୍ୱିତୀୟ ୩୦ ହଜାର ଟଙ୍କା ଏବଂ ତୃତୀୟ ଛତିଶଗଡ଼ର ଫୁଲଧର ନେତାମ୍ ୨୦ ହଜାର ଟଙ୍କା ପୁରସ୍କାର ପାଇଥିଲେ। ତେବେ ୨୧ କିମି ମହିଳା ବର୍ଗରେ ସନ୍ଧ୍ୟା ମୁର୍ମୁ ପ୍ରଥମ ହୋଇଥିଲେ।

## କିଟ୍, କିସ୍‌ରେ ଭଲିବଲ ମହୋତ୍ସବ ଉଦ୍‌ଯାପିତ

# ଓଡ଼ିଶାରେ ହେବ ଏଫ୍‌ଆଇଭିବି ବିଚ୍ ଭଲିବଲ୍




ଭୁବନେଶ୍ୱର,୧୪ ।୧୨(ଏଜେନ୍ସି): କିଟ୍ ଓ କିସ୍ ପୁଣି ଥରେ କ୍ରୀଡ଼ାରେ ତା'ର ଉତ୍କର୍ଷତା ପ୍ରମାଣ କରିଛି। କିଟ୍ ଓ କିସ୍ ସହାୟତାରେ ଆଗାମୀ ୩ ବର୍ଷ ପାଇଁ ଅର୍ଥାତ ୨୦୨୬, ୨୦୨୭ ଓ ୨୦୨୮ରେ ଓଡ଼ିଶାରେ ବିଚ୍ ଭଲିବଲ୍ ଆୟୋଜିତ ହେବ। କିଟ୍ ଓ କିସ୍‌ରେ ଥିବା ବ୍ୟାପକ ସୁବିଧା ସୁଯୋଗ ଓ ଓଡ଼ିଶାର ମନୋରାମ ପରିବେଶ କ୍ରମାଗତ ୩ ବର୍ଷ ଏହି ମେଗା ଇଭେଣ୍ଟ ଆୟୋଜନ ହେବ ବୋଲି ଅନ୍ତର୍ଜାତୀୟ ଭଲିବଲ ସଂଘ (ଏଫ୍‌ଆଇଭିବି) ସଭାପତି ଫାବିଓ ଆଜେଭେଦା ରବିବାର ଏକ ସମ୍ବାଦିକ ସମ୍ମିଳନୀରେ ଯୋଗ ଦେଇ ଏ ନେଇ ଘୋଷଣା କରିଛନ୍ତି। ଏଥିରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଓ କିଟ୍ ଭାଇସ ଚାନ୍ସଲର ସରବଜିତ ସିଂ ଯୋଗ ଦେଇଥିଲେ। ଏଥିସହ କିଟ୍- କିସ ଓ ଏଫ୍‌ଆଇଭିବି ଆନୁକୂଲ୍ୟରେ ଗତ ୧୧ ତାରିଖରୁ କିଟ୍ ଓ କିସ୍‌ରେ ଚାଲିଆସୁଥିବା ଭଲିବଲ ମହୋତ୍ସବ ମଧ୍ୟ ଶନିବାର ଉଦ୍‌ଯାପିତ ହୋଇଥିଲା। ଏଥିରେ ଫାବିଓ ଯୋଗ ଦେଇଥିଲେ। କିଟ୍ ଓ କିସ୍‌ର କନ୍ୟା କିରଣ ପଦକ୍ଷେପର ଏକ ଅଂଶ ଭାବେ ମହିଳା ସଶକ୍ତିକରଣ ଓ ତୃଣମୂଳସ୍ତରରେ ଭଲିବଲ୍‌ର ବିକାଶକୁ ପ୍ରୋତ୍ସାହିତ କରିବା ଏହି ଭଲିବଲ ମହାକୁମ୍ଭର ଲକ୍ଷ୍ୟ ଥିଲା ବୋଲି ଫାବିଓ କହିଥିଲେ। ଏହିକ୍ରମରେ କିଟ୍- କିସ୍‌ରେ ଓଡ଼ିଶା ସମେତ ବିଭିନ୍ନ ସ୍ଥାନରୁ ଆସିଥିବା ମହିଳା ଭଲିବଲ ପ୍ରଶିକ୍ଷକଙ୍କ ପାଇଁ ଏକ କର୍ମଶାଳା ଆୟୋଜିତ ହୋଇଥିଲା। ଏଥିରେ ଓଡ଼ିଶାରୁ ୫୦୦, ଭାରତ ସମେତ ବିଶ୍ୱରୁ ୨୦୦ରୁ ଅଧିକ ଭଲିବଲ ପ୍ରଶିକ୍ଷକ, ଖେଳାଳି ଓ ବିଶେଷଜ୍ଞ ଯୋଗ ଦେଇଥିଲେ।

## ସର୍ବଭାରତୀୟ ମହାରାଜା ସେଭେନ୍ସ ରଗ୍‌ବୀ

# ମହିଳାରେ ଓଡ଼ିଶା ଫ୍ୟୁଚର ଷ୍ଟାର୍ ଚାମ୍ପିଅନ୍




ବାରିପଦା, ୧୪ ।୧୨(ସମିସ): ବାରିପଦା ଷ୍ଟାଡ଼ିୟମରେ ଚାଲିଥିବା ସର୍ବଭାରତୀୟ ମହାରାଜା ସେଭେନ୍ସ ରଗ୍‌ବୀ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ପୁରୁଷ ଫାଇନାଲ୍‌ରେ ଓଡ଼ିଶା ଫ୍ୟୁଚର ସ୍ପୋର୍ଟ୍ସ ଏକାଡ଼େମୀକୁ ପରାସ୍ତ କରି କୋଲକାତାର ଫ୍ୟୁଚର ହୋପ୍ ହାରିକାନ୍ସ ଚାମ୍ପିଅନ୍ ହୋଇଛି। ମହିଳା ବିଭାଗରେ ଓଡ଼ିଶାର ଫ୍ୟୁଚର ଷ୍ଟାର ସ୍ପୋର୍ଟ୍ସ ଏକାଡ଼େମୀ ଫାଇନାଲ୍‌ରେ କୋଲକାତାର ଫ୍ୟୁଚର ହୋପ ହାରିକ୍ୱଇନ୍ସକୁ ପରାସ୍ତ କରିଥିଲା। ଚାମ୍ପିଅନ ଦଳକୁ ୫୦ ହଜାରର ପୁରସ୍କାର ରାଶି ସହ ଟ୍ରଫି ଓ ରନର୍ସଅପ ଦଳକୁ ୩୦ ହଜାର ଟଙ୍କା ପୁରସ୍କାର ରାଶି ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଫାଉଣ୍ଡେସନର ଅଧକ୍ଷା ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ, ସାରସକଣା ବିଧାୟକ ଭାଦବ ହାଁସଦା, ବଡ଼ସାହି ବିଧାୟକ ସନାତନ ବିଜୁଳି, ରାଇରଙ୍ଗପୁର ବିଧାୟକ ଜଳେନ ନାଏକ, ରାଜ୍ୟ ଆଦିବାସୀ ମୋର୍ଚ୍ଚା ସଭାପତି କାନ୍ଦ୍ରା ସୋରେନ, ଜିଲ୍ଲାପାଳ ହେମକାନ୍ତ ସଏ ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ଡଃ ସୁଭାଶିଷ ନାୟକ, ସହଆୟୋଜକ ଦିବ୍ୟରଞ୍ଜନ ଦାସ, ବିଭୁଦତ୍ତ ଦାସ ଓ ମଙ୍ଗଲ ହାଁସଦା ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ। ମୟୂରଭଞ୍ଜ ଫାଉଣ୍ଡେସନ, ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗ ଓ ଫ୍ୟୁଚର ଷ୍ଟାର ସ୍ପୋର୍ଟ୍ସ ଏକାଡେମୀର ମିଳିତ ଆନୁକୂଲ୍ୟ ଓ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନ ସହଯୋଗରେ ପ୍ରଥମଥର ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ସ୍ମୃତିରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ପୁରୁଷରେ ୯ଟି ଓ ମହିଳାରେ ୬ଟି ଦଳ ଭାଗନେଇଥିଲେ।

## ଓଡ଼ିଶା ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ

# ବାଜିମାରିଲେ କିରଣ, ଉନ୍ନତି

ଭୁବନେଶ୍ୱର, ୧୪ ।୧୨ (ସମିସ):

କଟକର ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ପାଖାପାଖି ଏକସପ୍ତାହ ଧରି ଚାଲିଥିବା ଓଡ଼ିଶା ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟର ୪ର୍ଥ ସଂସ୍କରଣ ଉଦ୍‌ଯାପିତ ହୋଇଯାଇଛି। ଏକ କୋଟି ଟଙ୍କା ପୁରସ୍କାର ବିଶିଷ୍ଟ ଏହି ବିଡବ୍ଲ୍ୟୁଏଫ୍ ସୁପର୍-୧୦୦ ଟୁର୍ଣ୍ଣାମେଣ୍ଟର ଉଭୟ ପୁରୁଷ ଓ ମହିଳା ସିଙ୍ଗଲ୍ସରେ ଘରୋଇ ଭାରତୀୟ ଖେଳାଳି ବାଜିମାତ୍ କରିନେଇଛନ୍ତି। ପୁରୁଷ ବିଭାଗରେ କିରଣ ଜର୍ଜ ଚାମ୍ପିଅନ ହୋଇଛନ୍ତି। ଫାଇନାଲ ମୁକାବିଲାରେ ଦ୍ୱିତୀୟ ସିଡ୍ କିରଣ ୨୧-୧୪, ୧୩-୨୧, ୨୧-୧୬ ଗେମରେ ଇଣ୍ଡୋନେସିଆର ମହମ୍ମଦ ୟୁସୁଫଙ୍କୁ ପରାସ୍ତ କରିଥିଲେ। ସେହିଭଳି ମହିଳା ସିଙ୍ଗଲ୍ସରେ ମଧ୍ୟ ଭାରତକୁ ଉଭୟ ସ୍ୱର୍ଣ୍ଣ ଓ ରୌପ୍ୟ ମିଳିଛି। ଅଲ୍-ଇଣ୍ଡିଆ ଫାଇନାଲ ମୁକାବିଲାରେ ଟପ୍ ସିଡ୍ ଉନ୍ନତି ୨୧-୧୭, ୨୧-୧୦ ସିଧାସଳଖ ଗେମରେ ସାଥୀ ଖେଳାଳି ଇଶାରାଣୀ ବରୁଆଙ୍କୁ ହରାଇ ଚାମ୍ପିଅନ ହୋଇଥିଲେ। ବିଜୟ ସହ କିରଣ ଓ ଉନ୍ନତି ୮,୨୫୦ ଡଲାର (ଭାରତୀୟ ମୁଦ୍ରାରେ ପ୍ରାୟ ୭ ଲକ୍ଷ ୪୭ ହଜାର) ଅର୍ଥରାଶି ପୁରସ୍କାର ପାଇଛନ୍ତି।






### ଷ୍ଟୋଏଭା ଭଗିନୀ ଚାମ୍ପିଅନ

ଅପରପକ୍ଷରେ ପୁରୁଷ ଡବଲ୍ସରେ ମାଲେସିଆର କାଙ୍ଗ ଖାଇ ଜିଆଙ୍ଗ ଓ ଆରୋନ ତାଇ ଯୋଡ଼ି ଟାଇଟଲ୍ ହାସଲ କରିଛନ୍ତି। ମହିଳା ଡବଲ୍ସରେ ବୁଲଗେରିଆର ଷ୍ଟୋଏଭା ଭଗିନୀ ଗ୍ରାବିଏଲା ଓ ଷ୍ଟିଫାନି ଯୋଡ଼ି ଚାମ୍ପିଅନ ହୋଇଛନ୍ତି। ଫାଇନାଲରେ ଷ୍ଟୋଏଭା ଭଗିନୀ ୨୧-୧୯, ୨୧-୧୪ ସିଧାସଳଖ ଗେମରେ ମାଲେସିଆର ଓଙ୍ଗ ଜିଆନ ୟି ଓ କାରମେନ ଟିଙ୍ଗ ଯୋଡ଼ିଙ୍କୁ ହରାଇଥିଲେ। ମିକ୍ସଡ ଡବଲ୍ସ ଫାଇନାଲରେ ଇଣ୍ଡୋନେସିଆର ମାରୱାନ ଫାଜା ଓ ଆଇସୟା ପ୍ରନତା ଯୋଡ଼ି ବିଜୟୀ ହୋଇ ସ୍ୱର୍ଣ୍ଣ ପଦକ ହାତେଇନେଇଛନ୍ତି। ବ୍ୟାଡ୍‌ମିଣ୍ଟନ ଆସୋସିଏସନ ଅଫ୍ ଇଣ୍ଡିଆ (ବାଇ), ରାଜ୍ୟ ବ୍ୟାଡ୍‌ମିଣ୍ଟନ ସଂଘ ଓ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ଏହି ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS